RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

PANIKOILI
VOLUME- 43 ISSUE-43 WEDNESDAY 6 AUGUST 2025 PAGE-12 ₹ 6.00
ବର୍ଷ-୪୩ ସଂଖ୍ୟା-୪୩ ବୁଧବାର ୬ ଅଗଷ୍ଟ ୨୦୨୫ ପୃଷ୍ଠା-୧୨ ଟ.୬.୦୦



# ଉତ୍ତରାଖଣ୍ଡରେ ଜଳପ୍ରଳୟ

# ଭାସିଗଲା ଅନେକ ଗାଁ

## ୧୨ ମୃତ, ଶତାଧିକ ନିଖୋଜ

■ **ନୂଆଦିଲ୍ଲୀ, ୫।୮ (ଏଜେନ୍ସି):** ଉତ୍ତରାଖଣ୍ଡରେ ବାଦଲଫଟା ବର୍ଷା ଓ ବନ୍ୟାର ତାଣ୍ଡବ । ଅଚାନକ ପ୍ରବଳ ବର୍ଷା ଯୋଗୁଁ ଉତ୍ତରକାଶୀର ଉଚ୍ଚ ପାହାଡ଼ିଆ ଅଞ୍ଚଳରେ ବନ୍ୟା ଆସିବାରୁ ଅନେକ ଗାଁ ଭାସିଯିବା ସହିତ ଶହ ଶହ ଘର ଧ୍ୱଂସ ହୋଇଯାଇଛି । ଏଭଳି ଭୟଙ୍କର ପ୍ରାକୃତିକ ବିପର୍ଯ୍ୟରେ ଅତିକମରେ ୧୨ ଜଣ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ଶତାଧିକ ନିଖୋଜ ଅଛନ୍ତି । ରିଲିଫ ଓ ଉଦ୍ଧାର କାର୍ଯ୍ୟ ଲାଗି ସେନାବାହିନୀକୁ ନିୟୋଜିତ କରାଯାଇଛି ।

**ନବୀନଙ୍କ ଶୋକ**

ସରକାରୀ ସୂତ୍ରରୁ ପ୍ରକାଶ ଯେ ଆଜି ଅପରାହ୍ନରେ ଉତ୍ତରକାଶୀ ଓ ଧରାଲି ପାର୍ବତ୍ୟ ଅଞ୍ଚଳରେ ଅଚାନକ ପ୍ରବଳ ବର୍ଷା ହୋଇଥିଲା । ଏହାଯୋଗୁଁ ବନ୍ୟାପାଣି ତଳିଆ ଅଞ୍ଚଳକୁ ପ୍ରବଳ ବେଗରେ ମାଡ଼ି ଆସିଥିଲା । ଫଳରେ ଅନେକ ଗାଁରେ ବନ୍ୟା ପାଣି ପଶି ଶତାଧିକ ଘରକୁ ଭସାଇ ନେଇଥିଲା । ପ୍ରାଣ ବିକଳରେ ଲୋକେ ଦୌଡ଼ି ପଳାଉଥିବା ବେଳେ ସେମାନେ ମଧ୍ୟ ଏଥିରେ ଭାସିଯାଉଥିବାର ଭୟଙ୍କର ଦୃଶ୍ୟ ଦେଖିବାକୁ ମିଳିଥିଲା । ସରକାରୀ ଭାବେ ମୃତ୍ୟୁସଂଖ୍ୟା ୪ କୁହାଯାଉଥିବା ବେଳେ ସ୍ଥାନୀୟ ଲୋକେ କହୁଛନ୍ତି ଯେ ଅତିକମରେ ୧୨ ଜଣଙ୍କ ମୃତଦେହ ମାଟିତଳେ ପୋତି ହୋଇରହିଛି । ଆହୁରି ଶତାଧିକ ଲୋକ ନିଖୋଜ ଥିବା ସେମାନେ ଅଭିଯୋଗ କରିଛନ୍ତି । ଗଙ୍ଗୋତ୍ରିକୁ ଯିବା ରାସ୍ତାରେ ଧରାଲି ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ । ପର୍ବତର ଉଚ୍ଚସ୍ଥାନରେ ଅବସ୍ଥିତ ଏହି ଅଞ୍ଚଳରେ ଅନେକ ଗାଁ ରହିଛି । କେବଳ ଏତିକି ନୁହେଁ, ଏହି ଅଞ୍ଚଳରେ ପର୍ଯ୍ୟଟକମାନଙ୍କ ପାଇଁ ୨୦ରୁ ୨୫ଟି ହୋଟେଲ ଓ ହୋମଷ୍ଟେ ରହିଛି । ଏଗୁଡ଼ିକ ମଧ୍ୟ ବର୍ଷା ଓ ବନ୍ୟାରେ ଭାସିଯାଇଛି । ଖବର ମିଳିବା ପରେ କ୍ଷତିଗ୍ରସ୍ତ ଅଞ୍ଚଳକୁ ସେନାର ଯବାନମାନଙ୍କୁ ପଠାଯାଇଛି । ସେମାନେ ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ଲାଗିଛନ୍ତି । ଉଦ୍ଧାର ଅଭିଯାନ ▸ପୃଷ୍ଠା-୭

## ୟୁପିରେ ଭୟଙ୍କର ବନ୍ୟା

## ପାଣି ଘେରରେ ୩୦୦ ଗାଁ

■ **ନୂଆଦିଲ୍ଲୀ, ୫।୮ (ଏଜେନ୍ସି):** ଉତ୍ତର ପ୍ରଦେଶର ଉତ୍ତର ଭାଗରେ ପ୍ରବଳ ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ବର୍ଷା ଯୋଗୁଁ ଗଙ୍ଗା ଓ ଜମୁନା ନଦୀର ଜଳସ୍ତର ବଢ଼ିବାରେ ଲାଗିଛି । ନଦୀ ପାର୍ଶ୍ୱ ଅଞ୍ଚଳରେ ବନ୍ୟା ଯୋଗୁଁ କେବଳ ପ୍ରୟାଗରାଜ ଜିଲ୍ଲାରେ ୩୦୦ରୁ ଅଧିକ ଗାଁ ପାଣି ଘେରରେ ରହିଥିବା ବେଳେ ୫ ଲକ୍ଷ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୨ ହଜାର ଲୋକଙ୍କୁ ନିରପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ଉଦ୍ଧାର କାମରେ ଏନଡିଆରଏଫ୍‌ର ୬୦୦ ଯବାନଙ୍କୁ ନିୟୋଜିତ କରାଯାଇଛି । ୨୦୧୩ ରେ ଏହାସବୁ ଠାରୁ ଭୟଙ୍କର ବନ୍ୟା ବୋଲି କୁହାଯାଉଛି ।

### ପୁଣିଥରେ ଭାରତକୁ ଟ୍ରମ୍ପଙ୍କ ଧମକ

# ୨୪ ଘଣ୍ଟାରେ ଲାଗିବ ଅଧିକ ଶୁଳ୍କ

■ **ନୂଆଦିଲ୍ଲୀ, ୫।୮ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ବିରୁଦ୍ଧରେ ଏକ ବଡ଼ ବୟାନ ଦେଇଛନ୍ତି । ସେ ଆଜି ଭାରତକୁ ଶୁଳ୍କ ପ୍ରସଙ୍ଗରେ ପୁଣି ଥରେ ଧମକ ଦେଇଛି । ଯଦି ଭାରତ ରୁଷରୁ ତେଲ କିଣିବା ବନ୍ଦ ନ କରେ, ତେବେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ଭାରତରୁ ଆସୁଥିବା ସାମଗ୍ରୀ ଉପରେ ଅତ୍ୟଧିକ ଶୁଳ୍କ ଲାଗୁ କରାଯିବ । ସେ କହିଛନ୍ତି ଯେ ଭାରତ ଆଉ ଆମେରିକାର ଏକ ଭଲ ବାଣିଜ୍ୟ ସହଯୋଗୀ ହୋଇ ରହିନାହିଁ ।

▶ **ଆଉ ଭଲ ବାଣିଜ୍ୟ ସହଯୋଗୀ ରହିନାହିଁ ଭାରତ**

▶ **ରୁଷରୁ ତେଲ କିଣିବା ଯୁଦ୍ଧ ଯନ୍ତ୍ରକୁ ଇନ୍ଧନ ଦେବା ଭଳି**

▶ **ଭାରତ ସମର୍ଥନରେ ରଷ**




ଏହା ପୂର୍ବରୁ ସୋମବାର ଟ୍ରମ୍ପ ଭାରତ ବିରୋଧରେ ବିଷୋଦ୍‌ଗାର କରିଥିଲେ । ସେ କହିଥିଲେ ଯେ ଭାରତ ରଷ ଠାରୁ ତେଲ କିଣି ଖୋଲା ବଜାରରେ ଏହାକୁ ବିକ୍ରି କରି ଭଲ ଲାଭ କମାଉଛି । ରଷର ଯୁଦ୍ଧ ମେସିନ ଦ୍ୱାରା ୟୁକ୍ରେନରେ କେତେ ଲୋକ ମରୁଛନ୍ତି ତାହା ସେମାନଙ୍କୁ ଚିନ୍ତା ନାହିଁ । ଏଥିପାଇଁ ଆମେ ଭାରତ ଉପରେ ଲଗାଯାଇଥିବା ଶୁଳ୍କକୁ ଯଥେଷ୍ଟ ବୃଦ୍ଧି କରିବୁ । ସେ ଆହୁରିମଧ କହିଛନ୍ତି ଯେ, ଭାରତ ଆମେରିକାଠାରୁ ଅଧିକ ଦ୍ରବ୍ୟ କିଣି ନ ଥାଏ । ଯେତେବେଳେ ଆମେ ଭାରତଠାରୁ ଅଧିକ ସାମଗ୍ରୀ କିଣୁ । ଆଜି ଟ୍ରମ୍ପ ଏକ ଗଣମାଧ୍ୟମକୁ ସାକ୍ଷାତକାର ଦେବା ସମୟରେ ଏହି ବୟାନ ଦେଇଛନ୍ତି । ତାଙ୍କର ଏହି ବୟାନ ଏପରି ସମୟରେ ଆସିଛି ଯେତେବେଳେ ଗୋଟିଏ ଦିନ ପୂର୍ବରୁ ସେ କହିଥିଲେ ଯେ ଭାରତ ଉପରେ ଭାରୀ ଅର୍ଥାତ୍ ବହୁତ ଉଚ୍ଚ ଶୁଳ୍କ ଲାଗୁ ହେବାକୁ ଯାଉଛି । ଟ୍ରମ୍ପଙ୍କ ବାରମ୍ବାର ଆକ୍ରମଣ ପରେ ଭାରତ ସମର୍ଥନରେ ବାହାରିଛି ରଷ । ରୁଷ କହିଛି ସବୁ ସାର୍ବଭୌମ୍ୟ ରାଷ୍ଟ୍ରଙ୍କର ସ୍ୱାଧୀନ ଭାବେ ବ୍ୟବସାୟ କରିବାର ଅଧିକାର ରହିଛି । ଧମକ ଚମକ ଦେଇ ଆମେରିକା ରଷର ବାଣିଜ୍ୟ ସହଯୋଗୀଙ୍କଠାରୁ ତା'ର ସମ୍ପର୍କ ଛିନ୍ନ କରିବାକୁ ଚାହୁଁଛି । ଆମେରିକା ବେଆଇନ ଭାବେ ଏଭଳି ଟାର୍ଗେଟ୍ କରୁଛି ବୋଲି ରଷ ପ୍ରବକ୍ତା ଦିମିତ୍ରି ପେସ୍‌କୋଭ କହିଛନ୍ତି । ଅପରପକ୍ଷେ ଆମେରିକାର ଏହି ଚେତାବନୀର ଭାରତ କଡ଼ା ▸ପୃଷ୍ଠା-୭

# ରାଜ୍ୟସଭାରେ 'ସିଆଇଏସ୍‌ଏଫ୍' ହଙ୍ଗାମା

■ **ନୂଆଦିଲ୍ଲୀ, ୫।୮ (ଏଜେନ୍ସି):** ବିହାରରେ ବିବାଦୀୟ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନକୁ ନେଇ ସଂସଦ ଆଜି ମଧ୍ୟ ଅଚଳ ରହିଛି । ଏହି ପ୍ରସଙ୍ଗରେ ମୁଲତବୀ ଆଲୋଚନା ପାଇଁ ବିରୋଧୀ ଦଳଙ୍କ ଦାବିକୁ ଅଗ୍ରାହ୍ୟ କରି ଦିଆଯିବାରୁ ଉଭୟ ଲୋକସଭା ଏବଂ ରାଜ୍ୟସଭାରେ ହଙ୍ଗାମା ହୋଇଥିଲା । ତେବେ ରାଜ୍ୟସଭାରେ ସିଆଇଏସ୍‌ଏଫ୍ ଯବାନଙ୍କୁ ନେଇ ପ୍ରବଳ ହଟ୍ଟଗୋଳ ହୋଇଥିଲା । ଏହି ପ୍ରସଙ୍ଗରେ ବିରୋଧୀଙ୍କ ଅଭିଯୋଗକୁ ସରକାର ଖଣ୍ଡନ କରିଥିବା ବେଳେ ବିରୋଧୀ ଦଳର ନେତା ମଲ୍ଲିକାର୍ଜନ ଖଡ଼ଗେଙ୍କ ଏକ ମନ୍ତବ୍ୟକୁ ନେଇ ଗୃହରେ କିଛି ସମୟ ପାଇଁ ଅଶାନ୍ତ ପରିବେଶ ସୃଷ୍ଟି ହୋଇଥିଲା ।

## ବିରୋଧୀଙ୍କ ଅଭିଯୋଗକୁ ସରକାରଙ୍କ ଖଣ୍ଡନ



**ଖଡ଼ଗେଙ୍କ ମନ୍ତବ୍ୟକୁ ନେଇ ହଟ୍ଟଗୋଳ**

**ହଟ୍ଟଗୋଳ ପରେ ଲୋକସଭା ବି ମୁଲତବୀ**

ଆଜି ରାଜ୍ୟସଭା ବୈଠକ ଆରମ୍ଭ ହେବାମାତ୍ରେ ବିରୋଧୀ ଦଳର ନେତା ମଲ୍ଲିକାର୍ଜୁନ ଖଡ଼ଗେ ଅଭିଯୋଗ କରିଥିଲେ ଯେ ଗୃହରେ ବିରୋଧୀ ଦଳଙ୍କ ସ୍ୱରକୁ ଚାପିବା ଲାଗି ସଶସ୍ତ୍ର ସିଆଇଏସ୍‌ଏଫ୍ ଯବାନଙ୍କୁ ମୁତୟନ କରାଯାଇଥିଲା । ସେ କହିଲେ ଯେ ଗୃହରେ ପ୍ରତିବାଦ କରିବା ଲାଗି ରାଜନୈତିକ ଦଳଙ୍କର ଗଣତାନ୍ତ୍ରିକ ଅଧିକାର ରହିଛି । କିନ୍ତୁ ସରକାର ସିଆଇଏସ୍‌ଏଫ୍ ଯବାନ ମୁତୟନ କରି ଭୁଲ ପରମ୍ପରା ସୃଷ୍ଟି କରୁଛନ୍ତି । ତେବେ ଉଭୟ ଉପାଧ୍ୟକ୍ଷ ହରବଂଶ ସିଂହ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏହାକୁ ଅସ୍ୱୀକାର କରିଥିଲେ । ସେମାନେ କହିଥିଲେ ଯେ ଗୃହରେ ସିଆଇଏସ୍‌ଏଫ୍ ନୁହେଁ, ମାର୍ଶଲ (ସଂସଦ ସୁରକ୍ଷା ବାହିନୀ)ଙ୍କୁ ମୁତୟନ କରାଯାଇଥିଲା । ଏସଂପର୍କରେ ବିଭ୍ରାନ୍ତି ସୃଷ୍ଟି କରୁଥିବାରୁ ଖଡ଼ଗେଙ୍କର ସମାଲୋଚନା କରିଥିଲେ ରିଜିଜୁ । ଏସଂପର୍କରେ ଗୃହର ଉପାଧ୍ୟକ୍ଷଙ୍କୁ ଖଡ଼ଗେ ଯେଉଁ ଚିଠି ଲେଖିଥିଲେ, ତାହା ପ୍ରକାଶ କରିବାରୁ ଉପାଧ୍ୟକ୍ଷ ଏହାକୁ ନାପସନ୍ଦ କରିଥିଲେ । ସିଆଇଏସ୍‌ଏଫ୍ ପ୍ରସଙ୍ଗ ନେଇ ହଟ୍ଟଗୋଳ ଚାଲିଥିବା ବେଳେ ଖଡ଼ଗେ ପ୍ରଶ୍ନ କରିଥିଲେ, ଏ ଗୃହ ଚଳାଉଛି କିଏ? ଉପାଧ୍ୟକ୍ଷ ▸ପୃଷ୍ଠା-୭

### ସରିବାକୁ ବସିଲାଣି ଶ୍ରାବଣ

# ଚାଷୀଙ୍କୁ ମିଳୁନି ସାର



**ଚଢ଼ାଦରରେ କିଣୁଛନ୍ତି ଚାଷୀ**

**ଦାନା ବାନ୍ଧୁଛି ଆନ୍ଦୋଳନ**

■ **ଭୁବନେଶ୍ୱର, ୫।୮ (ସମିସ):** ଶ୍ରାବଣ ସରିବାକୁ ବସିଲାଣି, ରାଜ୍ୟ ସରକାର ଖରିଫ ଋତୁ ପାଇଁ ଯୋଜନା ପ୍ରସ୍ତୁତ କଲେଣି; ହେଲେ ଚାଷ ପାଇଁ ଜରୁରୀ ଆବଶ୍ୟକତା ଥିବା ସାର ଏଯାଏ ମିଳିପାରୁ ନାହିଁ । ସରକାରୀ କେନ୍ଦ୍ରରେ ସାରର ଅଭାବ ଯୋଗୁଁ ଚଢ଼ା ଦରରେ ସାର କିଣୁଥିବା ଚାଷୀଙ୍କ ମନରେ ଏଥିପାଇଁ ତୀବ୍ର ଅସନ୍ତୋଷ । ଯାହାକୁ ନେଇ ବିଭିନ୍ନ ସ୍ଥାନରେ ଆନ୍ଦୋଳନ ଦାନା ବାନ୍ଧୁଥିବା ମଧ୍ୟ ଦେଖାଯାଇଛି ।

ଚଳିତ ବର୍ଷ ଖରିଫ ଚାଷର ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟକୁ ଏବେ ସୁଦ୍ଧା ପାଖାପାଖି ୮ଲକ୍ଷ ମେଟ୍ରିକ୍ ଟନ୍ କେନ୍ଦ୍ରରୁ ମିଳିସାରିଛି । ଆଗକୁ ଆଉ ଦେଢ଼ ଲକ୍ଷ ମେଟ୍ରିକ୍ ଟନ୍ ଆସିବ ବୋଲି କୁହାଯାଉଛି । ପୂର୍ବରୁ ରବି ବେଳର ବଳକା ୪ ଲକ୍ଷ ମେଟ୍ରିକ୍ ଟନ୍ ବିଭିନ୍ନ ଜିଲ୍ଲାରେ ରହିଛି । ମୋଟ ସାରରୁ ପ୍ରାୟ ୬ ଲକ୍ଷ ମେଟ୍ରିକ୍ ଟନ୍ ବିକ୍ରି ଶେଷ ହୋଇଥିବା କୃଷି ବିଭାଗ କହୁଛି । ମାତ୍ର ସରକାରୀ ପରିସଂଖ୍ୟାନ ଓ ଚାଷୀଙ୍କ ଚାହିଦାକୁ ଦେଖିଲେ ଉଭୟ ମଧ୍ୟରେ ଆକାଶପାତାଳ ଫରକ । ସର୍ବାଧିକ ଚାହିଦା ଥିବା କଂପ୍ଲେକ୍ସ ସାର ଚାଷୀଙ୍କୁ ସରକାରୀ ଖୁଚୁରା ଓ ପାଇକାରୀ ବିକ୍ରେତା କେନ୍ଦ୍ରରେ ମିଳୁନି । ସେହି ସାର ଲୋକମାନେ ବାହାରୁ ଉଚ୍ଚା ଦାମ୍‌ରେ କିଣୁଛନ୍ତି । ସରକାରୀ ସ୍ୱୀକୃତିପ୍ରାପ୍ତ ଦୋକାନରେ ରିହାତି ଦରରେ ସାର ମିଳୁନଥିବାବେଳେ ବାହାରେ ବ୍ୟବସାୟୀମାନେ ଚଢ଼ା ଦରରେ ବିକ୍ରି କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଏପରିକି ଏ ସଂକ୍ରାନ୍ତରେ ବ୍ଲକ୍ କୃଷି ଅଧିକାରୀଙ୍କଠାରୁ ଆରମ୍ଭ କରି ଜିଲ୍ଲା କୃଷି ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁନି ।

ଚାଷର ପ୍ରାରମ୍ଭିକ ପର୍ଯ୍ୟାୟରେ କଂପ୍ଲେକ୍ସ ସାରର ସର୍ବାଧିକ ଚାହିଦା ରହିଥାଏ । ଏବେ ଲୋକମାନେ ରୁଆ ବେଉଷଣ ଶେଷ କରିଥିବାବେଳେ ସାର ନ ପାଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । କେବେ ଆସିବ ବୋଲି ପଚାରିଲେ ବି କୌଣସି ସଠିକ ଉତ୍ତର ମିଳୁନି । ବିଶେଷକରି ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ମାତ୍ରାଧିକ ସାର ▸ପୃଷ୍ଠା-୭

# ୩ ମନ୍ତ୍ରୀଙ୍କ ପ୍ରସଙ୍ଗରେ ହୋଇପାରୁନି ସହମତି

## ଦିଲ୍ଲୀରେ ଚୂଡ଼ାନ୍ତ ହେବ ନିଗମ, ମନ୍ତ୍ରିମଣ୍ଡଳ ରୂପରେଖ

■ **ଭୁବନେଶ୍ୱର, ୫।୮ (ସମିସ):** ଦିଲ୍ଲୀରେ ଚୂଡ଼ାନ୍ତ ହେବ ଓଡ଼ିଶାରେ କିଏ ପାଇବ ନିଗମ ଲଡ୍ଡୁ, କାହାମୁଣ୍ଡରେ ଲାଗିବ ମନ୍ତ୍ରୀ ଶିରିପା । ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝି ଆଜି ରାତିରେ ଦିଲ୍ଲୀ ଗସ୍ତରେ ଯାଇଛନ୍ତି ଓ ଆସନ୍ତାକାଲି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଦିଲ୍ଲୀ ଯିବେ । ମୁଖ୍ୟମନ୍ତ୍ରୀଙ୍କ ଦୁଇ ଦିନିଆ ଦିଲ୍ଲୀଗସ୍ତ ମଧ୍ୟରେ ଏ ସବୁ ଚୂଡ଼ାନ୍ତ ହେବ । ଉଭୟ ଦିଲ୍ଲୀରୁ ଫେରିବା ପରେ ପର୍ଯ୍ୟାୟକ୍ରମେ ନିଗମ ଓ ବୋଡର୍ ନିଯୁକ୍ତି ଘୋଷଣା ହେବ । ପରବର୍ତ୍ତୀ ସମୟରେ ଦଳର ଜାତୀୟ ସଭାପତି ଘୋଷଣା ହେବା ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବ ।

ଆଜି ରାଜ୍ୟ ସରକାର ମହିଳା କମିଶନ ଓ ଶିଶୁ ସୁରକ୍ଷା କମିଶନ ଅଧ୍ୟକ୍ଷାଙ୍କୁ ନିଯୁକ୍ତି ଦେଇଛନ୍ତି । ମହିଳା କମିଶନ ଅଧ୍ୟକ୍ଷା ପଦରେ ଉତ୍ତର ଓଡ଼ିଶା ଓ ଶିଶୁ ସୁରକ୍ଷା କମିଶନ ଅଧ୍ୟକ୍ଷା ପଦରେ ଦକ୍ଷିଣ ଓଡ଼ିଶାରୁ ଜଣେ ମହିଳାଙ୍କୁ ଅବସ୍ଥାପିତ କରାଯାଇଛି । ମାତ୍ର ଅନ୍ୟ କମିଶନ, ନିଗମ, ବୋଡର୍, ପରିଷଦଗୁଡ଼ିକରେ ଖାଲିଥିବା ପ୍ରାୟ ୬୦ଟି ପଦ ବର୍ଷାଧିକ କାଳ ହେଲା ପୂରଣ ହୋଇ ନାହିଁ । ସେହିପରି ରାଜ୍ୟ ବିଧାନସଭାର ମୌସୁମୀ ଅଧିବେଶନ ଆଗାମୀ ମାସରେ ବସିବା ପୂର୍ବରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରାଯିବା ଆପାତତଃ ନିଶ୍ଚିତ କୁହାଯାଉଥିଲେ ହେଁ ସେ ସଂକ୍ରାନ୍ତରେ ଠୋସ ନିଷ୍ପତ୍ତି ହୋଇପାରି ନାହିଁ ।

### ଦିଲ୍ଲୀ ଗଲେ ମୋହନ; ଆଜି ଯିବେ ମନମୋହନ

ଭୁବନେଶ୍ୱରରୁ ଦିଲ୍ଲୀ ପର୍ଯ୍ୟନ୍ତ ବିଜେପି ନେତାଙ୍କ ଯାବତୀୟ କସରତ ସତ୍ତ୍ୱେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣକୁ ▸ପୃଷ୍ଠା-୭

# ଥାନାରେ ଯୁବକଙ୍କୁ ଥାର୍ଡ ଡିଗ୍ରୀ!

## ଅଟକ ଯୁବକଙ୍କୁ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର

■ **ଯାଜପୁର/ବାଲିଚନ୍ଦ୍ରପୁର, ୫।୮ (ସମିସ):** ବାଲିଚନ୍ଦ୍ରପୁର ଥାନାରେ ଯୁବକଙ୍କୁ ଥାର୍ଡ ଡିଗ୍ରି । ଘରୋଇ କଳହକୁ କେନ୍ଦ୍ର କରି ଅଟକ ଥିବା ଜଣେ ଯୁବକଙ୍କୁ ପୁଲିସ ଥାନାରେ ନିର୍ଯାତନା ଦେଇଥିବା ନେଇ ଅଭିଯୋଗ ହୋଇଛି । ପୁଲିସ୍ ଅତ୍ୟାଚାରର ଶିକାର ହୋଇଥିବା ଯୁବକଜଣଙ୍କ ହେଲେ, ମହିପୁର ଗାଁର ରମେଶ ମଲ୍ଲିକଙ୍କ ପୁଅ ରବୀନ୍ଦ୍ର ମଲ୍ଲିକ ଓରଫ୍ ବାଦଲ (୪୦) । ଅବସ୍ଥା ଏପରି ଯେ ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି । ଥାନାରେ ନିର୍ଯାତନା ଯୋଗୁଁ ବାଦଲଙ୍କ ଅବସ୍ଥା ଗୁରୁତର ହୋଇଥିବା ପରିବାରଲୋକେ ଅଭିଯୋଗ କରିଥିବା ବେଳେ ଏ ସଂପର୍କରେ ପୁଲିସ୍ ମୁହଁ ଖୋଲୁନାହିଁ ।

ସୂଚନା ମୁତାବକ, ମହିପୁର ଗ୍ରାମର ଦୁଇ ଦଳିତ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା । ଗତ ୩ ତାରିଖ ଅପରାହ୍ଣରେ ବାଦଲଙ୍କ ସହ ତାଙ୍କ ଦାଦା ମହେଶ୍ୱର ମଲ୍ଲିକଙ୍କ ପାଟିତୁଣ୍ଡ ହୋଇଥିଲା । ଏଥିରେ ବାଦଲ ରାଗିଯାଇଥିଲେ ଏବଂ ମହେଶ୍ୱର ଓ ତାଙ୍କ ଘରକୁ ଆସିଥିବା ▸ପୃଷ୍ଠା-୭

**ସୁଭଦ୍ରା ପ୍ରହେଳିକା**

# କୋଟିପତି ହେବେ ଲକ୍ଷପତି ଦିଦି!

## ପ୍ରଥମେ ଲକ୍ଷପତି ଦିଦିଙ୍କ ତାଲିକା ସାର୍ବଜନୀନ କରନ୍ତୁ ସରକାର: ବିରୋଧୀ

■ **ଭୁବନେଶ୍ୱର, ୫।୮ (ସମିସ):** ସୁଭଦ୍ରା ଯୋଜନାରେ ସରକାର ୨ ବର୍ଷରେ ୫୦ ହଜାର ଦେବାକୁ ଘୋଷଣା କରି ବର୍ଷକୁ ୧୦ ହଜାର ଟଙ୍କା ଦେଉଛନ୍ତି । ଏହି ୧୦ ହଜାର ଟଙ୍କା ସହାୟତାରେ ବର୍ଷକ ମଧ୍ୟରେ ରାଜ୍ୟରେ ୧୬ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି ହୋଇଛନ୍ତି ବୋଲି ରାଜ୍ୟ ସରକାର ଘୋଷଣା କରି ନିଜ ପିଠି ନିଜେ ଥାପୁଡ଼ାଉଛନ୍ତି । ଏପରି ସମୟରେ 'ଲକ୍ଷପତି ଦିଦି'ଙ୍କୁ ବର୍ଷକ ମଧ୍ୟରେ କୋଟିପତି କରିବାକୁ ଘୋଷଣା କରିଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶମନ୍ତ୍ରୀ ପ୍ରଭାତୀ ପରିଡ଼ା । ଯାହାକୁ ନେଇ ସାଧାରଣରେ ବିସ୍ମୟ ପ୍ରକାଶ ପାଇଛି ଓ ବିରୋଧୀ ଉପମୁଖ୍ୟମନ୍ତ୍ରୀଙ୍କୁ ନିଶାଣ କରିଛନ୍ତି । ଲକ୍ଷପତି ଦିଦିଙ୍କୁ କୋଟିପତି କରିବା ପୂର୍ବରୁ ପ୍ରଥମେ ଯେଉଁମାନେ ବର୍ଷକ ମଧ୍ୟରେ ୧୦ ହଜାର ଟଙ୍କା ନେଇ ଲକ୍ଷପତି ପାଲଟିଛନ୍ତି ସେମାନଙ୍କ ତାଲିକା ସରକାର ଘୋଷଣା କରନ୍ତୁ ଓ କେଉଁ ଫର୍ମୁଲାରେ ସେମାନେ ବର୍ଷକ ମଧ୍ୟରେ ୧୦ଗୁଣ ଲାଭ କରି ଲକ୍ଷପତି ହେଲେ ତାହାକୁ ରାଜ୍ୟ ସରକାର ସାର୍ବଜନୀନ କଲେ ଅନ୍ୟମାନେ ଉପକୃତ ହୋଇ ପାରିବେ ବୋଲି ବିରୋଧୀ କଟାକ୍ଷ କରିଛନ୍ତି ।

ରାଜ୍ୟ ସରକାରଙ୍କ ଲକ୍ଷପତି ଦିଦି ସୃଷ୍ଟି ଦାବି ଓ ଏହାର ବାସ୍ତବତାକୁ ନେଇ ରାଜନୈତିକ ଦଳଠାରୁ ବୁଦ୍ଧିଜୀବି ମହଲ ଯାଏଁ ସନ୍ଦେହ ପ୍ରକାଶ କରିଆସୁଛନ୍ତି । ସେମାନଙ୍କ ଯୁକ୍ତି ଅନୁଯାୟୀ ୨୦୨୪-୨୫ ଆର୍ଥିକ ବର୍ଷରେ ପୂର୍ବ ବର୍ଷ ତୁଳନାରେ ମିଶନ ଶକ୍ତି ବ୍ୟୟ ବରାଦ ପାଇଁ ଅର୍ଥ କମାଇ ଦେଲେ । ସେହିପରି ସୁଭଦ୍ରା ଯୋଜନାରେ ମହିଳାଙ୍କୁ ବର୍ଷକୁ ଦୁଇଟି କିସ୍ତିରେ ୧୦ ହଜାର ଟଙ୍କା, ଅର୍ଥାତ୍ ମାସିକ ମାତ୍ର ୮୩୩ ଟଙ୍କା ମିଳୁଛି । ଏତକ ଟଙ୍କାରେ କେମିତି ଜଣେ ଲକ୍ଷପତି ଦିଦି ହୋଇପାରିବ, ତାହା ସାଧାରଣ ଲୋକଙ୍କ ମନକୁ ଆନ୍ଦୋଳିତ କରୁଛି । ବିଗତ ଏକବର୍ଷ ମଧ୍ୟରେ କେବଳ ସୁଭଦ୍ରାକୁ ଛାଡ଼ିଦେଲେ ମହିଳାଙ୍କ ଉନ୍ନତି ତଥା ଉତ୍ଥାନ ପାଇଁ ସରକାର ସେମିତି କୌଣସି ଆଖିଦୃଶିଆ ଯୋଜନା ହାତକୁ ନେଇନାହାନ୍ତି । ପୁରୁଣା କେତେକ କାର୍ଯ୍ୟକ୍ରମକୁ ରାଜ୍ୟ ସରକାର ବନ୍ଦ କରି ଦେଇଛନ୍ତି । ସୁଭଦ୍ରାରେ ଏଯାବତ୍ ୨ଟି କିସ୍ତିରେ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି । ୧୦ ହଜାର ଟଙ୍କାକୁ ଉପଯୋଗ କରି କେମିତି ଓ କେଉଁ ଉପାୟରେ ବର୍ଷକ ମଧ୍ୟରେ ୧୬ ଲକ୍ଷ ୪୦ ହଜାର ଲକ୍ଷପତି ହେଲେ ସରକାର ସେ ସମ୍ପର୍କରେ ଏକ ରିପୋର୍ଟ ପ୍ରକାଶ କରନ୍ତୁ ▸ପୃଷ୍ଠା-୭

# ପ୍ରକୃତ ଭାରତୀୟ କିଏ ତାହା ସୁପ୍ରିମକୋର୍ଟ ସ୍ଥିର କରିପାରିବେନି: ପ୍ରିୟଙ୍କା ଗାନ୍ଧୀ



ନୂଆଦିଲ୍ଲୀ,୫।୮ (ଏଜେନ୍ସି): ଭାରତୀୟ ସେନା ଉପରେ ବିବାଦୀୟ ଟିପ୍ପଣୀକୁ ନେଇ ସୁପ୍ରିମକୋର୍ଟ ସୋମବାର କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଭର୍ତ୍ସନା କରିଥିଲେ। 'ଭାରତର ୨ ହଜାର ବର୍ଗ କିମି ଜମିକୁ ଚୀନ୍ କବ୍‌ଜା' କରିଥିବା ବୟାନକୁ ନେଇ ପ୍ରକୃତ ଭାରତୀୟ ଏଭଳି କହିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ଟିପ୍ପଣୀ ଦେଇଥିଲେ। ଏବେ ଏହି ଟିପ୍ପଣୀକୁ ନେଇ କଂଗ୍ରେସ ସାଂସଦ ତଥା ରାହୁଲଙ୍କ ଭଉଣୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଟିପ୍ପଣୀ ଦେଇଛନ୍ତି। ସେ ବିଚାରପତିଙ୍କୁ ସମ୍ମାନ ଦେଉଛନ୍ତି, ମାତ୍ର ପ୍ରକୃତ ଭାରତୀୟ କିଏ ତାହାର ନିର୍ଣ୍ଣୟ ସୁପ୍ରିମକୋର୍ଟ କରିପାରିବେ ନାହିଁ ବୋଲି ପ୍ରିୟଙ୍କା କହିଛନ୍ତି। ସରକାରଙ୍କୁ ପ୍ରଶ୍ନ କରିବା ବିରୋଧୀ ନେତାଙ୍କ କର୍ତ୍ତବ୍ୟ। ମୋ ଭାଇ କେବେ ବି ସେନା ବିରୋଧରେ କହିବେ ନାହିଁ। ସେନା ପ୍ରତି ତାଙ୍କ ମନରେ ବହୁତ ସମ୍ମାନ ରହିଛି। ଏହାକୁ ଭୁଲ ବ୍ୟାଖ୍ୟା କରାଯାଇଛି। ମଙ୍ଗଳବାର ସଂସଦ ପରିସରରେ ପ୍ରିୟଙ୍କା ଏହି ଟିପ୍ପଣୀ ଦେଇଛନ୍ତି। ଅନ୍ୟପକ୍ଷରେ ସଂସଦ ଭବନରେ ଆଜି ଏନ୍‌ଡିଏର ସଂସଦୀୟ ଦଳ ବୈଠକ ବସିଛି। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ପ୍ରସଙ୍ଗ ଉଠାଇଛନ୍ତି। ସୁପ୍ରିମକୋର୍ଟରେ ଏହାଠାରୁ ବଡ଼ ଭର୍ତ୍ସନା ଆଉ କିଛି ହୋଇପାରେ ନାହିଁ ବୋଲି ମୋଦୀ କହିଛନ୍ତି।

'ୟୁଏନ ଟ୍ରୁପ୍ କଣ୍ଟ୍ରିବ୍ୟୁଟର ଚିଫ୍ସ କନକ୍ଲେଭ'

# ପାକିସ୍ତାନ, ଚୀନ୍‌କୁ ଡାକିଲାନି ଭାରତ



ନୂଆଦିଲ୍ଲୀ, ୫।୮ (ଏଜେନ୍ସି): ପାକିସ୍ତାନ ଏବଂ ତା'ର ଘନିଷ୍ଠ ସହଯୋଗୀ ଚୀନ୍‌କୁ ଭାରତ ବଡ଼ ଝଟ୍‌କା ଦେଇଛି। ଚଳିତ ବର୍ଷ ଅକ୍ଟୋବରରେ ଅନୁଷ୍ଠିତ ହେବାକୁ ଥିବା 'ୟୁନାଇଟେଡ ନେସନ୍ ଟ୍ରୁପ୍ କଣ୍ଟ୍ରିବ୍ୟୁଟର ଚିଫ୍ସ କନକ୍ଲେଭ'କୁ ଭାରତୀୟ ସେନା ଆୟୋଜନ କରୁଛି। ମାତ୍ର ଏହି ଚାରି ଦିନିଆ ସମ୍ମିଳନୀକୁ ପାକିସ୍ତାନ ସେନା ଓ ଚୀନର ପିଏଲଏ (ପିପୁଲ୍ସ ଲିବରେସନ୍ ଆର୍ମି )ସେନାକୁ ଭାରତ ନିମନ୍ତ୍ରଣ କରିନାହିଁ। ସବୁ ଦେଶର ସେନାମୁଖ୍ୟମାନେ ଏହି କାର୍ଯ୍ୟକ୍ରମରେ ଏକାଠି ହେବେ। ପହଲଗାମ ଆକ୍ରମଣ ପରେ ଭାରତ ଏଭଳି କଠୋର ପଦକ୍ଷେପ ନେଇଛି। ଅନେକ ଥର ଜାତିସଂଘ ମିଶନରେ ଭାରତ ଏବଂ ପାକିସ୍ତାନ ସୈନିକ ଏକାଠି କାମ କରିଛନ୍ତି। ମାତ୍ର ପହଲଗାମ ଆକ୍ରମଣରେ ପାକିସ୍ତାନୀ ସେନା ମୁଖ୍ୟ ଅସୀମ ମୁନିରଙ୍କ ସମ୍ପୃକ୍ତି ଏବଂ ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ ଆକ୍ରମଣ ପାଇଁ ଭାରତ ଏହି ଆଭିମୁଖ୍ୟ ଗ୍ରହଣ କରିଛି। ଆତଙ୍କବାଦୀଙ୍କୁ ପାଳୁଥିବା ଏହି ଦେଶ ସହ କୌଣସି ସମ୍ପର୍କ ରଖାଯିବ ନାହିଁ ବୋଲି ପୁଣିଥରେ ଭାରତ ସ୍ପଷ୍ଟ କରିଦେଇଛି।

ସୈନିକଙ୍କୁ ଜାତିସଂଘ ଶାନ୍ତିରକ୍ଷା ମିଶନକୁ ପଠାଉ ଥିବା ଦେଶମାନଙ୍କୁ ଏହି ସମ୍ମିଳନୀ ପାଇଁ ଆମନ୍ତ୍ରଣ କରାଯାଉଛି। କିନ୍ତୁ ତାଲିକାରେ ପାକିସ୍ତାନ ଏବଂ ଚୀନ୍‌ର ନାମ ନାହିଁ ବୋଲି ଅଧିକାରୀମାନେ କହିଛନ୍ତି। ଏବେ ବିଶ୍ୱରେ ଜାତିସଂଘର ୧୧ଟି ମିଶନ ଚାଲିଛି। ପ୍ରାୟ ୧୨୦ଟି ଦେଶର ସେନା ଏଥିରେ ଅଂଶଗ୍ରହଣ କରୁଛନ୍ତି। ଭାରତୀୟ ସେନାର ପ୍ରାୟ ପାଞ୍ଚ ହଜାର ସୈନିକ ଏବେ ଜାତିସଂଘର ୯ଟି ମିଶନରେ ନିୟୋଜିତ ଅଛନ୍ତି।

# ଆମେରିକାକୁ ଜବାବ ଦେଲା ଭାରତ



ନୂଆଦିଲ୍ଲୀ, ୫।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। ଆହୁରି ଅଧିକ ଶୁଳ୍କ ଲଗାଇବାକୁ ମଧ ଧମକ ଦେଇଛନ୍ତି। ରୁଷଠାରୁ ତୈଳ କିଣି ଭାରତ ୟୁକ୍ରେନ ଯୁଦ୍ଧକୁ ପାଣ୍ଠି ଯୋଗାଉଛି ବୋଲି ଟ୍ରମ୍ପ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ସମ୍ବନ୍ଧ ଖରାପ ହେବାରେ ଲାଗିଛି। ଭାରତ ଆମେରିକାକୁ ମଧ ଜବାବ ଦେଇଛି। ଅନ୍ୟକୁ କହୁଥିବା ଆମେରିକା ନିଜେ ରୁଷଠାରୁ ୟୁରାନିୟମ ଏବଂ ସାର ଆଣୁଛି ବୋଲି ଭାରତ ପକ୍ଷରୁ କୁହାଯାଇଛି। ଏପରି ସମୟରେ ଭାରତୀୟ ସେନା ସାମାଜିକ ଗଣମାଧ୍ୟମରେ ୧୯୭୧ର ଏକ ଖବରକାଗଜ ପୋଷ୍ଟ କରି ଆମେରିକାକୁ କଡ଼ା ଜବାବ ଦେଇଛି। ୧୯୭୧ ଯୁଦ୍ଧ ପ୍ରସ୍ତୁତି ପାଇଁ ଆମେରିକା ପାକିସ୍ତାନକୁ ଅସ୍ତ୍ରଶସ୍ତ୍ର ଦେଇଥିଲା ଖବରକାଗଜରେ ଲେଖାଯାଇଛି।

ଭାରତୀୟ ସେନା ପୋଷ୍ଟ କରିଥିବା ଏହି ଫଟୋ ସେୟାର କରି ଭାରତୀୟ ସେନା ଟ୍ରମ୍ପଙ୍କୁ ତାଙ୍କ ଅସଲ ଚେହେରା ଦେଖାଇବାକୁ ଚେଷ୍ଟା କରିଛି। ସେନାର ଇଷ୍ଟର୍ଣ୍ଣ କମାଣ୍ଡ ପକ୍ଷରୁ କୁହାଯାଇଛି ଯେ ଏହି ଦିନ ସେହି ବର୍ଷ (୧୯୭୧ ଅଗଷ୍ଟ ୫ର) ସତ୍ୟ ଜାଣନ୍ତୁ। ୧୯୫୪ରୁ ୧୯୭୧ ଯାଏଁ ଆମେରିକା ପାକିସ୍ତାନକୁ ୨ ବିଲିୟନ ଡଲାରର ଅସ୍ତ୍ରଶସ୍ତ୍ର ପଠାଇ ଥିଲା। ଟ୍ରମ୍ପଙ୍କ ଧମକର ଦିନକ ପରେ ସେନା ଏହି ପୋଷ୍ଟ କରିଛି। ସେ ସୋମବାର କହିଥିଲେ ଯେ ଭାରତ ରୁଷଠାରୁ ଶସ୍ତାରେ ତେଲ ଆଣି ଖୋଲା ବଜାରରେ ବିକ୍ରି କରୁଛି। ସେ ପୁଣି ଭାରତ ଉପରେ ଶୁଳ୍କ ବୃଦ୍ଧି କରିବେ।

**୧୯୭୧ର ଖବରକାଗଜ ପୋଷ୍ଟ କରି ଆମେରିକାକୁ ଟାର୍ଗେଟ**

**ପାକିସ୍ତାନକୁ ଦେଇଥିଲା ୨ ବିଲିୟନ ଡଲାରର ଅସ୍ତ୍ରଶସ୍ତ୍ର**

**ଆମେରିକା-ଚୀନ୍‌ର ଅସ୍ତ୍ରଶସ୍ତ୍ରରେ ଲଢ଼ିଥିଲା ପାକିସ୍ତାନ**

ରିପୋର୍ଟରେ ଚୀନ୍ ସହାୟତା ବିଷୟରେ ମଧ ଉଲ୍ଲେଖ କରାଯାଇଛି। ଏଥିରେ କୁହାଯାଇଛି ଯେ ଯୁଦ୍ଧ ପୂର୍ବରୁ ବେଜିଂ ମଧ ପାକିସ୍ତାନକୁ ସହାୟତା କରିଥିଲା। ସେ ସମୟରେ ରାଜ୍ୟସଭାରେ ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ଭିସି ଶୁକ୍ଲା ଦେଇଥିବା ବିବୃତି ଆଧାରରେ ଏହି ରିପୋର୍ଟ ପ୍ରକାଶ ପାଇଥିଲା। ସେ ରାଜ୍ୟସଭାରେ କହିଥିଲେ ଯେ ପାକିସ୍ତାନକୁ ଅସ୍ତ୍ରଶସ୍ତ୍ର ଦେବା ପ୍ରସଙ୍ଗରେ ନାଟୋ ଦେଶ ଏବଂ ସୋଭିଏତ ସଂଘ ସହ ଆଲୋଚନା କରାଯାଇଥିଲା। ସୋଭିଏତ ସଂଘ ଏବଂ ଫ୍ରାନ୍ସ ପାକିସ୍ତାନକୁ ଅସ୍ତ୍ରଶସ୍ତ୍ର ଦେବାକୁ ମନା କରି ଦେଇଥିଲା। ମାତ୍ର ଆମେରିକା ସମର୍ଥନ ଜାରି ରଖିଥିଲା। ଆମେରିକା ଏବଂ ଚୀନ୍ ବହୁତ ଶସ୍ତାରେ ପାକିସ୍ତାନକୁ ଅସ୍ତ୍ରଶସ୍ତ୍ର ଦେଇଥିଲେ। ଏଥିରୁ ସ୍ପଷ୍ଟ ହେଉଛି ଯେ ଏହି ଦେଶର ଅସ୍ତ୍ରଶସ୍ତ୍ର ନେଇ ପାକିସ୍ତାନ ୧୯୭୧ରେ ଭାରତ ବିରୋଧରେ ଲଢ଼ିଥିଲା।

## ପାରୋଲ ବାବା ରାମ ରହିମଙ୍କୁ ପୁଣି ପାରୋଲ

ରୋହତକ, ୫।୮ (ଏଜେନ୍ସି): ପାରୋଲ ବାବା ତଥା ଦୁଷ୍କର୍ମ ଅଭିଯୁକ୍ତ ଗୁରମିତ ରାମ ରହିମଙ୍କ ପ୍ରତି ହରିୟାଣା ସରକାରଙ୍କ କୃପାଦୃଷ୍ଟି ପୁଣି ପଡ଼ିଛି। ଦୁଇ ଶିଷ୍ୟାଙ୍କୁ ଦୁଷ୍କର୍ମ ମାମଲାରେ ସୁନାରିୟା ଜେଲରେ ୨୦ ବର୍ଷର ଦଣ୍ଡ କାଟୁଥିବା ଡେରା ସଚ୍ଚା ସୌଦା ମୁଖ୍ୟ ଗୁରମିତ ରାମ ରହିମଙ୍କୁ ହରିୟାଣା ସରକାର ଆଉ ୪୦ ଦିନ ପାଇଁ ପାରୋଲ ଦେଇଛନ୍ତି। ସେ ଆଜି ସକାଳ ସାଢ଼େ ୬ଟାରେ ଜେଲରୁ ବାହାରି ସିର୍ସାସ୍ଥିତ ଡେରା ଅଭିମୁଖେ ଯାଇଥିବା ସୂଚନା ମିଳିଛି। ପୂର୍ବରୁ ଗତ ଏପ୍ରିଲ୍ ମାସରେ ତାଙ୍କୁ ୨୧ ଦିନ ପାଇଁ ପାରୋଲ ଦିଆଯାଇଥିଲା। ଅନ୍ୟ କଏଦୀଙ୍କୁ ମୂଳରୁ ପାରୋଲ ମିଳୁ ନ ଥିବାବେଳେ ସରକାର କାହିଁକି ରାମ ରହିମଙ୍କୁ ଏତେ ଅନୁକମ୍ପା ଦେଖାଉଛନ୍ତି ବୋଲି ପ୍ରଶ୍ନ ଉଠୁଛି। ସାମ୍ବାଦିକଙ୍କ ହତ୍ୟା ମାମଲାରେ ତାଙ୍କୁ ଆଜୀବନ ଜେଲ୍‌ଦଣ୍ଡ ମଧ ହୋଇଛି। ପଞ୍ଜାବ, ହରିୟାଣା, ହିମାଚଳପ୍ରଦେଶ ଓ ଉତ୍ତରପ୍ରଦେଶରେ ଆଦିରେ ରାମରହିମଙ୍କ ଅନେକ ଭକ୍ତ ଅଛନ୍ତି। ଭୋଟ ପାଇଁ ସରକାର ଏହି 'ଗଡ୍‌ମ୍ୟାନ'ଙ୍କୁ ଏକାଧିକ ଥର ପାରୋଲ ଦେଉଛନ୍ତି ବୋଲି କୁହାଯାଉଛି। ଏହାକୁ ମିଶାଇ ରାମ ରହିମ ୧୪ ଥର ପାରୋଲରେ ଜେଲ୍‌ରୁ ବାହାରିଲାଣି। ଚଳିତ ଥର ସେ ଅଗଷ୍ଟ ୧୫ରେ ନିଜର ୫୮ତମ ଜନ୍ମ ଦିନ ପାଳନ କରିବାକୁ ଯାଉଛି। ବିଭିନ୍ନ କାରଣ ଦର୍ଶାଇ ସେ ପାରୋଲ ପାଇଁ ଆବେଦନ କରିଥାନ୍ତି।

## କାନାଡାରେ ଖଲିସ୍ତାନୀ ଖୋଲିଲେ ନକଲି ଦୂତାବାସ

ଓଟାୱା, ୫।୮ (ଏଜେନ୍ସି): ନୂଆ ପ୍ରଧାନମନ୍ତ୍ରୀ ନିର୍ବାଚିତ ହେବା ପରେ କାନାଡ଼ା ସହ ଭାରତର ସମ୍ବନ୍ଧ ସୁଧୁରିବାରେ ଲାଗିଛି। ଗୋଟିଏ ପଟେ କାନାଡ଼ା ଭାରତର ସହ ଦ୍ୱିପାକ୍ଷିକ ସମ୍ବନ୍ଧକୁ ନିବିଡ଼ କରିବାକୁ ଚାହୁଁଥିବାବେଳେ ଅନ୍ୟପଟେ ଭାରତ ବିରୋଧୀ ଷଡ଼ଯନ୍ତ୍ର ହେଉଛି। କାନାଡ଼ାର ବ୍ରିଟିଶ କଲମ୍ବିଆ ସ୍ଥିତ ସୁରେରେ ଖଲିସ୍ତାନମାନେ ଦୂତାବାସ ଖୋଲିଛନ୍ତି। ଏହାର ନାମ 'ରିପବ୍ଲିକ୍ ଅଫ୍ ଖଲିସ୍ତାନ' ରଖାଯାଇଛି। ଗୁରୁ ନାନକ ସାହିବ ଗୁରୁଦ୍ୱାରରେ ଏହା ରହିଛି। ଏହା ଦୁଇ ଦେଶର ସମ୍ବନ୍ଧକୁ ଅଧିକ ବିଗାଡ଼ି ଦେବ ବୋଲି କୁହାଯାଉଛି। ଏହି ନକଲି ଦୂତାବାସର ଖବର ଆସିବା ମାତ୍ରେ ଭାରତୀୟ ଏଜେନ୍ସିଗୁଡ଼ିକ ସତର୍କ ହୋଇଯାଇଛନ୍ତି। ଖଲିସ୍ତାନଙ୍କ କାର୍ଯ୍ୟକଳାପ ଉପରେ ନଜର ରଖାଯାଇଛି। ରିପୋର୍ଟ ଅନୁଯାୟୀ ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂହ ନିଜ୍ଜର ପୂର୍ବରୁ ଏହି ଗୁରୁଦ୍ୱାରର ମୁଖ୍ୟ ଥିଲା। ଭାରତ ତାକୁ ଆତଙ୍କବାଦୀ ଘୋଷଣା କରିଥିଲା। ତାର ହତ୍ୟା ପରେ କାନାଡ଼ା ଏବଂ ଭାରତ ସମ୍ବନ୍ଧ ବିଗିଡ଼ିବାରେ ଲାଗିଥିଲା। ଏହି ନକଲି ଦୂତାବାସରେ ଆତଙ୍କବାଦୀ ହରଦୀପର ପୋଷ୍ଟର ଲାଗିଛି। ଅନ୍ୟପକ୍ଷରେ ଖଲିସ୍ତାନୀ ଆତଙ୍କବାଦୀ ସଂଗଠନ ଶିଖ୍ ଫର୍ ଜଷ୍ଟିସ (ଏସ୍ଏଫଜେ) କାନାଡ଼ାରେ ଶିଖ ଜନମତ ସଂଗ୍ରହ କରିବାକୁ ଘୋଷଣା କରିଛି।

## ପ୍ରଦୀପ ମିଶ୍ରାଙ୍କ କୁବେରେଶ୍ୱର ଧାମରେ ଦଳାଚକଟା; ୨ ମୃତ



ସିହୋର, ୫।୮ (ଏଜେନ୍ସି): ମଧ୍ୟପ୍ରଦେଶ ସିହୋର ସ୍ଥିତି କଥାବାଚକ ପ୍ରଦୀପ ମିଶ୍ରାଙ୍କ କୁବେରେଶ୍ୱର ଧାମରେ ମଙ୍ଗଳବାର ବଡ଼ ଅଘଟଣ ଘଟିଛି। ପ୍ରବଳ ଭିଡ଼ ଯୋଗୁଁ ଏଠାରେ ଦଳାଚକଟା ହୋଇଛି। ଏଥିରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ୧୦ରୁ ଅଧିକ ଆହତ ହୋଇଛନ୍ତି। ୨ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ତେବେ ଆନୁଷ୍ଠାନିକ ଭାବେ ଏହାର ସୂଚନା ଦିଆଯାଇ ନାହିଁ। ସୂଚନା ଅନୁଯାୟୀ ପ୍ରଦୀପ ମିଶ୍ରା ବୁଧବାର କୁବେରେଶ୍ୱର ଧାମରୁ ଚିତାବଲିଆ ହେମା ଗ୍ରାମ ପର୍ଯ୍ୟନ୍ତ କାଉଡ଼ି ଯାତ୍ରା ବାହାର କରିବେ। ଏଥିରେ ସାମିଲ ହେବା ପାଇଁ ଦିନକ ପୂର୍ବରୁ ଲୋକେ ଭିଡ଼ ଜମାଇଛନ୍ତି। ଲୋକଙ୍କ ସଂଖ୍ୟା ଏତେ ବଢ଼ି ଯାଇଥିଲା ଯେ ଖାଇବା, ରହିବା ଏବଂ ଦର୍ଶନ ପାଇଁ ସ୍ଥାନାଭାବ ଦେଖା ଦେଇଥିଲା। ଏଥିଯୋଗୁଁ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲି ଯାଇଥିଲା। ଅନେକ ସ୍ଥାନରେ ଧାଁଦୌଡ଼ ସ୍ଥିତି ସୃଷ୍ଟି ହୋଇଥିଲା। ତିନି ଜଣ ତଳେ ପଡ଼ି ଯାଇଥିଲେ। ଲୋକେ ନିଜ ଜୀବନ ବଞ୍ଚାଇବା ପାଇଁ ଅନ୍ୟମାନଙ୍କୁ ଦଳି ଚାଲି ଯାଇଥିଲେ। ତେବେ ଆହତଙ୍କୁ ମେଡିକାଲକୁ ନେବାରେ ବିଳମ୍ବ ହୋଇଥିଲା। ଭିଡ଼ ପାଇଁ ଜିଲ୍ଲା ଟ୍ରମା ସେଣ୍ଟରକୁ ନେବା ପାଇଁ ଦେଢ଼ ଘଣ୍ଟା ସମୟ ଲାଗିଥିଲା। ତିନି ଘଣ୍ଟା ପରେ ସ୍ୱାସ୍ଥ୍ୟ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ମୃତକଙ୍କୁ ଚିହ୍ନଟ କରିଥିଲା। ଏ ବିଷୟରେ କିଛି କହିବାକୁ ଡାକ୍ତର ମନା କରିଦେଇଛନ୍ତି।

**କ୍ଷମତା ପରିବର୍ତ୍ତନ ଷଡ଼ଯନ୍ତ୍ର**

## ବ୍ରାଜିଲର ପୂର୍ବତନ ରାଷ୍ଟ୍ରପତି ଗୃହବନ୍ଦୀ

ରିଓ ଡି ଜେନେରିଓ, ୫।୮ (ଏଜେନ୍ସି): ବ୍ରାଜିଲର ପୂର୍ବତନ ରାଷ୍ଟ୍ରପତି ଜାର ବୋଲସୋନାରୋଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ଏବେ ତାଙ୍କୁ ଗୃହବନ୍ଦୀ କରାଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଏହି ପଦକ୍ଷେପ ନିଆଯାଇଛି। ୨୦୨୨ର ସାଧାରଣ ନିର୍ବାଚନରେ ପରାଜୟ ସତ୍ତ୍ୱେ ସେ କ୍ଷମତାରେ ରହିବା ପାଇଁ ଷଡ଼ଯନ୍ତ୍ର କରିଥିଲେ। ସୁପ୍ରିମକୋର୍ଟ ଉପରେ ଆକ୍ରମଣ ଷଡ଼ଯନ୍ତ୍ର, ରାଷ୍ଟ୍ରପତି ଲୁଲା ଡି ସିଲ୍‌ଭା ଓ ବିଚାରପତିଙ୍କୁ ହତ୍ୟା ଯୋଜନା, ସେନା ମାଧ୍ୟମରେ ସରକାର ପରିବର୍ତ୍ତନ କରିବାକୁ ପ୍ରୟାସ କରିଥିଲେ ବୋଲି ଅଭିଯୋଗ ହୋଇଛି। ଏହି ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ସୋମବାର ତାଙ୍କୁ ଗୃହବନ୍ଦୀ କରି ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ ପୂର୍ବରୁ ଦିଆଯାଇଥିବା ନିର୍ଦ୍ଦେଶକୁ ମଧ ଉଲ୍ଲଙ୍ଘନ କରିଥିଲେ ବୋଲି କୋର୍ଟ କହିଛନ୍ତି। ସେ ନିଜର ତିନି ସାଂସଦ ପୁଅଙ୍କ ମାଧ୍ୟମରେ ସାର୍ବଜନୀନ ବାର୍ତ୍ତା ପଠାଇ ଥିଲେ। ଗତ ରବିବାର ବୋଲ୍‌ସୋନାରୋ ରିଓ ଡି ଜେନେରିଓରେ ତାଙ୍କ ସମର୍ଥକଙ୍କ ରାଲି ହୋଇଥିଲା। ସେ ନିଜ ପୁଅର ଫୋନ୍‌ରୁ ସମର୍ଥକଙ୍କୁ ସମ୍ବୋଧନ କରିଥିଲେ। ଏହା ସ୍ୱାଧୀନତାର ଲଢ଼େଇ ବୋଲି କହିଥିଲେ। ଏପରି କରି ନିଜ ଉପରେ ଲାଗିଥିବା କଟକଣାକୁ ସେ ଉଲ୍ଲଙ୍ଘନ କରିଛନ୍ତି ବୋଲି କୋର୍ଟ କହିଥିଲେ। ଏହା ପରେ ତାଙ୍କୁ ଘରେ ଗୃହବନ୍ଦୀ କରି ରଖିବାକୁ, ହାତରେ ବନ୍ଧା ଯାଉଥିବା ଇଲେକ୍‌ଟ୍ରୋନିକ ମନିଟର ପିନ୍ଧିବାକୁ ଏବଂ ଘରର ସବୁ ମୋବାଇଲ ଜବତ କରିବାକୁ ବିଚାରପତି ଆଲେକଜାଣ୍ଡର ଡି ମୋରେସ୍ ନିର୍ଦ୍ଦେଶ ଦେଇଥିଲେ। ସାର୍ବଜନୀନ ଭାବେ ପୂର୍ବତନ ରାଷ୍ଟ୍ରପତି କିଛି କହିପାରିବେ ନାହିଁ ବୋଲି କୋର୍ଟ ଉଲ୍ଲେଖ କରିଛନ୍ତି

**ପୂର୍ବତନ ରାଷ୍ଟ୍ରପତିଙ୍କୁ ବଞ୍ଚାଇବାକୁ ଅଧିକ ଶୁଳ୍କ ଲଗାଇଥିଲେ ଟ୍ରମ୍ପ**




ଆମେରିକା ସହ ସହିତ ବାଣିଜ୍ୟ ଯୁଦ୍ଧର ସମ୍ମୁଖୀନ ହେଉଥିବା ବ୍ରାଜିଲରେ ଏହି ପ୍ରସଙ୍ଗର ଚର୍ଚ୍ଚାରେ ରହିଛି। ପୂର୍ବତନ ରାଷ୍ଟ୍ରପତି ବୋଲସୋନାରୋଙ୍କୁ ଟ୍ରମ୍ପଙ୍କ ଘନିଷ୍ଠ ବୋଲି କୁହାଯାଉଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବ୍ରାଜିଲ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇ ଥିଲେ। ଏହାକୁ ସେ ବୋଲସୋନାରୋଙ୍କ ବିରୋଧରେ ଚାଲିଥିବା ନ୍ୟାୟିକ ପ୍ରକ୍ରିୟା ସହ ଯୋଡ଼ି ଥିଲେ। ଡାହାଣୀ ଶିକାର ବୋଲି କହିଥିଲେ। ଏହାକୁ ନେଇ ବ୍ରାଜିଲରେ ଦେଶଭକ୍ତିର ମାହୋଲ ସରଗରମ ହୋଇଥିଲା। ସବୁ ରାଜନୈତିକ ଦଳ ଟ୍ରମ୍ପଙ୍କୁ ବିରୋଧ କରିଥିଲେ।

ବ୍ରାଜିଲର ସରକାରୀ ଓକିଲମାନେ ଅଭିଯୋଗ କରିଛନ୍ତି ଯେ ବୋଲସୋନାରୋ ଏକ ଅପରାଧିକ ସଂଗଠନର ନେତୃତ୍ୱ ନେଇଥିଲେ। ସେ ନିର୍ବାଚନ ଫଳାଫଳକୁ ପଲଟାଇବାକୁ ପ୍ରୟାସ କରିଥିଲେ।

## ୮ରେ ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତାର ଶୁଣାଣି

ନୂଆଦିଲ୍ଲୀ, ୫।୮ (ଏଜେନ୍ସି): ଜମ୍ମୁ-କଶ୍ମୀରକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତାକୁ ଫେରାଇ ଦେବା ପାଇଁ କେନ୍ଦ୍ର ସରକାର ବିଲ୍ ଆଣିପାରନ୍ତି ବୋଲି ରିପୋର୍ଟ ପ୍ରକାଶ ପାଇଛି। ଏହା ମଧ୍ୟରେ ସୁପ୍ରିମକୋର୍ଟ ୮ ତାରିଖରେ ଏହି ମାମଲାର ଶୁଣାଣି କରିବାକୁ ଯାଉଛନ୍ତି। ଜମ୍ମୁ-କଶ୍ମୀରର ପ୍ରଫେସର ଜହୁର ଅହମ୍ମଦ ଭଟ୍ଟ ଏବଂ ସମାଜସେବୀ ଖୁର୍ସିଦ ଅହମ୍ମଦ ମାଲିକ ଏହି ଆବେଦନ ଦାଖଲ କରିଛନ୍ତି। ଏଥିରେ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଜମ୍ମୁ-କଶ୍ମୀରକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଫେରାଇ ଆଣିବାକୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରାଯାଇଛି। ଆବେଦନରେ ଯୁକ୍ତି ଦିଆଯାଇଛି ଯେ ଜମ୍ମୁ-କଶ୍ମୀରରେ ପଞ୍ଚାୟତ ନିର୍ବାଚନ ଏବଂ ପୌର ନିର୍ବାଚନ ଅନୁଷ୍ଠିତ ହୋଇଛି। ବର୍ତ୍ତମାନର ସୁରକ୍ଷା ଏବଂ ପ୍ରଶାସନିକ ପରିସ୍ଥିତି ରାଜ୍ୟ ମାନ୍ୟତା ଫେରାଇ ଆଣିବା ପାଇଁ ଅନୁକୂଳ। ଦୀର୍ଘ ସମୟ ଧରି ରାଜ୍ୟ ମାନ୍ୟତା ଫେରାଇ ନ ଆଣିବା ନାଗରିକ ଅଧିକାରର ଉଲ୍ଲଂଘନ। ଧାରା ୩୭୦ ହଟାଇବା ପରେ କେନ୍ଦ୍ର ସରକାର ଏହାକୁ ଏକ କେନ୍ଦ୍ରଶାସିତ ଅଞ୍ଚଳ କରିଥିଲେ। ଏହା ପରେ, କେନ୍ଦ୍ରର ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ଡିସେମ୍ବର ୨୦୨୩ରେ ସୁପ୍ରିମକୋର୍ଟ ରାଜ୍ୟରୁ ଧାରା ୩୭୦ ହଟାଇବା ଏବଂ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଉଚ୍ଛେଦକୁ ସମର୍ଥନ କରିଥିଲେ।

## ପୂର୍ବତନ ରାଜ୍ୟପାଳ ସତ୍ୟପାଳ ମଲ୍ଲିକଙ୍କ ପରଲୋକ



ନୂଆଦିଲ୍ଲୀ, ୫।୮ (ଏଜେନ୍ସି): ଜମ୍ମୁ-କଶ୍ମୀରର ପୂର୍ବତନ ରାଜ୍ୟପାଳ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ସତ୍ୟପାଳ ମଲ୍ଲିକଙ୍କ ପରଲୋକ ହୋଇଛି। ସେ ଦୀର୍ଘ ଦିନ ହେଲା ଅସୁସ୍ଥ ଥିଲେ। ଦିଲ୍ଲୀର ରାମ ମନୋହର ଲୋହିଆ ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲିଥିଲା। ସେ ଦୀର୍ଘ ଦିନ ହେଲା ବୃକକ ଜନିତ ରୋଗରେ ପୀଡ଼ିତ ଥିଲେ। ସ୍ୱାସ୍ଥ୍ୟାବସ୍ଥା ଜଟିଳ ହେବାରୁ ମେ' ୧୧ ତାରିଖରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେହି ଦିନଠାରୁ ତାଙ୍କର ଚିକିତ୍ସା ଜାରି ରହିଥିଲା। ଦୀର୍ଘ ଦିନ ଧରି ମୃତ୍ୟୁ ସହ ସଂଗ୍ରାମ କରିବା ପରେ ସେ ହାରି ଯାଇଛନ୍ତି। ମଙ୍ଗଳବାର ଦ୍ୱିପହରେ ୧ଟାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୭୯ ବର୍ଷ ବୟସ ହୋଇଥିଲା। ସେ ଜମ୍ମୁ-କଶ୍ମୀର, ବିହାର, ଗୋଆ ଏବଂ ମେଘାଳୟର ରାଜ୍ୟପାଳ ଭାବେ କାର୍ଯ୍ୟ କରିଥିଲେ। ସେ ୨୦୧୮ ମାର୍ଚ୍ଚ ୨୧ରେ ଓଡ଼ିଶାର ଅତିରିକ୍ତ ଦାୟିତ୍ୱ ସମ୍ଭାଳି ଥିଲେ। ସେ ସେହି ବର୍ଷ ମେ' ୨୮ ପର୍ଯ୍ୟନ୍ତ ଓଡ଼ିଶାର ରାଜ୍ୟପାଳ ଦାୟିତ୍ୱରେ ଥିଲେ।

୨୦୧୮ ଅଗଷ୍ଟରୁ ୨୦୧୯ ଅକ୍ଟୋବର ପର୍ଯ୍ୟନ୍ତ ସେ ଜମ୍ମୁ-କଶ୍ମୀରର ରାଜ୍ୟପାଳ ଥିବାବେଳେ ଆଜିର ଦିନରେ ହିଁ ଧାରା ୩୭୦ ଉଚ୍ଛେଦ କରାଯାଇଥିଲା। ସଂଯୋଗବଶତଃ ଆଜି ହିଁ ସତ୍ୟପାଳ ମଲ୍ଲିକଙ୍କ ପରଲୋକ ହୋଇଛି। ୧୯୪୬ ଜୁଲାଇ ୨୪ରେ ଉତ୍ତରପ୍ରଦେଶ ହିସାବଦା ଗାଁର ଏକ ଜାଟ ପରିବାରରେ ଜନ୍ମିତ ଦିବଂଗତ ମଲ୍ଲିକ ୧୯୭୪-୭୭ ମଧ୍ୟରେ ଉତ୍ତରପ୍ରଦେଶ ବିଧାନସଭା ସଦସ୍ୟ ହୋଇ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ସେ ପ୍ରଥମେ ଜନତା ଦଳ ପରେ କଂଗ୍ରେସ ପୁଣି ଜନତା ଦଳକୁ ପ୍ରତ୍ୟାବର୍ତ୍ତନ କରି କେନ୍ଦ୍ରମନ୍ତ୍ରୀ ହୋଇଥିଲେ। ୨୦୦୪ରେ ସେ ବିଜେପିରେ ସାମିଲ ହୋଇଥିଲେ। ତେବେ ଦୁର୍ନୀତି ମାମଲା ମଧ ତାଙ୍କ ପିଛା ଛାଡ଼ି ନାହିଁ। ଗତ ମେ' ୨୨ ତାରିଖରେ ଜମ୍ମୁ-କଶ୍ମୀର କିରୁ ହାଇଡ୍ରୋପାୱାର ପ୍ରୋଜେକ୍ଟ ସମ୍ବନ୍ଧିତ ଦର୍ନୀତି ମାମଲାରେ ସତ୍ୟପାଳ ମଲ୍ଲିକଙ୍କ ସମେତ ୫ ଜଣଙ୍କ ବିରୋଧରେ ଆରୋପପତ୍ର ଦାଖଲ କରିଥିଲା। ଏଥିରେ ପ୍ରାୟ ୨୨୦୦ କୋଟି ଟଙ୍କାର 'ସିଭିଲ ୱାର୍କ୍ସ କଣ୍ଟ୍ରାକ୍ଟ'ରେ ଦୁର୍ନୀତି ଅଭିଯୋଗ ହୋଇଥିଲା। ଏହି ଠିକା ଦେବା ପାଇଁ କୋଟି କୋଟି ଟଙ୍କା ଯଚା ଯାଇଥିଲା ବୋଲି ସତ୍ୟପାଳ ଅଭିଯୋଗ କରିଥିଲେ। ଏଥିରେ ଜଣେ ବଡ଼ ଉଦ୍ୟୋଗପତି, ପିଡିପି ମୁଖ୍ୟ ମେହବୁବା ମୁଫତି ଏବଂ ବିଜେପି ମେଣ୍ଟ ସରକାରରେ ମନ୍ତ୍ରୀ ଥିବା ଜଣେ ବ୍ୟକ୍ତି ସାମିଲ ଥିବା କହିଥିଲେ। ମାତ୍ର ତାଙ୍କୁ ହିଁ ମାମଲାରେ ଅଭିଯୁକ୍ତ କରିଦିଆଯାଇଥିଲା। ଏହି ମାମଲାରେ ୨୦୨୪ ଫେବୃଆରୀ ୨୨ ସିବିଆଇ ସତ୍ୟପାଳଙ୍କ ଠିକଣାରେ ଚଢ଼ଉ କରିଥିଲା। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ତୀବ୍ର ସମାଲୋଚନା କରିଥିଲେ। ପୁଲୱାମା ଆକ୍ରମଣକୁ ନେଇ ମୋଦୀ ତାଙ୍କୁ ଚୁପ୍ କରାଇ ଦେଇଥିବା ମଲ୍ଲିକ ଅଭିଯୋଗ କରିଥିଲେ।

## ୩୦୦ କୋଟି ଟଙ୍କା କ୍ଲବରେ 'ସାଇୟାରା'

ନୂଆଦିଲ୍ଲୀ, ୫।୮(ଏଜେନ୍ସି): ଆହାନ ପାଣ୍ଡେ ଓ ଅନୀତ ପଡ୍ଡାଙ୍କ ଅଭିନୀତ ସିନେମା 'ସାଇୟାରା' ବକ୍ସ ଅଫିସ୍‌ରେ ସୁପରହିଟ୍ ସାବ୍ୟସ୍ତ ହୋଇଛି। ଏହି ସିନେମା ଏବେ ୩୦୦ କୋଟି ଟଙ୍କା କ୍ଲବରେ ସାମିଲ ହୋଇଛି। ମୁକ୍ତିଲାଭ କରିବାରର ୧୮ ଦିନରେ ଅର୍ଥାତ ସୋମବାର ଏହି ଫିଲ୍ମ ୩୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଆୟ କରିଛି। ଏହା ମୋଟ୍ ଉପରେ ୩୦୦.୧୧ କୋଟି ଟଙ୍କା ଆୟ କରିଛି। ମୋହିତ ସୂରୀଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ସିନେମା (ନୂଆ କଳାକାରଙ୍କୁ ନେଇ) ପ୍ରଥମ ଚଳଚିତ୍ର ଭାବେ ୩୦୦ କୋଟି କ୍ଲବରେ ସାମିଲ ହୋଇଛି। ଯଶରାଜ ଫିଲ୍ମସ ହେଉଛି ଏହାର ପ୍ରଜୋଜକ। ସାଇୟାରା ଏହିକ୍ରମରେ ୱାର, ବଜରଙ୍ଗୀ ଭାଇଜାନ, ସୁଲତାନ ଭଳି ସିନେମାକୁ ପଛରେ ପକାଇଛି। ପ୍ରଥମ ଦିନରେ ହିଁ ସାଇୟାରା ୨୧.୫ କୋଟି ଟଙ୍କା ଆୟ କରିଥିଲା। ଏହି ସିନେମା ୫୦ରୁ ୬୦ କୋଟି ଟଙ୍କା ମଧ୍ୟରେ ନିର୍ମିତ ହୋଇଥିଲା।

## ଆଡଭାନୀଙ୍କ ରେକର୍ଡ ଭାଙ୍ଗିଲେ ଶାହା

ନୂଆଦିଲ୍ଲୀ, ୫।୮ (ଏଜେନ୍ସି): ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ମଙ୍ଗଳବାର ନୂଆ ରେକର୍ଡ କରିଛନ୍ତି। ସେ ଦୀର୍ଘ ଦିନ ପର୍ଯ୍ୟନ୍ତ ଏହି ପଦରେ ରହି ପୂର୍ବତନ ସ୍ୱରାଷ୍ଟ୍ରମନ୍ତ୍ରୀ ତଥା ବିଜେପି ନେତା ଲାଲ୍‌କୃଷ୍ଣ ଆଡଭାନୀଙ୍କ ରେକର୍ଡ ଭାଙ୍ଗି ଦେଇଛନ୍ତି। ଶାହା ଏହି ପଦରେ ୨୨୫୮ ଦିନ ହେଲା ଅଛନ୍ତି। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱିତୀୟ କାର୍ଯ୍ୟକାଳରେ ୨୦୧୯ ମେ' ୩୦ରେ ସ୍ୱରାଷ୍ଟ୍ରମନ୍ତ୍ରୀ ହୋଇଥିଲେ। ୨୦୨୪ ଜୁନ୍ ୯ରେ ଶାହାଙ୍କ ପ୍ରଥମ କାର୍ଯ୍ୟକାଳ ଶେଷ ହୋଇଥିଲା। ୨୦୨୪ ଜୁନ୍ ୧୦ରେ ସେ ପୁଣି ସ୍ୱରାଷ୍ଟ୍ରମନ୍ତ୍ରୀ ହୋଇଥିଲେ। ସେବେଠାରୁ ଏହି ପଦରେ ଅଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରାଳୟ ବ୍ୟତୀତ ସେ ଦେଶର ପ୍ରଥମ ସହଯୋଗ ମନ୍ତ୍ରୀ ହୋଇଥିଲେ। ଏହା ପୂର୍ବରୁ ସେ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଏବଂ ଗୁଜରାଟ ଗୃହମନ୍ତ୍ରୀ ଥିଲେ। ସଂଯୋଗବଶତଃ ଅଗଷ୍ଟ ୫ରେ ଶାହା ଦୀର୍ଘ ସମୟ ପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀ ରହିବାର ରେକର୍ଡ ନିଜ ନାମରେ କରିଛନ୍ତି। ଏହି ଦିନ ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ଦେଉଥିବା ଧାରା-୩୭୦ ଉଚ୍ଛେଦ କରାଯାଇଥିଲା।

## ଗାଁରେ ବିବାହ କରିବା ମନା

ଅମୃତସର, ୫।୮ (ଏଜେନ୍ସି): ପଞ୍ଜାବର ଏକ ଗାଁରୁ ଆଶ୍ଚର୍ଯ୍ୟଜନକ ମାମଲା ସାମ୍ନାକୁ ଆସିଛି। ଅନେକ ଗାଁରେ ଯୁବକଯୁବତୀମାନେ ନିଜ ଗାଁରେ ବିବାହ କରୁଥିବାରୁ ଏହାକୁ ରୋକିବା ପାଇଁ ପଦକ୍ଷେପ ନିଆଯାଇଛି। ତେବେ ପଞ୍ଚାୟତଗୁଡ଼ିକ ସମ୍ବିଧାନ ଦେଇଥିବା ଅଧିକାରକୁ ଉଲ୍ଲଙ୍ଘନ କରି ଏଭଳି ବିବାହ ଉପରେ କଟକଣା ଲଗାଇ ଦେଇଛି। ମାତ୍ର ସାମାଜିକ ଦୃଷ୍ଟିକୋଣରୁ ପଞ୍ଚାୟତଗୁଡ଼ିକ ଏପରି ନିଷ୍ପତ୍ତିକୁ ଉପଯୁକ୍ତ ବୋଲି ଲୋକେ କହୁଛନ୍ତି।

ସୂଚନାଅନୁଯାୟୀ ବଠିଣ୍ଡା ଜିଲ୍ଲାର କୋଟ ଶମିର ଗ୍ରାମ, ଫରିଦକୋଟର ଗ୍ରାମ ସିରସଢ଼ି ଏବଂ ଅନୋଖପୁରା ତଥା ମାନସା ଜିଲ୍ଲାର ସୈଦେୱାଲା ଗ୍ରାମ ପଞ୍ଚାୟତ ବୈଠକରେ ଏପରି ପ୍ରସ୍ତାବ ପାରିତ ହୋଇଛି। କୌଣସି ଯୁବକ/ଯୁବତୀ ନିଜ ଗାଁରେ ବିବାହ କିମ୍ବା ପ୍ରେମ ବିବାହ କରି ପାରିବେ ନାହିଁ ବୋଲି କୁହାଯାଇଛି। ଏହି ନିୟମ ଭଙ୍ଗ କଲେ ସାମୂହିକ ଭାବରେ ବର୍ଜନ କରାଯିବ ବୋଲି ନିୟମ ରହିଛି। **ଏହି ପ୍ରସ୍ତାବକୁ ସାରା ରାଜ୍ୟରେ କାର୍ଯ୍ୟକାରୀ କରିବାକୁ ପଞ୍ଜାବ ସରକାରଙ୍କ ନିକଟେର ସରପଞ୍ଚମାନେ ଦାବି କରିଛନ୍ତି। ବିଧାନସଭାରେ ଏହି ପ୍ରସଙ୍ଗ ଉପରେ ବିଚାର କରିବାକୁ ମଧ ଆବେଦନ କରିଛନ୍ତି।**

କୋଟକାପୁରା ବିଧାନସଭା ନିର୍ବାଚନମଣ୍ଡଳୀର ସିରସଢ଼ି ଗାଁର ସରପଞ୍ଚ ଜ୍ଞାନ କୌର ଏବଂ ଅନୋଖପୁରା ଗାଁର ସରପଞ୍ଚ ବଲଜିତ ସିଂହଙ୍କ ଅନୁଯାୟୀ ନିଜ ଗାଁରେ ବିବାହ କରିବା ଦ୍ୱାରା ସାମାଜିକ ମୂଲ୍ୟବୋଧ ଦୁର୍ବଳ ହେଉଛି। ଏଥିପାଇଁ ଅନର କିଲିଂ ମାମଲା ମଧ ବୃଦ୍ଧି ପାଇବାରେ ଲାଗିଛି। ଏହା ସହିତ ଅନେକ ଅସୁବିଧା ମଧ ହେଉଛି। ଏହା ବଂଶାନୁକ୍ରମିକ ସମସ୍ୟା ବୃଦ୍ଧି କରିପାରେ। ଗାଁରେ ରହିବା ଯୋଗୁଁ ପରସ୍ପରର ଘରେ ହସ୍ତକ୍ଷେପ ମଧ ବୃଦ୍ଧି ପାଇବ। ଏହା ଦ୍ୱାର ସମ୍ପର୍କ ତିକ୍ତ ହୋଇଯିବ। ଗୋଟିଏ ପରିବାରେ ଯେପରି ବିବାହ ହୁଏ ନାହିଁ ସେପରି ଗାଁ ମଧ ଏକ ବଡ଼ ପରିବାର। ପୁଅ ଏବଂ ଝିଅ ପାଇଁ ଗୋଟିଏ ଗାଁରେ ବିବାହ କରିବା ଉଚିତ ନୁହେଁ।



# ଶୋଭନା ମହାନ୍ତି ମହିଳା କମିଶନ, ବବିତା ପାତ୍ର ଶିଶୁ ଅଧିକାର ଆୟୋଗ ଅଧ୍ୟକ୍ଷା

## ମହିଳା କମିଶନରେ ୪ ଓ ଶିଶୁ ଅଧିକାର ଆୟୋଗରେ ୬ ସଦସ୍ୟ

ଭୁବନେଶ୍ୱର,୫।୮ (ସମିସ): ଦୀର୍ଘ ଦିନ ଧରି ଖାଲି ପଡ଼ିବା ପରେ ରାଜ୍ୟ ସରକାର ମହିଳା କମିଶନ ଓ ଶିଶୁ ସୁରକ୍ଷା ଅଧିକାର ଆୟୋଗର ଅଧ୍ୟକ୍ଷା ପଦ ପୂରଣ କରିଛନ୍ତି।

ରାଜ୍ୟର ନୂଆ ମହିଳା କମିଶନ ଅଧ୍ୟକ୍ଷା ରୂପେ ନିଯୁକ୍ତି ପାଇଛନ୍ତି ଶୋଭନା ମହାନ୍ତି। ସେହିପରି ବବିତା ପାତ୍ରଙ୍କୁ ରାଜ୍ୟ ଶିଶୁ ଅଧିକାର ଆୟୋଗ ଅଧ୍ୟକ୍ଷା ଦାୟିତ୍ୱ ପ୍ରଦାନ କରାଯାଇଛି। ମଙ୍ଗଳବାର ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ମହିଳା କମିଶନ ଓ ଶିଶୁ ସୁର୪କ୍ଷା ଅଧିକାର ଆୟୋଗଙ୍କ କାର୍ଯ୍ୟକାଳ ୩ ବର୍ଷ ଧାର୍ଯ୍ୟ କରାଯାଇଛି।

ମହିଳା କମିଶନର ସଦସ୍ୟା ଭାବରେ ପ୍ରତିଭା ଶତପଥୀ, ଉର୍ମିଳା ମହାପାତ୍ର, କଳ୍ପନା ମଲ୍ଲିକ ଓ ମୁକ୍ତା ସାହୁଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ଶିଶୁ ସୁରକ୍ଷା ଆୟୋଗ ସଦସ୍ୟା ଭାବରେ କେନ୍ଦୁଝରର ସୁକେଶୀ ଓରାମ, ରାଉରକେଲାର କଳ୍ପନା ଲେଙ୍କା, ଭୁବନେଶ୍ୱରର ଚନ୍ଦନା ଦାସ, ଭୁବନେଶ୍ୱରର କସ୍ତୁରୀ ମିଶ୍ର, ଭଦ୍ରକର ମନସ୍ମିତା ଖୁଣ୍ଟିଆ ଓ ଭୁବନେଶ୍ୱରର ସୁଜାତା ନାୟକଙ୍କୁ ନିଯୁକ୍ତି ମିଳିଛି।

ଶୋଭନା ମହାନ୍ତିଙ୍କ ଘର ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ ଅନ୍ତର୍ଗତ କରଞ୍ଜିଆ ଗ୍ରାମରେ। ଦାୟିତ୍ୱ ନେବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି ଯେ ଏପରି ଗୁରୁଦାୟିତ୍ୱ ମିଳିଥିବାରୁ ଖୁସି ଅନୁଭବ କରୁଛି। ରାଜ୍ୟ ସରକାର ଯେଉଁ ଦାୟିତ୍ୱ ଦେଇଛନ୍ତି, ତାକୁ ଠିକ୍ ଭାବେ ତୁଲାଇବି। ମହିଳାଙ୍କୁ ଠିକ ଭାବେ ନ୍ୟାୟ ଦେବାକୁ ଉଦ୍ୟମ କରିବି। ଆମ ସରକାରରେ ମହିଳାଙ୍କୁ ଉଚିତ ନ୍ୟାୟ ମିଳିବ। ନିଜ ଦଳ ହୁଅନ୍ତୁ ବା ଅନ୍ୟ କେଉଁ ଦଳର ହୁଅନ୍ତୁ




ଦୋଷୀଙ୍କୁ ଛଡ଼ାଯିବ ନାହିଁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଅନୁରୂପ ଭାବରେ ବବିତା ପାତ୍ର ତାଙ୍କ ନିଯୁକ୍ତି ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ଶିଶୁ ଅଧିକାର ଓ ସୁରକ୍ଷା ସୁନିଶ୍ଚିତ ହେବ। ଶିଶୁ ନିର୍ଯାତନା କମାଇବାକୁ ରୋଡ଼ ମ୍ୟାପ ପ୍ରସ୍ତୁତ କରିବୁ। ମହିଳା ଓ ଶିଶୁ ବିକାଶ ବିଭାଗ ସହ ମିଶି ଶିଶୁ ଚାଲାଣ ଓ ଶିଶୁ ଶ୍ରମିକ ରୋକିବୁ। ବିଜେପି ସରକାରରେ ଶିଶୁଙ୍କ କଲ୍ୟାଣ ହେବା ସହ ନାବାଳିକା ଦୁଷ୍କର୍ମ, ଶିଶୁ ନିର୍ଯାତନା ଉପରେ କଠୋର ବ୍ୟବସ୍ଥା କରାଯିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ହାତୀଙ୍କ ପାଇଁ ଜଙ୍ଗଲ ଭିତରେ ହେବ ଧାନ ଚାଷ

ଭୁବନେଶ୍ୱର,୫।୮ (ସମିସ): ରାଜ୍ୟରେ ପ୍ରତିବର୍ଷ ହାତୀ ମୁନୁଷ୍ୟ ଲଢ଼େଇ ଯୋଗୁଁ ଶତାଧିକ ଲୋକଙ୍କ ଜୀବନ ଯାଉଛି। ଅନେକ ସମୟରେ ହାତୀ-ମଣିଷ ଲଢ଼େଇରେ ଓଡ଼ିଶାର ମୃତକଙ୍କ ସଂଖ୍ୟା ସାରା ଦେଶରେ ଅଧିକ ରହୁଛି। ମୁଖ୍ୟତଃ ହାତୀମାନଙ୍କୁ ଜଙ୍ଗଲରେ ଖାଦ୍ୟ ଅଭାବ ହେଉଥିବା ଯୋଗୁଁ ସେମାନେ ବାହାରକୁ ଆସୁଛନ୍ତି ଓ ହାତୀ-ମଣିଷ ସଂଘର୍ଷ ବୃଦ୍ଧି ପାଉଛି। ତେଣୁ ଏହାକୁ ରୋକିବାକୁ ଜଙ୍ଗଲ ଭିତରେ ଧାନ ଚାଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ବନ ବିଭାଗକୁ ପରାମର୍ଶ ଦେଇଛନ୍ତି।

ମଙ୍ଗଳବାର ଲୋକସେବା ଭବନ କନ୍‌ଭେନ୍ସନ୍ ସେଣ୍ଟରରେ ଆୟୋଜିତ ରାଜ୍ୟସ୍ତରୀୟ ବନ ଅଧିକାରୀ ସମ୍ମିଳନୀରେ ଉପସ୍ଥିତ ବନଖଣ୍ଡ ଅଧିକାରୀମାନଙ୍କ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବନୀକରଣ କାର୍ଯ୍ୟକ୍ରମରେ ଜନବସତି ଅଞ୍ଚଳରେ ଏପରି ଗଛ ଲଗାଇବା ଉଚିତ, ଯାହା ଲୋକଙ୍କୁ ଫଳ, ପୁଷ୍ପ ପ୍ରଦାନ କରୁଥିବା ସହିତ ଛାୟା ପ୍ରଦାନ କରିପାରିବ। ତେବେ ଯାଇ ଲୋକମାନେ ଏସବୁ ବୃକ୍ଷର ଉପଯୁକ୍ତ ଯତ୍ନ ନେବେ। ସେହିଭଳି ପଥପାଶ୍ୱର୍ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଲୋକମାନଙ୍କ କାମରେ ଲାଗିଲା ଭଳି ଗଛ ରୋପଣ କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟର ଏକ-ଚତୁର୍ଥାଂଶ ଲୋକ ହେଉଛନ୍ତି ଆଦିବାସୀ ସଂପ୍ରଦାୟର ଲୋକ। ସେମାନେ ମୁଖ୍ୟତଃ ବଣ ଜଙ୍ଗଲ ଏବଂ




- ବନୀକରଣ ବେଳେ ଫଳ, ପୁଷ୍ପ ପ୍ରଦାନକାରୀ ଗଛ ଲଗାଇବାକୁ ପରାମର୍ଶ
- ଦୁର୍ନୀତିରୁ ଦୂରରେ ରହିବାକୁ ଅଧିକାରୀ ମାନଙ୍କୁ ସତର୍କ କରାଇଲେ ମୁଖ୍ୟମନ୍ତ୍ରୀ

ଏହାର ଆଖପାଖ ଅଞ୍ଚଳରେ ବସବାସ କରନ୍ତି। ତେଣୁ ବନ ଅଧିକାରୀମାନେ ଗରିବ, ଆଦିବାସୀ, ଦଳିତ ବର୍ଗ ଲୋକଙ୍କ ସହିତ ଜଙ୍ଗଲ ସୁରକ୍ଷା ନିୟମ ପାଳନ ସମୟରେ ସମ୍ବେଦନଶୀଳତା ସହ ବ୍ୟବହାର କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ କାର୍ଯ୍ୟକ୍ରମରେ କହିଛନ୍ତି ଯେ ଓଡିଶାରେ ଜଙ୍ଗଲ ଅଭିବୃଦ୍ଧି କ୍ଷେତ୍ରରେ ଯାହା ବି ଅଭିବୃଦ୍ଧି ହୋଇଛି ଏହାର ଶ୍ରେୟଜଙ୍ଗଲ ବିଭାଗର ଅଧିକାରୀ ଓ କର୍ମଚାରୀ ମାନଙ୍କର। ତେଣୁ ସମସ୍ତ କ୍ଷେତ୍ରରେ ସ୍ୱଚ୍ଛତା ଅବଲମ୍ବନ କରି ଲୋକଙ୍କ ସହ ଯୋଡିହୋଇ କାମ କରି ବିଭାଗ ପାଇଁ ସୁନାମ ଆଣିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଜଙ୍ଗଲ ସମ୍ପଦର ସୁରକ୍ଷା ସହିତ ଜଙ୍ଗଲ ଭିତରେ ଏବଂ ଜଙ୍ଗଲ ନିକଟରେ ରହୁଥିବା ଲୋକଙ୍କୁ ଜଙ୍ଗଲ ସଂରକ୍ଷଣ ପ୍ରତି ସଚେତନ କରିବା ଓ ଜଙ୍ଗଲ ମଧ୍ୟରେ ରହୁଥିବା ଲୋକଙ୍କ ଜୀବନ ଜୀବିକା ବୃଦ୍ଧି ପ୍ରତି ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଆଞ୍ଚଳିକ ଉଦ୍ଭିଦ ଗବେଷଣା କେନ୍ଦ୍ର, ଉଦ୍ୟାନ କୃଷି ବିଭାଗ ଏବଂ ଓଡିଶା ରାଜ୍ୟ ବିହନ ନିଗମ ମଧ୍ୟରେ ଏକ ତ୍ରିପାକ୍ଷିକ ଚୁକ୍ତିପତ୍ର ସ୍ୱାକ୍ଷର ହୋଇଥିଲା। ଏହାଦ୍ୱାରା ରାଜ୍ୟର କୃଷକ ମାନଙ୍କୁ ସୁଲଭ ମୂଲ୍ୟରେ ଉନ୍ନତ ମାନର ଫଳ ଚାରା ଯୋଗାଇ ଦିଆଯିବ। କାର୍ଯ୍ୟକ୍ରମରେ ପ୍ରଧାନ ମୁଖ୍ୟ ବନସଂରକ୍ଷକ (ବନ୍ୟପ୍ରାଣୀ) ପ୍ରେମ୍ କୁମାର ଝା, ପ୍ରଧାନ ମୁଖ୍ୟ ବନସଂରକ୍ଷକ (କେନ୍ଦୁପତ୍ର) ଉମା ନନ୍ଦୁରୀ ଉପସ୍ଥିତ ଥିଲେ।

## କଣ୍ଟିସାହି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ଅଘଟଣ

# ପାଣିଟାଙ୍କି ସଫେଇ ବେଳେ ଛାତରୁ ଖସି ଛାତ୍ରୀ ଗୁରୁତର

ଶୁଳିଆପଦା,୫।୮ (ସମିସ): ଦୁଇ ମହଲା କୋଠା ଉପରେ ଚଢ଼ି ହଷ୍ଟେଲ ପାଣିଟାଙ୍କି ସଫା କରୁଥିବା ବେଳେ ଛାତରୁ ଖସି ଜଣେ ଛାତ୍ରୀ ଗୁରୁତର। ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକ୍ କଣ୍ଟିସାହି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ଏପରି



- ୩୦ ଫୁଟ୍ ତଳକୁ ଖସି ପଡ଼ିଲେ ଛାତ୍ରୀ
- ଘଟଣା ଚାପିଦେବାକୁ ଛାତ୍ରୀଙ୍କୁ ରାଣନିୟମ
- ଅଭିଭାବକମହଲରେ ତୀବ୍ର ଅସନ୍ତୋଷ
- ଥାନାରେ ଏତଲା ଦେଲେ ଛାତ୍ରୀଙ୍କ ମା'

ଏକ ଅଘଟଣ ଘଟିଛି। ଗୁରୁତର ଛାତ୍ରୀଜଣଙ୍କ ହେଲେ, ସପ୍ତମ ଶ୍ରେଣୀର ପଢୁଥିବା ପିଙ୍କି ମହାନ୍ତ। ୩ଦିନ ତଳେ ଏହି ଘଟଣା ଘଟିଥିଲେ ହେଁ ଛାତ୍ରୀଙ୍କୁ ରାଣ ନିୟମ ପକାଇ ହଷ୍ଟେଲ ୱାର୍ଡେନ୍ ଘଟଣାକୁ ଚାପିଦେବାକୁ ଚେଷ୍ଟା କରିଥିଲେ। କିନ୍ତୁ ପରିବାରଲୋକ ବାରମ୍ବାର ପଚାରିବା ପରେ ଆଜି ଘଟଣା ପଦାକୁ ଆସିଛି। ପିଙ୍କିଙ୍କୁ ପ୍ରଥମେ ବାରିପଦା ପିଆରଏମ୍ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ପରେ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ପରିବାରଲୋକ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଇଛନ୍ତି। ଏହି ଘଟଣାକୁ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷେ, ଏହି ଘଟଣାକୁ ନେଇ ପିଙ୍କିଙ୍କ ମା' ପ୍ରମିଳା ମହାନ୍ତଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ବୋଲି ଥାନା ଅଧିକାରୀ ସତ୍ୟନାରାୟଣ ବଳ ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ଗତ ରବିବାର ହଷ୍ଟେଲ ଜଗୁଆଳି ୬ଜଣ ଅନ୍ତେବାସିନୀଙ୍କୁ ଦୁଇ ମହଲା କୋଠା ଉପରେ ଚଢ଼ି ପାଣିଟାଙ୍କି ସଫା କରିବାକୁ କାମ ବରାଦ କରିଥିଲେ। ତାଙ୍କ କଥା ମାନି ଅନ୍ତେବାସିନୀମାନେ କୋଠା ଉପରେ ଚଢ଼ି ବିପଜ୍ଜନକ ଭାବରେ ଟାଙ୍କି ସଫେଇ କରୁଥିବା ବେଳେ ଗୋଡ଼ ଖସିଯିବାରୁ ପିଙ୍କି ତଳେ ପଡ଼ିଯାଇଥିଲେ। ଗରୁତର ଅବସ୍ଥାରେ ତାଙ୍କୁ ବାରିପଦା ପିଆରଏମ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

ହଷ୍ଟେଲ ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷୟିତ୍ରୀ ସରସ୍ୱତୀ ମହାନ୍ତ କହିଛନ୍ତି ଯେ ପିଲାମାନେ ଛାତ ଉପରକୁ ଯିବା ଘଟଣାରେ ୱାର୍ଡେନ୍ ଏବଂ ଜଗୁଆଳିଙ୍କ ଭୁଲ୍ ରହିଛି। ୱାର୍ଡେନଙ୍କ କହିବା ମୁତାବକ, ୩୦ ଫୁଟ୍ ଉଚ୍ଚରୁ ପଡ଼ିଲା ପରେ ମଧ୍ୟ ଛାତ୍ରୀଜଣଙ୍କ ସଂପୂର୍ଣ୍ଣ ସୁସ୍ଥ ଥିଲେ। ଯଦି ଛାତ୍ରୀଜଣଙ୍କ ସୁସ୍ଥ ଥିଲେ ତେବେ କାହିଁକି ଛାତ୍ରୀ ନିବାସରୁ ମାତ୍ର ୫ଶହ ମିଟର ଦୂରରେ ଶୁଳିଆପଦା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆ ନଯାଇ ୩୦ କିମି ଦୂର ବାରିପଦାକୁ କିପରି ନିଆଗଲା ବୋଲି ଲୋକେ ଅଭିଯୋଗ ଜରିଛନ୍ତି। ଘଟଣାର ୩ଦିନ ପରେ ବି ଶୁଳିଆପଦା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଏ ବିଷୟରେ ଅବଗତ ନାହାନ୍ତି।

## ସାଇବର୍ ଠକଙ୍କ କରାମତି

# ଅଶ୍ଳୀଳ ଫଟୋ ଭାଇରାଲ ଧମକ ଦେଇ ଲୁଟିନେଲେ ୬ଲକ୍ଷ

ବାରିପଦା, ୫।୮(ସମିସ): ଜଣେ ଯୁବତୀଙ୍କ ସହ ଅଶ୍ଳୀଳ ଫଟୋ ସୋସିଆଲ ମିଡିଆରେ ଭାଇରାଲ କରିବା ଧମକ ଦେଇ ସାଇବର୍ ଠକ ଜଣେ ଯୁବକଙ୍କଠାରୁ ୬ଲକ୍ଷ ୧୪ହଜାର ୫୦୦ଟଙ୍କା ଲୁଟି ନେଇଛନ୍ତି। ଠକେଇର ଶିକାର ଯୁବକ ହେଲେ, ବିଶୋଇ ଥାନା ଅନ୍ତର୍ଗତ ସାନମଣଦା ଗ୍ରାମର ନନ୍ଦିରାମ ନାଏକ। ଏ ସଂପର୍କରେ ସେ ସାଇବର୍ ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ପ୍ରଥମେ ଏକ ଅଜଣା ନମ୍ବରରୁ ତାଙ୍କୁ ଫୋନ୍ ଓ ହ୍ୱାଟ୍ସ-ଆପ୍ କଲ୍ ଆସିଥିଲା। ପରେ ବ୍ୟକ୍ତିଜଣଙ୍କ ତାଙ୍କୁ ଟଙ୍କା ମାଗିଥିଲେ। ଟଙ୍କା ନ ଦେଲେ ଜଣେ ମହିଳାଙ୍କ ସହ ତାଙ୍କର ଆପତ୍ତିଜନକ ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ କରିଦେବେ ବୋଲି ଧମକ ଦେଇଥିଲେ। ଏଥିରେ ଭୟଭୀତ ହୋଇ ନନ୍ଦିରାମ ପର୍ଯ୍ୟାୟକ୍ରମେ ଦୁଇଟି ବ୍ୟାଙ୍କ ଆକାଉଣ୍ଟରୁ ସମୁଦାୟ ୬ ଲକ୍ଷ ୧୪ ହଜାର ୫୦୦ ଟଙ୍କା ଦେଇଦେଇଥିଲେ। ପରେ ସେ ଏନେଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଆଧାରରେ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଏମ୍‌କେସିଜିରେ ଗୋଟିଏ ସିଲିଣ୍ଡରରୁ ୨ ନବଜାତକଙ୍କୁ ଅକ୍ସିଜେନ୍ ଦେବା ଘଟଣା

# ଅଧୀକ୍ଷକଙ୍କୁ ରିପୋର୍ଟ ତଲବ କଲେ ଡିଏମ୍ଇଟି ଓ ଆର୍‌ଡିସି

ବ୍ରହ୍ମପୁର,୫।୮ (ସମିସ): ଏମ୍‌କେସିଜି ମେଡିକାଲ ଶିଶୁବିଭାଗରେ ଚିକିତ୍ସିତ ଦୁଇ ନବଜାତ ଶିଶୁଙ୍କୁ ଗୋଟିଏ ସିଲିଣ୍ଡରରୁ ଅକ୍ସିଜେନ ଦିଆଯିବା ଘଟଣାକୁ ଉଭୟ ଡିଏମ୍ଇଟି ଓ ଦକ୍ଷିଣାଞ୍ଚଳ ଆର୍‌ଡ଼ିସି ଗୁରୁତର ସହ ନେଇଛନ୍ତି। ଘଟଣା ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ଓ ପ୍ରସାରଣ ପରେ ଏନେଇ ଉଭୟ ଅଧିକାରୀ ତତ୍ପରତା ପ୍ରକାଶ କରି ଏମ୍‌କେସିଜି ମେଡ଼ିକାଲ ଅଧୀକ୍ଷକ ପ୍ରଫେସର ଡ଼ା. ଦୁର୍ଗା ମାଧବ ଶତପଥୀଙ୍କୁ ରିପୋର୍ଟ ତଲବ କରିଛନ୍ତି। କାହିଁକି ଓ କେଉଁଭଳି ପରିସ୍ଥିତିରେ ଶିଶୁବିଭାଗ ପକ୍ଷରୁ ଏଭଳି ନିଷ୍ପତି ନିଆଗଲା ସେ ସମ୍ପର୍କରେ ତଦନ୍ତ କରିବା ସହ କିପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି ତାହା ଜଣାଇବାକୁ ମଧ୍ୟ କୁହାଯାଇଛି।

ଅନ୍ୟପକ୍ଷରେ ଘଟଣା ସମୟର ଭିଡ଼ିଓ ଏବଂ ଫଟୋ ଭାଇରାଲ ପରେ ଘଟଣାକୁ ନେଇ ମେଡ଼ିକାଲ ଅଧୀକ୍ଷକ ମଧ୍ୟ ଶିଶୁବିଭାଗ ମୁଖ୍ୟଙ୍କ ସହ ଆଲୋଚନା କରିଥିବା ଜଣାପଡିଛି। ଯଦି ଉଭୟ ରୋଗୀଙ୍କୁ ସମାନ ପରିମାଣର ଅକ୍ସିଜେନ ଆବଶ୍ୟକ ଥାଏ ତେବେ ଏଭଳି ପରିସ୍ଥିତିରେ ଗୋଟିଏ ସିଲିଣ୍ଡରରୁ ଏକାଧିକ ରୋଗୀଙ୍କୁ ଅକ୍ସିଜେନ ପ୍ରଦାନ କରାଯାଇ ପାରିବ ବୋଲି ଶିଶୁବିଭାଗ ପକ୍ଷରୁ ଅଧୀକ୍ଷକଙ୍କୁ କୁହାଯାଇଥିବା ଜଣାପଡିଛି। ଏନେଇ ପାଠ୍ୟପୁସ୍ତକରେ ମଧ୍ୟ ଉଲ୍ଲେଖ ଥିବା ଦର୍ଶାଯାଇଛି। ଅପରପକ୍ଷରେ କେଉଁ ପାଠ୍ୟପୁସ୍ତକରେ ଏଭଳି ଉଲ୍ଲେଖ ଅଛି ତାହା ପ୍ରମାଣ ସହ ଉପସ୍ଥାପନ କରିବାକୁ ମେଡ଼ିକାଲ ଅଧୀକ୍ଷକ ପ୍ରଫେସର ଡ଼ା. ଦୁର୍ଗା ମାଧବ ଶତପଥୀ ଶିଶୁବିଭାଗୀୟ ମୁଖ୍ୟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରିପୋର୍ଟ ପାଇବା ପରେ ଦକ୍ଷିଣାଞ୍ଚଳ ଆର୍‌ଡ଼ିସିଙ୍କ ସମେତ ଡିଏମ୍ଇଟିଙ୍କୁ ପ୍ରଦାନ କରାଯିବ ବୋଲି ଡ଼ା. ଶତପଥୀ କହିଛନ୍ତି।

ସୂଚନାଯୋଗ୍ୟ ଯେ, ମେଡ଼ିକାଲର ଶିଶୁରୋଗ ବିଭାଗ ଏସ୍‌ଏନ୍‌ସିୟୁ(ସ୍ପେଶାଲ୍ ନ୍ୟୁବର୍ଣ୍ଣ କେୟାର ୟୁନିଟ୍)ରେ କିଛିଦିନ ଧରି ପାତ୍ରପୁର ବ୍ଲକ ପଦାଦିଗି ଗ୍ରାମର କୌଶଲ୍ୟା ସାହୁଙ୍କ ୮ଦିନର ଶିଶୁପୁତ୍ର ଓ ଗଜପତି ଜିଲ୍ଲା ନୂଆଗଡ ବ୍ଲକ ବଦପଦା ଗ୍ରାମର ପଦ୍ମାଳୟା ବେହେରାଙ୍କ ୧୪ଦିନର ଶିଶୁ କନ୍ୟା ଚିକିତ୍ସିତ ହେଉଛନ୍ତି। ଡାକ୍ତରଙ୍କ ପରାମର୍ଶ କ୍ରମେ ଉଭୟ ଶିଶୁଙ୍କୁ ମେଡ଼ିକାଲ ପରିସରରେ ଥିବା ସୁପର ସ୍ପେସିଆଲିଟି କୋଠାକୁ ଇକୋ ପରୀକ୍ଷା ପାଇଁ ନିଆଯାଇଥିଲା। ୱାର୍ଡରେ ଥିବା ଆଟେଣ୍ଡାଣ୍ଟ ଗୋଟିଏ ଅକ୍ସିଜେନ୍ ଭର୍ତ୍ତି ସିଲିଣ୍ଡରରୁ ଉଭୟ ଶିଶୁଙ୍କୁ ଅକ୍ସିଜେନ୍ ଲଗାଇ ନେଉଥିବାବେଳେ ସେମାନଙ୍କ ମାଆ ଓ ସମ୍ପର୍କୀୟମାନେ ଶିଶୁଙ୍କୁ କୋଳରେ ଧରି ଯାଉଥିବା ଦୃଶ୍ୟ ଭାଇରାଲ ହୋଇଥିଲା।

# ଫାଇଲେରିଆ ଔଷଧ ସେବନ କାର୍ଯ୍ୟକ୍ରମ ୧୦ରୁ

ଭୁବନେଶ୍ୱର, ୫।୮ (ସମିସ): ଫାଇଲେରିଆ ନିରାକରଣ ପାଇଁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ(ଏମ୍‌ଡିଏ) ଆସନ୍ତା ୧୦ ତାରିଖରୁ ଆରମ୍ଭ ହେବ। ଏହି ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମରେ ୧କୋଟି ୭ ଲକ୍ଷ ଜଣଙ୍କୁ ଫାଇଲେରିଆ ନିରୋଧୀ ଔଷଧ ଦିଆଯିବ। ଅନୁଗୋଳ,ବାଲେଶ୍ୱର, ବରଗଡ଼, ଢେଙ୍କାନାଳ, ଗଞ୍ଜାମ, ଝାରସୁଗୁଡ଼ା, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର,ସମ୍ବଲପୁର, ସୋନପୁର ଓ ସୁନ୍ଦରଗଡ଼ ଜିଲାରେ ୧୦ରୁ ୧୯ ତାରିଖ ମଧ୍ୟରେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ସହିତ ଜାତୀୟ କୃମିନାଶକ ଦିବସ(ଏନ୍‌ଡିଡି) କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ଅନୁଷ୍ଠିତ ହେବ। ଫାଇଲେରିଆ ନିରାକରଣ ପାଇଁ ଏହି ୧୨ଟି ଜିଲ୍ଲାର ୧୧୫ ଟି କାର୍ଯ୍ୟାନ୍ୱୟନ ୟୁନିଟ୍‌ରେ ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବ ବୋଲି ଆଜି ବୈଠକରେ ନିଷ୍ପତ୍ତି ନିଆଯାଇଛି।

ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଅଧୀନରେ ୩ଟି ଔଷଧ ଯଥା ଡିଇସି, ଆଲବେଣ୍ଡାଜୋଲ ଓ ଆଇଭରମେକ୍ଟିନ ବଟିକା ଖାଇବାକୁ ଦିଆଯିବ। ୨ ବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ ମହିଳା ଏବଂ ଗୁରୁତର ଅସୁସ୍ଥଙ୍କୁ ଏହି ଔଷଧ ଖାଇବାରୁ ବାରଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ୪୧ ହଜାର ଡ୍ରଗ ଆଡ୍‌ମିନିଷ୍ଟ୍ରେଟର ନିୟୋଜିତ ହୋଇଛନ୍ତି। ସେମାନଙ୍କ କାର୍ଯ୍ୟକୁ ତଦାରଖ କରିବା ପାଇଁ ୪୧ଶହ ଜଣ ପର୍ଯ୍ୟବେକ୍ଷକ ରହିଛନ୍ତି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଆଶା, ଅଙ୍ଗନୱାଡି, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଅନ୍ୟ ସ୍ୱେଚ୍ଛାସେବୀଙ୍କୁ ଡ୍ରଗ୍ ଆଡମିନିଷ୍ଟ୍ରେଟର ଘରକୁ ଘର ଯାଇ ଔଷଧ ଖୁଆଇବେ ବୋଲ କୁହାଯାଇଛି । ଏହି ବୈଠକରେ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡା. ଅମରେନ୍ଦ୍ର ନାଥ ମହାନ୍ତି, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର , ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡା. ଦିଲୀପ କୁମାର ପଣ୍ଡା , ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ରାଜ୍ୟଶ୍ରୀ ପଟ୍ଟନାୟକ, ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡା. ସୁଚିତ୍ରା ସାସମଲ, ଅତିରିକ୍ତ ନିର୍ଦ୍ଦେଶକ ଡା. ପ୍ରଭାକର ସାହୁ , ଅତିରିକ୍ତ ନିର୍ଦ୍ଦେଶକ ଡା. ପ୍ରମିଳା ବରାଳ, ଯୁଗ୍ମ ନିର୍ଦ୍ଦେଶକ ଶୁଭାଶିଷ ମହାନ୍ତିଙ୍କ ସହିତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ସାପ କାମୁଡାରେ ୨ ମୃତ

ରାଇରଙ୍ଗପୁର,୫।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ଗୋରୁମହିଷାଣୀ ଥାନା ଅଧୀନ କୁକୁଡିମୁଣ୍ଡି ଗ୍ରାମର ଗୋମିଆ ମୁଣ୍ଡା (୬୭) ସୋମବାର ରାତିରେ ଶୋଇଥିବା ବେଳେ ତାଙ୍କୁ ଏକ ବିଷାକ୍ତ ସାପ କାମୁଡି ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା; ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି, ଝାଡ଼ଖଣ୍ଡ ରାଜ୍ୟର ମଝିଗାଁ ଥାନା ଅନ୍ତର୍ଗତ ନଙ୍ଗଳକଟା ଗ୍ରାମର ଜୟକିଶୋର ବିଶ୍ୱଙ୍କ ଝିଅ ବହାମୈହି ବିଶ୍ୱଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ତାଙ୍କର ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଅପରପକ୍ଷେ, ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଟିକରପଡା ଗ୍ରାମର ଯଶାଇ ଟୁଡୁ(୪୫)ଙ୍କୁ ଏକ ଗୋଖର ସାପ କାମୁଡ଼ିଦେବାରୁ ପରିବାରଲୋକ ତାଙ୍କୁ ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରାଇଛନ୍ତି।

# ପାଣିରେ ବୁଡି ଏମ୍‌ପିସି କଲେଜ ଛାତ୍ରଙ୍କ ମୃତ୍ୟୁ

ବାରିପଦା, ୫।୮(ସମିସ): ପୁଣି ପାଣିରେ ବୁଡ଼ି ମଙ୍ଗଳବାର ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ରଜଣଙ୍କ ହେଲେ, ଦାରୋଗାଡାହି ଅଞ୍ଚଳର ରାଜେନ୍ଦ୍ର ଜେନାଙ୍କ ପୁଅ କ୍ରିଷ୍ଣା(୧୯) । ସେ ଏମପିସି କଲେଜରେ ପଢୁଥିଲେ। ତକତପୁର ନିକଟରେ ସୁବର୍ଣ୍ଣରେଖା କେନାଲକୁ ସାଙ୍ଗମାନଙ୍କ ସହ ଗାଧୋଇବାକୁ ଯାଇଥିଲେ। ହେଲେ ସେଠାରେ ଅସାବଧାନତା କାରଣରୁ ପାଣିରେ ବୁଡ଼ି ଯାଇଥିଲେ। ପରେ ସ୍ଥାନୀୟ ଲୋକେ ଉଦ୍ଧାର କରି ପିଆରଏମ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଡାକ୍ତରଖାନାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ସ୍ତ୍ରୀର ଶବ ଦେଖି ଜୀବନ ହାରିଲେ ସ୍ୱାମୀ!

ଉମରକୋଟ,୫।୮ (ସମିସ): ସ୍ତ୍ରୀର ଝୁଲନ୍ତା ଶବ ଦେଖି ଜୀବନ ହାରିଲେ ସ୍ୱାମୀ। ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ୍ ଧୋଡ୍ରା ପଞ୍ଚାୟତ ଅନ୍ତର୍ଗତ ଭିମାଗୁଡ଼ାଠାରେ ଏପରି ଏକ ଦୁଃଖଦ ଘଟଣା ଘଟିଛି। ମୃତକଦ୍ୱୟ ହେଲେ, ଝରିଗାଁ ବ୍ଲକ୍ ଅନ୍ତର୍ଗତ ଧୋଡ୍ରା ପଞ୍ଚାୟତ ସାନଭୀମାଗୁଡ଼ା ଗ୍ରାମର ସୁତମ ଭତରା (୩୨) ଓ ଫୁଲମଣି ଭତରା (୨୭)।

**ଦମ୍ପତିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର**

ସୁତମଙ୍କ ଶବ ଗଛରେ ଝୁଲୁଥିବା ବେଳେ ଫୁଲମଣିଙ୍କ ଶବ ଘର ଭିତରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ପରିବାରଲୋକଙ୍କଠାରୁ ଖବର ପାଇ ଉମରକୋଟ ପୁଲିସ୍ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପାରିବାରିକ କଳହରୁ ଦୁହେଁ ଏପରି ଚରମ ପଦକ୍ଷେପ ନେଇଥିବା ଆଲୋଚନା ହେଉଛି। ସୂଚନାନୁସାରେ, ଗତ ରାତିରେ ସୁତମ ଓ ଫୁଲମଣି ଖାଇ ପିଇ ଶୋଇବାକୁ ଯାଇଥିଲେ। ଆଜି ସକାଳେ ଘର ଭିତରେ ଏକ ଲୁହା ପାଇପରେ ଫୁଲମଣି ବେକରେ ଓଢ଼ଣୀ ବାନ୍ଧି ଆତ୍ମହତ୍ୟା କରିଥିବା ପରିବାରଲୋକେ ଦେଖିବାକୁ ପାଇଥିଲେ। ସେହିପରି ସୁତମଙ୍କ ଶବ ଘର ନିକଟରେ ଥିବା ଏକ ତେନ୍ତୁଳି ଗଛରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ତେବେ ଫୁଲମଣି ଆତ୍ମହତ୍ୟା କରିବା ଦେଖି ଏଥିରେ ମାନସିକ ଭାରସାମ୍ୟ ହରାଇ ସୁତମ ଆତ୍ମହତ୍ୟା କରିଥିବା କୁହାଯାଉଛି।


ଉଲ୍ଲେଖଯୋଗ୍ୟ, ସୁତମ ଓ ଫୁଲମଣି ୧୦ବର୍ଷ ତଳେ ରୀତିନୀତି ଅନୁସାରେ ବିବାହ କରି ଘର ସଂସାର କରି ଆସୁଥିଲେ। ସେମାନଙ୍କର କୌଣସି ସନ୍ତାନ ନଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପୁଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ଗୋପାଳପୁରରେ ଖଣିମନ୍ତ୍ରୀଙ୍କ ପୁତୁରାର ଆତଙ୍କରାଜ

# ଶାସକ ଦଳ ପ୍ରୋତ୍ସାହନରେ ଗଞ୍ଜାମ ଅପରାଧୀଙ୍କ ଚରାଭୂଇଁ ପାଲଟିଛି: ବିଜେଡି

ଭୁବନେଶ୍ୱର,୫।୮ (ସମିସ): ଗଞ୍ଜାମରେ ଲଗାତାର ଭାବେ ଅପରାଧ ଉପରମୁହାଁ ହୋଇଥିଲା ବେଳେ ଶାସକ ଦଳ ଏବଂ ମନ୍ତ୍ରୀଙ୍କ ପୁତୁରାଙ୍କ ଆତଙ୍କରାଜକୁ ଦୃଢ଼ ନିନ୍ଦା କରିଛି ବିଜେଡି। ମଙ୍ଗଳବାର ଶଙ୍ଖଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ଓ ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ ମହାନ୍ତି କହିଛନ୍ତି ଯେ ଖଣି ମନ୍ତ୍ରୀ ବିଭୂତି ଜେନାଙ୍କ ବଡ଼ ଭାଇଙ୍କ ପୁଅ ଦୀପକ ଜେନା ସ୍ପଷ୍ଟ ଦିବାଲୋକରେ ଜଣେ ଓକିଲ ଓ ତାଙ୍କ ପରିବାର ଉପରେ ଯେଉଁଭଳି ନୃଶଂସ ଆକ୍ରମଣ କଲେ, ତାହା ଅମାନବୀୟ। ଏହା ଜନସାଧାରଣଙ୍କ ସୁରକ୍ଷା ପାଇଁ ଶପଥ ନେଇଥିବା ଜଣେ ମନ୍ତ୍ରୀଙ୍କ ପଦ ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରିଛି ବୋଲି ଉଭୟେ ଅଭିଯୋଗ କରିଛନ୍ତି।

ଶ୍ରୀ ବକ୍ସିପାତ୍ର କହିଥିଲେ ଯେ ଗତ ଜୁଲାଇ ୨୯ ତାରିଖ ଅପରାହ୍ନ ୪ଟା ବେଳେ ଗୋଳନ୍ଥରା ଚଟି ଛକରେ ଆଡଭୋକେଟ ଟି.ଭାନୁମୂର୍ତ୍ତିଙ୍କ ଗାଡ଼ି ଜଣେ ମୋଟରସାଇକେଲ ଚାଳକଙ୍କୁ ବଞ୍ଚାଇବାକୁ ଯାଇ ଗୋଟିଏ ଗ୍ରୋସରୀ ଦୋକାନ ସାମ୍ନାରେ ପଡିଥିବା ସିମେଣ୍ଟ କଂକ୍ରିଟ ପ୍ଲେଟ ଉପରେ ଚଢ଼ିଯାଇଥିଲା। ତତ୍‌କ୍ଷଣାତ ଘଟଣାସ୍ଥଳରେ ମନ୍ତ୍ରୀଙ୍କ ପୁତୁରା ନିଜ ସହଯୋଗୀଙ୍କ ସହ ପହଞ୍ଚି ଟି.ଭାନୁମୂର୍ତ୍ତି ଓ ତାଙ୍କ ପରିବାର ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରୁ ମହିଳାମାନେ ମଧ୍ୟ ବାଦ୍ ପଡ଼ିନଥିଲେ, ଯାହାର ଭିଡିଓ ସାମାଜିକ ଗଣମାଧ୍ୟମରେ



ଉପଲବ୍ଧ ଅଛି। ପ୍ରାଣ ଭୟରେ ଓକିଲଙ୍କ ଭଣଜା ରାସ୍ତାରେ ଯାଉଥିବା ଏକ ଘରୋଇ ଶିକ୍ଷାନୁଷ୍ଠାନ ବସରେ ଚଢ଼ି ପଳାଇଲା ବେଳେ ମନ୍ତ୍ରୀଙ୍କ ଘର 'ବନ୍ଦେ ମାତରଂ ଭବନ' ନିକଟରେ ବସକୁ ଅଟକାଇ ଓକିଲ ଟି.ଭାନୁମୂର୍ତ୍ତିଙ୍କ ଭଣଜାଙ୍କୁ ଗାଡି ଭିତରୁ ଘୋଷାଡ଼ି ଆଣି ମନ୍ତ୍ରୀଙ୍କ ପୁତୁରା ଓ ତାଙ୍କ ସହଯୋଗୀମାନେ ସ୍କ୍ରୁଡ୍ରାଇଭରରେ ତାଙ୍କ ପେଟକୁ ବାରମ୍ବାର ଭୁଶିଥିଲେ। ଦୁର୍ଭାଗ୍ୟର କଥା ଘଟଣାସ୍ଥଳର ଅତି ନିକଟରେ ପୁଲିସ ଷ୍ଟେସନ ଥିଲେ ମଧ୍ୟ ଖବର ପାଇ ପୁଲିସ ପହଞ୍ଚିନଥିଲେ। ଗୁରୁତର ଅବସ୍ଥାରେ ଓକିଲଙ୍କ ଭଣଜା ଏମକେସିଜିରେ ଜୀବନ ସହ ସଂଗ୍ରାମ କରୁଛନ୍ତି। ଓକିଲଙ୍କ ସ୍ତ୍ରୀ, ମନ୍ତ୍ରୀ ବିଭୂତି ଜେନାଙ୍କ ପୁତୁରାଙ୍କ ସମେତ ୯ ଜଣଙ୍କ ନାଁରେ ଗୋଳନ୍ଥରା ଥାନାରେ ଏତଲା ଦେଇଥିଲେ ମଧ୍ୟ ମୁଖ୍ୟ ଅଭିଯୁକ୍ତ ଆଜିଯାଏଁ ଗିରଫ ହୋଇନାହାନ୍ତି। ଓକିଲ

- ଓକିଲଙ୍କ ପରିବାର ଉପରେ ବର୍ବୋରଚିତ ଆକ୍ରମଣ
- ବସ୍ରୁ ଭିଡିଆଣି ସ୍କ୍ରୁଡ୍ରାଇଭରରେ ପେଟକୁ ଭୁଶିଲେ
- ୮ ଦିନ ପରେ ମଧ୍ୟ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରୁନି ପୁଲିସ

ଟି.ଭାନୁମୂର୍ତ୍ତି ଲିଖିତ ଭାବେ ଏ ବିଷୟ ଗଂଜାମ ବାର୍ ଆସୋସିଏସନକୁ ଜଣାଇଲା ପରେ ବାର୍ ଆସୋସିଏସନ ପକ୍ଷରୁ କୌଣସି ଅଭିଯୁକ୍ତଙ୍କ ସପକ୍ଷରେ ନଲଢିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଓକିଲ ସମାଜର ପ୍ରତିକ୍ରିୟା ଦେଖି ଉପରଠାଉରିଆ ଭାବେ ପୁଲିସ ୪ ଜଣଙ୍କୁ ଗିରଫ କରିଥିଲେ ମଧ୍ୟ ମୁଖ୍ୟ ଅଭିଯୁକ୍ତ, ମନ୍ତ୍ରୀଙ୍କ ବଡ ଭାଇର ପୁଅ ଦୀପକ ଜେନା ଏପର୍ଯ୍ୟନ୍ତ ଗିରଫ ହୋଇନାହାନ୍ତି।

ଡ. ମହାନ୍ତି କହିଥିଲେ ଯେ ବିଜେପି କ୍ଷମତାକୁ ଆସିବା ପରେ ରାଜ୍ୟରେ ଆଇନଶୃଙ୍ଖଳାର ଦ୍ରୁତ ଅବନତି ଘଟିଛି। ବିଏମସିରେ ଅଫିସରଙ୍କୁ ଚିଲିକା ଏବଂ ପିପିଲିରେ ସାମ୍ବାଦିକଙ୍କୁ ଓ ଗୋପାଳପୁରରେ ଓକିଲଙ୍କୁ ବିଜେପି କର୍ମୀଙ୍କ ମରଣାନ୍ତକ ଆକ୍ରମଣ ରାଜ୍ୟରେ ଗୁଣ୍ଡାରାଜ ପ୍ରତିଷ୍ଠାର ଗୋଟିଏ ଗୋଟିଏ ନମୁନା। ଗଞ୍ଜାମ ଜିଲ୍ଲାରେ ଖଣି ମନ୍ତ୍ରୀଙ୍କ ପ୍ରୋତ୍ସାହନରେ ବାଲି, ମୋରମ ଆଦି ଚୋରା ଚାଲାଣ ଲାଗି ସରକାରୀ ରାଜସ୍ୱ ଅଧା କମିଯାଇଥିବା ବେଳେ ମାଫିଆଙ୍କ ଦୌରାତ୍ମ୍ୟ ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି। ନିକଟରେ ଉପବାଚସ୍ପତି ଚିଠି ଲେଖି ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଛି ଓ ଅପରାଧ ଅହେତୁକ ବୃଦ୍ଧି ଘଟିଛି ବୋଲି କହିବା ସହିତ ୟୁପି ମଡେଲକୁ ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଥିଲେ। ବର୍ତ୍ତମାନ ଓଡ଼ିଶାରେ ପ୍ରଚଳିତ ଆଇନ ବ୍ୟବସ୍ଥାରେ ମନ୍ତ୍ରୀଙ୍କ ବଡ଼ଭାଇଙ୍କ ପୁଅ ଦୀପକ ଜେନା ଗିରଫ ହେବେ ନା ରାଜ୍ୟ ବିଜେପି ସରକାର ୟୁପି ମଡେଲ ଆଣିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ ବୋଲି ଡ. ମହାନ୍ତି ପ୍ରଶ୍ନ କରିଥିଲେ।

# ଥାନା ଆଗରେ ପୂର୍ବତନ କାଉନସିଲରଙ୍କୁ ମରଣାନ୍ତକ ଆକ୍ରମଣ

## ଗୁରୁତରଙ୍କୁ କଟକ ସ୍ଥାନାନ୍ତର, ଜଣେ ଗିରଫ

ବାଲେଶ୍ୱର, ୫।୮ (ସମିସ): ସୋମବାର ବିଳମ୍ବିତ ରାତିରେ ବାଲେଶ୍ୱର ପୌରପରିଷଦ ୭ ନମ୍ବର ୱାର୍ଡର ପୂର୍ବତନ କାଉନସିଲର୍ ସାକିର ଖାଁଙ୍କୁ ଟାଉନ୍ ଥାନା ସମ୍ମୁଖରେ ମରଣାନ୍ତକ ଆକ୍ରମଣ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।



ଏକ ବିବାଦର ସମାଧାନ ପାଇଁ ସାକିର ସୋମବାର ରାତିରେ ଥାନାକୁ ଯାଇଥିଲେ। ସେଠାରୁ ଫେରୁଥିବା ବେଳେ ଥାନା ସମ୍ମୁଖରେ ସ୍ଥାନୀୟ ଅଙ୍ଗନବାଡ଼ି କର୍ମୀଙ୍କ ପୁଅ କ୍ଷିତୀଶ ଦାସ ଓ ତା'ର କିଛି ସହଯୋଗୀ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ସାକିରଙ୍କୁ ପ୍ରଥମେ ବାଲେଶ୍ୱର ମେଡିକାଲ ଏବଂ ପରେ କଟକ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ପୁଲିସ୍ ଏକ ମାମଲା ରୁଜୁ କରି କ୍ଷିତୀଶକୁ ଗିରଫ କରି କୋର୍ଟଚାଲାଣ କରିଛି। ଅପରପକ୍ଷେ, ଥାନା ସମ୍ମୁଖରେ ଏଭଳି ଘଟଣା ଘଟିଥିବାରୁ ବୁଦ୍ଧିଜୀବୀମହଲରେ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସହରରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଲାଣି ଏବଂ ଅପରାଧୀମାନେ ଉପରମୁହାଁ ହୋଇଗଲେଣି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଅଭିଯୁକ୍ତମାନଙ୍କ ବିରୋଧରେ କଠୋର୍ କାର୍ଯ୍ୟାନୁଷ୍ଠାନ ସହ ପୂର୍ବତନ କାଉନସିଲରଙ୍କ ପରିବାରକୁ ସୁରକ୍ଷା ଯୋଗାଇବାକୁ ସ୍ଥାନୀୟ ଅଞ୍ଚଳର ସେକ୍ ଆଝାରୁଦ୍ଦିନ, ସେକ ଆଜାଦ, ମାଜୋ ବିବି, ହମେଦା ବିବି, ସାହେବା ଅଖତାର, ସେକ ଉମର ଫାରୁକ ପ୍ରମୁଖ ଦାବି କରିଛନ୍ତି।

### ଶୁଖୁଆପଡ଼ା ପାହାଡ଼ ଶୀର୍ଷରେ ଉଚ୍ଚତମ ବୌଦ୍ଧସ୍ତୂପ

# 'ପାରାଭାଡ଼ି'ର ପ୍ରତ୍ନତାତ୍ତ୍ୱିକ ସଂରକ୍ଷଣ ଆରମ୍ଭ

ବାଲିଚନ୍ଦ୍ରପୁର, ୫।୮ (ସମିସ)




ସମୁଦ୍ର ପତ୍ତନଠାରୁ ୧୩୭.୪୮ ମିଟର ଉଚ୍ଚରେ ଥିବା ଓଡ଼ିଶାର ସବୁଠାରୁ ଉଚ୍ଚତମ ବୌଦ୍ଧସ୍ତୂପ 'ପାରାଭାଡ଼ି'ର ପ୍ରତ୍ନତାତ୍ତ୍ୱିକ ସଂରକ୍ଷଣ କାର୍ଯ୍ୟ ଗତ କିଛି ମାସ ତଳୁ ଆରମ୍ଭ କରିଛି ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା। ବର୍ଷା ପାଇଁ କିଛି ମାସ କାମ ବନ୍ଦ ଥିଲାବେଳେ ଏବେ ସ୍ଥାନୀୟ ଶୁଖୁଆପଡ଼ା ଓ ଲଳିତଗିରିର ପଥରଶିଳ୍ପୀଙ୍କୁ ନେଇ ଏହି ପ୍ରାଚୀନ ବୌଦ୍ଧସ୍ତୂପ ସଂରକ୍ଷଣ କାମ କରୁଛନ୍ତି ଶୁଖୁଆପଡ଼ାର ପୁରୁଣା ପ୍ରସ୍ତରଶିଳ୍ପୀ ନିର୍ମଳ ଚନ୍ଦ୍ର ମହାରଣା। ପଲାଇ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବନ୍ଦରେଶ୍ୱର ରାଜସ୍ୱ ଗ୍ରାମର ଶୁଖୁଆପଡ଼ା ପାହାଡ଼ର ଶୀର୍ଷଭାଗରେ ରହିଛି ଏହି ଉଚ୍ଚତମ ବୌଦ୍ଧସ୍ତୂପଟି।

- ସଂରକ୍ଷଣ କାର୍ଯ୍ୟରେ ସ୍ଥାନୀୟ ପଥରଶିଳ୍ପୀ
- ଖନନରୁ ମିଳିଥିଲା ୧୪ଟି କୀର୍ତ୍ତିରାଜି
- ମିଳିଥିଲା ଭୂମିସ୍ପର୍ଶ ଓ ବରଦମୁଦ୍ରାର ବୁଦ୍ଧମୂର୍ତ୍ତି

ପାହାଡ଼ର ପାଦଦେଶରେ ରହୁଛନ୍ତି ପାରମ୍ପରିକ ଭାସ୍କର୍ଯ୍ୟଶିଳ୍ପୀଙ୍କ ପରିବାର। ଶୁଖୁଆପଡ଼ା ପାହାଡ଼କୁ ସଂଯୋଗ କରୁଛି କଟକ ଜିଲ୍ଲାର ବିଶ୍ୱପ୍ରସିଦ୍ଧ ଲଳିତଗିରି ଗାଁ। ଅସିହା ଗିରିମାଳା ଭିତରେ ଥିବା 'ପଞ୍ଚଗିରି ପର୍ବତମାଳା' ଭିତରୁ ଶୁଖୁଆପଡ଼ା ଓ ଲଣ୍ଡାପାହାଡ଼ (ଲଳିତଗିରି)ରେ ରହିଛି ବିଶ୍ୱବିରଳ ବୌଦ୍ଧକୀର୍ତ୍ତିରାଜିର ଅନୁପମ ସମ୍ପଦ। ଦୁଇବର୍ଷ ତଳେ ଶୁଖୁଆପଡ଼ା ପାହାଡ଼ର ପଶ୍ଚିମ ଭାଗରେ ଥିବା କେଶରାଇପୁର ଗ୍ରାମ ନିକଟରୁ ଖଣ୍ଡୋଲାଇଟ ପଥର ଖନନ କରାଯାଇ ଏହାକୁ ଓଡ଼ିଶା ଖଣି ନିଗମ ଜରିଆରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ପଠାଯାଉଥିଲା। କିନ୍ତୁ ଖନନକାରୀ କମ୍ପାନୀ ପାହାଡ଼ର ଶିରୋଭାଗରେ ଥିବା ଅଞ୍ଚଳକୁ ଖନନ କରିବା ସମୟରେ ବୌଦ୍ଧ କୀର୍ତ୍ତିରାଜି ସମ୍ପନ୍ନ ଏହି ପୁରାତନ ପ୍ରସ୍ତରଖଚିତ ବୌଦ୍ଧସ୍ତୂପ ଧ୍ୱଂସ ପାଇବାର ଆଶଙ୍କା ସୃଷ୍ଟି ହୋଇଥିଲା। ଏଏସ୍ଆଇ କର୍ତ୍ତୃପକ୍ଷଙ୍କ ଅଭିଯୋଗ ପରେ ଏବଂ ପାହାଡ଼ରୁ ଉନ୍ନତମାନର ଖଣ୍ଡୋଲାଇଟ ପଥର ନ ମିଳିବା କାରଣରୁ ଖନନକୁ ବନ୍ଦକରି ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ବିଭାଗ ୨୦୨୩ ମସିହା ଫେବୃଆରୀ ମାସରୁ ପାରାଭାଡ଼ି ସ୍ତୂପ ଅଞ୍ଚଳର ସର୍ବେକ୍ଷଣ ଓ ଏହାର ଖନନ କାର୍ଯ୍ୟ ଆରମ୍ଭ କରିଥିଲେ।

ଏଠାରେ ସୂଚନାଯୋଗ୍ୟ ଯେ, ପାରାଭାଡ଼ି ବୌଦ୍ଧସ୍ତୂପରେ ପୂର୍ବରୁ ଲାଗିଥିବା ପୁରାତନ ଖଣ୍ଡୋଲାଇଟ ପଥରରେ ହିଁ ଏହାର ସଂରକ୍ଷଣ କାର୍ଯ୍ୟ କରାଯାଉଛି। ସ୍ତୂପଟିର ତଳଭାଗ ୭୧ ଗୁଣା ୭୧ ଫୁଟରେ ବର୍ଗାକାର ବିଶିଷ୍ଟ ହୋଇଥିବା ବେଳେ ମଧ୍ୟଭାଗ ଗୋଲାକାର ନିର୍ମାଣ କରାଯାଉଛି ଏବଂ ସ୍ତୂପର ଶୀର୍ଷଦେଶରେ ଛତ୍ରୀର ଡିଜାଇନ୍ ରଖାଯିବ। ପ୍ରାୟ ୩୦ ଫୁଟ ଉଚ୍ଚତା ବିଶିଷ୍ଟ ଏହି ସ୍ତୂପଟି ମନ୍ଦିର ଢାଞ୍ଚାର ତିରଥି ଭାଗରେ ନିର୍ମାଣ କରାଯାଉଛି ଏବଂ ଏଥିରେ ଗୋଟିଏ ରାହାପାଗ ଓ ୨ଟି କନିକାପାଗ ରହିବ ବୋଲି ଭାସ୍କର୍ଯ୍ୟ ଶିଳ୍ପୀ ନିର୍ମଳ କହିଛନ୍ତି। ପୂର୍ବରୁ ଏହି ସ୍ତୂପରେ ୨ ଫୁଟ ଲମ୍ବ, ୧୫/୧୬ ଇଞ୍ଚ ଚଉଡ଼ା ଓ ୯ରୁ ୧୨ ଇଞ୍ଚ ଯାଏଁ ମୋଟେଇ ଥିବା ଖଣ୍ଡୋଲାଇଟ୍ ପଥର ବିଭିନ୍ନ ମାପରେ ଲାଗିଥିଲା। ବର୍ତ୍ତମାନ ଏହିସବୁ ପଥରକୁ ନେଇ ପୁରାତନ ନିର୍ମାଣ ଶୈଳୀର ଚୁନ, ସୁର୍କି, ବେଲ ଓ କେନ୍ଦୁ ଅଠାର ମିଶ୍ରଣ ଦେଇ ଯୋଡ଼ାଇ କାର୍ଯ୍ୟ ଚାଲୁ ରହିଛି। ସ୍ତୂପଟିର ରାହାପାଗ ମଧ୍ୟରେ ରଖାଯାଇଥିବା କୋଠରିରେ ବୌଦ୍ଧମୂର୍ତ୍ତି ସବୁ ରଖାଯିବାର ବ୍ୟବସ୍ଥା ରହିଛି।

ପାରାଭାଡ଼ିର ଏହି ଉଚ୍ଚତମ ବୌଦ୍ଧସ୍ତୂପ ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀ ତଳର ଏବଂ ଏହା ଭୌମକର ଶାସକମାନଙ୍କ ପୃଷ୍ଠପୋଷକତାରେ ବିକଶିତ ହୋଇଥିଲା ବୋଲି କହିଛନ୍ତି ଏଏସ୍ଆଇର ପୁରୀ ସର୍କଲର ପ୍ରତ୍ନତତ୍ତ୍ୱ ଅଧୀକ୍ଷକ ଡ. ଦିବିଶଦ ବ୍ରଜସୁନ୍ଦର ଗଡ଼ନାୟକ। ବୌଦ୍ଧ କୀର୍ତ୍ତିରାଜି ବିମଣ୍ଡିତ ଶୁଖୁଆପଡ଼ା ପାହାଡ଼ର ପଶ୍ଚିମପଟ ପାଦଦେଶରେ ଥିବା 'ହାତୀଖାଲ' ଅଞ୍ଚଳରୁ ୧୯୬୧ ମସିହାରେ ବିଶିଷ୍ଟ ପ୍ରତ୍ନତତ୍ତ୍ୱବିତ୍ ଡ. ଦେବଳା ମିତ୍ର ୨୦ରୁ ଅଧିକ ବିରଳ ବୌଦ୍ଧମୂର୍ତ୍ତି ସବୁ ଉଦ୍ଧାର କରିଥିଲେ। ରତ୍ନଗିରିର ପ୍ରଥମ ପ୍ରତ୍ନ ଉତ୍ଖନନ କାର୍ଯ୍ୟ ୧୯୫୮-୬୧ରେ ଆରମ୍ଭ କରିଥିବା ଡ. ମିତ୍ରଙ୍କ ଦ୍ୱାରା ଆବିଷ୍କୃତ ଏହି ବିଶାଳ ବୌଦ୍ଧମୂର୍ତ୍ତି ଲଳିତଗିରିର ବୌଦ୍ଧ ସଂଗ୍ରହାଳୟରେ ସ୍ଥାନ ପାଇଛି।

୨୦୨୩ ମସିହା ଫେବୃଆରୀ ୧୦ ତାରିଖରୁ ପାରାଭାଡ଼ି ବୌଦ୍ଧସ୍ତୂପ ଖନନ ଆରମ୍ଭ ପରେ ସେଠାରୁ ଭୂମିସ୍ପର୍ଶ ମୁଦ୍ରା ଓ ବରଦମୁଦ୍ରାରେ ଆସୀନ ୪ଟି ଭଗ୍ନ ବୁଦ୍ଧ ପ୍ରତିମା ମିଳିଥିଲା। ଯାହାକି ଲଳିତଗିରି ସଂଗ୍ରହାଳୟର ସଂରକ୍ଷଣ ବିଭାଗରେ ରଖାଯାଇଛି। ସେଠାରୁ ମଧ୍ୟ ୧୪ଟି ବିଭିନ୍ନ ପ୍ରସ୍ତର ସ୍ଥାପତ୍ୟ ଓ ଟେରାକୋଟା ସାମଗ୍ରୀ ରଖାଯାଇଛି। ପାରାଭାଡ଼ି ସମେତ ଶୁଖୁଆପଡ଼ା, ଲଣ୍ଡା ପାହାଡ଼, କେଶରାଇପୁର ଓ ହାତୀଖାଲ ଅଞ୍ଚଳ ସଂଲଗ୍ନ ପଞ୍ଚଗିରି ପର୍ବତ ମେଖଳା ସମୂହର ଉପଯୁକ୍ତ ସଂରକ୍ଷଣ ଓ କୀର୍ତ୍ତିରାଜିର ସମେତ ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ ପାଇଁ ଓଲାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟର ଅଧ୍ୟକ୍ଷ ଶରତ ଚନ୍ଦ୍ର ପ୍ରଧାନ, ଉପାଧ୍ୟକ୍ଷ ଦାମୋଦର ସ୍ୱାଇଁ, ବରିଷ୍ଠ ଟ୍ରଷ୍ଟ ସଦସ୍ୟ ବଟକୃଷ୍ଣ ସାମଲ, ଉମେଶ ଚନ୍ଦ୍ର ସାମଲ, ଶ୍ରୀକାନ୍ତ କୁମାର ସାମଲ, ମ୍ୟାନେଜିଂ ଟ୍ରଷ୍ଟି ଶୁଭେନ୍ଦୁ କୁମାର ଭୂୟାଁ, ଟ୍ରଷ୍ଟି ସାମ୍ବାଦିକ ବିରୂପାକ୍ଷ ତ୍ରିପାଠୀ ପ୍ରମୁଖ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ଦିନ ଦ୍ୱିପ୍ରହରରେ ଲୁଟି ନେଲେ ବାଇକ୍

ପାଣିକୋଇଲି, ୫।୮ (ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ଯାଜପୁରରୋଡ ପାଣିକୋଇଲି ରାସ୍ତା କଡରେ ରାଇସ ମିଲ ନିକଟସ୍ଥ ପଟେଲ ମାର୍ବଲ ଦୋକାନ ସମ୍ମୁଖରୁ ଲୁଟେରା ଦ୍ୱୟ ଏକ ବାଇକ୍ ଚୋରି କରିନେଇଛନ୍ତି। ପ୍ରକାଶଯେ ଯାଜପୁର ସଦର ଥାନା ଅନ୍ତର୍ଗତ କଳିନ୍ଦ୍ରାବାଦ ଗ୍ରାମର କୈବଲ୍ୟ ବେହେରା ତାଙ୍କ କଳା ନାଲି ରଙ୍ଗର ଗ୍ଲାମର ବାଇକ୍ (ଓଡି୦୪ଇ ୮୮୨୩)କୁ ମାର୍ବଲ ଦୋକାନ ସମ୍ମୁଖରେ ରଖି ଦେକାନର ରଙ୍ଗ କାମ କରୁଥିଲେ। ଆଜି ମଧ୍ୟାହ୍ନରେ ଦୁଇ ଜଣ ଲୁଟେରା ପାଣିକୋଇଲି ପଟୁ ଏକ ବାଇକ୍‌ରେ ଆସି ମାର୍ବଲ ଦୋକାନ ପାଖରେ ଅଟକିଥିଲେ। ସେହି ବାଇକରୁ ଜଣେ ଓହ୍ଲାଇବା ପରେ ବଇକ ଆରୋହୀ ବାଇକଟିକୁ ବୁଲାଇ ପୁଣି ପାଣିକୋଇଲି ପଟକୁ ମୁହଁ କରି ଛିଡା ହେଲା। ଓହ୍ଲାଇଥିବା ଲୁଟେରା ଜଣଙ୍କ ମାର୍ବଲ ଦେକାନ ସମ୍ମୁଖରେ ଥିବା ବାଇକଟିକୁ ଚାବି ଭାଙ୍ଗି ନେଇ ଆଖି ପିଛୁଳାକେ ଚାଲିଗଲେ। ବାଇକର ମାଲିକ କୈବଲ୍ୟ ଏହା ଦେଖି ଦେକାନ ଓପରତାଲାରୁ ଦୌଡି ଆସି ଏକ ବାଇକରେ ପିଛା କଲେ ବି ସେମାନେ ଫେରାର ହେବାରେ ସକ୍ଷମ ହୋଇଥିଲେ। ସମ୍ପୂର୍ଣ୍ଣ ଘଟଣାଟି ସିସିଟିଭି ଫୁଟେଜରେ କଏଦ ହୋଇଛି। ଫଳରେ ବାଇକ୍ ମାଲିକ ଏ ନେଇ ପାଣିକୋଇଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାର ତଦନ୍ତ କରୁଛି।

## ରାସ୍ତାରେ ଅଟକାଇ ମାଡ଼; ଥାନାରେ ଅଭିଯୋଗ

ପାଣିକୋଇଲି, ୫।୮ (ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ସାହାପୁର ଟ୍ରକ୍ ଟର୍ମିନାଲ ନିକଟରେ ସୋମବାର ରାତ୍ରି ଦୁଇଜଣଙ୍କୁ ଅଟକାଇ ଆକ୍ରମଣ କରିବା ନେଇ ଥାନାରେ ଅଭିଯୋଗ ହୋଇଛି। ପ୍ରକାଶଯେ ଯାଜପୁର ସଦର ଥାନା ଅନ୍ତର୍ଗତ ଭୁଇଁପୁର ପଞ୍ଚାୟତ ମଲପଡ଼ା ଗ୍ରାମର ଜିତେନ୍ଦ୍ର ଯେନା ଓ ସିନୁ ଯେନା ପାଣିକୋଇଲିସ୍ଥିତ ପଣ୍ଡା ସାନିଟାରୀରେ କାମ କରନ୍ତି। ସୋମବାର ରାତି ୧୦ଟା ବେଳେ କାମ ସାରି ଏକ ବାଇକ ଯୋଗେ ଘରକୁ ଫେରୁଥିଲେ। ସାହାପୁର ଟ୍ରକ ଟର୍ମିନାଲ ନିକଟରେ ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତ ବଡ ତ୍ରିଲୋଚନପୁର (ମକୁନ୍ଦବିନ୍ଧା) ଗ୍ରାମର ଘନିଆ, ଗନ୍ଧିଆ, ନନ୍ଦ, ବୁଲୁଙ୍କ ସହ ଅନ୍ୟମାନେ ପ୍ରାୟ ୮ଜଣ ମିଶି ସେମାନଙ୍କୁ ଅଟକାଇଥିଲେ। ଏତେ ରାତିରେ କୁଆଡେ ଯାଉଛ କହି ଜାତିଆଣା ଗାଳିଗୁଲଜ କରିଥିଲେ। ପ୍ରତିବାଦ କରିବାରୁ ସେମାନେ ଆକ୍ରମଣ କରିଥିଲେ। ଫଳରେ ଜିତେନ୍ଦ୍ର ଓ ସିନୁ ଆହତ ହୋଇଥିଲେ। ରାତିରେ ମଧୁବନ ଚିକିତ୍ସାଳୟରେ ପହଞ୍ଚି ଚିକିତ୍ସିତ ହୋଇ ଆଜି ପାଣିକୋଇଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

## ସୀମାନ୍ତକୁ ପଠାଗଲା ୨ ହଜାର ରାକ୍ଷୀ



କବାଟବନ୍ଧ, ୫।୮ (ସମିସ): ଯାଜପୁର ଜିଲ୍ଲାର ଅଗ୍ରଣୀ ସାମାଜିକ ସଂଗଠନ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଆବାହକ ସରୋଜ ବେହେରାଙ୍କ ନେତୃତ୍ୱରେ ୨ ହଜାର ରାକ୍ଷୀ ଦେଶର ଯବାନଙ୍କ ନିକଟକୁ ପ୍ରେରଣ କରାଯାଇଛି। ଏଥିପାଇଁ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଏକ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଇ ରେଳବାଇ ଡାକ ଦ୍ୱାରା ଆର୍ମୀ ହେଡ୍‌କ୍ୱାର୍ଟରକୁ ପଠାଯାଇଛି। ଲଗାତାର ୫ ବର୍ଷ ହେବ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଏହି ପ୍ରୟାସ ଜାରି ରହିଛି। ଦେଶର ସୁରକ୍ଷାରେ ନିୟୋଜିତ ଯବାନମାନେ ସୀମାରେ ରହି ଓଡ଼ିଶାର ଏହି ପରମ୍ପରା ତଥା ସ୍ନେହର ବନ୍ଧନ ରକ୍ଷାବନ୍ଧନକୁ ପାଳନ କରିପାରିବା ସହିତ ସେମାନଙ୍କ ମନୋବଳ ବଢ଼ାଇବା ପାଇଁ ଏହି ପ୍ରୟାସ କରାଯାଇଛି। ପିଲା ମାନଙ୍କ ଦ୍ୱାରା ତିଆରି ଭଳିକି ଭଳି ବିଭିନ୍ନ ରଙ୍ଗୀନ ରାକ୍ଷୀ ସୀମାନ୍ତରେ ରହିଥିବା ସେନା ଯବାନଙ୍କ ଉଦ୍ଦେଶ୍ୟରେ ପଠାଯାଇଛି। ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ମର୍ଜିତାପୁର ପଞ୍ଚାୟତ ଚଉଷଠିପଡ଼ା ନୋଡ଼ାଲ ଉପ୍ରା ବିଦ୍ୟାଳୟରେ ଏହି ରାକ୍ଷୀ ପ୍ରସ୍ତୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଚେତନ ନାଗରିକ ମଞ୍ଚର ସଦସ୍ୟ ଏବଂ ସ୍କୁଲର ଛାତ୍ରଛାତ୍ରୀ ଏବଂ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସହଯୋଗରେ ୨ ହଜାର ରାକ୍ଷୀ ପଠାଯାଇଥିବା ମଞ୍ଚର ବରିଷ୍ଠ ଉପଦେଷ୍ଟା ପଙ୍କଜ ଚରଣ ମଲ୍ଲ ସୂଚନା ଦେଇଛନ୍ତି। ଭାରତମାତା ତଥା ଦେଶର ଯବାନଙ୍କ ଉଦ୍ଦେଶ୍ୟରେ ଛାତ୍ରଛାତ୍ରୀ ଏକ ତିରଙ୍ଗା ଶୋଭାଯାତ୍ରାରେ ଦେଶାତ୍ମବୋଧକ ସଙ୍ଗୀତ ଗାନ କରି ସ୍ଥାନୀୟ ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ଦେଶରେ ଶାନ୍ତି ଏବଂ ଏକତା ପାଇଁ ସମସ୍ତେ ସଂକଳ୍ପ ନେବା ସହିତ ଯବାନଙ୍କ ମଙ୍ଗଳ କାମନା କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଦେବେନ୍ଦ୍ର ସାମନ୍ତ, ସୌମ୍ୟାଶ୍ରୀ ରାଜେଶ୍ୱରୀ, ପ୍ରିୟଙ୍କା ସାହୁ, ପ୍ରଧାନଶିକ୍ଷକ ଧନୁ ଟୁଡୁ, ମନୋଜ କୁମାର ପୃଷ୍ଟି, ସଚେତନ ନାଗରିକ ମଞ୍ଚର ସଦସ୍ୟ ଯଶୋବନ୍ତ ସାହୁ, କୁମାର ତପନ, ସୁରେଶ ସାହୁ, କୃଷ୍ଣଚନ୍ଦ୍ର ପୃଷ୍ଟି, ସୌମ୍ୟ ସାହୁ ସହଯୋଗ କରିଥିଲେ।

## ଶିଶୁମନ୍ଦିରରେ ଜ୍ଞାନବିଜ୍ଞାନ ମେଳା



ଶଙ୍ଖଚିଲା, ୫।୮ (ସମିସ): କୋରେଇ ବ୍ଲକ ଅନ୍ତର୍ଗତ ଶଙ୍ଖଚିଲା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଜ୍ଞାନବିଜ୍ଞାନ ମେଳାରେ ସ୍ଥାନୀୟ ହିଙ୍ଗୁଳା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭିଜିତ ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭ ଉଦଘାଟନ କରିଥିଲେ। ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟା ରୀନାବାଳା ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ବିଦ୍ୟାଧର ସାହୁ ଏହି ମେଳାର ଆବଶ୍ୟକତା ଓ ଏହାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବରିଷ୍ଠ ଆଚାର୍ଯ୍ୟ ନାରାୟଣ ପାଣିଗ୍ରାହୀ ଓ ଆଚାର୍ଯ୍ୟା ପ୍ରଗତି ମଞ୍ଜରୀ ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଚାରକ ଭାବେ ହିଙ୍ଗୁଳା ହାଇସ୍କୁଲର ରନିତା ବେହେରା, ନୟନଦୀପ୍ତ ବେହେରା, ବିଜୟ କୁମାର ଖିଲାର, ବଡ଼ବିରୁଆଁ ଉଚ୍ଚ ବିଦ୍ୟାଳୟର ଅନିଲ କୁମାର ସାହୁ, ତଣ୍ଡରା ଉଚ୍ଚ ବିଦ୍ୟାଳୟର ରଶ୍ମିରଞ୍ଜନ ବଳ, ବ୍ୟାସନଗର ଶିଶୁ ବିଦ୍ୟାମନ୍ଦିରର ଆଚାର୍ଯ୍ୟ ଆଶିଷ କୁମାର ମଲ୍ଲ ଓ ବିଶ୍ୱରଞ୍ଜନ ବେହେରା ଯୋଗଦେଇ ପ୍ରକଳ୍ପ ଗୁଡିକର ମୂଲ୍ୟାଙ୍କନ କରିଥିଲେ। ଆଚାର୍ଯ୍ୟା ଶ୍ରୀମତୀ ଦୀପ୍ତିମୟୀ ସାହୁ ମେଳାର ବୃତ୍ତ ପଠନ ପାଠ କରିଥିଲେ। ଉଦ୍‌ଯାପନ ଉତ୍ସବରେ ବିଦ୍ୟାଳୟର ସଭାପତି ଶ୍ରୀଯୁକ୍ତ ରଘୁନାଥ ବେହେରା ତାଙ୍କର ଆଶୀର୍ବଚନ ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଜିର ମେଳାରେ ବିଭିନ୍ନ ପ୍ରକଳ୍ପ ସହ ମୋଟ ୧୧୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ ଓ ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ସହସମ୍ପାଦକ ଆର୍ଯ୍ୟ ଭାସ କୁମାର, କୋଷାଧ୍ୟକ ଦେବାଶିଷ ବେହେରା, ସହଯୋଗୀ ହିମାଂଶୁ ସାହୁ ଓ ସମସ୍ତ ଗୁରୁଜୀ ଗୁରୁମା, ସେବିକା ଯୋଗ ଦେଇଥିଲେ।

## ଯବାନଙ୍କୁ ରାକ୍ଷୀ ପଠାଇଲେ ଏନ୍‌ସି କଲେଜ ଛାତ୍ରୀ



ଯାଜପୁର, ୫।୮ (ସମିସ): ଆସୁଛି ସ୍ନେହ ଓ ବନ୍ଧନର ପର୍ବ ରକ୍ଷାବନ୍ଧନ। ଭଉଣୀ ନିଜର ସୁରକ୍ଷା ପାଇଁ ଭାଇ ହାତରେ ବାନ୍ଧେ ରାକ୍ଷୀ। କିନ୍ତୁ ଯେଉଁମାନେ ଦେଶ ମାତୃକାର ଦିନରାତି ରକ୍ଷା କରୁଛନ୍ତି ସେମାନଙ୍କ ହାତରେ ରାକ୍ଷୀ ବାନ୍ଧିବା ପାଇଁ ଆଗେଇ ଆସିଛନ୍ତି କଲେଜ ଛାତ୍ରୀ। ସେହି ବୀର ଯବାନମାନଙ୍କୁ ବଡ଼ଭାଇର ସମ୍ମାନ ଜଣାଇ ଏଭଳି କିଛି ନିଆରା ପ୍ରୟାସ କରିଛନ୍ତି ଯାଜପୁର ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ବୈତରଣୀ ଛାତ୍ରୀ ନିବାସରେ ରହୁଥିବା ଛାତ୍ରୀ ମାନେ। ରକ୍ଷା ବନ୍ଧନ ପାଇଁ ଗାଁରୁ ସହର ହୋଇଉଠିଛି ଚଳଚଞ୍ଚଳ। ପ୍ରତି ଛକ ବଜାରରେ ଖୋଲିଛି ରାକ୍ଷୀ ଦୋକାନ। ଏହି ପବିତ୍ର ଦିନକୁ ଅପେକ୍ଷା କରିରହିଥାନ୍ତି ପ୍ରତ୍ୟେକ ଭାଇ ଓ ଭଉଣୀ। ଭଉଣୀ ନିଜର ସୁରକ୍ଷା ପାଇଁ ଭାଇର ହାତରେ ରାକ୍ଷୀ ବାନ୍ଧେ। କିନ୍ତୁ ଯେଉଁ ମାନେ ଦେଶର ସୁରକ୍ଷା ପାଇଁ ଦିନ ରାତି କାମ କରି ଏହି ରାକ୍ଷୀ ବାନ୍ଧିବା ସୁଯୋଗରୁ ବଞ୍ଚିତ ହୋଇଥାନ୍ତି। ସେହି ମାନଙ୍କ ଅବଦାନକୁ ମନେ ପକେଇବା ପାଇଁ ଯାଜପୁର ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ବୈତରଣୀ ଛାତ୍ରୀ ନିବାସରେ ରହୁଥିବା ଛାତ୍ରୀମାନେ ଏକ ଭିନ୍ନ ପ୍ରୟାସ କରିଛନ୍ତି। ଭାରତର ସୀମାରେ ରହି ଶତ୍ରୁଙ୍କ ସହ ଲଢେଇ କରି ଆମ ମାନଙ୍କୁ ସୁରକ୍ଷା ଦେଉଥିବା ଜବାନଙ୍କ ପାଇଁ ରାକ୍ଷୀ ପଠାଇଛନ୍ତି ଏହି ଛାତ୍ରୀ ମାନେ। ସେମାନଙ୍କୁ ପ୍ରକୃତ ଭାଇ ଭାବେ ସ୍ୱୀକାର କରି ଏଭଳି ଏକ ଉଦ୍ୟମ କରିଛନ୍ତି ଛାତ୍ରୀ। ସେନା ମାନଙ୍କ ପାଖକୁ ରାକ୍ଷୀ ପଠାଇ ଅତ୍ୟନ୍ତ ଖୁସି ଅନୁଭବ କରିଥିବା କହିଛନ୍ତି। ଛାତ୍ରୀ ଆକୃତି ଜେନା ଏବଂ ମୋନାଲିସା ଜେନା। ଚଳିତ ବର୍ଷ ଚାରି ଆଡ଼େ ବଡ଼ ଧୁମ ଧାମରେ ପାଳିତ ହେବ ଏହି ରକ୍ଷା ବନ୍ଧନ। କିନ୍ତୁ ଯେଉଁ ଯବାନ ମାନେ ଦିନରାତି ସୀମାରେ ରହି ସୁରକ୍ଷା ଦେଉଛନ୍ତି ସେମାନଙ୍କ ପାଇଁ ବୈତରଣୀ ଛାତ୍ରୀ ନିବାସର ଛାତ୍ରୀ ମାନେ ରକ୍ଷାବନ୍ଧନର ଗୀତ ଗାଇ ରାକ୍ଷୀ ପଠାଇଛନ୍ତି। ସମସ୍ତେ ନିଜ ନିଜ ମନ ପସନ୍ଦର ରାକ୍ଷୀ କିଣି ଡାକ ଯୋଗେ ଭାରତୀୟ ସେନାର କାର୍ଯ୍ୟାଳୟକୁ ପଠାଇଛନ୍ତି। ଏହି ରାକ୍ଷୀ ପଠାଇ ଯବାନ ମାନଙ୍କୁ ସେମାନଙ୍କ ମନୋବଳ ବୃଦ୍ଧି କରିବାକୁ ଉଦ୍ୟମ କରିଛନ୍ତି। କେବଳ ଚଳିତ ବର୍ଷ ନୁହେଁ ପ୍ରତିବର୍ଷ ଯାଜପୁର ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ବୈତରଣୀ ଛାତ୍ରୀ ନିବାସରେ ରହୁଥିବା ଛାତ୍ରୀ ମାନେ ଏଭଳି ରାକ୍ଷୀ ପଠାଇବେ ବୋଲି କହିଛନ୍ତି। ଯାହାକୁ ଛାତ୍ରୀ ନିବାସର କର୍ତ୍ତୃପକ୍ଷ ମଧ୍ୟ ସହଯୋଗ କରିଥିବା ଅଧାପିତ

# ସିଲେଇ ମେସିନ ଓ ଛତା ବଣ୍ଟନ



ଧର୍ମଶାଳା, ୫।୮ (ସମିସ): ଜାରକାସ୍ଥିତ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଇନରହୁଇଲ କ୍ଲବ ତରଫରୁ ଧର୍ମଶାଳା ବ୍ଲକ ଦେଓଦା ପଞ୍ଚାୟତର ମାଝିପାଟଣା ଗ୍ରାମରେ ଅଭାବ ଅନଟନରେ ରହୁଥିବା କେତେକ ଅସହାୟ ଗ୍ରାମବାସୀଙ୍କୁ ଛତା ବଣ୍ଟନ କରାଯାଇଛି। କ୍ଲବର ସଭାପତି ଲୋପାମୁଦ୍ରା ଷେଣ୍ଠ ଓ ସମ୍ପାଦକ ପ୍ରଭାତନଳିନୀ ସାହୁଙ୍କ ନେତୃତ୍ୱରେ ସଦସ୍ୟାମାନେ ଏହି ଗ୍ରାମରେ ପହଞ୍ଚି ଛତା ବଣ୍ଟନ କରିଥିଲେ। ଏବେ ବର୍ଷା ଋତୁ ଚାଲୁଥିବାରୁ ଏହି ଗ୍ରାମର ଗରିବ ଶ୍ରେଣୀର ଲୋକମାନେ ଦୈନନ୍ଦିନ କାର୍ଯ୍ୟ ଯେପରି ସୁରୁଖୁରୁରେ କରି ପାରିବେ ଏହାକୁ ଦୃଷ୍ଟିରେ ରଖି କ୍ଲବ ତରଫରୁ ଏହି ଛତା ବଣ୍ଟନ କରାଯାଇଛି। ସେହିପରି ଏହି ବ୍ଲକ ଚୋରମୁହାଁ ଗ୍ରାମର ଜଣେ ଗରିବ ଅସହାୟ ମହିଳା ଗାୟତ୍ରୀ ବାରିକଙ୍କୁ କ୍ଲବ ତରଫରୁ ଗୋଟିଏ ସିଲାଇ ମେସିନ ସହ ୨ ମାସ ପାଇଁ ରାସନ ସାମଗ୍ରୀ ପ୍ରଦାନ କରାଯାଇଛି। ଶ୍ରୀମତୀ ବାରିକଙ୍କ ସ୍ୱାମୀ ୧୨ ବର୍ଷ ପୂର୍ବେ ଉଚ୍ଚ ରକ୍ତଚାପ ଯୋଗୁଁ ପକ୍ଷାଘାତ ରୋଗରେ ପୀଡିତ ହୋଇ ଶଯ୍ୟାଶାୟୀ ଅଛନ୍ତି। ନିଜ ସ୍ୱାମୀଙ୍କର ଏପରି ଅବସ୍ଥାରେ ଗାୟତ୍ରୀ ଙ୍କୁ ନିଜ ପରିବାର କୁ ଚଳାଇବା କଷ୍ଟକର ହୋଇପଡ଼ିଛି। ଏହି କାର୍ଯ୍ୟକ୍ରମରେ କ୍ଲବ ତରଫରୁ ବରିଷ୍ଠ ସଦସ୍ୟା ମିନତୀ ସାହୁ, ମାଧୁରୀ ଶତପଥି, ଶକୁନ୍ତଳା ମହାନ୍ତି, ରଶ୍ମିତା ନାୟକ, କଳ୍ପନା ପରିଡ଼ା, ଇନ୍ଦୁପ୍ରଭା ସାମଲ, ଶୁଭଲକ୍ଷ୍ମୀ କର, ଅର୍ଚ୍ଚନା ସ୍ୱାଇଁ, ବିଶ୍ୱାମିତ୍ରା ସାହୁ, କାଦମ୍ବିନୀ ମିଶ୍ର ଓ ସରୋଜିନୀ ପଣ୍ଡା ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।


## ଜନ୍ମମାଟିରେ ଶୁଭେନ୍ଦୁ ଶୁଭ୍ରଜିତଙ୍କୁ ସମ୍ବର୍ଦ୍ଧନା



ବରୀ, ୫।୮ (ସମିସ): ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଆନ୍ତର୍ଜାତୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାରକରି ସ୍ୱର୍ଣ୍ଣପଦକ ପ୍ରାପ୍ତ କରିଥିବା ଶୁଭେନ୍ଦୁ ଶୁଭ୍ରଜିତ ଜେନାଙ୍କୁ ଜନ୍ମମାଟିରେ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଦିଲ୍ଲୀରେ ଅନୁଷ୍ଠିତ ଏସିଆନ ମେଗା ଇଭେଣ୍ଟର ଆଇଏସ୍‌ବିବି ପ୍ରଫେସନାଲ ଲିଗରେ ସମସ୍ତ ପ୍ରତିଯୋଗିଙ୍କୁ ପଛରେ ପାକାଇ ବାଜିମାତ୍ କରିଛନ୍ତି ଶୁଭେନ୍ଦୁ ଶୁଭ୍ରଜିତ। ଭୁବନେଶ୍ୱର ୟୁନିଟ ୬ରେ ରହିଥିବା ଶୁଭେନ୍ଦୁ ନିଜ ଗାଁ ମଦାରିରେ ପହଞ୍ଚିବା ପରେ ଏକ ବିରାଟ ଶୋଭାଯାତ୍ରାରେ ପାଛୋଟି ନିଆଯାଇଥିଲା। ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ କରାଯାଇଥିବା ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଯୋଗଦେଇ ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ରାଜନେତା କୁମାର ଜେନା, ବରୀ ବ୍ଲକ ବିଜେଡି ସଭାପତି କେଦାର ସାମଲ, ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ, ଦୀଲ୍ଲିପ ମହାନ୍ତି, ସନ୍ତୋଷ କୁମାର ସାମଲ, ପଞ୍ଚାୟତ ହାଇସ୍କୁଲ ରାମପୁରର ପ୍ରଧାନ ଶିକ୍ଷକ ନିର୍ମଳ କୁମାର ଜେନା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନିରୁଦ୍ଧ ମଲ୍ଲ, ମକରଧ୍ୱଜ ସାହୁ, ସମାଜସେବୀ ହରିହର ପଣ୍ଡା, ମାନସ କୁମାର ଜେନା, ପ୍ରଦୀପ ଜେନା ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଶୁଭେନ୍ଦୁଙ୍କ ବାପା ଆଶୋକ କୁମାର ଜେନା ପେଶାରେ ଜଣେ ସରକାରୀ ସ୍ୱାସ୍ଥ୍ୟକର୍ମୀ ଭାବେ କାର୍ଯ୍ୟରତ ଥିବାବେଳେ ମା' ଭଦ୍ରାବତି ଜେନା ଜଣେ ସୁଗୃହିଣୀ। ଶୁଭେନ୍ଦୁଙ୍କର ପିଲା ଦିନରୁ ବଡ଼ି ବିଲଡିଂ ପ୍ରତି ଆଗ୍ରହ ରହିଛି ବୋଲି ତାଙ୍କ ପିତା ମାତା ପ୍ରକାଶ କରିଛନ୍ତି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କୈଳାସ ଚନ୍ଦ୍ର ଜେନାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

## ଗୋଚର ଜମି ଉଚ୍ଛେଦ ପ୍ରକ୍ରିୟାରେ ପକ୍ଷପାତିତା

ପାଣିକୋଇଲି, ୫।୮ (ସମିସ)




ରାଜ୍ୟ ସରକାର ସରକରୀ ଜମିରୁ ଜବରଦଖଲ ହଟାଇବା ପାଇଁ ନିଷ୍ପତି ନେଇଛନ୍ତି। ହେଲେ ଏହାର କାର୍ଯ୍ୟକାରିତା ଦେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସରକାରୀ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାରେ ପ୍ରଶାସନିକ ଅଧିକାରୀଙ୍କ ପକ୍ଷପାତିତା ନେଇ ବିଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପାଣିକୋଇଲି ଶୌଚାଳୟ ସମ୍ମୁଖରେ ଜବରଦଖଲ ହଟାଇବା ପାଇଁ ୨୦୧୧ ମସିହାରୁ ଅବଧି ହଟି ପାରିଲା ନାହିଁ। ଏହାକୁ ଉଚ୍ଛେଦ କରିବା ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲେ ହେଁ ଆଇନର ଗଳାବାଟ ଦେଇ ଜବରଦଖଲକାରୀ ଏହାକୁ ବନ୍ଦକରି ରଖିବାରେ ସକ୍ଷମ ହୋଇଛନ୍ତି। ସେହିପରି ପାଣିକୋଇଲି ମୌଜାର ଖାତା ନମ୍ବର ୮୩୦ରେ ପ୍ଲଟ ନମ୍ବର ୮୩ରେ କିସମ ରକ୍ଷିତ ଗୋଚର ଏ ୭.୯୫ ଜମି ରହିଛି। ହେଲେ ଜମି ଉପରେ ବହୁଲୋକ ଜବରଦଖଲ କରି ଘର ନିର୍ମାଣ କରିଛନ୍ତି। ଏମିତିକି ଏହି ପ୍ଲଟ ଉପରେ ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟାଳୟ କରାଯାଇଛି। କିପରି ଭାବେ ସରକାରୀ କାର୍ଯ୍ୟାଳୟ ଗୋଚର ଜମିରେ ହୋଇଛି ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଅପରପକ୍ଷେ ଜବରଦଖଲ କରି ଘର ନିର୍ମାଣ କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ମାତ୍ର ୬ ଜଣଙ୍କୁ ବ୍ୟାସନଗର ତହସିଲଦାର ନୋଟିସ୍ ପ୍ରଦାନ କରିଛନ୍ତି। ସେମାନେ ହାଜର ହୋଇ ମତ ରଖିଛନ୍ତି। ଏହା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି କୁହାଯାଉଥିବା ବେଳେ ଅନ୍ୟମାନଙ୍କ ପାଇଁ କେବେ କାର୍ଯ୍ୟକାରୀ ହେବ ତାହାକୁ ନେଇ ସାଧାରଣରେ ଆଲୋଚନା ହେଉଛି। ସମସ୍ତ ସରକାରୀ ଜମିକୁ ଜବରଦଖଲ ମୁକ୍ତ ହେବା ଆବଶ୍ୟକ। ଯେଉଁମାନେ ଜବରଦଖଲ କରିଛନ୍ତି ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି। ହେଲେ ପ୍ରଶାସନ ତାହା ନକରି ମାତ୍ର ୬ ଜଣଙ୍କୁ ନୋଟିସ୍ ଦେଇ ଅନ୍ୟମାନଙ୍କୁ ଛାଡି ଦେବାର କାରଣ ଏବେ ବି ସମସ୍ତଙ୍କ ମନରେ ସନ୍ଦେହ ଉପୁଜାଇଛି। ଆସନ୍ତା ୭ ତାରିଖ ଜବରଦଖଲ ମୁକ୍ତ ପୂର୍ବରୁ ସରକାରୀ ଜମି ମାପ ହେବା ପାଇଁ ବ୍ୟାସନଗର ତହସିଲଦାର ଦିନ ଧାର୍ଯ୍ୟ କାରିଛନ୍ତି। ଫଳରେ କେଉଁମାନେ କେତେ ଲେଖାଁଏ ଗୋଚର ଜମି ଜବରଦଖଲ କରିଛନ୍ତି ତାହା ସ୍ପଷ୍ଟ ହେବ। ଏ ଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ସହ ସମସ୍ତ ଜବରଦଖଲକାରୀଙ୍କୁ ହଟାଇବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ବନ୍ୟା ବିପନ୍ନ ପଞ୍ଚାୟତକୁ ଗୋଖାଦ୍ୟ ବଣ୍ଟନ

**ଦଶରଥପୁର, ୫।୮ (ସମିସ):** ଗତ ଜୁଲାଇ ମାସରେ ବୈତରଣୀ ଓ ଶାଖା କାଣୀ ନଦୀରେ ୫ମ ଥର ବନ୍ୟା ଆସିବା ଫଳରେ ଦଶରଥପୁର ବ୍ଲକରେ ବ୍ୟାପକ ଚାଷ ନଷ୍ଟ ହୋଇଛି । ଏଥିରେ ବ୍ଲକର ୩୫ଟି ପଞ୍ଚାୟତ ମଧ୍ୟରୁ ୧୮ଟି ପଞ୍ଚାୟତ ବନ୍ୟାରେ ବିପନ୍ନ ହୋଇଥିଲା । ଏଥିରେ ବ୍ୟାପକ ଜମିରେ ବନ୍ୟା ଜଳ ପ୍ରବେଶ କରିବାରୁ ଗୃହପାଳିତ ପଶୁ କ୍ଷତି ଗ୍ରସ୍ତ ହୋଇଥିଲେ । ଏଣୁ ବିଭିନ୍ନ ରାଜନୈତିକ ଦଳର ଦାବି ଅନୁସାରେ ପ୍ରଶାସନ ପକ୍ଷରୁ ୧୮ଟି ପଞ୍ଚାୟତକୁ ୧୦୮୪ ବସ୍ତା ଅର୍ଥାତ ୫୪୨୨୧ କିଲୋ ଗୋଖାଦ୍ୟ ଯୋଗାଇଦିଆଯାଇଛି । ଜୟନ୍ତରା ପଞ୍ଚାୟତକୁ ୪୨ ବସ୍ତା, କଟିକାଟାକୁ ୨୫, ଛଞ୍ଚିଣା ୧୯, ଥାଳକୁଡି ୬୯, ମଙ୍ଗଳପୁର ୭୮, ଜାଫରପୁର ୩୧, ପାଳଟପୁର ୯୦, ତରପଦା ୮୧, କସପା ୫୬, ମଲିକାପୁର ୬୩, ବିରିପଟା ୧୦୫, କୟାଁ ୧୧୭, ଖାନନଗର ୨୭, କମାରଡିହ ୩୪, ନିଜାମପୁର ୧୦୩, ଦଉପୁର ୫୫, ଦୁଦୁରାଅଣ୍ଟା ୪୫, ଶୁଶୁଆ ୪୪ ବସ୍ତା ଗୋ ଖାଦ୍ୟ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଇଛି ।

### କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଶୁଭାରମ୍ଭ

# ଧର୍ମଶାଳାରେ ହେବ କ୍ରୀଡ଼ା ଛାତ୍ରାବାସ

**ଧର୍ମଶାଳା, ୫।୮ (ସମିସ)**




ରାଜ୍ୟ ସରକାର କ୍ରୀଡ଼ାର ବିକାଶ କ୍ଷେତ୍ରରେ ଅନେକ ପ୍ରୟାସ ଜାରି ରଖିଛନ୍ତି । ଉତ୍କୃଷ୍ଟ କ୍ରୀଡ଼ା ଭିତ୍ତିଭୂମି ସହ ସଫଳ କ୍ରୀଡ଼ାବିତମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଦିଗରେ ବହୁ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଧର୍ମଶାଳାର ବିଧାୟକ ହିମାଂଶୁ ଶେଖର ସାହୁଙ୍କ ପ୍ରୟାସ କ୍ରମେ ଜିଲ୍ଲା ପ୍ରଶାସନ, ରାମକୋ ସିମେଣ୍ଟ ଲିମିଟେଡ ଏବଂ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ମିଳିତ ଉଦ୍ୟମରେ ଧର୍ମଶାଳା ଷ୍ଟାଡିୟମ୍‌ଠାରେ ଆଜି ଏକ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜାରକାସ୍ଥିତ ଧର୍ମଶାଳା ଷ୍ଟାଡିୟମରେ ୫ ଦିନ ଧରି ଅନୁଷ୍ଠିତ ହେବ ଏହି କାର୍ଯ୍ୟକ୍ରମ । ଜିଲ୍ଲା କ୍ରୀଡ଼ା ଶିକ୍ଷା ଅଧିକାରୀ ଫକିର ମୋହନ ଟୁଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭବେ ସମାଜସେବୀ ମିନତୀ ସାହୁ, ସମ୍ମାନିତ ଅତିଥି ଭାବେ ଧର୍ମଶାଳା ବିଡିଓ ଜ୍ୟୋତିର୍ମୟ କର, ଡା. ସୁଧିର କୁମାର ସାହୁ, ରାମ୍‌କୋର ଆଡମିନ ହେଡ ପ୍ରଭାତ ସାହୁ, ୟୁନିଟ ହେଡ ଗୋବିନ୍ଦ ରାଉତ, ଏଚଆର ହେଡ୍ ସର୍ବେଶ୍ୱର ମହାପାତ୍ର, କ୍ରୀଡ଼ା ଶିକ୍ଷକ ସନ୍ଦିପ ମହାନ୍ତି, କ୍ରୀଡା ଶିକ୍ଷୟିତ୍ରୀ ପାର୍ବତୀ ମାଝୀ, ବିଜେପି ଯୁବ ନେତା ଜିତେନ୍ଦ୍ର ରାଉତ, ରାଜେଶ ପାଳ ପ୍ରମୁଖ ଯୋଗଦେଇଥିଲେ । ଉଦ୍‌ଘାଟନୀ ଉତ୍ସବ ପରେ ପରେ ଆଜି ଅନୁଷ୍ଠିତ ଦୌଡ଼କୁଦ ପାଇଁ ଜିଲ୍ଲାର ୧୦ ଗୋଟି ବ୍ଲକର ୨୪୦ଜଣ ଛାତ୍ରଛାତ୍ରୀ ନାମ ପଞ୍ଜୀକୃତ କରି ନିଜର ଖେଳ ପ୍ରଦର୍ଶନ କରିଥିଲେ । ସେହିପରି ଆସନ୍ତାକାଲି ଫୁଟବଲ ଖେଳାଳି ଚୟନ, ୭ତାରିଖରେ କ୍ରିକେଟ ଖେଳାଳି ଚୟନ, ୮ରେ ଭଲିବଲ୍ ଖେଳାଳି ଚୟନ ଓ ୧୧ରେ ବ୍ୟାଡମିଟନ ପ୍ରତିଭା ଚୟନ ଅନୁଷ୍ଠିତ ହେବ । ତେବେ ଆସନ୍ତା ୧୨ ତାରିଖରେ ଚୟନ ହୋଇଥିବା ଖେଳାଳିମାନଙ୍କର ତାଲିକା ଜାରି କରାଯିବାକୁ ସ୍ଥିର କରାଯାଇଛି । ଏହି ଚୟନ ପ୍ରତିଯୋଗିତାରେ ୯ରୁ ୧୫ ବର୍ଷ କ୍ରୀଡ଼ାବିତ ଅଂଶଗ୍ରହଣ କରିପାରିବେ । ଏତଦବ୍ୟତିତ ଜଣେ ପ୍ରତିଯୋଗି ଯେକୌଣସି ଗୋଟିଏ କ୍ରୀଡ଼ାରେ ଅଂଶଗ୍ରହଣ କରିପାରିବେ । ଜାରକା ଷ୍ଟାଡିୟମ ପରିସରରେ ୫ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ ପ୍ରକାର କ୍ରୀଡ଼ାରେ ଅଂଶଗ୍ରହଣ କରିଥିବା ଖେଳାଳିମାନଙ୍କ ମଧ୍ୟରୁ ୫୦ ଜଣ ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇ ଏଠାରେ ନିର୍ମାଣ ହେବାକୁଥିବା କ୍ରୀଡ଼ା ଛାତ୍ରବାସରେ ରଖାଯାଇ ଜାତୀୟସ୍ତର କୋଚମାନଙ୍କ ଦ୍ୱାରା ପ୍ରଶିକ୍ଷଣ ଦିଆଯିବ । ଛାତ୍ରାବାସରେ ୫୦ ଜଣ ଖେଳାଳି ରହିବାର ସୁବିଧା ଉପଲବ୍ଧ ହେବା ସହିତ ଏହି ଖେଳାଳିମାନଙ୍କ ମଧ୍ୟରୁ ୧୦୦ ଜଣ ଖେଳାଳିଙ୍କୁ ବଛାଯାଇ ଡେ' ବୋର୍ଡିଂ ବ୍ୟବସ୍ଥା କରାଯାଇ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯିବ ବୋଲି ଜିଲ୍ଲା କ୍ରୀଡ଼ା ଶିକ୍ଷାଧିକାରୀ ସୂଚନା ଦେଇଛନ୍ତି ।

### ୮ ମାସରୁ ଊର୍ଦ୍ଧ୍ୱ ଦିନ ବନ୍ଦ ରହିଛି ଖଣି

## କାଳିଆପାଣି 'ଡି-କ୍ୱାରୀ' ଖୋଲିବାକୁ ଦାବି

**କାଳିଆପାଣି, ୫।୮ (ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ଓଏମ୍‌ସି ପରିଚାଳନାଧୀନ ସାଉଥ କାଳିଆପାଣି ଡି-କ୍ୱାରୀ ଖୋଲିବା ନିମନ୍ତେ ଶ୍ରମିକ ସଂଘ ପକ୍ଷରୁ ଦାବି କରାଯାଇଛି । ଦୀର୍ଘ ୮ ମାସ ଧରି ଏହି ଖଣି ବନ୍ଦ ହେବା କାରଣରୁ କର୍ମଚାରୀ ନାହିଁ ନଥିବା ହଇରାଣ ହେଉଛନ୍ତି । ଚଳିତ ବର୍ଷ ଜୁଲାଇ ମାସରେ ହୋଇଥିବା ଓଏମ୍‌ସିର ଖଣି ସମ୍ପ୍ରସାରଣକୁ ନେଇ ହୋଇଥିବା ଜନଶୁଣାଣିରେ ମୁହଁ ଖୋଲିଥିଲେ ଉକ୍ତ ଅଞ୍ଚଳର କର୍ମଚାରୀମାନେ । ଖଣିକୁ ତୁରନ୍ତ ଖୋଲିବାକୁ ଅନୁରୋଧ କରିଥିଲେ । ପୂର୍ବରୁ କାର୍ଯ୍ୟରେ ନିୟୋଜିତ ହୋଇଥିବା ଠିକାଦାରର କାର୍ଯ୍ୟକାଳ ସରିଯାଇଥିବା ପରେ ଏବେ ନୂଆ ଠିକାଦାର ଟେଣ୍ଡର ପାଇଛି । ଅଦ୍ୟାବଧି ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟ ଆରମ୍ଭ କରିନାହିଁ ବୋଲି ଆଲୋଚନା ହେଉଛି । ଯାହାକୁ ନେଇ ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର୍ ସଂଘ ତରଫରୁ ସାଧାରଣ ସମ୍ପାଦକ ଭରତ ଚନ୍ଦ୍ର ମହାନ୍ତ, ଉପସଭାପତି ପ୍ରଭାତ ରଞ୍ଜନ ପ୍ରଧାନ, ଅଜୟ କୁମାର ନାୟକ, ୩୭ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ଜେମ ଚାଖି, ଆଶିଷ କୁମାର ଜେନା, ଡି-କ୍ୱାରୀ ସଂଘର କାର୍ଯ୍ୟକର୍ତ୍ତା ଦଶରଥ ମହାନ୍ତ, ବିଜୟ କୁମାର ପରିଡ଼ା, ବିଜୟ କୁମାର ବେହେରା, ହିମାଂଶୁ ଶେଖର ବାରିକ୍, ଘନଶ୍ୟାମ ପରିଡ଼ା ପ୍ରମୁଖ ଓଏମ୍‌ସି ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ତା' ସହିତ ଖଣିରେ ସମସ୍ତ କର୍ମଚାରମାନଙ୍କୁ ନୂଆ ଠିକାଦାର ପୁନର୍ବାର ଖଣିରେ ଥଇଥାନ କରିବାକୁ ନିବେଦନ କରିଛନ୍ତି । ଯଦି ପୁନଃ ନିଯୁକ୍ତି ପ୍ରଦାନ ନ କରାଯାଏ ତେବେ ଆଗାମୀ ଦିନରେ ସମସ୍ତ କର୍ମଚାରୀ ଓଏମ୍‌ସି ଅଫିସ ସମ୍ମୁଖରେ ଧାରଣା ଦେବା ପାଇଁ ଚେତାବନୀ ଦେଇଛନ୍ତି ।

### ସାଇବର ଠକେଇର ଶିକାର ହେଲେ ମହିଳା

## ମମତା ଯୋଜନା ନାଁରେ ୨୪ ହଜାର ଲୁଟ୍

**ବାଲିଚନ୍ଦ୍ରପୁର, ୫।୮ (ସମିସ):** ଜଣେ ଗର୍ଭବତୀ ମହିଳା ସାଇବର ଠକେଇର ଶିକାର ହୋଇଛନ୍ତି । ତେବେ ଏହି ଠକେଇରେ ମହିଳାଙ୍କ ଅକାଉଣ୍ଟରୁ ୨୪ ହଜାର ଟଙ୍କା ଲୁଟ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ସୂଚନା ମୁତାବକ ବାଲିଚନ୍ଦ୍ରପୁର ଥାନା ତଥା ଚାରିନଙ୍ଗଳ ପଞ୍ଚାୟତ ଅନ୍ତର୍ଗତ ଗହରନଗର ଗ୍ରାମ ଜେନାସାହିର କିଶୋର ଜେନାଙ୍କ ପତ୍ନୀ ରୀନାରାଣୀ ଜେନା ତିନି ମାସର ଗର୍ଭବତୀ ଥିଲେ । ତେବେ ଗତ ୪ ତାରିଖ ଦିନ ତାଙ୍କ ମୋବାଇଲକୁ ଦୁଇଟି ଅଜଣା ମୋବାଇଲରୁ ଫୋନ କଲ ଆସିଥିଲା । ସେହି ଫୋନ କଲରେ ଆଶା କର୍ମୀଙ୍କୁ ସାମିଲ କରି ତାଙ୍କୁ ମମତା ଯୋଜନା ସହିତ ତମେ ସବୁ ସରକାରୀ ସୁବିଧା ପାଉଛ ତ ବୋଲି ପଚରା ଯାଇଥିଲା । ପରେ ତାଙ୍କୁ ମୋବାଇଲକୁ ଏକ ଲିଙ୍କ୍ ଆସିଥିଲା । ତେବେ ତାଙ୍କୁ କୁହାଗଲା କି ଏହି ଲିଙ୍କ୍‌କୁ ଓପନ କର । ରୀନାରାଣୀ ସେହି ଲିଙ୍କକୁ ଓପନ କଲା ପରେ ତାଙ୍କ ଆକାଉଣ୍ଟରୁ ୨୪ ହଜାର ଟଙ୍କା ଗାଏବ ହୋଇଯାଇଥିଲା । ଟଙ୍କା ଗାଏବ ହୋଇଯିବା ଜଣାପଡ଼ିବା ପରେ ରୀନାରାଣୀ ବ୍ୟତିବ୍ୟସ୍ତ ହୋଇ ପଡ଼ିଥିଲେ । ପରେ ସେ ବାଲିଚନ୍ଦ୍ରପୁର ଥାନାକୁ ଆସି ଏନେଇ ଲିଖିତ ଅଭିଯୋଗ କରିଥିଲେ । ତେବେ ଏନେଇ ତଦନ୍ତ ଜାରି ରହିଥିବା ଥାନା ପକ୍ଷରୁ ସୂଚନା ଦିଆଯାଇଛି ।

## ଖରସ୍ରୋତା ମହାବିଦ୍ୟାଳୟରେ ସ୍ୱାଗତ ଉତ୍ସବ




**ସିଂହପୁର, ୫।୮ (ସମିସ):** ବିଞ୍ଝାରପୁର ବ୍ଲକର ସର୍ବପୁରାତନ ଶିକ୍ଷାନୁଷ୍ଠାନ ଖରସ୍ରୋତା ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବେ ଯୋଗ ଦେଇଛନ୍ତି ପ୍ରଧ୍ୟାପକ ଡ. ବ୍ରଜ କିଶୋର ସାହୁ । ଏହି ଉପଲକ୍ଷେ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପ୍ରଧ୍ୟାପକ ଶ୍ରୀକାନ୍ତ ନାୟକ, ଯୁକ୍ତ ଦୁଇ ଅଧ୍ୟକ୍ଷା ମମତାମୟୀ ସାମଲ, ଅଧ୍ୟାପକ ବିଜୟ କୁମାର ପତି, ମୀନକେତନ ତ୍ରିପାଠୀ, ସୁରେନ୍ଦ୍ର କୁମାର ସାମଲ, ଅରୁଣ କୁମାର ସାମଲ, ସୁବାସ ଚନ୍ଦ୍ର ସାହୁ, ଅଧ୍ୟାପିକା ଗାୟତ୍ରୀ ସାହୁ ଯୋଗଦେଇଥିଲେ । ଖୋର୍ଦ୍ଧା ପ୍ରାଣନାଥ କଲେଜର ଇଂରାଜୀ ମୁଖ୍ୟ ଭାବେ ଅବସ୍ଥାପିତ ଡ. ସାହୁ ଖରସ୍ରୋତା ମହାବିଦ୍ୟାଳୟ ଅଧ୍ୟକ୍ଷ ଭାବେ ଯୋଗ ଦେଇଛନ୍ତି ।

## ଓଡ଼ିଶା ରାଜ୍ୟ ଏଡିଇଓ ସଂଘ ଗଠିତ

**ବରୀ, ୫।୮ (ସମିସ):** ଯାଜପୁର ଜିଲ୍ଲା ଏଡିଇଓ ସଂଘର ସଭାପତି ଅଜୟ କୁମାର ଜେନା ରାଜ୍ୟ ହିସାବ ରକ୍ଷକ ତଥା ତଥ୍ୟ ନିକ୍ଷେପଣ ପରିଚାଳକ ସଂଘ (ଓସା)ର କାର୍ଯ୍ୟକାରୀ ସଭାପତି ଭାବେ ମନୋନୀତ ହୋଇଛନ୍ତି । ଭୁବନେଶ୍ୱରରେ ଅନୁଷ୍ଠିତ ସଂଘର ବୈଠକରେ ସର୍ବସମ୍ମତି କ୍ରମେ ରାଜ୍ୟ ସଭାପତି ଭାବେ ପ୍ରଭାତ କୁମାର ତିୱାରୀ ମନୋନୀତ ହୋଇଥିବା ବେଳେ କାର୍ଯ୍ୟକାରୀ ସଭାପତି ଭାବେ ଅଜୟ କୁମାର ଜେନା ଓ ବାବାଜୀ ବେହେରାଙ୍କୁ ମନୋନୀତ କରାଯାଇଥିଲା । ସେହିପରି ରାଜ୍ୟ ଉପସଭାପତି ଭାବେ ସୁରେଶ ପାଣିଗ୍ରାହୀ, ରଜନୀ କୁମାର ପଟ୍ଟନାୟକ, ଜ୍ୟୋତିରଞ୍ଜନ ପତି ଓ ରାଜେଶ ବେହେରା ହୋଇଥିବା ବେଳେ ସାଧାରଣ ସମ୍ପାଦକ ସଂଗ୍ରାମ ସିଂହ, ସହସମ୍ପାଦକ ସୁଶିଲ ପାଣିଗ୍ରାହୀ, ମନୋଜ ପାଢ଼ୀ, ନେପାଳକ୍ରୀଷ୍ଣ ବର୍ଦ୍ଧନ ଓ ଶୀବରାମ ପଣ୍ଡାଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା । ରାଜ୍ୟ କୋଷାଧ୍ୟକ୍ଷ ଦେବାଶିଷ ରାଉତ ହୋଇଥିବା ବେଳେ ସହ କୋଷାଧ୍ୟକ୍ଷ ଭାବେ ପ୍ରଦ୍ୟୁମ୍ନ ସାହୁ, ସଂଗଠନ ସମ୍ପାଦକ ମଳୟ କୁମାର ସାହୁ ଓ ଗଣମାଧ୍ୟମ ସଂଯୋଜକ ଭାବେ ପରମେଶ୍ୱର ବିଶ୍ୱାଳ ଓ ଦିଗାମ୍ବର ମହାପାତ୍ରଙ୍କୁ ମନୋନିତ କରାଯାଇଥିଲା । ରାଜ୍ୟ ସଂଯୋଜିକା ଭାବେ ଗାୟତ୍ରୀ ପଣ୍ଡା ସର୍ବସମ୍ମତିକ୍ରମେ ରାଜ୍ୟସଂଘକୁ ମନୋନୀତ ହୋଇଛନ୍ତି ।

### ଶିଶୁକନ୍ୟାକୁ ଅସଦାଚରଣ ମାମଲା

## ଜେଲ୍ ଗଲା ସମ୍ପର୍କୀୟ ମାମୁ

**ଦଶରଥପୁର, ୫।୮ (ସମିସ):** ଦଶରଥପୁର ବ୍ଲକ ତଥା ରାମବାଗ ଫାଣ୍ଡି ଅଞ୍ଚଳର ଜନୈକା ୪ ବର୍ଷର ଶିଶୁକନ୍ୟାକୁ ଚକୋଲେଟ ଦେବା ଆଳରେ ଦଶରଥପୁର ଥାନା ଅସନପୁର ଅଞ୍ଚଳର ସମ୍ପର୍କୀୟ ମାମୁ ଅଭିମନ୍ୟୁ ମଲ୍ଲିକ ଅସଦାଚରଣ କରିଥିବା ନେଇ ପରିବାର ପକ୍ଷରୁ ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ଅଭିଯୋଗକୁ ଭିତ୍ତି କରି ଟାଉନ ଥାନା ପୁଲିସ କେଶ ନଂ ୩୫୭/୨୫, ପୋକ୍‌ସୋ ଧାରାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଅଭିମନ୍ୟୁକୁ ତା' ଘରୁ ଗତ ରବିବାର ରାତିରୁ ଉଠାଇ ଆଣି ଯାଜପୁର ଟାଉନ ଥାନାରେ ଅଟକ ରଖିଥିଲା । ସୋମବାର ସକାଳେ ଟାଉନ ଥାନା ଏସ୍‌ଆଇ ତୃପ୍ତିମୟୀ ରାଉତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ଶିଶୁକନ୍ୟା ଏବଂ ତାର ଅଭିଭାବକଙ୍କୁ ଘଟଣା ବିଷୟରେ ପଚରାଉଚରା କରିବା ପରେ ଅଟକ ଅଭିମନ୍ୟୁକୁ ଗିରଫ କରିଥିଲା । ଆଜି ପୁଲିସ ଗିରଫ ଅଭିମନ୍ୟୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରୀ ମାଇନା କରାଇବା ସହ ତାକୁ କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ପରେ ଅଭିମନ୍ୟୁ ଜେଲ ଯାଇଥିବା ଜଣାଯାଇଛି । ଏ ସମ୍ପର୍କରେ ଟାଉନ ଥାନା ପକ୍ଷରୁ ଥାନା ପରିସରରେ ଅନୁଷ୍ଠିତ ପ୍ରେସମିଟ ମାଧ୍ୟମରେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରଶାନ୍ତ ମାଝୀ ବିସ୍ତୃତ ସୂଚନା ଦେଇଥିଲେ ।




ଶ୍ରୀ ମାଝିଙ୍କ ସୂଚନା ଅନୁସାରେ ଅଭିଯୁକ୍ତ ଅଭିମନ୍ୟୁ ରାମବାଗ ଫାଣ୍ଡି ଅଞ୍ଚଳରେ ଥିବା ନିଜ ବନ୍ଧୁ ଘରକୁ ବିଭିନ୍ନ ସମୟରେ ଯିବା ଆସିବା କରେ । ଏହା ମଧ୍ୟରେ ବନ୍ଧୁଙ୍କ ପଡୋଶୀ ଘର ସହ ଅଭିମନ୍ୟୁର ଚିହ୍ନାଜଣା ହୋଇଥିବା ବେଳେ ପଡୋଶୀଙ୍କ ୪ ବର୍ଷର ଶିଶୁକନ୍ୟା ଅଭିମନ୍ୟୁକୁ ମାମୁ ଡାକିଥାଏ । ଗତ ୩ ତାରିଖ ଅପରାହ୍ନ ୪ଟା ସମୟରେ ଶିଶୁକନ୍ୟା ନିଜ ଘର ପାଖ ଦାଣ୍ଡରେ ଏକୁଟିଆ ଖେଳୁଥିବା ଦେଖି ଅଭିମନ୍ୟୁ ତାକୁ ଚକୋଲେଟ ଦେବା ଆଳରେ ନିକଟସ୍ଥ ରାମବାଗ ବଜାର ଯିବାକୁ ଡାକିଥିଲା । ଶିଶୁକନ୍ୟା ରାଜି ହେବାରୁ ଅଭିମନ୍ୟୁ ତାକୁ ନିଜ ବାଇକରେ ବସାଇ ଘର ଠାରୁ ଅଳ୍ପ ଦୂରକୁ ନେଇ ଅସଦାଚରଣ କରିଥିଲା । କିଛି ସମୟ ଅନ୍ତରରେ ଶିଶୁକନ୍ୟାକୁ ଘର ନିକଟରେ ଛାଡି ନିଜ ବନ୍ଧୁ ଘରକୁ ପଳାଇଥିଲା । ଶିଶୁକନ୍ୟା ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ପଚାରିବାରୁ ଶିଶୁକନ୍ୟା ସବୁ ଘଟଣା ପ୍ରକାଶ କରିବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇବା ଜାଣି ଅଭିମନ୍ୟୁ ନିଜ ବନ୍ଧୁ ଘରୁ ଲୁଚି ନିଜ ଗାଁ କଣ୍ଟାବଣିଆକୁ ପଳାଇ ଯାଇଥିଲା । ଚିକିତ୍ସା ପାଇଁ ପରିବାର ଲୋକେ ଶିଶୁକନ୍ୟାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିବା ସହ ଘଟଣାକୁ ନେଇ ଯାଜପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ସେହିଦିନ ରାତିରେ ପୁଲିସ ଅଭିଯୁକ୍ତ ଅଭିମନ୍ୟୁକୁ କଣ୍ଟା ବଣିଆରୁ ଉଠାଇ ଆଣିଥିଲା ।

## ଦୁର୍ବୃତ୍ତ ଝାମ୍ପି ନେଲେ ଟଙ୍କା ଓ ସୁନା ଚେନ୍

**ବାଲିଚନ୍ଦ୍ରପୁର, ୫।୮ (ସମିସ):** ଜଣେ ମହିଳାଙ୍କୁ ରାସ୍ତାରେ ଅଟକାଇ ୩ ଅଚିହ୍ନା ଯୁବକ ତାଙ୍କ ଠାରୁ ୪, ୫୦୦ ଟଙ୍କା ଓ ସୁନା ଚେନ ଛଡାଇ ଛୁ' ମାରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ସୂଚନା ମୁତାବକ ବରୀ ଥାନା ଅନ୍ତର୍ଗତ ନାଥପୁର ଗ୍ରାମର ଝୁନି ଦାସ (୪୪) ଏକୁଟିଆ ଆଜି ତାଙ୍କ ସ୍କୁଟି ଗାଡ଼ିରେ କୌଣସି କାମରେ ବାଲିଚନ୍ଦ୍ରପୁର ବଜାରକୁ ଆସୁଥିଲେ । ତେବେ ସେ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଟ୍ଟାମୁଣ୍ଡାଇ କେନାଲ ବନ୍ଧର କଳାଶ୍ରୀ ତାରିଣୀ ମନ୍ଦିର ନିକଟ ଦେଇ ଆସୁଥିବା ବେଳେ ଏକ ବାଇକ୍ ଯୋଗେ ୩ ଜଣ ଅଚିହ୍ନା ଯୁବକ ହଠାତ ସେଠାରେ ପହଞ୍ଚି ଝୁନି ଦାସଙ୍କୁ ଅଟକାଇବା ସହିତ ମାରଣାସ୍ତ୍ର ଦେଖାଇ ଭୟଭୀତ କରାଇ ୪, ୫୦୦ ଟଙ୍କା ଥିବା ତାଙ୍କ ଭ୍ୟାନିଟି ବ୍ୟାଗ ଓ ତାଙ୍କ ବେକରୁ ସୁନା ଚେନ ଚିଣ୍ଡାଇ ନେଇ ପଳାଇ ଯାଇଥିଲେ । ତେବେ ଏନେଇ ଝୁନି ଦାସ ବାଲିଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୁଲିସ ଘଟଣାସ୍ଥଳକୁ ଆସି ତଦନ୍ତ କରିଥିଲେ ସୁଦ୍ଧା ଲୁଟେରାଙ୍କ ଟେର ପାଇ ପାରି ନଥିଲେ ।

### ମଧ୍ୟାହ୍ନ ଭୋଜନରେ ପୋକ ଘଟଣା

## ତଦନ୍ତ କଲେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ

**ମଙ୍ଗଳପୁର, ୫।୮ (ସମିସ):** ମଙ୍ଗଳପୁର ମହତାବ ସରକାରୀ ଉଚ୍ଚ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନରେ ପୋକରା ଚାଉଳ ରୋଷେଇ ହେଉଥିବା ଅଭିଯୋଗ ପରେ ଆଜି ତଦନ୍ତ ଆରମ୍ଭ ହୋଇଛି । ଦଶରଥପୁର ବ୍ଲକର ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରିଣୀ ସାବିତ୍ରୀ ସେଠୀ ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିଛନ୍ତି । ସ୍କୁଲରେ ପୋକରା ଚାଉଳରେ ରୋଷେଇ ହୋଇଥିବା କଥା ସ୍ୱୀକାର କରିବା ସହ ଆଜି ନୂଆ ଚାଉଳରେ ରୋଷେଇ ହୋଇଥିବା କଥା କହିଛନ୍ତି । ଏହି ବିଦ୍ୟାଳୟରେ ପ୍ରାୟ ୭ ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ପ୍ରତ୍ୟେକ ମାସ କିମ୍ବା ଦୁଇ ମାସରେ ସରକାରଙ୍କ ତରଫରୁ ଏଠାକୁ ଚାଉଳ ଯୋଗାଇ ଦିଆହେଉଥିବା ବେଳେ ଚାଉଳ କିପରି ପୋକରା ହେଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଘଟଣା ସମ୍ପର୍କରେ ମଙ୍ଗଳପୁରର ପୂର୍ବତନ ସରପଞ୍ଚ ଶିଶିର ଧଳ ବିଦ୍ୟାଳୟରେ ପହଞ୍ଚି ପଚାରି ବୁଝିବା ସହ ଘଟଣାର ପୁନରାବୃତ୍ତି ନ ହେବାକୁ ଦାବି କରିଥିଲେ । ଯାଜପୁର ଜିଲ୍ଲାପାଳ ଏହି ଘଟଣାର ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ପୂର୍ବତନ ମଣ୍ଡଳ ସଭାପତି ଅଧର ଧଳଙ୍କ ସମେତ ଶତାଧିକ ଅଞ୍ଚଳବାସୀ ଦାବି କରିଛନ୍ତି । କାର୍ଯ୍ୟାନୁଷ୍ଠାନରେ ବିଳମ୍ବ କରାଗଲେ ବିଦ୍ୟାଳୟ ଘେରଉ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି ।

## ସରସ୍ୱତୀ ଶିଶୁ ମନ୍ଦିରରେ ବିଜ୍ଞାନ ମେଳା



**ପାଣିକୋଇଲି, ୫।୮ (ସମିସ):** କୋରାଇ ଶିକ୍ଷା ମଣ୍ଡଳୀ ଅଧୀନସ୍ଥ ପାଣିକୋଇଲି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଚଳିତ ବର୍ଷ ପାଇଁ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଗୁରୁଜୀ ପ୍ରମୋଦ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ବିଦ୍ୟୁତ ପରିଷଦର ସଭାପତି କେଶବରାଓ ଭୁକ୍ତା, ସମ୍ପାଦକ ରାଜକିଶୋର ମଲିକ, ଯୁଗ୍ମ ସମ୍ପାଦକ ବଳରାମ ସାମଲ, ବିଚାରକ ମଣ୍ଡଳୀରେ ମା' ତାରିଣୀ ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗର ଅଧାପକ ସୁଶାନ୍ତ କୁମାର ପଣ୍ଡା, ପାଣିକୋଇଲି ସରକାରୀ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟତ୍ରୀ ରଶ୍ମୀରେଖା ପାତ୍ର, ବାଙ୍କସାହି ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ପୂର୍ବତନ ଅତିଥି ଶିକ୍ଷକ ସରୋଜ କୁମାର ସାହୁ ପ୍ରମୁଖ ଯୋଗ ଦେଇ ବିଜ୍ଞାନ ମେଳାର ଶୁଭାରମ୍ଭ କରିଥିଲେ । ବିଦ୍ୟାଳୟରେ ଅଧ୍ୟୟନରତ ସାଇଶଙ୍କର ବେହେରା, ସୁପ୍ରାଞ୍ଜଳି ମହାପାତ୍ର, ପଲଭିତ ଜେନା, ରୁତୁରାଜ ସାହୁ, ସାଧନା ନାୟକ ରାଷ୍ଟ୍ରୀୟ ପ୍ରବେଶିକା ପରୀକ୍ଷାରେ କୃତିତ୍ୱ ଅର୍ଜନ କରି ବିଦ୍ୟାଳୟ ନିମନ୍ତେ ସୁନାମ ଆଣିଥିବାରୁ ତାଙ୍କୁ ବିଦ୍ୟାଳୟ ତରଫରୁ ମୁଖ୍ୟଅତିଥି ମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ଉକ୍ତ ବିଜ୍ଞାନ ମେଳାରେ ବିଦ୍ୟାଳୟର ୧୩୭ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଉକ୍ତ ମେଳାକୁ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ ।

## ଦେଶୀ ମଦ ଜବତ; ଜଣେ ଗିରଫ

**କବାଟବନ୍ଧ, ୫।୮ (ସମିସ):** ଯାଜପୁର ରେଞ୍ଜ ଓ ଧର୍ମଶାଳା ଅବକାରୀ ବିଭାଗ ମିଳିତ ଚଢ଼ଉରେ ୨ ଜଣ ଚୋରା ଦେଶୀ ମଦ ବେପାରୀକୁ ଗିରଫ କରିବା ସହିତ ତା ନିକଟରୁ ପୃଥକ ଭାବେ ୮ ଲିଟର ଦେଶୀ ମଦ ଜବତ କରାଯାଇଛି । ଗିରଫ ଦେଶୀ ମଦ ବେପାରୀଙ୍କ ମଧ୍ୟରୁ ଜଣେ ଜେନାପୁର ଥାନା ଅନ୍ତର୍ଗତ ରାଇଛନ୍ଦା ପଞ୍ଚାୟତ ଅଧୀନ ବାରକଣା (ଡଗରପଡ଼ା) ଗ୍ରାମର ସ୍ୱର୍ଗତ ଶ୍ୟାମ ବାରିକଙ୍କ ପୁଅ ଧନେଶ୍ୱର ବାରିକ ଓରଫ ଧନୁଆ (୪୪) ବୋଲି ଜଣାପଡ଼ିଛି । ଅବକାରୀ ବିଭାଗର ସୂଚନା ମୁତାବକ ଧନୁଆ ଦୀର୍ଘ ଦିନ ଧରି ଗୁରୁବାର ହାଟ ନିକଟରେ ନଦୀ ବନ୍ଧ ରାସ୍ତା କଡରେ ଏକ ଦୋକାନ କରି ଚୋରା ଦେଶୀ ମଦ ବେପାର କରୁଥିଲା । ମଙ୍ଗଳବାର ସକାଳୁ ଅବକାରୀ ବିଭାଗ ଉକ୍ତ ସ୍ଥାନରେ ଚଢ଼ଉ କରିଥିଲେ । ଚଢ଼ଉ ବେଳେ ଅବକାରୀ ବିଭାଗ ପକ୍ଷରୁ ଦେଶୀ ମଦ ଜବତ କରି ଧନୁଆକୁ ଧରିବାକୁ ଉଦ୍ୟମ କରିଥିଲେ । ମାତ୍ର ଧନୁଆ ଅବକାରୀ କର୍ମଚାରୀମାନଙ୍କୁ ଠେଲାପେଲା କରି ଖସି ଯିବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲା । ଧନୁଆକୁ କାବୁ କରି ତା' ନିକଟରୁ ଦେଶୀ ମଦ ଜବତ କରିଥିଲେ । ଏନେଇ ଅବକାରୀ ବିଭାଗ ପକ୍ଷରୁ ୫୩/୨୫ରେ ଏକ ମାମଲା ରୁଜୁ କରି କୋର୍ଟଚାଲାଣ କରାଯାଇଥିବା ସୂଚନା ମିଳିଛି । ସେହିପରି ଜେନାପୁରର ରାଜା ମଲିକଙ୍କ ପୁଅ ସନ୍ତୋଷ ମଲିକ (୪୦)ଙ୍କ ଠାରୁ ୪ ଲିଟର ଦେଶୀ ମଦ ଜବତ କରିବା ସହିତ ତାକୁ ଗିରଫ କରିଥିଲେ । ଏନେଇ ୫୨/୨୫ ରେ ଏକ ମାମଲା ରୁଜୁ କରି ତାକୁ କୋର୍ଟଚାଲାଣ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି ।

## ମୋରମ ଚାଲାଣ କରୁଥିବା ୩ ହାଇୱା ଜବତ

**କବାଟବନ୍ଧ, ୫।୮ (ସମିସ):** ଜେନାପୁର ଥାନା ଅଞ୍ଚଳରୁ ମୋରମ ଚୋରା ଚାଲାଣ ହେଉଥିବା ନେଇ ଦୈନିକ ଖବରକାଗଜ 'ସକାଳ'ରେ ଖବର ପ୍ରକାଶ ପରେ ଚେତିଲା ପୁଲିସ । ମଙ୍ଗଳବାର ଭୋର ୪ଟା ସମୟରେ ଚଢ଼ଉ କରି ୩ ଗୋଟି ହାଇୱାକୁ ଜବତ କରିଛି । ମାତ୍ର ଖସିଗଲେ ମୋରମ ମାଫିଆ । ଦୈନିକ ଶହ ଶହ ଟ୍ରିପ ହାଇୱା ଚୋରା ମୋରମ ପରିବହନ କରୁଥିବା ବେଳେ ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ମୁରାଲୀପୁର ଗାଁ ନିକଟରୁ ମାତ୍ର ୩ ଗୋଟି ମୋରମ ବୋଝେଇ ହାଇୱାକୁ ଜେନାପୁର ପୁଲିସ ଜବତ କରିଥିବା ଜଣାପଡ଼ିଛି । ଜବତ କରିଥିବା ୩ଟି ଗାଡ଼ି ମଧ୍ୟରୁ ଓଡି୨୨ଜେ ୫୧୦୫ ହାଇୱାକୁ ଚଢ଼େଇଧରା ଫାଣ୍ଡିରେ ରଖିଥିବା ବେଳେ ଗାଡ଼ି ନମ୍ବର ଓଆର୨୨ସି ୪୩୩୩ ଏବଂ ଓଡି୨୨ଜି ୩୩୯୯କୁ ଜେନାପୁର ଥାନାରେ ରଖିଥିବା ଜଣାପଡ଼ିଛି । ଜବତ ଗାଡ଼ି ଗୁଡ଼ିକ ମଧ୍ୟରୁ ଜଣେ ଡ୍ରାଇଭର ଖସି ଯିବାକୁ ସକ୍ଷମ ହୋଇଛି । ଏନେଇ ଜେନାପୁର ଥାନାରେ ୩ଟି ପୃଥକ ପୃଥକ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି ।

### ଟମ୍‌କା ବନାଞ୍ଚଳରେ ପୁଣି ମାତିଲେ ମାଫିଆ

# ୨ ଟନ୍ ନୀଳପଥର ଜବତ

**ଦାନଗଦି, ୫।୮ (ସମିସ)**



ଯାଜପୁର ଜିଲ୍ଲା ଟମକା ବନାଞ୍ଚଳ ଅଧୀନସ୍ଥ ଟିକରପଡ଼ା ନିକଟରୁ ଟମକା ବନାଞ୍ଚଳର ଏକ ଟିମ୍ ୨ ଟନ୍ ନୀଳପଥର ଜବତ କରିଛନ୍ତି । ବହୁ ମୂଲ୍ୟବାନ ଏହି ନୀଳପଥରକୁ ରୀତିମତ ଲୁଟ ଚାଲିଥିବା ବେଳେ ବନ ବିଭାଗ ନାଁକୁ ମାତ୍ର ଥରେ ଅଧେ ଅଳ୍ପ କିଛି ଜବତ କରି ମାଫିଆମାନଙ୍କୁ ପ୍ରୋତ୍ସାହନ ଯୋଗାଉଥିବା ଆଲୋଚନା ହେଉଛି । ସୂଚନା ମୁତାବକ ଟିକରପଡ଼ା ନିକଟରୁ ଗତକାଲି ନୀଳପଥର ରାଜ୍ୟ ବାହାରକୁ ଚୋରାଚାଲାଣ ହେଉଥିବା ସମ୍ପର୍କରେ ବନବିଭାଗ କୌଣସି ସୂତ୍ରରୁ ଖବର ପାଇଥିଲେ । କଟକ ଡିଏଫ୍‌ଓ ଅନିଲ କୁମାର ରାୟଙ୍କ ନିର୍ଦ୍ଦେଶ କ୍ରମେ ସହକାରୀ ବନ ସଂରକ୍ଷକ ସନ୍ତୋଷ କୁମାର ପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟମକା ରେଞ୍ଜ ପକ୍ଷରୁ ଏକ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରାଯାଇଥିଲା । ଯାହାଦ୍ୱାରା କି ଚଢ଼ଉ ପୂର୍ବରୁ ପ୍ରଥମେ ଦୈତାରୀ ଡିପିଏଫରେ କେଉଁଠାରେ ଚୋରା ନୀଳପଥର ମହଜୁଦ କରାଯାଇଛି ସମ୍ପୃକ୍ତ ସ୍ଥାନ ଗୁଡିକୁ ବନବିଭାଗ ଠାବ କରିଥିଲା । ପୂର୍ବ ପ୍ରସ୍ତୁତି ମୁତାବକ ଏକ ୩୦ ଜଣିଆ ବନବାହିନୀ ଟିକରପଡ଼ା ପାହାଡ଼ରେ ଚଢ଼ଉ କରିଥିଲେ । ପାହାଡ଼ ତଳେ ବିଭିନ୍ନ ସ୍ଥାନରେ ନୀଳପଥର ପଡ଼ିଥିବା ଦେଖିବାକୁ ପାଇଥିଲେ । ଏହିଁ ଟିମ ଜଙ୍ଗଲରେ ୩ ଘଣ୍ଟା ଧରି କମ୍ବି ଅପରେସନ କରିବା ପରେ ୩ରୁ ଅଧିକ ନୀଳପଥର ଖଣି ସନ୍ଧାନ ପାଇଥିଲେ । ବିକ୍ଷିପ୍ତ ହୋଇ ବିଭିନ୍ନ ସ୍ଥାନରେ ପଡ଼ିଥିବା ନୀଳପଥରକୁ ଜଙ୍ଗଲରୁ ସଂଗ୍ରହ କରି ଏକ ଟ୍ରାକ୍ଟରରେ ବନବିଭାଗ ବୋଝେଇ କରି ନେଇଥିଲେ । ସଂଗୃହୀତ ନୀଳ ପଥରକୁ ପାଖାପାଖି ୨ଶହ ମିଟର ପର୍ଯ୍ୟନ୍ତ ବୋହି ଟ୍ରାକ୍ଟରରେ ବୋଝେଇ କରିବାକୁ ପଡ଼ିଥିଲା । ସେହିପରି ଠୁଙ୍ଗୁରି ପାହାଡ଼ରେ ଉଚ୍ଚମାନର ନୀଳପଥର ମିଳୁଥିବା ନେଇ ଏହିଁ ଟିମ ଗ୍ରାମବାସୀଙ୍କ ଠାରୁ ଜାଣିବାକୁ ପାଇଥିଲେ । ସବୁଠୁ ଗୁରୁତ୍ୱ ପୂର୍ଣ୍ଣ କଥା ହେଉଛି, ସ୍ଥାନୀୟ ଲୋକେ ହାମରରେ ପାହାଡ଼ରୁ ନୀଳପଥର ଭାଙ୍ଗି ବିଭିନ୍ନ ସ୍ଥାନରେ ଗଛିତ ରଖି ମାଫିଆଙ୍କ ଦ୍ୱାରା ଏହାକୁ ରାଜ୍ୟ ବାହାରକୁ ଚାଲାଣ କରାଯାଉଥିବା ବିଭାଗୀୟ ଅଧିକାରୀ ମାନେ ଜାଣିବାକୁ ପାଇଛନ୍ତି । ଏହି ଟିମରେ ବନାଞ୍ଚଳ ଅଧିକାରୀ ବ୍ୟତୀତ ୩ ବନପାଳ ବନରକ୍ଷୀ ଗଙ୍ଗାଧର ମୁର୍ମୁ, ରବି ନାଏକ, ବାବୁଲା ଦେହୁରୀ, କୁଳମଣି ମହାକୁଡ଼, ସିଦ୍ଧାନ୍ତ ରାଉତ, ଆଶୁତୋଷ ରଥ, ଜିତେନ୍ଦ୍ର ନାୟକ, ସମରା ମାଝୀ, ପବିତ୍ର ମହାରଣା, ଚିନ୍ମୟ ପ୍ରଧାନ, ପିଙ୍କୁଲ ସାହୁ, ରଞ୍ଜନ ସାହୁ, ସନାତନ ସୋରେନ ଓ ସମୀର ପିଙ୍ଗୁଆ ପ୍ରମୁଖ ସାମିଲ ଥିଲେ ।

## ବଳାତ୍କାରୀକୁ ୨୦ ବର୍ଷ ଜେଲ୍

**ଯାଜପୁର, ୫।୮ (ସମିସ):** ଯାଜପୁର ଜିଲା ବିଞ୍ଝାରପୁର ଅଞ୍ଚଳର ଜଣେ ୧୬ ବର୍ଷୀୟା ନାବାଳିକାକୁ ତା'ର ନିଜ ବାପା ବାରମ୍ବାର ବଳାତ୍କାର ଘଟଣାରେ ମଙ୍ଗଳବାର ଯାଜପୁର ଅତିରିକ୍ତ ଜିଲା ଦୌରାଜଜ୍ ତଥା ପୋକ୍ସୋ ଜଜ୍ ୨୦ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି । ବିଞ୍ଝାରପୁର ଥାନା ଅଞ୍ଚଳର ପ୍ରଶାନ୍ତ ଦାସ ତାଙ୍କ ସ୍ତ୍ରୀ ସହ ବାରମ୍ବାର ଝଗଡ଼ା କରି ଅକଥନୀୟ ଶାରୀରିକ ନିର୍ଯାତନା ଦେଇ ଆସୁଥିଲେ । ଏପରିକି ଗୋଟିଏ ଦିନ ପ୍ରଶାନ୍ତ ତାର ସ୍ତ୍ରୀକୁ ମାରଧର କରି ଘରୁ ତଡ଼ି ଦେଇଥିଲେ । ଫଳରେ ପ୍ରଶାନ୍ତଙ୍କ ସ୍ତ୍ରୀ ତାଙ୍କ ନିଜ ବାପ ଘରେ ତାର ଦୁଇଜଣ ସାନ ପୁଅ ଝିଅକୁ ନେଇ ପଳାଇ ଯାଇଥିଲେ । ମା' ନଥିବାର ସୁଯୋଗ ନେଇ ନାବାଳିକାର ବାପା ପ୍ରଥମେ ରାତିରେ ଶୋଇଥିବା ବେଳେ ଅସଦାଚରଣ କରିଥିଲେ । ପରେ ଜୋର ଜବରଦସ୍ତ ୪/୫ଥର ନାବାଳିକା ଝିଅ ସହ ବଳାତ୍କାର କରିଥିଲେ । ଗତ ୨୦୨୪ ନଭେମ୍ବର ୧୧ ତାରିଖରେ ନାବାଳିକାର ମା' ଏ ସମ୍ପର୍କରେ ସ୍ୱାମୀକୁ ପଚାରିବାରୁ ସେ ମା' ଝିଅଙ୍କୁ ମାରଧର କରିଥିଲା । ଫଳରେ ସେମାନେ ରାତିରେ ସେହି ଗାଁର ଜଣେ ଲୋକଙ୍କ ଘରେ ଆଶ୍ରୟ ନେଇଥିଲେ । ତହିଁ ପରଦିନ ଅର୍ଥାତ୍ ନଭେମ୍ବର ୧୨ ତାରିଖରେ ଅଭିଯୁକ୍ତ ପ୍ରଶାନ୍ତ ଆଶ୍ରୟ ନେଇଥିବା ଲୋକଙ୍କ ଘରେ ପହଞ୍ଚି ମାରଧର କରିବାରୁ ଗ୍ରାମବାସୀ ବିଞ୍ଝାରପୁର ପୁଲିସକୁ ଖବର ଦେବାରୁ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ନାବାଳିକା ଓ ତାଙ୍କ ମା'କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ପ୍ରଶାନ୍ତକୁ ଗିରଫ କରିଥିଲେ । ପ୍ରଶାନ୍ତକୁ ଡାକ୍ତରୀମାଇନା କରାଇ କୋର୍ଟଚାଲାଣ କରାଯାଇଥିଲା । ସେହିଦିନ ଠାରୁ ଅଭିଯୁକ୍ତ ପ୍ରଶାନ୍ତ ଯାଜପୁର ଜିଲ୍ଲା ଜେଲରେ ବିଚାରଧୀନ କଏଦୀ ଭାବେ ରହିଥିଲେ । ମଙ୍ଗଳବାର ଏହି ମାମଲାର ଚୂଡ଼ାନ୍ତ ଶୁଣାଣି କରି ଅତିରିକ୍ତ ଜିଲ୍ଲାଦୌରା ଜଜ୍ ତଥା ପୋକ୍ସୋ ଜଜ୍ ଅଭିଜିତ ପଲେଇ ୧୮ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଓ ବୟାନକୁ ଭିତ୍ତି କରି ଅଭିଯୁକ୍ତ ପ୍ରଶାନ୍ତକୁ ୨୦ବର୍ଷ ଜେଲ୍ ଓ ୫ହଜାର ଟଙ୍କା ଜରିମାନା କରିବା ସହ ଅନାଦେୟରେ ଅଧିକ ୬ମାସ ଜେଲ୍ ଭୋଗିବେ ବୋଲି ରାୟରେ ପ୍ରକାଶ କରିଛନ୍ତି । ପୀଡ଼ିତାକୁ ଆଇନସେବା ପ୍ରାଧିକରଣ ପକ୍ଷରୁ ୫ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାଜୀବ ମହାନ୍ତି ମାମଲାଟିକୁ ପରିଚାଳନା କରିଥିଲେ ।



କେବଳ ଅର୍ଥ ଓ କ୍ଷମତା ସୁଖ ଦେଇପାରିବ ନାହିଁ, ଏହାର ପ୍ରକୃତ ଉତ୍ସ ହେଉଛି ହୃଦୟବତ୍ତା।
-ଦଲାଇଲାମା

ସକାଳ
THE SAKALA

# ଦାଦନ ଯାତନା

ନିଜ ଭିଟାମାଟି ଓ ପରିବାରକୁ ଛାଡ଼ି ଦିନମଜୁରିଆ ଭାବେ ଖଟିବାକୁ ଅନ୍ୟ ରାଜ୍ୟକୁ ଚାଲାଣ ହେଉଥିବା ଶ୍ରମଜୀବୀଙ୍କୁ ଆମେ 'ଦାଦନ' ଭାବେ ଗ୍ରହଣ କରିଥାଉ। ଏମାନଙ୍କ ସଂଖ୍ୟା କମିବା ପରିବର୍ତ୍ତେ ଦିନକୁ ଦିନ ବଢ଼ିବାରେ ଲାଗିଛି। ସରକାରଙ୍କ ଏତେ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ସତ୍ତ୍ୱେ ସେମାନଙ୍କ ଦୁଃଖ ଦୂର ହୋଇନି। ଆମ ରାଜ୍ୟର ଦକ୍ଷିଣ ଓ ପଶ୍ଚିମାଞ୍ଚଳରେ କିଛି ଜିଲ୍ଲାରେ ଏବେ ମଧ୍ୟ ଉତ୍କଟ ଦାରିଦ୍ର୍ୟ ରହିଛି। ଶ୍ରମଦାନ କରିବାକୁ ପ୍ରସ୍ତୁତ ଥିବା ଏହି ଦାଦନଙ୍କୁ ଯଦି ସ୍ଥାନୀୟ ଅଞ୍ଚଳରେ କାମ ଧନ୍ଦା ଯୋଗାଇ ଦିଆଯାଆନ୍ତା ତେବେ ସେମାନେ କର୍ମସଂସ୍କୃତି ବିବର୍ଜିତ ଓ ବିପଜ୍ଜନକ ପରିସ୍ଥିତିରେ କାମ କରିବାକୁ ଘରୁ ଗୋଡ଼ କାଢ଼ି ବାହାରି ଯାଆନ୍ତେ ବା କାହିଁକି? ଏକଥା ଯେ ପ୍ରଶାସନ ବୁଝିନି ଏକଥା ନୁହେଁ। ସେହିଭଳି କୃଷିଭିତ୍ତିକ କାମଧନ୍ଦା ଜଳସେଚନ ଅଭାବରୁ ଏକ ସ୍ୱଳ୍ପମିଆଦୀ ବ୍ୟବସ୍ଥାରେ ପରିଣତ ହୋଇଛି। ଅନ୍ୟପକ୍ଷରେ କୃଷି ବିଶେଷ ଲାଭଜନକ ହେଉ ନ ଥିବାରୁ ଚାଷଜମି ପଡ଼ିଆ ପଡୁଛି। ବିକଳ୍ପ ଚାଷ ଓ ଲାଭଜନକ ଫସଲ କେବଳ ସ୍ଲୋଗାନରେ ରହିଯାଇଛି। ତେଣୁ ଭୟଙ୍କର ଅଭାବବୋଧରେ ଥିବା ଏହି ବର୍ଗଙ୍କୁ ସହାୟତା ଯୋଗାଇଦେବାରେ ପଛଘୁଞ୍ଚା ଦେଇ ନ ଥା'ନ୍ତି ଶ୍ରମିକ ଠିକାଦାର। ମାଛ ଧରିବା ପାଇଁ କେଉଟ ଯେଭଳି ଜାଲ ବିଛାଇ ଜଗି ବସିଥାଏ ସେହିଭଳି ଏହି ଠିକାଦାରମାନେ ଦାଦନ ଶ୍ରମିକଙ୍କୁ ନାନା ପ୍ରଲୋଭନ ଦେଖାଇ ଯୋଗାଡ଼ କରିଥା'ନ୍ତି। ଯେଉଁଠି ବ୍ୟବସ୍ଥା ବିଫଳ ସେଠି ପୁଣି ଭୋଟ ପାଇଁ ସେମାନଙ୍କୁ ଲୋଡ଼ା ପଡ଼େ। ସେହି ଶ୍ରମିକ ଠିକାଦାର ମାନେ ହିଁ ସେମାନଙ୍କୁ କର୍ମକ୍ଷେତ୍ରରୁ ଆଣି ଭୋଟ ପରେ ପୁଣି ପଠାଇବାର ବ୍ୟବସ୍ଥା କରିଥାନ୍ତି। ବିଚିତ୍ର ବ୍ୟବସ୍ଥା।

ଏଠାରେ ଏକଥା ଉଲ୍ଲେଖକରିବାର ଉଦ୍ଦେଶ୍ୟ ହେଲା, ନିକଟରେ ଆନ୍ଧ୍ରପ୍ରଦେଶର ବାପତାଲା ଜିଲ୍ଲା ଅନ୍ତର୍ଗତ ବାଲିକୁରଭା ମଣ୍ଡଳର ଏକ ପଥର ଖାଦନରେ କାମ କରୁଥିବା ଅବସ୍ଥାରେ ଦୁର୍ଘଟଣାରେ ସମ୍ମୁଖୀନ ହୋଇ ୬ ଜଣ ଓଡ଼ିଆ ଶ୍ରମିକଙ୍କ ସମେତ ୯ ଜଣଙ୍କ ମୃତ୍ୟୁ ଘଟିଛି। ୧୫ ଜଣଙ୍କୁ ଆହତ ଅବସ୍ଥାରେ ଚିକିତ୍ସା କରାଯାଇଛି। ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ପଥର କ୍ୱାରୀ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିବାରୁ ଉପର ଭାଗ ପଥରର ସ୍ଥିତି ଦୁର୍ବଳ ହୋଇଯାଇଥିଲା। କର୍ମରତ ଶ୍ରମିକଙ୍କ ଉପରେ ସେହି ପଥରଖଣ୍ଡ ଓଜାଡ଼ି ହୋଇପଡ଼ିଥିଲା। ପଥରଖଣି ମାଲିକ ବର୍ଷା ପରିବର୍ତ୍ତୀ ସ୍ଥିତି ଯାଞ୍ଚ କରିଥିଲେ ଏଭଳି ଏକ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇ ପାରିଥା'ନ୍ତା। ଏକ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ଗତ ୧୫ ମାସ ମଧ୍ୟରେ ଆମ ରାଜ୍ୟରୁ ଦାଦନ ଖଟିବାକୁ ଯାଇଥିବା ୧୫୦ ଉର୍ଦ୍ଧ୍ୱ ପ୍ରାଣ ହରାଇ ଲେଣି। ଆମକୁ ଏଠାରେ କହିବାକୁ ପଡୁଛି ଯେ ତାମିଲନାଡୁ ଓ ଆନ୍ଧ୍ର ପ୍ରଦେଶରେ କାର୍ଯ୍ୟରତ ଏହି ଶ୍ରମିକଙ୍କୁ କେବଳ ଶୋଷଣ କରାଯାଉନାହିଁ। ସର୍ବନିମ୍ନ ସୁବିଧା ସୁଯୋଗ ଉପଲବ୍ଧ ନଥିବା ବେଳେ ଅତି ବିପଜ୍ଜନକ ଅବସ୍ଥାରେ ସେମାନଙ୍କୁ ଦିନ ରାତି ଖଟିବାକୁ ପଡୁଛି। ସେମାନଙ୍କ ଭଲ ମନ୍ଦ ନେଇ ଉଭୟ ପକ୍ଷ ନିରବ। ଏକ୍ଷେତ୍ରରେ ଯଥେଷ୍ଟ ସଜାଗ ଓ ସତର୍କତା ଅବଲମ୍ବନ କରାଯାଇପାରନ୍ତା। ଏଠାରେ ପୁଣି ଥରେ କହିବା ଯେ ବ୍ୟବସ୍ଥା ନିରବ। ଏହା ଯେ ଏକ ମାନବୀୟ ଅପରାଧ ଏକଥା କେହି ଗ୍ରହଣ କରିବାକୁ ନାରାଜ।

ଗତ ନିର୍ବାଚନରେ ଦାଦନ ଶ୍ରମିକଙ୍କ ସମସ୍ୟାଙ୍କୁ ସର୍ବାଧିକ ପ୍ରାଧାନ୍ୟ ଦିଆଯାଇଥିଲା। ଏହାକୁ ରାଜ୍ୟର ସ୍ୱାଭିମାନ ଓ ସମ୍ମାନର ପ୍ରସଙ୍ଗ ରୂପେ ଗ୍ରହଣ କରାଯାଉଥିଲା। ଓଡ଼ିଶାରୁ ଅନ୍ୟରାଜ୍ୟକୁ କେହି ଦାଦନ ଖଟିବାକୁ ଯିବେ ନାହିଁ ବୋଲି ନିର୍ବାଚନୀ ପ୍ରତିଶ୍ରୁତି ମିଳିଥିଲା। ଏବେ ବର୍ଷକ ମଧ୍ୟରେ ଗୋଟିକ ପରେ ଗୋଟିଏ ଅଘଟଣ ଘଟିଥିବାରୁ ଆମେ ବିଜେପି ନେତାଙ୍କ ପ୍ରତିଶ୍ରୁତି ମନେ ପକାଇ ଦେବାକୁ ଚାହୁଁ। ସରକାର ଯେ କିଛି କରିନାହାନ୍ତି ଏକଥା ନୁହେଁ। ଦାଦନ ସମସ୍ୟାର ନିରାକରଣ ପାଇଁ ଟାସ୍କ ଫୋର୍ସ ଗଠନ କରାଯାଇଛି। ଯେଉଁ ଅଞ୍ଚଳରୁ ଅଧିକ ସଂଖ୍ୟାରେ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି, ସେଠାରୁ ପ୍ରତିନିଧିତ୍ୱ କରୁଥିବା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଏହି କମିଟିର ଅଧ୍ୟକ୍ଷ ଅଛନ୍ତି। ଅନ୍ୟତମ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପଞ୍ଚାୟତରାଜ ମନ୍ତ୍ରୀଙ୍କ ସମେତ ଅନ୍ୟ ମନ୍ତ୍ରୀମାନେ ମଧ୍ୟ ସଦସ୍ୟ ଅଛନ୍ତି। ଖୋଦ ମୁଖ୍ୟସଚିବଙ୍କ ସହ ବହୁ ଅଧିକାରୀଙ୍କୁ ଟାସ୍କଫୋର୍ସରେ ସାମିଲ କରାଯାଇଛି। ଦାଦନ ସମସ୍ୟାର ଆଶୁ ସମାଧାନ ସକାଶେ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା ହେଉଛି ଟାସ୍କଫୋର୍ସର ମୁଖ୍ୟ କାର୍ଯ୍ୟ। ଏକ୍ଷେତ୍ରରେ କି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି ବା ଆଗକୁ କ'ଣ କରାଯିବ ସେ ସଂପର୍କରେ ସମୀକ୍ଷା ସକାଶେ ପ୍ରତି ୬ ମାସ ବ୍ୟବଧାନରେ ଟାସ୍କ ଫୋର୍ସ ବୈଠକ କରିବା କଥା। କିନ୍ତୁ ତାହା ସମ୍ଭବ ହେଲା ନାହିଁ। ମାତ୍ର ଗୋଟିଏ ବୈଠକରେ ଯାହା ପ୍ରାରମ୍ଭିକ ଆଲୋଚନା ହୋଇଥିଲା ସେହିଥିରେ ହିଁ ତାହା ସୀମିତ ରହିଛି। ଆମକୁ ଏଠାରେ କହିବାକୁ ପଡୁଛି ଯେ କୌଣସି ପ୍ରସଙ୍ଗକୁ ନିର୍ବାଚନ ରାଜନୀତିରେ ଉତ୍ଥାପନ କରି ଜନମତକୁ ନିଜ ସପକ୍ଷରେ ଆଣିବା ସହଜ, କିନ୍ତୁ ତାହାର ସମାଧାନ ସକାଶେ ଯେଉଁ ଆନ୍ତରିକତା ଲୋଡ଼ା, ତାହାର ଅଭାବ ଏବେ ମଧ୍ୟ ଅନୁଭୂତ ହେଉଛି।

ଘଟଣାକ୍ରମ ନେଇ ଆମ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଆନ୍ଧ୍ରମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଦୁଃଖ, କ୍ଷୋଭ ଓ ଶୋକ ପ୍ରକାଶ କରିଛନ୍ତି। କେବଳ ସେତିକି ନୁହେଁ ମୃତକଙ୍କ ପରିବାରଙ୍କ ପାଇଁ ତୁରନ୍ତ ସହାୟତା ରାଶି ମଧ୍ୟ ଘୋଷଣା କରାଯାଇଛି। ଆମ ମୁଖ୍ୟମନ୍ତ୍ରୀ ୪ ଲକ୍ଷ ଓ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ୧୪ ଲକ୍ଷ ଟଙ୍କା ଦେବେ। ସେ ଯିଏ ବି ହେଉ ବା ଯେଉଁ ସ୍ତରର ହେଉ। ମଣିଷର ଜୀବନ ତ ଅମୂଲ ମୂଲ। ସେହି କ୍ଷତିକୁ କେହି ଭରଣା କରିପାରିବେ ନାହିଁ। ତେବେ ପାରିବାରିକ ଜଞ୍ଜାଳ ଓ ସାମାଜିକ ନିର୍ଯାତନାରୁ ମୁକ୍ତି ପାଇଁ ଉପାର୍ଜନ ଆଶାରେ ଘରବାଡ଼ି ଛାଡୁଥିବା ପରିବାରର ଆର୍ଥିକ ସ୍ଥିତିକୁ ସୁଧାରିବାରେ ଏହି ୧୮ ଲକ୍ଷ ଟଙ୍କା କେତେଦୂର ସହାୟକ ହେବ ତାହା ମଧ୍ୟ ଚିନ୍ତା କରିବାର କଥା। ହେଲେ ଜୀବନ ବିନିମୟରେ ତ ଏହା ଆଦୌ ଗ୍ରହଣୀୟ ନୁହେଁ।

# ଆମେରିକା ନିକିତିରେ ଭାରତ-ପାକିସ୍ତାନ

ଗୌରୀ ପ୍ରସାଦ ମହାପାତ୍ର

ଭାରତୀୟ ଉତ୍ପାଦ ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ୨୫% ଆମଦାନୀ ଶୁଳ୍କ ଧାର୍ଯ୍ୟ ଭାରତ-ଆମେରିକା ସମ୍ପର୍କ ଉପରେ ପ୍ରଶ୍ନବାଚୀଟିଏ ଲଗାଇ ନଥା'ନ୍ତା ଯଦି ସମାନ୍ତରାଳ ଭାବେ ପାକିସ୍ତାନର ତୈଳ କୂପଗୁଡ଼ିକର ବିକାଶ ପାଇଁ ଆର୍ଥିକ ସହାୟତା ଘୋଷଣା କରାଯାଇ ନଥା'ନ୍ତା। ଟ୍ରମ୍ପଙ୍କ ଦୃଷ୍ଟିରେ ଭାରତ ପାଇଁ ରୁଷ୍ ପ୍ରୀତି ଏକ ଅପରାଧ। ଏହି ଅପରାଧ ପାଇଁ ଭାରତକୁ ବର୍ଦ୍ଧିତ ଶୁଳ୍କ ସମେତ ଅତିରିକ୍ତ ଜୋରିମାନା ମଧ୍ୟ ଦେବାକୁ ପଡ଼ିବ। ଅପରପକ୍ଷରେ ଆମେରିକାର ଶିଳ୍ପପତି ତଥା ଟ୍ରମ୍ପଙ୍କ ବିଗତ ଦିନର ବନ୍ଧୁ ଏଲନ୍ ମସ୍କ ଏବଂ ଆମେରିକୀୟ ଅର୍ଥନୀତିଜ୍ଞ ଜେଫ୍ରି ସାକ୍ସଙ୍କ ମତରେ କ୍ରମବର୍ଦ୍ଧିଷ୍ଣୁ ଅର୍ଥନୈତିକ ମହାଶକ୍ତି ରୂପେ ଭାରତ ଉଭା ହେଉଥିବାରୁ ଟ୍ରମ୍ପଙ୍କ ଭୟ ଓ ଈର୍ଷା ତାଙ୍କର ଶୁଳ୍କ ନୀତିରେ ପ୍ରତିଫଳିତ ହୋଇଛି। କାରଣ ଯାହା ବି ହେଉନା କାହିଁକି ଆମେରିକାର ଏହି ସମାନ୍ତରାଳ ଘୋଷଣା ପରେ ଭାରତ-ପାକିସ୍ତାନ ପ୍ରସଙ୍ଗରେ ଆମେରିକା ଦୃଷ୍ଟିକୋଣର ସିଂହାବଲୋକନର ଅବକାଶ ସୃଷ୍ଟି ହୋଇଛି।

ସାମଗ୍ରିକ ପୃଷ୍ଠଭୂମିରେ ଆମ ଅତି ପରିଚିତ 'ବିରାଡ଼ିଙ୍କ ପିଠାକଳି' କଥାଟିର ସାରମର୍ମ(ଦୁଇଜଣଙ୍କ ବିବାଦରେ ତୃତୀୟ ପକ୍ଷର ଲାଭ) ଅବତାରଣା ପ୍ରାସଙ୍ଗିକ ମନେ ହୁଏ, ଯେଉଁଥିରେ ଦୁଇଟି ବିରାଡ଼ି ଗଉଡ଼ ସାହିରୁ ପାଇଥିବା ଛେନାପୋଡ଼ ଖଣ୍ଡିକର ଭାଗବଣ୍ଟା ସମାଧାନ ପାଇଁ ହନୁମାଙ୍କଡ଼ ପାଖକୁ ଯା'ନ୍ତି। ହନୁମାଙ୍କଡ଼ ଜାଣିଶୁଣି ପିଠାକୁ ଛୋଟବଡ଼ ଦୁଇ ଭାଗ କରି ନିକିତିର ଦୁଇପଲାରେ ରଖେ। ଯେଉଁ ପଲା ଭାରି ହୁଏ ସେଥିରୁ ଏମିତି ପୁଳାଏ ଖାଇଦିଏ ଯେ ଆର ପଲାଟି ଭାରି ହୋଇଯାଏ। ପୁଣି ଆରପାଖରୁ ପୁଳାଏ ଖାଇ ଦେଇ ଏପାଖଟିକୁ ଓଜନିଆ କରିଦିଏ। ଏହିକ୍ରମରେ ପିଠାଟିକୁ ସମ୍ପୂର୍ଣ୍ଣ ଉଦରସ୍ଥ କରିଦିଏ। ଶେଷରେ ବିରାଡ଼ି ଦୁଇଟି ଖାଲି ହାତରେ ଘରକୁ ଫେରନ୍ତି। ୨୦୪୭ ମସିହା ପରେ ଆମେରିକା ଏଭଳି ଏକ ନିକିତି ଧରି ବସିଛି, ଯାହାର ଦୁଇପଲାରେ ଭାରତ ଓ ପାକିସ୍ତାନକୁ ରଖିଛି। ହ୍ୟାରି ଟ୍ରୁମ୍ୟାନ୍ ହୁଅନ୍ତୁ କି ରିଚାର୍ଡ ନିକ୍ସନ୍ କିମ୍ବା ରୋନାଲ୍ଡ ରେଗନ୍ ହୁଅନ୍ତି କି ବିଲ୍ କ୍ଲିଣ୍ଟନ୍ କିମ୍ବା ବର୍ତ୍ତମାନର ଡୋନାଲ୍ଡ ଟ୍ରମ୍ପ, ରାଷ୍ଟ୍ରପତି ପଦରେ ଯିଏ ବା ବସନ୍ତୁ ନା କାହିଁକି ଭାରତ ଓ ପାକିସ୍ତାନକୁ ଆମେରିକାର ସ୍ୱାର୍ଥ ଓ ସୁବିଧା ପାଇଁ ପରିସ୍ଥିତି ଅନୁଯାୟୀ ନିକିତି ତଉଲ କରି ଆସିଛନ୍ତି। ୧୯୪୭ ମସିହାରେ ଭାରତ ସମ୍ମୁଖୀନ ହୋଇଥିବା ପ୍ରଥମ ଛାୟାଯୁଦ୍ଧରୁ ସଦ୍ୟତମ ଅଘୋଷିତ ଯୁଦ୍ଧ 'ଅପରେସନ୍ ସିନ୍ଦୂର' ପର୍ଯ୍ୟନ୍ତ ଆମେରିକାର ଏହି ନିକିତି ତଉଲ କାର୍ଯ୍ୟକଳାପକୁ ତର୍ଜମା କଲେ ଟ୍ରମ୍ପଙ୍କ ସାମ୍ପ୍ରତିକ ଭାରତ ବିରୋଧୀ କିମ୍ବା ପାକିସ୍ତାନ ସପକ୍ଷବାଦୀ ଆଭିମୁଖ୍ୟ ସେଭଳି ଆଶ୍ଚର୍ଯ୍ୟଜନକ କିମ୍ବା ଅସ୍ୱାଭାବିକ ମନେ ହେବ ନାହିଁ।

ସ୍ୱାଧୀନତାର ମାତ୍ର ଦୁଇମାସ ପରେ ପାକିସ୍ତାନ ପ୍ରାୟୋଜିତ ଓ ସମର୍ଥିତ ଅନୁପ୍ରବେଶକାରୀଙ୍କ ବିରୋଧରେ ଭାରତ ସମ୍ମୁଖୀନ ହୋଇଥିବା ଯୁଦ୍ଧର ସଫଳ ମୁକାବିଲା ପରେ ତତ୍କାଳୀନ ଭାଇସରୟ ଲର୍ଡ ମାଉଣ୍ଟବ୍ୟାଟେନ୍‌ଙ୍କ ପରାମର୍ଶକ୍ରମେ ୧୯୪୮ ଜାନୁଆରୀ ୧ ତାରିଖରେ ଜାତିସଂଘରେ ଫେରାଦ ହେଲା। କିନ୍ତୁ ବ୍ରିଟିଶ୍ ସରକାର ପୁଣି ଥରେ ବିଶ୍ୱାସଘାତ କରି ଭାରତକୁ ସମର୍ଥନ ତ କଲା ନାହିଁ, ଅଧିକନ୍ତୁ ତା'ର ସୁପାରିସକ୍ରମେ ସୁରକ୍ଷା ପରିଷଦ ଚତୁରତାର ସହିତ କାଶ୍ମୀର ସମସ୍ୟାକୁ ଭାରତ-ପାକିସ୍ତାନ ବିବାଦର ରୂପ ଦେଲା। ଏ ସମ୍ପର୍କରେ ଆମେ ଅଳ୍ପେବହୁତ ଅବଗତ ଥିବାରୁ ଆଲୋଚନାର ବିଷୟବସ୍ତୁକୁ ଅଧିକ ବିଲମ୍ବିତ କରିବା ନିଷ୍ପ୍ରୟୋଜନ।

ସେହି ସମୟରେ ଆମେରିକା ଚାହୁଁଥିଲା କାଶ୍ମୀର ପ୍ରସଙ୍ଗ ଭାରତ-ପାକିସ୍ତାନ ଦ୍ୱିପାକ୍ଷିକ ଆଲୋଚନା ଜରିଆରେ ସମାଧାନ ହେଉ। ଏହି ମର୍ମରେ ଆମେରିକାର ତତ୍କାଳୀନ ପରରାଷ୍ଟ୍ର ସଚିବ ଭାରତକୁ ଏକ ସରକାରୀ ପତ୍ର ଜରିଆରେ ପ୍ରତିଶ୍ରୁତି ଦେଇଥିଲେ ଯେ ଜାତିସଂଘରେ ଏ ସମ୍ପର୍କରେ ଗୃହୀତ ସଂକଳ୍ପକୁ ଆମେରିକା ସମର୍ଥନ କରିବ। ସେତେବେଳେ ଦକ୍ଷିଣ ବିଶ୍ୱର ବିଶାଳ ସ୍ୱାଧୀନ ରାଷ୍ଟ୍ର ଭାବେ ଉଭା ହୋଇଥିବା ଭାରତ ଯେପରି ତତ୍କାଳୀନ ସୋଭିଏତ୍ ସଂଘ ପଟକୁ ଢଳି ନ ଯିବ ସେଥିପାଇଁ ଏଭଳି ସମବେଦନା ଜରିଆରେ ଭାରତକୁ ବଶମ୍ବଦ କରି ରଖିବାକୁ ଆମେରିକା ଚାହୁଁଥିଲା। କିନ୍ତୁ ସେତେବେଳେ ଭାରତ ଗୋଷ୍ଠୀ ନିରପେକ୍ଷ ନୀତି ଆପଣେଇବାରୁ ଆମେରିକାର ଉଦ୍ଦେଶ୍ୟ ଚରିତାର୍ଥ ହେଲା ନାହିଁ। ତଥାପି ଆମେରିକାର ପ୍ରୟାସ ୧୯୬୫ ତାସ୍‌କେଣ୍ଟ ଚୁକ୍ତି ପର୍ଯ୍ୟନ୍ତ ଜାରି ରହିଥିଲା। ଏପରିକି ୧୯୬୨ରେ ଚୀନ୍ ସହିତ ଯୁଦ୍ଧ ବେଳେ ଭାରତକୁ ଆମେରିକା କେତେକାଂଶରେ ଯୁଦ୍ଧାସ୍ତ୍ର ପରିବହନରେ ସହାୟତା କରିଥିଲା। ଭାରତ-ଚୀନ୍ ଯୁଦ୍ଧର ଫାଇଦା ନେଇ କାଶ୍ମୀର ଆକ୍ରମଣ ପାଇଁ ପାକିସ୍ତାନର ତତ୍କାଳୀନ ସାମରିକ ଶାସକ ଆୟୁବ୍ ଖାଁ ସଜବାଜ ହେଉଥିବା ବେଳେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଜେ ଏଫ୍ କେନେଡ଼ିଙ୍କ କଡ଼ା ଚେତାବନୀ ଯୋଗୁଁ ଓହରି ଆସିବାକୁ ବାଧ୍ୟ ହୋଇଥିଲେ। କିନ୍ତୁ ଆୟୁବ୍ କୁଆଡ଼େ ଭାରତ ଉପରେ ଆକ୍ରମଣ ନ କରିବା ବାବଦ କ୍ଷତିଭରଣା ଦାବି କରିଥିଲେ। କିନ୍ତୁ କେନେଡ଼ିଙ୍କ ପୁଣି ଥରେ ତାଗିଦ୍ ପରେ ଚୁପ୍ ରହିଥିଲେ। କେନେଡ଼ିଙ୍କ ପ୍ରସ୍ତାବ ଅନୁଯାୟୀ ଭାରତ ପାକିସ୍ତାନ ସହିତ ୬ ଦଫା ଆଲୋଚନା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନଥିଲା। କିନ୍ତୁ ୧୯୬୫ ତାସ୍‌କେଣ୍ଟ ଚୁକ୍ତିରେ ଆମେରିକା ବଡ଼ଭାଇ ପଣିଆ ସାବ୍ୟସ୍ତ କରିବାରେ କିଛିମାତ୍ରାରେ ସମର୍ଥ ହେଲା।

ଇତିମଧ୍ୟରେ ଶୀତଳଯୁଦ୍ଧ ଘନୀଭୂତ ହେଉଥିଲା। ତତ୍କାଳୀନ ଭୂରାଜନୈତିକ ସନ୍ଧିକ୍ଷଣରେ ସୋଭିଏତ୍ ସଂଘ ବିରୋଧରେ ଭାରତ ତୁଳନାରେ ପାକିସ୍ତାନକୁ ମୋହରା କରିବା ପାଇଁ ଆମେରିକା ନେତୃତ୍ୱାଧୀନ ପଶ୍ଚିମବିଶ୍ୱ ଅଧିକ ଆଗ୍ରହୀ ହେଲା। ତତ୍କାଳୀନ ପାକିସ୍ତାନର ସାମରିକ ଶାସକମାନେ ମଧ୍ୟ ଭାରତ ଉପରେ ଦାଉ ସାଧିବା ପାଇଁ ଏହି ସୁଯୋଗକୁ ହାତଛଡ଼ା କରି ନ ଥିଲେ। ଏହିକ୍ରମରେ ଆଫ୍‌ଗାନିସ୍ତାନର ଗୃହ ଯୁଦ୍ଧ ପାକିସ୍ତାନକୁ ଆମେରିକାର ଅଧିକ ନିକଟତର କଲା। ଶୀତଳଯୁଦ୍ଧରେ ମଧ୍ୟପ୍ରାଚ୍ୟ ପ୍ରୟୋଗଶାଳା ହୋଇଥିବାରୁ ପାକିସ୍ତାନକୁ ଆମେରିକା ପ୍ରଚ୍ଛନ୍ନ ସାମରିକ ଘାଟି ରୂପେ ବିବେଚନା କଲା ଏବଂ ଆତଙ୍କ ଦମନ ନାମରେ ଏଫ୍୧୬ ଲଢୁଆ ବିମାନ ସମେତ ବିପୁଳ ସାମରିକ ଓ ଆର୍ଥିକ ସହାୟତା ଅଜାଡ଼ି ଦେଲା। ଏପରିକି ପରମାଣୁ ଅସ୍ତ୍ର ନିର୍ମାଣ ସୂତ୍ର ମଧ୍ୟ ଆମେରିକା ହିଁ ପାକିସ୍ତାନକୁ ଦେଇଥିବା ଚର୍ଚ୍ଚା ହୁଏ। ତେଣୁ ସ୍ୱାଭାବିକ ଭାବରେ ଆମେରିକା ନିକିତିରେ ରୁଷ୍-ବନ୍ଧୁ ଭାରତ ନ୍ୟୂନ ହୋଇପଡ଼ିଲା। ଆହୁରି ମଧ୍ୟ ଆମେରିକା-ଚୀନ୍ ସମ୍ପର୍କର ମୂଳଦୁଆ ସ୍ଥାପନାରେ ପାକିସ୍ତାନ ମଧ୍ୟସ୍ଥତା କରିଥିବାରୁ ଉପହାର ସ୍ୱରୂପ ୧୯୭୧ ଭାରତ ବିରୋଧ ଯୁଦ୍ଧରେ ପାକିସ୍ତାନକୁ ଆମେରିକା ପ୍ରତ୍ୟକ୍ଷ ସାମରିକ ସହାୟତା ଯୋଗାଇ ଦେଇଥିଲା।

ସୋଭିଏତ୍ ସଂଘର ବିଲୟ ପରେ ଆମେରିକା ନିକିତି ତଉଲ ପୁଣି ବଦଳିଗଲା। ୧୯୯୯ରେ କାରଗିଲ୍ ଯୁଦ୍ଧ ବେଳେ ତତ୍କାଳୀନ ଆମେରିକା ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ୍ ପାକିସ୍ତାନର ସାମରିକ ସହାୟତା ଯାଚନାକୁ ପ୍ରତ୍ୟାଖ୍ୟାନ କରିଦେଇ ସୀମାପାର ଯୁଦ୍ଧ ପାଇଁ ପାକିସ୍ତାନକୁ ଭର୍ତ୍ସନା କଲେ। କୋଡ଼ିଏ ବର୍ଷର ବ୍ୟବଧାନ ପରେ ଆମେରିକାର ପ୍ରଥମ ରାଷ୍ଟ୍ରପତି ଭାବେ ବିଲ୍ କ୍ଲିଣ୍ଟନ ଭାରତ ଗସ୍ତରେ ଆସି ପାଞ୍ଚ ଦିନ ଏବଂ ପାକିସ୍ତାନରେ ମାତ୍ର କିଛି ଘଣ୍ଟା ବିତାଇ ଏକ ଭିନ୍ନ ବାର୍ତ୍ତା ଦେଲେ। ୨୦୦୧ ପରେ ପୁଣି ପଟ୍ଟ ପରିବର୍ତ୍ତନ ହେଲା। ସେପ୍ଟେମ୍ବର ୧୧ ବିଶ୍ୱବାଣିଜ୍ୟ କେନ୍ଦ୍ର ଧ୍ୱଂସ ପରେ ଆଫ୍‌ଗାନିସ୍ତାନରେ ତାଲିବାନୀ ଶାସନର ବିଲୋପ ପାଇଁ ଆମେରିକା ପୁଣି ଥରେ ପାକିସ୍ତାନକୁ ସହଯୋଗର ହାତ ବଢ଼ାଇଲା। ଏପରିକି ପାକିସ୍ତାନରେ ଆଣବିକ ଅସ୍ତ୍ରଶସ୍ତ୍ରର ସୁରକ୍ଷା ଦାୟିତ୍ୱ ଆମେରିକା ବହନ କରିବାକୁ ପ୍ରସ୍ତାବ ଦେଲା। ସେବେଠାରୁ ପାକିସ୍ତାନରେ ଆମେରିକା ନିଜର ଗୁପ୍ତ ଆଣବିକ ବିକାଶ କେନ୍ଦ୍ର କାର୍ଯ୍ୟକ୍ଷମ କରିଛି। ଉପରଠଉରିଆ ଭାବେ ପାକିସ୍ତାନକୁ ଆତଙ୍କବାଦ-ରପ୍ତାନିକାରୀ ରାଷ୍ଟ୍ର ଭାବେ ନିନ୍ଦା କରୁଥିଲେ ହେଁ ବିଶ୍ୱ ବ୍ୟାଙ୍କ, ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ଓ ଆମେରିକୀୟ ରାଜକୋଷରୁ ଆର୍ଥିକ ଅନୁଦାନ ଅଜାଡ଼ି ଦେବାକୁ ସୁପାରିସ ଏବେ ମଧ୍ୟ ଜାରି ରହିଛି।

ବିଗତ ଦଶନ୍ଧିର ଶେଷାର୍ଦ୍ଧରେ ଡୋନାଲ୍ଡ ଟ୍ରମ୍ପ ପ୍ରଥମ ପାଳିରେ ଚୀନ୍‌କୁ ରଣନୈତିକ ପ୍ରତିଦ୍ୱନ୍ଦ୍ୱୀ ଘୋଷଣା କରିବା ସହିତ ଆମେରିକା ନିକିତିରେ ଭାରତ ପୁଣି ଗୁରୁତ୍ୱ ପାଇଲା। କିନ୍ତୁ ଦ୍ୱିତୀୟ ପାଳିରେ ଟ୍ରମ୍ପଙ୍କ ଲୋଲୁପ ଦୃଷ୍ଟି ମଧ୍ୟପ୍ରାଚ୍ୟ ଓ ଆଫ୍‌ଗାନିସ୍ତାନ ଉପରେ ପଡ଼ିବାରୁ ପାକିସ୍ତାନ ପଲା ପୁଣି ଓଜନିଆ ହୋଇଗଲା। ସମ୍ପ୍ରତି ପାକିସ୍ତାନରେ ତୈଳ କୂପ ବିକାଶ ଯୋଜନା ପଛରେ ଆମେରିକାର ମୂଳ ଉଦ୍ଦେଶ୍ୟ ହେଉଛି ପାକିସ୍ତାନ-ଆଫ୍‌ଗାନିସ୍ତାନ-ଇରାନ୍ ସୀମା ନିର୍ଦ୍ଧାରଣ କରୁଥିବା ବେଲୁଚିସ୍ତାନରେ ତୈଳ ପ୍ରକଳ୍ପ ପ୍ରତିଷ୍ଠା କରିବା। ଏହାପରେ ତା'ର ସୁରକ୍ଷା ଆଳରେ ପାକିସ୍ତାନରେ ସୈନ୍ୟବାହିନୀ ମୁତୟନ ଏବଂ ସାମରିକ ଘାଟି ସ୍ଥାପନା କରି ଇରାନ୍‌ର ଆଣବିକ କାର୍ଯ୍ୟକ୍ରମ ଏବଂ ଆଫ୍‌ଗାନିସ୍ତାନର ତାଲିବାନୀ କାର୍ଯ୍ୟକଳାପ ଉପରେ ସତର୍କ ଦୃଷ୍ଟି ରଖିବା ଏବଂ ଏପଟେ ଚୀନ୍‌ର ଆଧିପତ୍ୟକୁ ପ୍ରତିହତ କରିବା। ଏହିକ୍ରମରେ ବାଂଲାଦେଶର ଭାରତ ସପକ୍ଷବାଦୀ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କୁ ଗାଦିଚ୍ୟୁତ କରି ସେଠାରେ ଅରାଜକତା ଓ ରାଜନୈତିକ ଅସ୍ଥିରତା ଦ୍ୱାରା ଶାନ୍ତି ବ୍ୟାହତ କରି ଆମେରିକା ପାକିସ୍ତାନକୁ ବନ୍ଧୁତା ଓ ସହଯୋଗର ପରୋକ୍ଷ ବାର୍ତ୍ତା ଦେଇଥିଲା। ଇତିମଧ୍ୟରେ କାଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥତା ଜରିଆରେ ପାକିସ୍ତାନକୁ ବଶମ୍ବଦ କରି ରଖିବା ପାଇଁ ଯୋଜନା କରିଥିବା ଡୋନାଲ୍ଡ ଟ୍ରମ୍ପଙ୍କୁ 'ଅପରେସନ୍ ସିନ୍ଦୂର' ଭାବେ ଏକ ସୁଯୋଗ ମିଳିଗଲା। ରୁଷରୁ ଭାରତର ତୈଳ ଆମଦାନୀ ଏକ ବାହାନାମାତ୍ର। ଭାରତ-ପାକ୍ ଅସ୍ତ୍ରବିରତିର ସମ୍ପୂର୍ଣ୍ଣ ଶ୍ରେୟ ନେବାକୁ ଆତୁର ଟ୍ରମ୍ପଙ୍କୁ ଭାରତୀୟ ସଂସଦରେ ବିଧିବଦ୍ଧ ସ୍ୱୀକୃତି ନ ମିଳିବାରୁ ଭାରତ ପୁଣି ଥରେ ଆମେରିକାର ନିକିତି ତଉଲରେ ହାଲ୍‌କା ହୋଇ ଉପରକୁ ଉଠିଯାଇଛି।

ସର୍ବଶକ୍ତିମାନ ସାମରିକ ଓ ଅର୍ଥନୈତିକ ରାଷ୍ଟ୍ର ଆମେରିକାର ନିକିତି ମାପଦଣ୍ଡ ଅନେକମାତ୍ରାରେ ନିର୍ଭର କରୁଛି 'ନାଟୋ'ର ସମାନ୍ତରାଳ 'ବ୍ରିକ୍ସ'ର ଭବିଷ୍ୟତ ଉପରେ। ତେଣୁ ହୁଏତ ଆଜି ନିକିତି ତଉଲରେ ବିଶ୍ୱ ସନ୍ତୁଳନକୁ ବିଗାଡୁଥିବା ଆମେରିକାର ଦଶା 'ବଡ଼େଇ-ମର୍କଟ' କଥାର ସେହି ମର୍କଟ ତୁଲ୍ୟ ହୋଇଯିବ, ଯାହାର ଲାଞ୍ଜ ନିଜ କୃତକର୍ମରୁ କାଠଫାଙ୍କରେ ଚାପି ହୋଇଯିବ।

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

# ନିୟମରାଜାଙ୍କ ଉପାସକ

ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ

ଓଡ଼ିଶାର ଆଦିମ ଜନଜାତି, ବିଶେଷକରି କଳାହାଣ୍ଡିର ଜନଜାତିଙ୍କ ସଂସ୍କୃତି ସ୍ୱତନ୍ତ୍ର ଓ ଅନନ୍ୟ। ଶାରୀରିକ ସୁସ୍ଥତା ହେଉ ବା ସୁନେଲୀ ଫସଲ ପାଇଁ ନିୟମଗିରିର କନ୍ଧ ସମ୍ପ୍ରଦାୟ 'ନିୟମ ରାଜା'ଙ୍କୁ ଆଦିମକାଳରୁ ପୂଜା ଆରି ଆସୁଛନ୍ତି। ତେଣୁ ପ୍ରତିବର୍ଷ ନିୟମଗିରିର ପୂର୍ବଭାଗ ପର୍ବତମାଳାରେ ପୂଜାର୍ଚ୍ଚନା କରିଥା'ନ୍ତି। ଏହା ହେଉଛି ସେମାନଙ୍କ ବିଶ୍ୱାସ, ଭରସା ଓ ସୁରକ୍ଷାର ଦେବସ୍ଥଳୀ। 'ନିୟମଗିରି'ର ଗଛଲତାଠାରୁ ସ୍ରୋତସ୍ୱିନୀ ନଈ ମୁଣ୍ଡିଆ ଓ ଡଙ୍ଗର ପର୍ଯ୍ୟନ୍ତ ସବୁ ସେମାନଙ୍କ ପୂଜ୍ୟ। ପାରମ୍ପରିକ ବାଦ୍ୟନାଦ ଭିତରେ ଡଙ୍ଗରିଆ ଜନଜାତିର ଯୁବ ବର୍ଗ ପୂଜାର୍ଚ୍ଚନା ସହ ନାଚଗୀତରେ ମସଗୁଲ ହୋଇଥା'ନ୍ତି। ଢାପ ବାଜାର ଧ୍ୱନିରେ ପାଦକୁ ପାଦ ମିଶାଇ, ହାତରେ ହାତ ଛନ୍ଦି ଆଦିବାସୀ ଧାଙ୍ଗଡ଼ା ଧାଙ୍ଗିଡ଼ି ତଥାକଥିତ ସାଂପ୍ରତିକ ସମାଜର ବାହ୍ୟସ୍ଥିତି ଓ ଅସ୍ତିତ୍ୱକୁ ଭୁଲି ଏକାକାର ହୋଇଥା'ନ୍ତି।

କଳାହାଣ୍ଡି ନିୟମଗିରି ଉପରେ ବସବାସ କରିଥା'ନ୍ତି ଡଙ୍ଗରିଆ। ସେମାନେ ପୋଡୁ ଚାଷ ଓ ଉଦ୍ୟାନ କୃଷିରେ ବେଶ ଦକ୍ଷ। ହଳଦୀ, ସପୁରୀ ଓ କଦଳୀ ଚାଷ ନିମନ୍ତେ ଡଙ୍ଗରିଆ କନ୍ଧଙ୍କ ସ୍ୱତନ୍ତ୍ର ପରିଚୟ ରହିଛି। ଝରଣା କୂଳରେ ରହୁଥିବାରୁ ସେମାନେ ନିଜକୁ 'ଝରଣିଆ' ବୋଲି ମଧ୍ୟ କହିଥା'ନ୍ତି। ନିୟମଗିରି ପର୍ବତରେ କିମ୍ବଦନ୍ତୀ 'ନିୟମ ରାଜା'ଙ୍କ ବଂଶଧର ଭାବେ ଡଙ୍ଗରିଆ କନ୍ଧମାନେ ନିଜକୁ ଅଭିହିତ କରିଥା'ନ୍ତି। ଦ୍ରାବିଡ଼ ଭାଷା 'କୁଇ' ହେଉଛି ଡଙ୍ଗରିଆ କନ୍ଧମାନଙ୍କର କଥିତ ଭାଷା। ଧରିତ୍ରୀ ଦେବୀ (ଧରଣୀ ପେନୁ) ସେମାନଙ୍କର ମହାନ ଦେବୀ, ଯିଏକି ଗାଁ ରାସ୍ତା ମଧ୍ୟଭାଗରେ ଅଧିଷ୍ଠିତ ହୋଇଥା'ନ୍ତି। ଡଙ୍ଗରିଆ ଜନଜାତିର ଉଭୟ ପୁରୁଷ ଓ ମହିଳା ଲମ୍ବା କେଶ ରଖିଥା'ନ୍ତି। କାନ ଓ ନାକକୁ ବିଭିନ୍ନ ଆଭୂଷଣରେ ସଜାଇଥା'ନ୍ତି। କୁଦୃଷ୍ଟିରୁ ରକ୍ଷା ପାଇବା ପାଇଁ ମହିଳାମାନେ ମୁହଁରେ ଚିତା କୁଟାଇଥା'ନ୍ତି। ସେମାନେ ଏକପ୍ରକାର ରଙ୍ଗୀନ ଶାଲ୍ ସିଲେଇ କରିଥା'ନ୍ତି, ଯାହାକୁ 'କପଡ଼ା ଗଣ୍ଡା' କୁହାଯାଏ। 'କନିଆ ଝିକା' ହେଉଛି ଡଙ୍ଗରିଆ କନ୍ଧଙ୍କର ଏକ ପରମ୍ପରା। ପରମ୍ପରା ଅନୁଯାୟୀ ବିବାହ ବୟସ ହୋଇଗଲେ ଡଙ୍ଗରିଆ ପୁଅ ନିଜ ପସନ୍ଦର କନ୍ୟାକୁ ଜୋର କରି ନିଜ ଘରକୁ ନେଇଯାଏ। ଏହାପରେ କନ୍ୟାଘର ଲୋକ ଆସି ଝିଅକୁ ନେଇଯା'ନ୍ତି। ବରଯାତ୍ରୀଙ୍କୁ ନେଇ ବର ପହଞ୍ଚିବା ପରେ 'ଧାଙ୍ଗଡ଼ି ବସା'ରେ କନ୍ୟାକୁ ଭେଟି ବିବାହ ପ୍ରସ୍ତାବ ଦିଏ। ଉଭୟ ବର ଓ କନ୍ୟା ରାଜି ହୋଇଯିବା ପରେ ଯଥାରୀତି ବିବାହ ସଂପନ୍ନ କରିବାର ପରମ୍ପରା ଦୀର୍ଘ ବର୍ଷ ହେଲା ଚାଲି ଆସିଛି।

ନିୟମଗିରିର ତଳି ଅଞ୍ଚଳରେ ମୁଖ୍ୟତଃ କୁଟିଆ କନ୍ଧମାନେ ବାସ କରନ୍ତି। ବନଜାତ ଦ୍ରବ୍ୟରୁ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ ଏମାନଙ୍କର ମୁଖ୍ୟ ପେସା। ଏହି ଜନଜାତି ମୁଖ୍ୟତଃ ପରିବେଶ ଓ ଅତି ପ୍ରାକୃତିକ ଶକ୍ତି ସହିତ ସଂପୃକ୍ତ। କୁଟିଆ କନ୍ଧ ଏକ ଛୋଟ ପରିବାରରେ ସୀମିତ ରହିବାକୁ ପସନ୍ଦ କରନ୍ତି। ପରିବାରକୁ କେନ୍ଦ୍ର କରି ସେମାନଙ୍କ ସାମାଜିକ, ଅର୍ଥନୈତିକ ତଥା ଧାର୍ମିକ ଜୀବନ ଅତିବାହିତ ହୋଇଥାଏ। ସେମାନେ ପ୍ରତୀକାତ୍ମକ ବା ସାଂକେତିକ ଧାର୍ମିକ ଚିହ୍ନରେ ସିନ୍ଦୂର ବ୍ୟବହାର କରିଥା'ନ୍ତି। 'ଧରଣୀ ପେନୁ' ମଧ୍ୟ ଏହି ଜନଜାତିର ମୁଖ୍ୟ ଦେବୀ। କୋଟିଆ କନ୍ଧଙ୍କ ପୋଷାକ ସ୍ୱତନ୍ତ୍ର। ବାହୁ ଓ ମୁହଁରେ ଚିତା କୁଟାଇ ଥା'ନ୍ତି। ପ୍ରକୃତିର ସଂଗୀତକୁ ବହୁତ ଭଲ ପାଆନ୍ତି। କୁଟିଆ କନ୍ଧମାନଙ୍କର ଅବିବାହିତା ଝିଅଙ୍କ ନାମ ମଧ୍ୟ ସ୍ୱତନ୍ତ୍ର। ତାଙ୍କୁ ଅତି ଶ୍ରଦ୍ଧାରେ ସମ୍ବୋଧନ କରନ୍ତି 'ବୁଢ଼ି'। ସେମାନେ ବାପା-ମାଆଙ୍କୁ ଜୀବନ ଜୀବିକାରେ ସାହାଯ୍ୟ କରିବା ନିମିତ୍ତ ପତ୍ର ତୋଳା, ମହୁ ସଂଗ୍ରହ ହେଉ, ଜାଳେଣି କାଠ ସଂଗ୍ରହ କରିଥା'ନ୍ତି।

କରୁଣ ଜୀବନର ସରଳ ଆଦିବାସୀ ଜୀବନର ଧାରା ଦେଖିବାକୁ ମିଳେ ସେମାନଙ୍କ ଘରର ମାଟି-ଗୋବର ଲିପା କାନ୍ଥରେ। କି ଅପୂର୍ବ ଭାବତନ୍ମୟ କଳାଚାତୁର୍ଯ୍ୟ, ଯାହାକି ସାଧାରଣ ଲୋକର କଳ୍ପନାର ବାହାରେ। ସେମାନଙ୍କର ବାସନକୁସନରେ 'ଲାଉତୁମ୍ବା' ଦେଖିବାକୁ ମିଳିଥାଏ। ଓଡ଼ିଶାର ପର୍ଯ୍ୟଟନ ରାଜସ୍ୱରେ କୁଟିଆ କନ୍ଧଙ୍କ ଜନଜୀବନ ବଡ଼ ସହଯୋଗ ରଖିଥାଏ। ଆଧୁନିକତାର ଚାକଚକ୍ୟରୁ ବହୁଦୂରରେ ଏହି କୁଟିଆ କନ୍ଧ ଆଦିବାସୀଙ୍କ ଜୀବନ ଚିତ୍ର ଅତ୍ୟନ୍ତ ଭାବପୂର୍ଣ୍ଣ। ସକାଳୁ ସୂର୍ଯ୍ୟଦେବ ଉଠିବା ପୂର୍ବରୁ ହିଁ ବାସି ତୋରାଣି ପିଇ ଅଗନାଅଗନି ଜଙ୍ଗଲକୁ ଚାଲିଯାଆନ୍ତି, ଫେରନ୍ତି ସନ୍ଧ୍ୟା ପୂର୍ବରୁ। ଦିନଯାକର ଶାରୀରିକ ଶ୍ରମ ଭିତରେ ସଂଗ୍ରହ ହୋଇଥାଏ ମହୁ, ଶିଆଳି ପତ୍ର, ଝୁଣା, ମହୁଲଫୁଲ ଓ କାଠ ଆଦି। ସଂଧ୍ୟାରେ ସପରିବାର ଭାତ ହେଉ କି ମାଣ୍ଡିଆ ଜାଉ ଗଣ୍ଡାଏ ପାଟିରେ ଦେଇ ସଞ୍ଜ ଗଡ଼ିବା ପରେ ସଲପ ଗଛର ରସ କିମ୍ବା ଖଜୁରୀ ଟିକିଏ ସେମାନଙ୍କୁ ଦିନ ତମାମର ଥକାପଣକୁ ଠେଲି ଦେଇ ନାଚଗୀତର ମଉଜ ମଜଲିସ ଭିତରେ ବୁଡ଼ାଇ ଦିଏ। ମାଦଳ ଓ ଢାପ ବାଦ୍ୟର ତାଳେ ତାଳେ କୁଇ ଭାଷାରେ ଭାବପୂର୍ଣ୍ଣ ହୃଦୟ ଛୁଆଁ ଗୀତରେ ପ୍ରକମ୍ପିତ ହୋଇଥାଏ ସେମାନଙ୍କ ଜଙ୍ଗଲ ଭିତରର ନିଜ ଘର ପରିବେଶ।

ତେବେ ବର୍ତ୍ତମାନ ପିଢ଼ିର ଏହି ଜନଜାତି ପୂର୍ବପରି ଆଉ ଚିତାକୁଟା, ନାକକାନ ଫୋଡ଼ା ଓ ପିତ୍ତଳ ଅଳଙ୍କାର ଲଗାଇବାକୁ ପସନ୍ଦ କରୁନାହାନ୍ତି। ସେମାନଙ୍କ ଅଞ୍ଚଳରେ ଏବେ ବିକାଶ ପଶିଥିବାରୁ ସେମାନେ ବିସ୍ଥାପନ ହେବାକୁ ଯାଉଛନ୍ତି, ଯାହାଦ୍ୱାରା ସେମାନଙ୍କ ଚାଲିଚଳଣି, ସଂସ୍କୃତି ଓ ପରମ୍ପରା ବିପନ୍ନ ହେବାକୁ ବସିଛି।

ବାଲିଗୁଡ଼ା(କନ୍ଧମାଳ), ମୋ: ୯୪୩୭୨୪୨୩୧୭

# ବସୁଦେବଙ୍କ ପୁତ୍ରଲାଭ ବରପ୍ରାପ୍ତି

ସ୍ୱପ୍ନେଶ୍ୱର

## ଲୋକକଥାରେ ଲୋକଦେବତା

ଦ୍ୱାପର ଯୁଗର ଧର୍ମ ପରାୟଣ ରାଜକୁମାର ବସୁଦେବ(ଶ୍ରୀକୃଷ୍ଣଙ୍କ ଜନ୍ମଦାତା ପିତା) ଭାରତର ବିଭିନ୍ନ ତୀର୍ଥଦର୍ଶନ ପରେ ପୁରୁଷୋତ୍ତମ କ୍ଷେତ୍ରରେ ପହଞ୍ଚିଲେ। କ୍ଷେତ୍ରରେ ପ୍ରବେଶ କରିବା ପରେ ତୀର୍ଥରାଜ ମହୋଦଧିରେ ସ୍ନାନ କଲେ ଏବଂ ମନ୍ଦିରରେ ମହାପ୍ରଭୁଙ୍କ ଅପୂର୍ବ ଶୋଭା ଦର୍ଶନ କରି ଅଭିଭୂତ ହେଲେ। ତା' ପରେ ବିଧି ଅନୁସାରେ ପଞ୍ଚତୀର୍ଥରେ ସ୍ନାନ କରି କ୍ଷେତ୍ରରେ ବିରାଜମାନ କରୁଥିବା ସମସ୍ତ ଦେବାଦେବୀଙ୍କୁ ଦର୍ଶନ କଲେ। ବ୍ରାହ୍ମଣମାନେ ତାଙ୍କର ଦାନ ଓ ଭଦ୍ରୋଚିତ ବ୍ୟବହାରରେ ଏତେ ଖୁସି ହେଲେ ଯେ ତାଙ୍କୁ ନେଇ ଅଷ୍ଟଶମ୍ଭୁ, ଅଷ୍ଟଚଣ୍ଡୀ ଓ ମନ୍ଦିର ପରିସରରେ ବିଜେ କରିଥିବା ସମସ୍ତ ଦେବଦେବୀଙ୍କୁ ଦର୍ଶନ କରାଇ ସେମାନଙ୍କର ମହିମା ଗାନ କଲେ।

'ପ୍ରେମ ପଞ୍ଚାମୃତ'ରେ କବି ଭୂପତି ପଣ୍ଡିତ ବର୍ଣ୍ଣନା କରିଛନ୍ତି - 'କପୋତେଶ୍ୱର ଶିବ ଥଳ, ନିକଟେ ପୁଣି ନୀଳାଞ୍ଚଳ / ଉଡ଼ଇ ନୀଳଚକ୍ରେ ନେତ, ଦେଉଳ ଦେଖିଲେ ସାକ୍ଷାତ / ଆନନ୍ଦେ ଉନମତ ହୋଇ, ପଦପଦକେ ପ୍ରଣମଇ / ସୁଖ ସମୁଦ୍ର ମଧ୍ୟେ ଭାସି, ତୁଳସୀ ଚଉରା ପ୍ରବେଶି / ପ୍ରଣାମ ପ୍ରଦକ୍ଷିଣ ସାରି, ଚଳିଲେ ବେଗ ବେଗ କରି / ଅଠର ନଳା ପାଶେ ଯାଇ, କ୍ଷେତ୍ରକୁ ପ୍ରଣମିତ ହୋଇ / ସେଠାରୁ କଲେ ଶୀଘ୍ରଗତି, ଦେଖିଲେ ଚାର ଗଣପତି।'

ବସୁଦେବ ମହାପ୍ରଭୁଙ୍କ ମହିମାରେ ପ୍ରଭାବିତ ହୋଇ କ୍ଷେତ୍ରରେ ଅବସ୍ଥାନ କରି ବାରମାସର ତେରଯାତ୍ରା ଦେଖିବା ପାଇଁ ସ୍ଥିର କଲେ। ଏହାପରେ ସମୁଦ୍ର କୂଳରେ ଏକ କୁଟୀର ନିର୍ମାଣ କରି ସମ୍ମୁଖରେ ଏକ ତୁଳସୀ ଚଉରା ସ୍ଥାପନା କଲେ। ରାଜବଂଶରେ ଜନ୍ମ ଲାଭ କରି ବିଳାସ ବ୍ୟସନରେ ଜୀବନ ଅତିବାହିତ କରିଥିଲେ ମଧ୍ୟ କ୍ଷେତ୍ରବାସ ସମୟରେ ଜଣେ ସନ୍ନ୍ୟାସୀର ଜୀବନ ଜିଇବାକୁ ଲାଗିଲେ ବସୁଦେବ। ପ୍ରତ୍ୟହ ପ୍ରଭାତରେ ମହୋଦଧିରେ ସ୍ନାନ କରି ସେ ତୁଳସୀ ସେବା କରି ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରୁଥିଲେ ଏବଂ ମହାପ୍ରସାଦ ସେବା କରି କୁଟୀରକୁ ଫେରୁଥିଲେ। ପୁଣି ସନ୍ଧ୍ୟା ଆଳତିଠାରୁ ପହୁଡ଼ ପର୍ଯ୍ୟନ୍ତ ସମସ୍ତ ନୀତି ଦର୍ଶନ କରି ରାତିରେ କୁଟୀରକୁ ଫେରୁଥିଲେ। ଝଡ଼, ବର୍ଷା, ଶୀତ କିମ୍ବା ଶାରୀରିକ ଅସୁସ୍ଥତା ବସୁଦେବଙ୍କ ଦୈନିକ କାର୍ଯ୍ୟକ୍ରମରେ କୌଣସି ବ୍ୟାଘାତ ସୃଷ୍ଟି କରି ପାରୁ ନ ଥିଲେ।

ନୀଳାଚଳରେ ଏକବର୍ଷର ଅବସ୍ଥାନ ସମୟରେ ବସୁଦେବ ମହାପ୍ରଭୁଙ୍କ ଗୁଣ୍ଡିଚା ଓ ବାହୁଡ଼ା ଯାତ୍ରାରେ ପ୍ରତ୍ୟକ୍ଷ ଅଂଶଗ୍ରହଣ କରି କୃତ୍ୟକୃତ୍ୟ ହେଲେ।

'ବଡ଼ଦାଣ୍ଡରେ ଉପଗତ, ହୋଇଛି ଶ୍ରୀଗୁଣ୍ଡିଚା ଯାତ, ଦେଖିଲେ ରଥ ତାଳଧ୍ୱଜ, ଯହିଁ ବିଜୟ ତୋ ଅଗ୍ରଜ / ତାହାଙ୍କୁ କଲେ ଦରଶନ, ପ୍ରଣାମ ଆଦି ପ୍ରଦକ୍ଷିଣ / ରଥ ଦଉଡ଼ି ଓଟାରିଲେ, ଶ୍ରୀବଳଭଦ୍ର ବିଜେ କଲେ / ପୁଣି ଦେଖିଲେ ନନ୍ଦିଘୋଷ, ଯେ ରଥେ ତୋ ରୂପ ପ୍ରକାଶ / ଅମଳ କମଳ ଲୋଚନ, ଦୂରହୁଁ କଲେ ଦରଶନ / କାନ୍ତି କାଳନ୍ଦୀ ନଦୀ କି ସେ, ମୁଖ ପୋଏଲା ନାବ ଭାସେ / କି ନବ ନୀଳ ଘନ ମଧ୍ୟେ, ଅରୁଣ ବର୍ଣ୍ଣ ଚନ୍ଦ୍ର ଉଦେ / ଶ୍ରୀହସ୍ତେ ଶଙ୍ଖଚକ୍ର ଧରି, ଚୌବର୍ଗ ଦାନୀ ଅଧିକାରୀ / ଏମନ୍ତେ ରୂପ ତୋର ଦେଖି, ସନ୍ତୋଷ କଲେ ଆଲ ଆଖି / ପୁଣି ଦେବୀଙ୍କ ରଥେ ଯାଇ, ଆନନ୍ଦ କହୁ ନ ସରଇ / ସୁଭଦ୍ରା ଶ୍ରୀସୁଦରସନ, ଦୁହିଁଙ୍କି କଲେ ଦରଶନ।'(ପ୍ରେମ ପଞ୍ଚାମୃତ)

ଲକ୍ଷେ ରାଜାଙ୍କର ମଉଡ଼ମଣି ଗଜପତି ରାଜକୀୟ ପ୍ରତିଷ୍ଠା, ଗରିମା ଓ ସମ୍ମାନକୁ ପଛରେ ପକେଇ ଛେରାପହଁରା କରୁଥିବା ଦେଖି ବସୁଦେବ ଚମତ୍କୃତ ହେଲେ। ମହାପ୍ରଭୁ ଅନ୍ତର୍ଯ୍ୟାମୀ ସବୁ ଜାଣୁ ଥିଲେ। ସେ ବସୁଦେବଙ୍କ ମନରେ ତାଙ୍କ ପ୍ରତି ଥିବା ଅଚଳା ଭକ୍ତିର ପରାକାଷ୍ଠାରେ ସନ୍ତୁଷ୍ଟ ହୋଇ ତାଙ୍କୁ ଅଯାଚିତ ଭାବେ ଏକ ବର ଦେବା ପାଇଁ ସ୍ଥିର କଲେ। ମହାପ୍ରଭୁ ତାଙ୍କୁ ସ୍ୱପ୍ନରେ କହିଲେ- 'ଭକ୍ତ ବସୁଦେବ! ମୋପ୍ରତି ତୁମର ଭକ୍ତିରେ ସନ୍ତୁଷ୍ଟ ହୋଇ ମୁଁ ତୁମକୁ ଏକ ବର ଦେବା ପାଇଁ ମନସ୍ଥ କରିଛି। ତୁମେ ତୁମ ଇଚ୍ଛାରେ ଏକ ବର ମାଗି ନେଇ ପାର।' ମହାପ୍ରଭୁଙ୍କୁ ଦଣ୍ଡପ୍ରଣାମ କରି ବସୁଦେବ କହିଲେ- 'ମହାପ୍ରଭୁ ବଳିଆରଭୁଜ! ମୁଁ ମାଗିବା ଆଗରୁ ଆପଣ ମୋତେ ସର୍ବସ୍ୱ ଦାନ କରିଛନ୍ତି। ମୋର ଏତିକି ମାଗୁଣି ଯେ ଆପଣ ଦୁଇ ଭାଇ ମୋତେ ପୁତ୍ରରୂପେ ପ୍ରାପ୍ତ ହୁଅନ୍ତୁ।' ମହାପ୍ରଭୁ କହିଲେ - 'ତଥାସ୍ତୁ। ଦ୍ୱାପର ଯୁଗର ଅନ୍ତିମ ସମୟରେ ଆମେ ଦୁଇ ଭାଇ ତୁମର ପୁତ୍ରରୂପେ ଜନ୍ମ ଗ୍ରହଣ କରିବୁ।' ଆମ୍ଭର ଆମ୍ଭେ ପଟ୍ଟାନ୍ତର, ଆମ୍ଭେ ହୋଇବୁ ତୋ କୁମର / ଦ୍ୱାପର ଯୁଗ ହେବ ଶେଷ, ଆମ୍ଭେ ହୋଇବୁ ତୋର ଶିଷ।' ବସୁଦେବ ମହାପ୍ରଭୁଙ୍କଠାରୁ ବାଞ୍ଛିତ ବର ପାଇ କୃତ୍ୟ କୃତ୍ୟ ହେଲେ।

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟିଲେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ

**ପବିତ୍ର ମୋହନ ମେଡିକାଲ କଲେଜ, ଫୁଲବାଣୀ ସରକାରୀ ମେଡିକାଲ କଲେଜ ପାଇଁ ରଖିଲେ ଦାବି**

**୨୦୨୫-୨୬ ଶିକ୍ଷାବର୍ଷରେ ଉଭୟ କଲେଜରେ ୨୦୦ ଏମବିବିଏସ ସିଟରେ ନାମଲେଖା ପାଇଁ ଦାବି**

**ଭୁବନେଶ୍ୱର,୫।୮ (ସମିସ):** ତାଳଚେରର ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ଏବଂ ଫୁଲବାଣୀର ସରକାରୀ ମେଡିକାଲ କଲେଜର ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ୧୦୦ଟି ଲେଖାଏଁ ସମୁଦାୟ ୨୦୦ ଏମବିବିଏସ ସିଟରେ ନାମ ଲେଖା ପାଇଁ ଅନୁରୋଧ କରିଛନ୍ତି ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ । ଦିଲ୍ଲୀରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡାଙ୍କୁ ଭେଟି ଅନୁମତି ପତ୍ର ପ୍ରଦାନ କରିବାକୁ ଅନୁରୋଧ କରିଥିବା ଜଣାପଡ଼ିଛି ।

ସୂଚନା ଅନୁସାରେ ଉପରୋକ୍ତ ଦୁଇଟି ମହାବିଦ୍ୟାଳୟ ଓଡ଼ିଶାରେ ଚିକିତ୍ସା କ୍ଷେତ୍ରରେ ନୂଆଭାବେ ପ୍ରତିଷ୍ଠିତ ହୋଇଛି । ଏହି ଦୁଇ ଅନୁଷ୍ଠାନର ଡିନ ଓ ପ୍ରିନ୍ସିପାଲ ମାନେ ଅନୁମତି ପତ୍ର ପାଇବା ପାଇଁ ଆବେଦନ ଗତ ଜାନୁଆରୀ ୧୮ ତାରିଖରେ ନ୍ୟାସନାଲ ମେଡିକାଲ କମିଶନ(ଏନଏମସି)ର ପୋର୍ଟାଲ ମାଧ୍ୟମରେ ଦାଖଲ କରିଥିଲେ । ଏନ୍‌ଏମ୍‌ସିର ଟିମ ଗତ ମେ' ୨୮ ତାରିଖରେ ଫୁଲବାଣୀ ମେଡିକାଲ କଲେଜ ଓ ଜୁନ ୨୩ ତାରିଖରେ ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜକୁ କ୍ଷେତ୍ରୀୟ ନିରୀକ୍ଷଣରେ ଆସିଥିଲେ । କେନ୍ଦ୍ର ସରକାରଙ୍କ ପକ୍ଷରୁ ଅନୁମତି ପତ୍ର ମିଳିବା ପରେ ରାଜ୍ୟରେ ସ୍ୱାସ୍ଥ୍ୟ ସେବାରେ ଆଉ ଦୁଇ ଗୋଟି କଲେଜ ଯୋଡି ହେବ । ୧୪ ଟି ସରକାରୀ କଲେଜରୁ ବଢି ଏହା ୧୬ରେ ପହଞ୍ଚିବା ସହ ସମୁଦାୟ ଏମବିବିଏସ ସିଟ ସଂଖ୍ୟା ୧୮୦୦ରେ ପହଞ୍ଚିବ । ଏହି ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

**ସମ୍ବଲପୁର ସାଇବର୍ ପୁଲିସକୁ ସଫଳତା**

# ୪ ସାଇବର୍ ଠକ ଗିରଫ

- ଲୋକଙ୍କୁ ଲୋଭ ଦେଖାଇ ଆକାଉଣ୍ଟ ଖୋଲୁଥିଲେ
- ସାଉଦି ଆରବରେ ବସିଛି ମୁଖ୍ୟ ଅଭିଯୁକ୍ତ
- ୯ ମୋବାଇଲ, ୨୧ ଏଟିଏମ୍, କାର୍ ଓ ବିଭିନ୍ନ ସିମ୍‌କାର୍ଡ ଜବତ

**ସମ୍ବଲପୁର, ୫।୮ (ସମିସ):** ଲୋକଙ୍କୁ ଲୋଭ ଦେଖାଇ ବିଭିନ୍ନ ବ୍ୟାଙ୍କରେ ଆକାଉଣ୍ଟ ଖୋଲୁଥିଲେ । ଦିନକ ପାଇଁ ଆକାଉଣ୍ଟ ବ୍ୟବହାର କରିବାର ସୁଯୋଗ ଦେଲେ ମୋଟା ଅଙ୍କର କମିଶନ ଦେଉଥିଲେ । ବିଭିନ୍ନ ଗେମିଂ ପ୍ଲାଟଫର୍ମଠାରୁ ଆରମ୍ଭ କରି ସାଇବର ଠକେଇରେ ଏମାନଙ୍କ ବ୍ୟାଙ୍କ ଖାତାରେ ନିବେଶକାରୀଙ୍କଠାରୁ ଟଙ୍କା ଆଣୁଥିଲେ । ଶେଷରେ ସମ୍ବଲପୁର ସାଇବର ପୁଲିସ ଏମାନଙ୍କୁ ଗିରଫ କରିଛି । ବହୁ ଦିନ ବ୍ୟବଧାନ ପରେ ସମ୍ବଲପୁର ସାଇବର ପୁଲିସକୁ ବଡ଼ ସଫଳତା ମିଳିଛି । ଏକ ବଡ଼ ଧରଣର ସାଇବର ଠକେଇର ଖୁଲାସା କରିଛି । ଏହି ଠକେଇ ଘଟଣାରେ ୪ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ, ଧନୁପାଲି ଥାନା କୁମ୍ଭାରପଡ଼ାର ପ୍ରସାନ୍ତ ମେହେର(୩୭), ଟାଉନ ଥାନା ଗୋଲବଜାରର କୃଷ୍ଣ ସାହୁ(୩୮, ଦେବଗଡ଼ କୁଣ୍ଡେଇଗୋଳାର ସୁବ୍ରତ ପ୍ରଧାନ(୩୨) ଓ ଖୋର୍ଦ୍ଧା ଚନ୍ଦ୍ରଶେଖର ଥାନା ଫେଜ ୧ ଏଚବି କଲୋନୀର ବିଶ୍ୱଜିତ ନାୟକ (୩୬) । ସେମାନଙ୍କୁ ନିକଟରୁ ଅଢ଼େଇଲକ୍ଷ ନଗଦ ଟଙ୍କା, ୨୧ଟି ବିଭିନ୍ନ ବ୍ୟାଙ୍କର ଏଟିଏମ କାର୍ଡ, ୯ ଟି ମୋବାଇଲ, ୪ ଟି ଚେକ ବହି,୩ ଟି ପାସବୁକ, ବିଭିନ୍ନ ସିମ କାର୍ଡ ସମେତ ଏକ କାର(ଓଆର୧୫ଆର୮୫୭୩) ଜବତ ହୋଇଛି । ଏଥିମଧ୍ୟରୁ ୫ଟି ମୋବାଇଲରେ ସାଇବର ଜନିତ ଠକେଇ କାର୍ଯ୍ୟ ହୋଇଥାଏ । ଏହାସହ ୭ ଲକ୍ଷ ୫୨ ହଜାର ୧୨୧ ଟଙ୍କା ହୋଲ୍ଡ କରିଥିବା



ବେଳେ ୧୨ ଲକ୍ଷ ୫୫ ହଜାର ୫୪୫ ଟଙ୍କା ଫ୍ରିଜ୍ କରାଯାଇଥିବା ସମ୍ବଲପୁର ଏସପି ମୁକେଶ ଭାମୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

ଏହି ସାଇବର ଠକେଇର ମାଷ୍ଟର ମାଇଣ୍ଡ ସାଉଦି ଆରବର ବୋଲି ଜଣାପଡ଼ିଛି । ତାହା ତଦନ୍ତ ବେଳେ ସତ୍ୟତା ଆସିବ ବୋଲି ଏସପି କହିଛନ୍ତି । ଗତ ଗୁରୁବାର ଅଇଁଠାପାଲି ଥାନା ଅଞ୍ଚଳର ରମେଶ ଚନ୍ଦ୍ର ବିଶ୍ୱାଳ ନାମକ ଜଣେ ବ୍ୟକ୍ତି ୮୮ ଲକ୍ଷ ଟଙ୍କା ଇନଭେଷ୍ଟ କରି ଠକାମିର ଶିକାର ହୋଇଥିବା ନେଇ ସାଇବର ଥାନାରେ ଅଭିଯୋଗ କରିଥିଲେ । ସାଇବର ପୁଲିସ ଟିମ୍ ଗଠନ କରି ଏମାନଙ୍କୁ ଗିରଫ କରିଛି ।

ସୂଚନାନୁସାରେ, ଏହି ଠକମାନେ ଚତୁରତାର ସହ ଜିଏସ୍‌ଟି ଥିବା ବିଭିନ୍ନ ଆକାଉଣ୍ଟଧାରୀମାନଙ୍କୁ ଖୋଜିଥା'ନ୍ତି । ଦିନକ ପାଇଁ ବ୍ୟବହାର କରିବାରୁ ସୁଯୋଗ ଦେଲେ ମୋଟା ଅଙ୍କର କମିଶନ ଦେଇଥା'ନ୍ତି । ଆକାଉଣ୍ଟଧାରୀଙ୍କ ଏକାଉଣ୍ଟ ମାଧ୍ୟମରେ ସାଇବର ଠକମାନେ ଟଙ୍କା ନେଇ ଯାଇଥାନ୍ତି । ମୁଖ୍ୟତଃ ଭାବେ ଏବି ୪ ଜଣ ଅଭିଯୁକ୍ତ ଦଲାଲ ଭାବେ କାମ କରନ୍ତି । ନୂତନ ଜିଏସ୍‌ଟି ଆକାଉଣ୍ଟଧାରୀଙ୍କୁ ଖୋଜି ଏକାଉଣ୍ଟ ବ୍ୟବହାର କରିଥାନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭାସିଗଲା ଅନେକ...

ଶେଷ ହେବାପରେ କ୍ଷୟକ୍ଷତିର ପ୍ରକୃତ ପରିମାଣ ଜଣାପଡ଼ିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣା ନେଇ ଶୋକ ପ୍ରକାଶ କରିଛନ୍ତି । କ୍ଷତିଗ୍ରସ୍ତ ଲୋକମାନଙ୍କୁ ସହାୟତା ଦେବାରେ ସବୁ ପ୍ରକାର ଉଦ୍ୟମ କରାଯାଉଥିବା ସେ କହିଛନ୍ତି । ଉତ୍ତରାଖଣ୍ଡ ବାଦଲଫଟା ବର୍ଷା ଯୋଗୁଁ ଧରାଲି ଗ୍ରାମ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି । ଏଥିସହିତ ୧୨ଜଣଙ୍କର ଜୀବନ ହାନି ହେବାସହ ବ୍ୟାପକ କ୍ଷୟକ୍ଷତି ଘଟିଛି । ଅନେକ ଲୋକ ନିଖୋଜ ରହିଥିବାର ସୂଚନା ମିଳିଛି । ଏଭଳି ଘଟଣାକୁ ଦୁଃଖଦ ବୋଲି କହିବା ସହ ମୃତାହତଙ୍କ ପରିବାର ପ୍ରତି ସମବେଦନା ଜଣାଇବା ସହ ସହ ଏଭଳି ସମୟରେ ମହାପ୍ରଭୁ ଜଗନ୍ନାଥ ତାଙ୍କ ପରିବାରକୁ ସହାୟ ହୁଅନ୍ତୁ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସାମାଜିକ ଗଣମାଧ୍ୟମରେ କହିଛନ୍ତି ।

### ୨୪ ଘଣ୍ଟାରେ...

ଜବାବ ଦେଇଛି । ଭାରତର ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ଯେଉଁ ଦେଶମାନେ ଭାରତକୁ ସମାଲୋଚନା କରୁଛନ୍ତି ସେମାନେ ହିଁ ରୁଷ ସହିତ ବ୍ୟବସାୟ କରୁଛନ୍ତି । ତଥାପି, ଏହା ସେମାନଙ୍କ ପାଇଁ ଆବଶ୍ୟକ କିମ୍ବା ବାଧ୍ୟବାଧକତା ନୁହେଁ । ଭାରତ ମଧ୍ୟ ଆମେରିକା ଏବଂ ୟୁରୋପୀୟ ସଂଘକୁ ସମାଲୋଚନା କରି କହିଛି ଯେ କେବଳ ଏହି କାରଣରୁ ଭାରତକୁ ଟାର୍ଗେଟ କରିବା ଠିକ୍ ନୁହେଁ ।

### ରାଜ୍ୟସଭାରେ 'ସିଆଇଏସ୍ଏଫ୍'...

ନା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ? ତାଙ୍କର ଏଭଳି ମନ୍ତବ୍ୟକୁ ଶାସକ ଦଳ ବିରୋଧ କରିଥିଲେ । ହଟ୍ଟଗୋଳ ଚାଲିଥିବା ବେଳେ ବିରୋଧୀ ଦଳର ସଭ୍ୟମାନେ ବିହାର ଭୋଟର ତାଲିକା ପସଙ୍ଗରେ ଆଲୋଚନା ପାଇଁ ପୁଣି ଦାବି କରିଥିଲେ । କିନ୍ତୁ ଏସଂକ୍ରାନ୍ତ ବିରୋଧୀଙ୍କ ସମସ୍ତ ପ୍ରସ୍ତାବକୁ ସେ ଖାରଜ କରିଦେଇଥିବା ଉପାଧ୍ୟକ୍ଷ କହିଥିଲେ । ସେ କହିଥିଲେ ଯେ ଏହା ନିର୍ବାଚନ କମିସନଙ୍କ ଅଧୀନରେ ଆସୁଥିବାରୁ ଏହା ଉପରେ ଗୃହରେ ଆଲୋଚନା କରାଯାଇ ପାରିବ ନାହିଁ । ହଟ୍ଟଗୋଳ ଜାରି ରହିବାରୁ ସେ ଗୃହକୁ ପ୍ରଥମେ ୨ଟା ପର୍ଯ୍ୟନ୍ତ ଓ ପରେ ଆଜି ଦିନକ ପାଇଁ ମୁଲତବୀ କରିଦେଇଥିଲେ । ତେବେ ହଟ୍ଟଗୋଳ ମଧ୍ୟରେ ମଣିପୁରରେ ରାଷ୍ଟ୍ରପତି ଶାସନକୁ ଆହୁରି ୬ ମାସ ଲାଗି ବୃଦ୍ଧି କରିବା ସଂକ୍ରାନ୍ତ ବିଲକୁ ପାସ୍ କରାଯାଇଥିଲା । ଏହାପୂର୍ବରୁ ଏହି ବିଲକୁ ଲୋକସଭା ମଧ୍ୟ ପାସ୍ କରିଥିଲା ।

ଲୋକସଭାରେ ମଧ୍ୟ ବିହାର ପ୍ରସଙ୍ଗରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇଥିଲା । ଗୃହ ବୈଠକ ଆରମ୍ଭ ହେବାମାତ୍ରେ ବାଚସ୍ପତି ଓମ୍ ବିର୍ଲା ପ୍ରଶ୍ନକାଳ ଆରମ୍ଭ କରିବାକୁ କହିଥିଲେ । କିନ୍ତୁ ବିରୋଧୀ ଦଳ ବିହାର ପ୍ରସଙ୍ଗରେ ଆଲୋଚନା ଦାବି କରିଥିଲେ । ବାଚସ୍ପତି ଅନୁମତି ନଦେବାରୁ ସେମାନେ ଗୃହର ମଧ୍ୟଭାଗକୁ ଆସି ପାଟିତୁଣ୍ଡ କରିଥିଲେ । ବିର୍ଲା କହିଥିଲେ ଯେ ବିରୋଧୀ ଦଳଙ୍କର ଏଭଳି ଆଚରଣ ଯୋଗୁଁ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଆଲୋଚନା ହୋଇପାରୁ ନାହିଁ । ଏଭଳି ଆଚରଣ କରି ସେମାନେ ସଂସଦୀୟ ମର୍ଯ୍ୟାଦାର କ୍ଷୁଣ୍ଣ କରୁଛନ୍ତି । ହଟ୍ଟଗୋଳ ଜାରି ରହିବାରୁ ବାଚସ୍ପତି ଗୃହକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ । ୨ଟା ପରେ ଲୋକସଭା ଆରମ୍ଭ ହୋଇଥିଲା । ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟ ସରକାର ଦୁଇଟି ବିଲ୍ ପାସ୍ କରାଇଥିଲେ । ଏହାପରେ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରି ଦିଆଯାଇଥିଲା ।

### ଚାଷୀଙ୍କୁ ମିଳୁନି...

କଳାବଜାରୀ ହୋଇଥିବା ଅଭିଯୋଗ ହେଉଛି । ସରକାର ସାର କଳାବଜାରୀ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା କଥା କହୁଥିଲେ ହେଁ ବାସ୍ତବରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ । ସରକାରୀ ଭାବେ ୫୦ କେଜିର ଡିଏପି ବସ୍ତାର ଦାମ୍ ୧୩ଶହ ଟଙ୍କା ହୋଇଥିବାବେଳେ ଖୋଲାବଜାରରେ ତାହା ୨ହଜାରରୁ ୨୨ଶହ ଟଙ୍କାରେ ବିକ୍ରି ହେଉଛି । ସେହିଭଳି ୧୩୯୦ ଟଙ୍କାର ଗ୍ରୋମୋର ବସ୍ତା ୧୮ ଶହରୁ ୨ହଜାର ଟଙ୍କାରେ ବିକ୍ରି ହେଉଛି । ସରକାରୀ ଷ୍ଟକ୍ ସବୁ ବ୍ୟବସାୟୀମାନେ କବ୍‌ଜା କରି ନେଇ ଚାଷୀଙ୍କୁ ଚଢ଼ାଦରରେ ବିକ୍ରି କରୁଥିବା ଅଭିଯୋଗ ହେଉଛି ।

ଚଳିତ ବର୍ଷ ଆଗୁଆ ମୌସୁମୀ ବର୍ଷା ହୋଇଥିବାରୁ ଫସଲ ସଅଳ ହୋଇଛି । ତେଣୁ ଜୁଲାଇ ତୃତୀୟ ସପ୍ତାହ ବେଳକୁ ସାରର ଆବଶ୍ୟକତା ବଢ଼ିଯାଇଛି । ମାସେ ଭିତରେ କ୍ଷେତରେ ସାର ପକାଇବା ପାଇଁ ଚାଷୀ ଯୋଜନା କରୁଛି । ଏହି ସମୟ ଭିତରେ ସାର ନ ପକାଇଲେ, ଆଗାମୀ ଦିନରେ ଛୋଟ ଧାନ ପିଲ ମାରିବ ଓ ବଡ଼ ଧାନ ଗଣ୍ଡି ଧରିବ । ପରେ ପକାଇବାରେ କୌଣସି କାମରେ ଆସିବ ନାହିଁ । ଏବେ ସରକାରୀ ଭାବେ ଯେତିକି ସାର ବିକ୍ରି ହେଉଛି, ତା' ସମୁଦ୍ରକୁ ଶଙ୍ଖେ ଭଳି । ବଡ଼ ଚାଷୀ ସେମାନେ ବାହାର ଦୋକାନରୁ ସାର କିଣିବାକୁ ସକ୍ଷମ ହେଉଛନ୍ତି । ହେଲେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ସାର କିଣାରୁ ବଞ୍ଚିତ ହେଉଛନ୍ତି । ଗୋଟିଏପଟେ ସରକାର ଧାନର ଏମ୍ଏସପି ବୃଦ୍ଧି କରି ଅଧିକ ଚାଷ କରିବାକୁ ପ୍ରୋତ୍ସାହନ ଦେଉଥିବା କଥା କହୁଛନ୍ତି । ମାତ୍ର ପଞ୍ଜିକରଣଠାରୁ ଆରମ୍ଭ କରି ସାର ବଣ୍ଟନ ଓ ଧାନ ବିକ୍ରି ନାନା ସମସ୍ୟାକୁ ସଂପୂର୍ଣ୍ଣ ଅଣଦେଖା କରାଯାଉଛି । ତୁରନ୍ତ ଏହାର ସମାଧାନ କରିବାକୁ ଚାଷୀମାନେ ଦାବି କରିଛନ୍ତି ।

### ୩ ମନ୍ତ୍ରୀଙ୍କ ପ୍ରସଙ୍ଗରେ...

ଚୂଡ଼ାନ୍ତ ରୂପ ଦିଆଯାଇ ପାରୁନାହିଁ । ସେହିପରି ନିଗମ, ବୋର୍ଡ, ଅକାଦେମୀ ଏବଂ କେତେକ କମିଶନରେ ଏଯାବତ୍ ନିଯୁକ୍ତି ଦିଆଯାଇପାରି ନାହିଁ । ଯାହାକୁ ନେଇ ଆଶାୟୀ ଦଳୀୟ ନେତାଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ସେହିପରି ଏହା ଉଭୟ ସରକାର ଏବଂ ସଂଗଠନର ନିଷ୍ପତ୍ତି ନେବା କ୍ଷମତା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଇତିମଧ୍ୟରେ ଉଭୟେ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ସଭାପତି ଦିଲ୍ଲୀ ଗସ୍ତ କରି ମନ୍ତ୍ରୀମଣ୍ଡଳର ରୂପରେଖ ଚୂଡ଼ାନ୍ତ କରିବାକୁ ଉଦ୍ୟମ କରିଛନ୍ତି । ମାତ୍ର କୌଣସି ନା କୌଣସି କାରଣରୁ ଏହା ଶେଷ ମୂହୂର୍ତ୍ତରେ ବିଫଳ ହୋଇଛି । ବିଶେଷକରି ୨ରୁ ୩ ଜଣ ମନ୍ତ୍ରୀଙ୍କୁ ମନ୍ତ୍ରୀମଣ୍ଡଳରୁ ବାଦ୍ ଦେବାକୁ ନେଇ ସରକାର କୌଣସି ଠୋସ୍ ନିଷ୍ପତ୍ତି ନେଇପାରୁ ନ ଥିବାରୁ ଏହା ପ୍ରକ୍ରିୟାକୁ ବିଳମ୍ବ କରୁଛି । ଏପଟେ ସରକାରରେ ଜଣେ ଜଣେ ମନ୍ତ୍ରୀଙ୍କ ଉପରେ ଏକାଧିକ ବିଭାଗ ନ୍ୟସ୍ତ ଥିବାରୁ ଏହା ସେମାନଙ୍କର କାର୍ଯ୍ୟଦକ୍ଷତାକୁ ପ୍ରଭାବିତ କରୁଛି । ଅନେକ ସମୟରେ ମନ୍ତ୍ରୀମାନେ ଅନ୍ୟ ବିଭାଗରେ ମୁଣ୍ଡ ପୂରାଇ ମଧ୍ୟ ସାଧାରଣରେ ଅପଦସ୍ତ ହେଉଛନ୍ତି । ଏହାକୁ ନେଇ ମୁଖ୍ୟମନ୍ତ୍ରୀ ବେଶ୍ ଚିନ୍ତିତ ଥିବାବେଳେ ଚଳିତ ଦିଲ୍ଲୀ ଗସ୍ତରେ ଏନେଇ ଠୋସ୍ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି । ଅପରପକ୍ଷେ ବିଜେପି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ଅଗଷ୍ଟ ୧୫ ତାରିଖ ପୂର୍ବରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଘଟିପାରେ । ସେହିପରି ଖୁବଶୀଘ୍ର ବୋର୍ଡ, ନିଗମରେ ମଧ୍ୟ ସରକାର ନିଯୁକ୍ତି ଦେବେ । ଏଥିପାଇଁ ତାଲିକା ପ୍ରସ୍ତୁତ ସରିଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ ସରିବା ପରେ ଏହା ବିଜ୍ଞପ୍ତି ଆକାରରେ ପ୍ରକାଶ ପାଇବ ବୋଲି ସର୍ବାଧିକ ସମ୍ଭାବନା ରହିଛି ।

### ଥାନାରେ ଯୁବକଙ୍କୁ...

ପଡ଼ୋଶୀ ମହିଳା ନମିତା ମଲ୍ଲିକଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ । ଏହି ସମୟରେ ମହେଶ୍ୱରଙ୍କ ପୁଅ ବାପାଙ୍କୁ ରକ୍ଷା କରିବା ଉଦ୍ଦେଶ୍ୟରେ ବାଦଲ ଉପରେ ଗରମ ପେଜ ଢାଳି ଦେଇଥିଲା । ପରେ ଏନେଇ ଦୁଇ ପକ୍ଷରୁ ଥାନାରେ ପୃଥକ୍ ପୃଥକ୍ ଦୁଇଟି ଅଭିଯୋଗ ହୋଇଥିଲା । ସେହିଦିନ ପୁଲିସ ବାଦଲଙ୍କୁ ଥାନାରେ ଅଟକ ରଖିଥିଲା । ପରଦିନ ଅର୍ଥାତ୍ ୪ ତାରିଖରେ ପରିବାରଲୋକ ବାଦଲଙ୍କୁ ଦେଖା କରିବାକୁ ଥାନାକୁ ଯାଇଥିବା ବେଳେ ପୁଲିସ ଦେଖା କରାଇ ଦେଇନଥିଲା । ଯେତେ ଗୁହାରି କଲେ ବି ପୁଲିସ୍ କିଛି ନ ଶୁଣି ସେମାନଙ୍କୁ ଫେରାଇ ଦେଇଥିଲା । ତେବେ ଆଜି ପରିବାରଲୋକେ ଜାଣିବାକୁ ପାଇଥିଲେ ଯେ ବାଦଲଙ୍କୁ ଗୁରୁତର ଅବସ୍ଥାରେ ପୁଲିସ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଇଛି । 'ଆମ ପୁଅର କ'ଣ ହୋଇଛି, ଆମକୁ କାହିଁକି ଜଣାଉନାହିଁ' ବୋଲି ପରିବାରଲୋକେ ପଚାରିବାରୁ ପୁଲିସ୍ ତାଙ୍କୁ ଥାନା ଗାଡ଼ିରେ କଟକ ବଡ଼ ମେଡିକାଲକୁ ନେଇଥିବା ଜଣାଯାଇଛି । ଥାନାରେ ନିର୍ଯାତନା ଯୋଗୁଁ ବାଦଲଙ୍କ ଅବସ୍ଥା ଗୁରୁତର ହୋଇଥିବା ପରିବାରଲୋକେ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ, ବାଦଲ ଥାନାରେ ଅଟକ ଥିବା ବେଳେ ବିଷ ପାନ କରିଥିବା ନେଇ ମଧ୍ୟ ଚର୍ଚ୍ଚା ହେଉଛି । ତେବେ ବାଦଲ ଅସୁସ୍ଥ ହେବା ପଛରେ ପ୍ରକୃତରେ କ'ଣ କାରଣ ରହିଛି ସେ ସଂପର୍କରେ ପୁଲିସ କିଛି କହିବାକୁ ମନାକରି ଦେଇଛି ।

### କୋଟିପତି ହେବେ...

ଓ ସେମାନଙ୍କ ସୂଚୀ ସାର୍ବଜନୀନ କରନ୍ତୁ । ତେବେ ଯାଇ ସରକାରଙ୍କ ଦାବି ଗ୍ରହଣଯୋଗ୍ୟ ଏବଂ ବିଶ୍ୱାସଭାଜନ ହେବ ବୋଲି ବିରୋଧୀ ଓ ବୁଦ୍ଧିଜୀବୀ ମତ ରଖିଛନ୍ତି । ମାତ୍ର ସରକାର ଏନେଇ ମୁହଁ ଖୋଲୁ ନ ଥିବା ବେଳେ ଲକ୍ଷପତି ଦିଦି କୋଟିପତି ହେବେ ବୋଲି ଉପମୁଖ୍ୟମନ୍ତ୍ରୀଙ୍କ ଟିପ୍ପଣୀ ସାଧାରଣ ସନ୍ଦେହ ସୃଷ୍ଟି କରିଛି । ଲକ୍ଷପତିରୁ କୋଟିପତି ହେବା ପାଇଁ ସରକାରଙ୍କ କୌଣସି ନିର୍ଦ୍ଦିଷ୍ଟ ରୋଡମ୍ୟାପ ଅଛି କି ? ଜଣେ ଗୋଟିଏ ବ୍ୟବସାୟରେ କେତେଟଙ୍କା ବିନିଯୋଗ କଲେ, କେତେ ମାନବସମ୍ବଳ ଉପଯୋଗ କଲେ ଲକ୍ଷପତିରୁ କୋଟିପତି ହୋଇପାରିବ ସେନେଇ ସରକାର କୌଣସି ଆକଳନ କରିଛନ୍ତି କି ? ଯଦି କରିଛନ୍ତି, ତାହେଲେ ଲକ୍ଷପତି ଦିଦିଙ୍କୁ ସହାୟତା କରିବା ପାଇଁ ସରକାର କୌଣସି ନୀତିଗତ ନିଷ୍ପତ୍ତି ନେଇଛନ୍ତି କି ବୋଲି ବୁଦ୍ଧିଜୀବି ମହଲ ପ୍ରଶ୍ନ କରିଛନ୍ତି ତେଣୁ ଉପ ମୁଖ୍ୟମନ୍ତ୍ରୀ କିମ୍ବା ସରକାର କେବଳ ଉପରଠାଉରିଆ ମନ୍ତବ୍ୟ ନଦେଇ ଲକ୍ଷପତି ଦିଦିଙ୍କୁ ନେଇ ସାଧାରଣରେ ଥିବା ସଂଶୟକୁ ପ୍ରଥମେ ଦୂର କରନ୍ତୁ ବୋଲି ସେମାନେ ପରାମର୍ଶ ଦେଇଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଯେଉଁମାନେ ବର୍ତ୍ତମାନ ଲକ୍ଷପତି ଦିଦି ଅଛନ୍ତି, ସମସ୍ତେ ସଏଚଜି ସଦସ୍ୟ । ସେମାନେ ଲକ୍ଷପତି ଦିଦି କୋଟିପତି ହେବାକୁ ଟାର୍ଗେଟ ରଖିଲେ ଏହାକୁ ମାତ୍ର ଏକବର୍ଷ ମଧ୍ୟରେ ହାସଲ କରିପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ । ସରକାରଙ୍କ ଦ୍ୱାରା ମିଳୁଥିବା ଆର୍ଥିକ ପ୍ରୋତ୍ସାହନ, ବିଭିନ୍ନ ଯୋଜନାରୁ ଲାଭକୁ ସଠିକ୍ ଉପାୟରେ ଉପଯୋଗ କରିପାରିଲେ ମହିଳାମାନେ ଲକ୍ଷପତିରୁ କୋଟିପତି ହୋଇପାରିବେ ବୋଲି ସେ ମତ ଦେଇଛନ୍ତି । ଏଥିପାଇଁ ସରକାର ସମସ୍ତ ସହାୟତା ଯୋଗାଇ ଦେବେ ବୋଲି ମତ ପ୍ରକାଶ କରିଥିଲେ ।

# ପୁଣି ଧରାପଡ଼ିଲା ଗୁପ୍ତ କ୍ୟାମେରାଯୁକ୍ତ ଚଷମା

## ୮ ଦିନରେ ଧରାପଡ଼ିଲେଣି ୩ ଭକ୍ତ

**ପୁରୀ,୫।୮ (ସମିସ):** ଶ୍ରୀମନ୍ଦିରକୁ ଏବେ ଗୁପ୍ତ କ୍ୟାମେରା ନିଆଯାଉଛି । ଚଷମାରେ ଏହି ଗୁପ୍ତ କ୍ୟାମେରା ରହିଥିବା ବେଳେ ଭକ୍ତ ଭିତରକୁ ପ୍ରବେଶ କରୁଛନ୍ତି । ୮ ଦିନରେ ୩ଜଣ ଭକ୍ତ ଧରାପଡ଼ିବା ଘଟଣା ଏବେ ପୁଲିସ ପ୍ରଶାସନର ଚିନ୍ତା ବଢ଼ାଇ ଦେଇଛି । ମଙ୍ଗଳବାର ପଶ୍ଚିମବଙ୍ଗର ଜଣେ ଶ୍ରଦ୍ଧାଳୁ ଏହିଭଳି ଏକ କ୍ୟାମେରା ପିନ୍ଧି ଭିତରକୁ ପ୍ରବେଶ କରୁଥିବା ବେଳେ ଧରାପଡ଼ିଛନ୍ତି । ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ଶ୍ରୀମନ୍ଦିର ସେବାୟତ ଓ ବୁଦ୍ଧିଜୀବୀ ।

ସୁରକ୍ଷା ଦୃଷ୍ଟିକୋଣରୁ ଶ୍ରୀମନ୍ଦିର ଭିତରକୁ ମୋବାଇଲ, କ୍ୟାମେରା ଆଦି ନେବା ଉପରେ କଟକଣା ରହିଛି । ଏହା ସତ୍ତ୍ୱେ ବିଭିନ୍ନ ସମୟରେ ସୁରକ୍ଷାବଳୟକୁ ଭେଦ କରି ମନ୍ଦିର ଭିତରକୁ ଏସବୁ ଯାଉଛି । ଫଳରେ ବିଭିନ୍ନ ସମୟରେ ମନ୍ଦିର ଭିତରର ବହୁ ସମ୍ବେଦନଶୀଳ ଫଟୋ, ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି । ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାର ବିକଳ ଚିତ୍ର ଅନେକ ସମୟରେ ପଦାରେ ପଡୁଛି । ମଙ୍ଗଳବାର ସକାଳେ ପଶ୍ଚିମବଙ୍ଗର ପ୍ରୀତିଶ ପାଲ୍ ମନ୍ଦିର ଭିତରକୁ ହିଡେନ୍ କ୍ୟାମେରା ନେଇ ପ୍ରବେଶ କରିବାକୁ ଉଦ୍ୟମ କରୁଥିବା ବେଳେ ପଶ୍ଚିମଦ୍ୱାରରେ ନିୟୋଜିତ ସୁରକ୍ଷାକର୍ମୀଙ୍କ ହାତରେ ଧରାପଡ଼ିଥିଲେ । ଏହାପରେ ତାଙ୍କୁ ସିଂହଦ୍ୱାର ଥାନାକୁ ନିଆଯାଇ ପଚରାଉଚରା କରାଯାଇଥିଲା । ଶ୍ରୀମନ୍ଦିର ବାହାରେ ଓ ଭିତରେ କଡ଼ା ସୁରକ୍ଷା ସତ୍ତ୍ୱେ ଏମାନେ ମନ୍ଦିର ଭିତରକୁ କିଭଳି ହିଡେନ୍ କ୍ୟାମେରା ନେବାକୁ ସାହସ କରୁଛନ୍ତି, ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସେବାୟତ ଓ ବୁଦ୍ଧିଜୀବୀ ।

ସୂଚନାଥାଉ କି, ୮ ଦିନ ଭିତରେ ଏହି ଘଟଣାରେ ୩ଜଣ ଧରା ହେଲେଣି । ଗତ ୨୯ ତାରିଖରେ ପୁରୀର ଜଣେ ଯୁବକ ଗୁପ୍ତ କ୍ୟାମେରା ସଂଯୁକ୍ତ ଚଷମା ପିନ୍ଧି ଶ୍ରୀମନ୍ଦିର ଭିତରକୁ ଯାଇଥିବାବେଳେ ଜଣେ ଜେଟିପି ତାଙ୍କୁ ଧରି ସିଂହଦ୍ୱାର ଥାନାରେ ଜିମା ଦେଇଥିଲେ ।


**ଅତିରିକ୍ତ ନିର୍ଦ୍ଦେଶକ ମୃତ୍ତିକା ସଂରକ୍ଷଣ ତଥା ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା, ଚିତ୍ରକୋଣ୍ଡା, ମାଲକାନଗିରି**

ଏତଦ୍‌ଦ୍ୱାରା ସମସ୍ତଙ୍କୁ ଜଣାଇ ଦିଆଯାଉଅଛି କି, ଅତିରିକ୍ତ ନିର୍ଦ୍ଦେଶକ ମୃତ୍ତିକା ସଂରକ୍ଷଣ ତଥା ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା, ଚିତ୍ରକୋଣ୍ଡା ମାଲକାନଗିରି କର୍ତ୍ତୃପକ୍ଷଙ୍କ ଅଧୀନରେ ଜଳବିଭାଜୀକା କାର୍ଯ୍ୟକ୍ରମ ଯଥା
୧) କାନ୍ଥ ଚିତ୍ରକଳା (Wall painting) ଜଳବିଭାଜୀକ ସମ୍ବନ୍ଧୀୟ
୨) ସୌରଚାଳିତ ଆଲୋକ (Solar light installation)
୩) ଜଳବିଭାଜୀକା ସମ୍ବନ୍ଧୀୟ ପୋଷ୍ଟର (Wall Poster)
୪) Travis ପ୍ରତିଷ୍ଠା (Travis Installation)
୫) ପଥପ୍ରାନ୍ତ ନାଟକ (Street Play)
୬) ପ୍ରାଙ୍ଗଣ ଛତା (Shamiyana Tent)
୭) ଜଳବିଭାଜୀକା ମାନଚିତ୍ର (Watershed Map)
୮) ଗ୍ରାମ ମାନଚିତ୍ର (Village Map)
୯) ପ୍ରକଳ୍ପର ବିସ୍ତୃତ ବିବରଣୀ ତିଆରି (DPR Preparation)
୧୦) ସ୍ୱାଗତ ଫଳକ (Welcome Board Installation)
୧୧) ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ
ଆଦି ହେବାକୁ ଯାଉଅଛି । ଏଣୁ ଆଗ୍ରହୀ ସଂସ୍ଥା ଉପରୋକ୍ତ କାର୍ଯ୍ୟ ପାଇଁ ଆଗାମୀ ୧୨ ତାରିଖ ମଧ୍ୟରେ ଉଦ୍ଧୃତ (Quotation) ମାଧ୍ୟମରେ ଆବେଦନ କରିବାକୁ ଅନୁରୋଧ ।

ଠ/ଠ ପ୍ରକଳ୍ପ ନିର୍ଦ୍ଦେଶକ
ଜଳବିଭାଜୀକା, ମାଲକାନଗିରି

**GOVT. INDUSTRIAL TRAINING INSTITUTE, HIRAKUD**
**SAMBALPUR, ODISHA – 768016**

Web Site: www.govtitihkd.co.in — mail- itihirakud@yahoo.com
Notice No. 1132 — Date- 01/08/2025

**Walk - In – Interview**

A walk - in - interview for engagement of Guest Instructor will be held in the institute premises on 13th Aug 2025 (Wednesday) at 11 am. Eligible candidates may appear for the interview with all original testimonials. For eligibility criteria and other details, plz visit http://www.govtitihkd.co.in/ .

No TA/DA will be provided for attending the interview.

Sd/- Principal
Industrial Training Institute
Hirakud

**CENTRAL LIBRARY**
**SHREE JAGANNATH SANSKRIT UNIVERSITY,**
**SHREE VIHAR, PURI -3**
**TENDER CALL NOTICE**

No.- 428 /LIB.2025,SJSU, Puri — Dated: 05 /08/2025

Sealed quotations are invited from **reputed firms /authorised Dealers /Suppliers / Publishers/Distributors** having valid GST, PAN, IT Return for supply of books (Text, Reference etc) for Central Library, Shree Jagannath Sanskrit University, Shree Vihar, Puri. The sealed Tenders must address to Prof. in Charge of Library, Shree Jagannath Sanskrit University, Shree Vihar, Puri-3, Odisha latest by 20.08.2025 at 3.00 P.M . For details visit our website https://sjsv.nic.in

By order of Vice Chancellor
Prof. in Charge of Library
SJSU, Puri

**NOTICE**

By virtue of an affidavit sworn before the Executive Magistrate(K), Phulbani, dated.01/08/2025 I, Liril Maharana, D/o-Sapneswara Sathua, W/o-Biranchi Kumar Maharana, At-Amalapada, Phulbani, Po./Ps.-Phulbani, Dist.- Kandhamal, Pin- 762001, Odisha declare that I have changed my name from **Lila Maharana** to **Liril Maharana**. Henceforth, Ishall be known as **Liril Maharana** for all purposes.

Sd/- **Liril Maharana**

**AFFIDAVIT**

By virtue of an affidavit sworn before the Executive Magistrate, Bissam Cuttack, Dist.- Rayagada, Odisha, Vide Affidavit Sl. No. 1857/2025, Dated.16/07/2025, that Sri HARI KARAKARIA of Village- BANDHAGUDA, Post-SIBAPADAR, P.S.; AMBODALA, District- RAYAGADA, ODISHA Changed the name of his minor daughter as **PRISKILA KARAKARIA** instead of PRICEKLA KARAKARIA. Hence forth the minor daughter shall be known as **PRISKILA KARAKARIA** for all purposes.

Sd/- Sri HARI KARAKARIA

**AFFIDAVIT**

I, Lilip Kumari Pattanaik, 46 years, D/o- Late Lalit Mohan Patnayak, Vill/Po.-Digapahandi, Ps.- Digapahandi, Dist.- Ganjam, declared by this Affidavit No.- A/1708/19.07.2025 that now onwards I shall be known as **Lilip Patnayak** for all future purposes.

**AFFIDAVIT**

I, Jyostna Kar wife of Dillip Kumar Panda, At.-Raghunathpur Ward No.22, P.O.-Kainfulia, P.S.-Baripada Town, Dist.-Mayurbhanj Pin.No.-757107, Odisha declared by this affidavit No.11 dtd. 02-09-2022 that onwards I shall be known as Jyotsna Panda (Age 42) for all future purposes.

**Jyotsna Panda**

**AFFIDAVIT**

By virtue of an affidavit sworn before the Notary Public, Bhubaneswar on Dt. 13.02.2025, **I, Bandita Senapati,** aged about 37 years, W/o.: Susanta Kumar Nayak and D/o.: Brajananda Senapati, residing at Ward No.: 8, Dipirenta, Nimapada, Dist.: Puri, PIN-752106 declare that I have changed my surname from Bandita Nayak to **Bandita Senapati**. Henceforth, I shall be known as **Bandita Senapati** for all purposes.

**Bandita Senapati**

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-TELE-ZONAL-PURI-485, ତା. 30.07.2025ରିଖ

**କାର୍ଯ୍ୟର ନାମ :** 01 ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର ଦୂରସଞ୍ଚାର/ପୁରୀ ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ଦୂରସଞ୍ଚାର ଜୋନାଲ (Zonal) କାର୍ଯ୍ୟ ।

**ଟେଣ୍ଡର ମୂଲ୍ୟ(ଟଙ୍କାରେ):** 30,46,121.34, EMD (ଟଙ୍କାରେ) : 60,900/- ।

ବିଡ୍ ଆରମ୍ଭ ହେବା ତାରିଖ : ତା.07.08.2025 ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.21.08.2025 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ଖୋର୍ଦ୍ଧା ରୋଡ଼

PR-430/Q/25-26

**Notice (for Minor)**

By virtue of an affidavit sworn before Notary Public, Udala, Mayurbhanj, dated 04-08-2025 I, Hemanta Kisku, Address AT-Dhirisahi, PO- Hatisahi, PS-Udala, Dist- Mayurbhanj, PIN-757087 declare that I have changed the name of my daughter from Jamuna Kisku to Yamuna Kisku. Henceforth, she shall be known as Yamuna Kisku for all purposes.

**Hemanta Kisku**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur vide no. 421/2023 dated.22/01/2025 I, Parsuram Harijan, S/o- Tanka Harijan of Vill.- Taragam, Po.- Taragam, Ps./Dist.- Nabarangpur state that, my name recorded as Parsuram Harijan in all my documents as per the surname of my father. I have changed my surname from **Parsuram Harijan** to **Parsuram Kashyap**. Henceforth, I will be known as **Parsuram Kashyap** for all purposes.

**AFFIDAVIT**

I, **Tia Rout,** aged about 19 years, resident of At- Balabhadrapur, Near Dola Mandap, Ps- Badambadi, Dist-Cuttack, PIN- 753012, Odisha declared by this affidavit No. 94, dtd-04/08/2025 that, my father's actual name is **Pradyumna Rout** and mother's name is **Sushmita Rout,** but in my birth certificate my father's name has been wrongly recorded as **Praduymnya Rout** instead of **Pradyumna Rout** and also my mother's name has been wrongly recorded as **Susmita Rout** instead of **Sushmita Rout.** Henceforth, both the name are same and one person.

**AFFIDAVIT**

By virtue of an affidavit (CF No. 10, date- 05/08/2025) sworn before The Notary Public, Padampur. I, **Rinki Bhatt** (new name), permanent & current resident of At- Nilathar, Po-Mandosil, P.S. Paikmal, Dist-Bargarh, PIN- 768050, Odisha declare that I have changed my name from **Rinki Sharma** (old name) to **Rinki Bhatt** (new name). Henceforth, I shall be known as **Rinki Bhatt** (new name), W/o Arun Kumar Bhatt for all future purposes.

**Rinki Bhatt**

**AFFIDAVIT**

I, Prakash Jagdish Pattnayak, aged about 56 years, S/o- Jagdish Pattnayak, resident of Flat No. F/206, 2nd Floor, Jyotsna Enclave, Jaydev Vihar, Bhubaneswar, PIN-751013 Odisha declared by this affidavit No. CF No. 93, dtd- 23/07/2025 that now onwards I shall be known as **PRAKASH PATTNAYAK** for all future purposes.

**AFFIDAVIT**

By virtue of an affidavit sworn before Notary Public Bhubaneswar dtd-01.08.2025, I **Smt. Khairun Nisha** of Plot No. 242/3117, Trilochan Vihar, Sundarpada, Ps- Airfield, Bhubaneswar, Dist-Khordha, Odisha, Pin-751002 declare that I have changed my name from **Khairun Nisa** to **Khairun Nisha** for all purposes.

**Khairun Nisha**

**AFFIDAVIT**

By virtue of an affidavit (CF No. 09, date- 05/08/2025) sworn before The Notary Public, Padampur. I, **Arun Kumar Bhatt** (new name), permanent & current resident of At-Nilathar, Po- Mandosil, P.S. Paikmal, Dist- Bargarh, PIN-768050, Odisha declare that I have changed my name from **Arun Kumar Sharma** (old name) to **Arun Kumar Bhatt** (new name). Henceforth, I shall be known as **Arun Kumar Bhatt** (new name), S/o Biranchi Bhatt for all future purposes.

**Arun Kumar Bhatt**

**AFFIDAVIT**

By virtue of an affidavit No-4954 sworn before the Executive Magistrate, Champua on dtd- 31/07/2025, I Sadia Bano, W/o- Md. Kaisar, resident of At/Po/Ps-Jhumpura, Dist- Keonjhar, Odisha I have changed my name from **Sadia Bano** (old name) to **Sadiya Khatun** (new name). That, both names **Sadiya Bano** and **Sadiya Khatun** is one & same person. Henceforth, I will be known as **Sadiya Khatun** for all future purposes.

**Sadiya Khatun**

ସକାଳ THE SAKALA



www.sakalaepaper.com

## ବାସୁଦେବପୁର ବ୍ଲକରେ ବଢି ଚାଲିଛି ଦୁର୍ନୀତି

# ଆବାସ ଘର ଦେଖାଇ କମ୍ୟୁନିଟି ସେଣ୍ଟର ନାଁରେ ଉଠିଛି ଟଙ୍କା

ବାସୁଦେବପୁର,୫ ।୮ (ସମିସ)

ବାସୁଦେବପୁର ବ୍ଲକରେ ଦୁର୍ନୀତି ବଢିବାରେ ଲାଗିଛି । ଏହି ବ୍ଲକ ଅଧୀନ ଅରଣ୍ଡୁଆ ପଞ୍ଚାୟତର ଏକ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଘରକୁ ଦେଖାଇ କମ୍ୟୁନିଟ୍ ସେଣ୍ଟର ନାଁରେ ଫଲ୍ସ ବିଲ୍ କରାଯାଇ ଲକ୍ଷ ଲକ୍ଷ ଟଙ୍କା ସରକାରୀ ତହବିଲରୁ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି । ଗୋଟିଏ ଘର ଦେଖାଇ ୨ ଥର ବିଲ୍ କରି ଅର୍ଥ ହଡପ୍ କରାଯାଇଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଭିଯୋଗ ହୋଇଛି । ବ୍ଲକରେ ବାରମ୍ବାର ଦୁର୍ନୀତି ହେଉଥିବାବେଳେ ଉପରିସ୍ଥ ଅଧିକାରୀମାନେ ନିରବଦ୍ରଷ୍ଟା ସାଜୁଥିବା ଅଭିଯୋଗ ହୋଇଛି । ବାସୁଦେବପୁର ବ୍ଲକର କେଉଁଠି ଆବାସ, ମୋ ପୋଖରୀ ଯୋଜନା, ରାସନ, ଦାନା ବାତ୍ୟା ଅର୍ଥରେ ଦୁର୍ନୀତି ହୋଇଥିବାବେଳେ ଏବେ ଆଉ ଏକ ଭିନ୍ନ ଦୁର୍ନୀତି ସାମନାକୁ ଆସିଛି । ଅରଣ୍ଡୁଆ ପଞ୍ଚାୟତର ତମ୍ବାଖଣ୍ଡି ଗ୍ରାମରେ ଏହି ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି । ଗ୍ରାମରେ ଗୋଟିଏ ଘରକୁ ଦେଖାଇ ଆବାସ ଯୋଜନାର ଅର୍ଥ ହଡ଼ପ କରାଯାଇଥିବାବେଳେ ସେହି ଘର କାନ୍ଥରେ କମ୍ୟୁନିଟି ସେଣ୍ଟର ଲେଖାଯାଇ ଅର୍ଥ ଆତ୍ମସାତ ହୋଇଥିବା ଅଭିଯୋଗ ହୋଇଛି । ଘଟଣାରୁ ପ୍ରକାଶଯେ, ତମାଖଣ୍ଡି ଗ୍ରାମର ଶାଶ୍ୱତୀ ପଣ୍ଡା ୨୦୨୨-୨୩ ମସିହାରେ ଏକ ଆବାସ ଘର ପଇଥିଲେ । ସେ ଆବସ ଘର ନିଜ ଜମିରେ କରି ସରକାରଙ୍କଠାରୁ ପ୍ରାପ୍ୟ




### ଗୋଟିଏ ଘର ଦେଖାଇ ଦୁଇ ଥର ବିଲ୍ କରି ଅର୍ଥ ହଡପ

ଅନୁଯାଇ ଅର୍ଥ ଉଠାଇଥିଲେ । ହେଲେ ଏବେ ସେହି ଗ୍ରାମର କେତେକ ଲୋକେ ନିଜ ଗ୍ରାମର ଥିବା ଠାକୁରାଣୀଙ୍କ ନାମରେ ଏକ କମ୍ୟୁନିଟି ସେଣ୍ଟର ପାଇଁ ଆବେଦନ କରିବାକୁ ଯାଇଥିବାବେଳେ ସେଠାରେ ଏକ କମ୍ୟୁନିଟି ସେଣ୍ଟର ହୋଇଥିବା ଅନଲାଇନରେ ଜଣାପଡିଥିଲା । ପରେ ଗ୍ରାମବାସୀ ସମସ୍ତ ତଥ୍ୟ ଅଟିଆଇରେ ମାଗିଥିଲେ । ହସ୍ତଗତ ତଥ୍ୟରେ ଶ୍ରୀମତୀ ପଣ୍ଡାଙ୍କ ନାମରେ ହୋଇଥିବା ଆବାସ ଘରଟି ଦେଖଇ କମ୍ୟୁନିଟି ସେଣ୍ଟର ଅର୍ଥକୁ ହଡ଼ପ କରାଯାଇଛି । ଗତ ୨୦୨୪ ଅପ୍ରେଲ ୯ ତାରିଖରେ ଏକ କମ୍ୟୁନିଟି ସେଣ୍ଟର ପାଇଁ ଅର୍ଥ ବାରଦ କରାଯାଇଥିଲା । ଅଟକଳ ମୂଲ୍ୟ ୧ ଲକ୍ଷ ୨୬ ହଜର ୮୨୪ ଟଙ୍କା ଥିଲା । ଏହି କମ୍ୟୁନିଟିକୁ ସେଣ୍ଟରକୁ ଉକ୍ତ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଅରଣ୍ଡୁଆ ସରପଞ୍ଚ ମିଳିତ ଭାବେ କରିଥିଲେ । ସେହି ଆବାସ ଘର କାନ୍ଥରେ ଚୂନ ମାରି କମ୍ୟୁନିଟି ସେଣ୍ଟରର ଫଳକ ଲେଖି ସମସ୍ତ ଅର୍ଥକୁ ହଡ଼ପ କରିଥିବା ଗ୍ରାମବାସୀ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଗୋଟିଏ ଘର ଦେଖାଇ ୨ଥର ବିଲ୍ ହଡପ ଅଭିଯୋଗ ଘଟଣାରେ ସହକାରୀ ଯନ୍ତ୍ରୀ ଅନିଶ ସୁବୁଦ୍ଧିରାୟ ଉକ୍ତ ସ୍ଥାନରେ ତଦନ୍ତ କରି ଫେରିଛନ୍ତି । ହେଲେ ଉକ୍ତ ଜମିର ମାଲିକଙ୍କ ପୁଅ ସେ ଏ ବିଷୟରେ କିଛି ଜାଣିନଥିବା ଓ ଏହି କମ୍ୟୁନିଟି ଘର ପାଇଁ ଅର୍ଥ ମୋ ପାଖକୁ ଆସିନାହିଁ ବୋଲି କହିଛନ୍ତି । ହେଲେ ଉକ୍ତ ଜମିର ମାଲିକଙ୍କ ସେ କାନ୍ଥରେ ଲେଖାଯାଇବା ଫଳକକୁ ଲିଭାଇ ଦିଆଯିବ ବୋଲି କହିଛନ୍ତି । ଅନ୍ୟପକ୍ଷରେ ବିଡିଓ ତନ୍ମିତା କର ତଦନ୍ତ ପରେ ଦୋଷୀଙ୍କୁ ଉଚିତ୍ ଦଣ୍ଡ ଦିଆଯିବ ବୋଲି କହିଛନ୍ତି । ଗୁରୁତ୍ୱପୂର୍ଣ୍ଣ କଥା ସଂପୃକ୍ତ ପଂଚାୟତର ଜୁନିଅର ଇଂଜିନିୟର ସନ୍ତୋଷ ପତି କିପରି ସେହି ଘରକୁ ଦେଖାଇ ଅନ୍‌ଲାଇନ କଲେ, ପଂଚାୟତ କର୍ଯ୍ୟନିର୍ବାହୀ ଅଧିକାରୀ ଓ ବ୍ଲକର ସହକାରୀ ଯନ୍ତ୍ରୀ କିପରି ଉକ୍ତ ଘର ଦେଖି ବିଲ୍ କଲେ ସେ ନେଇ ସନ୍ଦେହ ସୃଷ୍ଟି କରିଛି । ଏହି ଘଟଣାରେ ବିଭାଗୀୟ ଅଧିକାରୀମାନେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଏକ ବଡଧରଣର ଆନ୍ଦୋଳନ ହେବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

## ଭଦ୍ରକ ଏଆର୍‌ସିଏସ୍‌ଙ୍କ ବଦଳି ପାଲା

# ଶନିବାର ବଦଳି; ମଙ୍ଗଳବାର ବାତିଲ

ଭଣ୍ଡାରିପୋଖରୀ,୫।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ ସରସଦା ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ପଦବୀରେ ଅବସ୍ଥାପିତ ଥିବା ଅଜୟ କୁମାର ବେହେରାଙ୍କୁ ଗତ ୨ ତାରିଖ ଶନିବାର ଭଦ୍ରକ ସହକାରୀ ସମବାୟ ନିବନ୍ଧକ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୧୬୦୩ ଅନୁଯାୟୀ ଦାଇତ୍ୱରୁ ଅନ୍ତର କଲେ । ସରସଦା ପରିଚାଳନା ବୋର୍ଡ ପ୍ରସ୍ତାବ ଅନୁଯାୟୀ ଏହି ପଦକ୍ଷେପ ଗ୍ରହଣ କରାଗଲା ବୋଲି ସଂପୃକ୍ତ ଆଦେଶରେ କାରଣ ଦର୍ଶାଗଲା । ସରସଦା ପାକ୍ସର ଆକାଉଣ୍ଟାଣ୍ଟ ବିରଞ୍ଚିନାରାୟଣ ରାଉତଙ୍କୁ ନୂତନ ସମ୍ପାଦକ ଭାବେ କାର୍ଯ୍ୟ କରିବାକୁ ଏଥିରେ ଆଦେଶ ହୋଇଥିଲା । ସୋମବାର ବିରଞ୍ଚି ନାରାୟଣ ରାଉତ କାର୍ଯ୍ୟରେ ଯୋଗଦେଲେ । ମାତ୍ର ଏଭଳି ଆଦେଶ ବେଆଇନ ଦର୍ଶାଇ ଗିରିଶ ସାମଲ, ସୁରେଶ ସାମଲ, ରାମଚନ୍ଦ୍ର ସେନାପତି, ବାବାଜି ଜେନା, ନିହାର ଦାସ ପ୍ରମୁଖ ପ୍ରତିବାଦ କରିଛନ୍ତି । ପରିଚାଳନା ପରିଷଦ ବୈଠକ ଗଠନ ଆରମ୍ଭରୁ ଅନୁଷ୍ଠିତ ହୋଇନଥିବା ବେଳେ ସମ୍ପାଦକ ବଦଳି ପାଇଁ ପ୍ରସ୍ତାବ କିପରି ଗଲା ତାହାକୁ ନେଇ ଆପତ୍ତି ହୋଇଥିଲା ବୋଲି ଏ.ଆର.ସି.ଏସ. ସୂଚନା ଦେଇଥିଲେ । ଏହି ଆଧାରରେ ଭଦ୍ରକ ସହକାରୀ ସମବାୟ ନିବନ୍ଧକ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୧୬୨୨ ଅନୁଯାୟୀ ପୂର୍ବ ଆଦେଶକୁ ମଙ୍ଗଳବାର ବାତିଲ କରାଯାଇଥିବା ଜଣାଯାଇଛି ।

# ବାଇକ୍‌ରୁ ତେଲ ଚୋରି ଉଦ୍ୟମ




ବାରିକପୁର,୫।୮ (ସମିସ): ଭଣ୍ଡାରିପୋଖରୀ ଥାନା ମାଳଦା ନିକଟ ଜଳହରି ବଜାରଠାରେ ଏକ ବାଇକରୁ ତେଲ ଚୋରି ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି । ଆଜି ଅପରାହ୍ନରେ ବଜାରଠାରେ ଥିବା ଜୈନିକ ବ୍ୟବସାୟୀ ହାଟରୁ ଆସି ଦୋକାନରେ ସଉଦା ରଖି ଘରକୁ ଯିବା ପାଇଁ ବାହାରିଥିଲେ । ଏହି ସମୟରେ ନିକଟସ୍ଥ ଗ୍ରାମର ୩ ଜଣ ଯୁବକ ଥଣ୍ଡା ପାନୀୟ ପାଇଁ ଦୋକାନୀକୁ କହିଥିଲେ । ଦୋକାନ ବନ୍ଦ କରି ସେ ଘରକୁ ଯାଉଥିବା ବେଳେ ଏବେ ଖୋଲା ହେବନାହିଁ ବୋଲି ବ୍ୟବସାୟୀ ଜଣଙ୍କ କହିଥିଲେ । ଏଥିରେ ଯୁବକମାନେ ରାଗିଯାଇ ବାହାରେ ଥିବା ବ୍ୟବସାୟୀଙ୍କ ବାଇକରୁ ତେଲ ଖୋଲିବାକୁ ଉଦ୍ୟମ କରିଥିଲେ । ଏହି ସମୟରେ ଘରକୁ ଯାଇଥିବା ବ୍ୟବସାୟୀ ଜଣକ ସଙ୍ଗେ ସଙ୍ଗେ କୌଣସି କାରଣରୁ ଦୋକାନ ପାଖକୁ ଫେରି ଦେଖନ୍ତି ତ ଯୁବକମାନେ ତାଙ୍କ ବାଇକରୁ ତେଲ ଖୋଲୁଛନ୍ତି । ଦୋକାନୀଙ୍କୁ ଦେଖି ୨ଜଣ ଯୁବକ ଚମ୍ପଟ ମାରିଥିଲେ । ଦୋକାନ ଘର ସଟର ମଧ୍ୟ ଖୋଲା ହୋଇଥିବା ଦେଖା ଯାଇଥିଲା । ଜଣେ ଯୁବକଙ୍କୁ ସ୍ଥାନୀୟ ଲୋକେ କାବୁ କରି ପୁଲିସ ଜିମା ଦେଇଥିଲେ । ପୁଲିସ ଯୁବକକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି ।

# ରାତିଅଧିଆ ୨୧ କମ୍ୟୁନିଟି ହେଲ୍‌ଥ ଅଫିସରଙ୍କ ବଦଳି

ଭଦ୍ରକ,୫।୮ (ସମିସ): ଭଦ୍ରକରେ ସ୍ଥାୟୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟଭାର ଗ୍ରହଣ କରିବାର ପୂର୍ବରୁ ରାତିଅଧିଆ ୨୧ଜଣ କମ୍ୟୁନିଟି ହେଲଥ୍ ଅଫିସର(ନର୍ସ)ଙ୍କୁ ବଦଳି କରାଯିବା ଚର୍ଚ୍ଚାର ବିଷୟ ହୋଇଛି । ଭଦ୍ରକରେ ଖାଲି ପଡିଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ପଦଟି ଗତ ୧ ତାରିଖ ପୂରଣ ହୋଇଥିଲା । ତେବେ, ଏହି ପଦରେ ଡାକ୍ତର ଉମାପ୍ରସାଦ ବିଶ୍ୱାଳ କାର୍ଯ୍ୟଭାର ଗ୍ରହଣ କରିବା ପୂର୍ବରୁ ଏହି କାର୍ଯ୍ୟାଳୟର ଜଣେ ବରିଷ୍ଠ କିରାଣି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ଜିଲ୍ଲାର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ କମ୍ୟୁନିଟି ହେଲଥ୍ ଅଫିସରଙ୍କୁ ରାତିଅଧିଆ ତରବରିଆ ଭାବେ ଅଦଳ ବଦଳ କରିଥିଲେ; ଯାହା କି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମୁଖ୍ୟ କିରାଣିଙ୍କ ଅଗୋଚରରେ କରାଯାଇଛି । ସେ ଏହି ଟ୍ରାନ୍ସଫର ଓ ପୋଷ୍ଟିଂ କାର୍ଯ୍ୟ ତୁଲାଇବାକୁ ବିଭାଗୀୟ ନିର୍ଦ୍ଦେଶ ଥିବା ସତ୍ତ୍ୱେ ତାଙ୍କ ଅଗୋଚରରେ କିଭଳି ରାତିଅଧିଆ ବଦଳି ହେଲା ସ୍ୱତଃ ସନ୍ଦେଶ ସୃଷ୍ଟି ହୋଇଛି । ଏହି ୨୧ଜଣଙ୍କ ବଦଳିରେ ମୋଟା ଅଙ୍କର କାରବାର ହୋଇଥିବା କଥା ଆଲୋଚନା ହେଉଛି । ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ମୁଖ୍ୟ କିରଣି ଦୟାନିଧି ଦାସଙ୍କୁ ପଚାରିବାରୁ ୨୧ଜଣଙ୍କ ବଦଳି ହୋଇଥିବା ସତ, ହେଲେ ତାଙ୍କ ଅଗୋଚରରେ ହୋଇଥିବା ସୂଚନା ଦେଇଛନ୍ତି । ଜଣେ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କାର୍ଯ୍ୟଭାର ଗ୍ରହଣ କରିବା ଅଳ୍ପ ଘଣ୍ଟା ଆଗରୁ କାହିଁକି ବେଆଇନ୍ ଭାବେ ୨୧ଜଣ କମ୍ୟୁନିଟି ହେଲଥ୍ ଅଫିସରକୁ ରାତିଅଧିଆ ବଦଳି କରାଗଲା ବୋଲି ସାଧାରଣରେ ପ୍ରଶ୍ନ ଉଠିବା ସହ ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି ହୋଇଛି ।

# ରମ୍ଭିଳାରେ 'ମୋ ପଞ୍ଚାୟତରେ ମୋ ତହସିଲ' କାର୍ଯ୍ୟକ୍ରମ



ଭଦ୍ରକ,୫।୮ (ସମିସ): ମଙ୍ଗଳବାର ଭଦ୍ରକ ତହସିଲ ଅଧୀନ ରମ୍ଭିଳା ଗ୍ରାମ ପଞ୍ଚାୟତରେ "ମୋ ପଞ୍ଚାୟତରେ ମୋ ତହସିଲ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଭଦ୍ରକ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ତହସିଲର ପ୍ରଶିକ୍ଷଣ ରିଜର୍ଭ ଅଫିସର ମିତାରାଣୀ ବାରିକ, ରାଜସ୍ୱ ପରିଦର୍ଶକ ଦ୍ୱୟ-ଜ୍ୟୋତିରଂଜନ ପଣ୍ଡା, ବିକାଶ କୁମାର ଦାସ, ରମ୍ଭିଳା ସରପଞ୍ଚ ଗଣେଶ ପଣ୍ଡା ଓ ରମ୍ଭିଳା ରାଜସ୍ୱ ନିରୀକ୍ଷକ ଗୌତମ ମଲ୍ଲିକଙ୍କ ସମେତ ରମ୍ଭିଳା ତଥା ଆଖପାଖ ଅଞ୍ଚଳର ଗ୍ରାମବାସୀ, କୃଷକ ସାଥୀ ଏବଂ ସ୍ଥାନୀୟ ପ୍ରତିନିଧି ଉପସ୍ଥିତ ଥିଲେ । ସମ୍ପ୍ରତି ସରକାରଙ୍କ ତରଫରୁ ପ୍ରାଧାନ୍ୟ ଦିଆଯାଉଥିବା ପଟ୍ଟାର ଦୁଇ ଖାନାରେ ମୃତ୍ୟୁ ଆସାମୀଙ୍କ ନାମକୁ ସଂଶୋଧନ ପାଇଁ ପୂର୍ବରୁ ଗ୍ରହଣ କରାଯାଇଥିବା ସଂଶୋଧିତ ନୂତନ ପଟ୍ଟା ତାଙ୍କର ଉତ୍ତରାଧିକାରୀଙ୍କୁ ବଣ୍ଟନ କରାଯାଇଥିଲା । ମୃତ୍ୟୁ ପଟ୍ଟା ଆସାମୀଙ୍କ ନାମରେ ଥିବା ପଟ୍ଟା ସଂଶୋଧନ କରିବା ନିମନ୍ତେ ମଧ୍ୟ ନୂତନ ଦରଖାସ୍ତ ଗ୍ରାମବାସୀଙ୍କ ନିକଟରୁ ଗ୍ରହଣ କରାଯାଇଥିଲା । ଏଥିସହିତ ଶ୍ରୀ ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଗ୍ରାମବାସୀଙ୍କ ବିଭିନ୍ନ ପ୍ରକାରର ରାଜସ୍ୱ ସମସ୍ୟାର ଅଭିଯୋଗର ତ୍ୱରିତ ସମାଧାନ କରାଯାଇଥିଲା । ଏଥିସହ ରମ୍ଭିଳା ପଞ୍ଚାୟତବାସୀଙ୍କୁ ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ହେଲା ସରକାରୀ କର୍ମଚାରୀ ଓ ସାଧାରଣ ଜନତାଙ୍କ ମଧ୍ୟରେ ଅନ୍ତର ବା ବ୍ୟବଧାନକୁ ଦୂର କରିବା ଏବଂ ତହସିଲ ସ୍ତରରେ ସମସ୍ତ ପ୍ରକାର ରାଜସ୍ୱ ସେବା ସ୍ୱଚ୍ଛତା ଓ ସେବା ମନବୃତ୍ତି ରଖି ଯୋଗାଇ ଦିଆଯାଉଛି ବୋଲି ଜନସାଧାରଣଙ୍କୁ ସଚେତନ କରିବା । କୌଣସି ରାଜସ୍ୱ ସେବା ପାଇବା ପାଇଁ ତହସିଲଦାର, ରାଜସ୍ୱ ନିରୀକ୍ଷକ ବା ଅନ୍ୟ କୌଣସି ତହସିଲ କର୍ମଚାରୀଙ୍କ ନାମ ନେଇ ମଧ୍ୟସ୍ଥିତା କାରବାର କରୁଥିବା ଯଦି କୌଣସି ବ୍ୟକ୍ତି ଉତ୍କୋଚ ମାଗୁଥାନ୍ତି, ତେବେ ଏହା ବିଷୟରେ ସଂପୃକ୍ତ ଅଧିକାରୀଙ୍କୁ ଜଣାଇବେ । କାର୍ଯ୍ୟକ୍ରମରେ ୯ ଜଣ ଆବେଦନକାରୀଙ୍କୁ ପଟ୍ଟା ପ୍ରଦାନ କରାଯାଇଥିବା ବେଳେ ୭୦ଜଣ ଭୂମିହୀନ ଆଜି ବସୁନ୍ଧରା ଯୋଜନା ଲାଗି ଆବେଦନ କରିଥିଲେ । ଏହାର ଯାଞ୍ଚ କରିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ତହସିଲଦାର ସୂଚନା ଦେଇଥିଲେ । ଏହିପରି କାର୍ଯ୍ୟକ୍ରମ ହେଲେ ଜନସାଧାରଣଙ୍କ ବିଭିନ୍ନ ପ୍ରକାରର ରାଜସ୍ୱ ସମସ୍ୟା ସମାଧାନ ହେବା ସହ କାର୍ଯ୍ୟକ୍ରମର ଗୁରୁତ୍ୱ ବହନ ହୋଇପରିବ ବୋଲି ସରପଞ୍ଚ ଗଣେଶ ପଣ୍ଡା ପ୍ରକାଶ କରୁଥିଲେ ।

# ନିର୍ମାଣକୁ ୫ ବର୍ଷ ବିତିଲା; କାର୍ଯ୍ୟକ୍ଷମ ହେଲାନି କୋର୍ଟ

ବନ୍ତ/ଆଗରପଡ଼ା,୫।୮ (ସମିସ): ନ୍ୟାୟପାଳିକାକୁ ଅଧିକ କ୍ରିୟାଶୀଳ କରାଇବା ଉଦ୍ଦେଶ୍ୟରେ ପ୍ରତି ତହସିଲ ଅଧୀନରେ ଗୋଟିଏ ଲେଖାଏଁ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ତଥା କନିଷ୍ଠ ଦେୱାନୀ ଅଦାଲତ ପ୍ରତିଷ୍ଠା କରିବାର ଯୋଜନା ହୋଇଛି । ଭଦ୍ରକ ଜିଲ୍ଲାର ବିଭିନ୍ନ ବ୍ଲକରେ ପ୍ରତି ତହସିଲ ଅଧୀନରେ ଏପରି କୋର୍ଟ ଖୋଲିଛି । ବନ୍ତ ଏକ ସମସ୍ୟା ବହୁଳ



### ପାଚେରି ନିର୍ମାଣରେ ସୀମିତ

ଅଞ୍ଚଳ ହୋଇଥିବାରୁ ଏହାକୁ ଉପଲବ୍ଧି କରି ବନ୍ତ କଲ୍ୟାଣ ମଣ୍ଡପରେ ଅସ୍ଥାୟୀ ଭାବେ କୋର୍ଟକୁ କାର୍ଯ୍ୟକ୍ଷମ କରିବାକୁ ସ୍ଥିର ହୋଇଥିଲା । ସବୁ ପ୍ରକାର ବ୍ୟବସ୍ଥା ହୋଇଥିଲେ ମଧ୍ୟ ବନ୍ତରେ ଏ ଯାଏ କୋର୍ଟ କାର୍ଯ୍ୟକ୍ଷମ ହୋଇନି । ୫ବର୍ଷ ହେବ ନିର୍ମାଣ ଶେଷ ହୋଇଥିଲେ ମଧ୍ୟ କୋର୍ଟ କାର୍ଯ୍ୟ ଏ ପର୍ଯ୍ୟନ୍ତ ଆରମ୍ଭ ହୋଇପାରିନି । ଉକ୍ତ ପ୍ରସଙ୍ଗକୁ ନେଇ ଗତ ଡ଼ିସେମ୍ବର ମାସରେ ସ୍ଥାନୀୟ ବିଧାୟକ ସଂଜୀବ ମଲ୍ଲିକ ବିଧାନସଭାରେ ପ୍ରଶ୍ନ ମଧ୍ୟ ଉଠାଇବା ସହ ଏହାର କାର୍ଯ୍ୟକ୍ଷମକୁ ନେଇ ସେ ବିଭାଗୀୟ ମନ୍ତ୍ରୀଙ୍କ ଉତ୍ତର ଚାହିଁଥିଲେ । କିନ୍ତୁ ଏହାର କିଛି ସୁଫଳ ବନ୍ତବାସୀ ଆଜି ପର୍ଯ୍ୟନ୍ତ ପାଇପାରିନାହାନ୍ତି । ପ୍ରକାଶ ଥାଉକି; ବନ୍ତ ବ୍ଲକ ୨୦୮ଟି ରେଭିନ୍ୟୁ ଗ୍ରାମ ଓ ୨୫ଟି ପଂଚାୟତର ଦୁଇ ଲକ୍ଷ ବିଶିଷ୍ଟ ଜନସଂଖ୍ୟାକୁ ନେଇ ଗଠିତ । ଏହାର ଗୁରୁତ୍ୱକୁ ନେଇ ଉକ୍ତ ସ୍ଥାନରେ ନ୍ୟାୟାଳୟ ପ୍ରତିଷ୍ଠା ପାଇଁ ଓକିଲ ସଂଘ, ସର୍ବସାଧାରଣ ଓ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଦାବିପତ୍ର ପ୍ରଦାନ ପରେ ଜିଲ୍ଲା ଜଜ୍‌ଙ୍କ ପକ୍ଷରୁ ବନ୍ତ କଲ୍ୟାଣ ମଣ୍ଡପକୁ ମରାମତି କରାଯାଇ ସେଥିରେ ଅସ୍ଥାୟୀ କୋର୍ଟ ପ୍ରତିଷ୍ଠା ପାଇଁ ସ୍ଥିର ହୋଇଥିଲା । ଇତି ମଧ୍ୟରେ ଉକ୍ତ ଗୃହର ସମସ୍ତ କାର୍ଯ୍ୟ ଦୀର୍ଘ ୫ବର୍ଷରୁ ଅଧିକ ସମୟ ହେବ ସମ୍ପନ୍ନ ହୋଇ ରଙ୍ଗ ଦିଆସରିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ତାଲା ଝୁଲୁଛି । ଅନ୍ୟପକ୍ଷରେ ବରକୋଣାଠାରେ ଥିବା ସ୍ଥାନକୁ କୋର୍ଟ ନାମରେ ଖତିୟାନ ପ୍ରସ୍ତୁତ ସରି ପାଚେରୀ ନିର୍ମାଣ ସରିଥିଲେ ସୁଦ୍ଧା ତାହା ପାଚେରୀରେ ସୀମିତ ରହିଯାଇଛି । ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଅସ୍ଥାୟୀ ଭାବେ ଚାଲିବାକୁ ଥିବା କୋର୍ଟ ପରିସର ବର୍ତ୍ତମାନ ବିଭିନ୍ନ ଗୁଳ୍ମଲତାରେ ଭର୍ତ୍ତି ହୋଇଯାଇଥିବାବେଳେ ବରକୋଣା ଠାରେ ନିର୍ମିତ ପାଚେରୀ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେବାକୁ ବସିଛି । ବହୁ ଦାବି ପରେ ଜିଲ୍ଲା ଜଜ ବନ୍ତ ବ୍ଲକ ପରିଦର୍ଶନରେ ଆସି ଏହି ବିଷୟରେ ହାଇକୋର୍ଟକୁ ଜଣାଇଥିଲେ । ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଉକ୍ତ ସ୍ଥାନରେ ଅସ୍ଥାୟୀ ଭାବେ ଏକ ପ୍ରଥମ ଶ୍ରେଣୀ ନ୍ୟାୟାଳୟ ପ୍ରତିଷ୍ଠା ପାଇଁ ବିଭିନ୍ନ ଚିହ୍ନଟ ସହ ବରକୋଣାଠାରେ ଥିବା ସ୍ଥାନକୁ ଉପଯୁକ୍ତ ସ୍ଥାନଭାବେ ଚିହ୍ନଟ କରିଥିଲେ । ତେବେ ପରେ ଅସ୍ଥାୟୀଭାବେ ବନ୍ତ କଲ୍ୟାଣ ମଣ୍ଡପକୁ ଚିହ୍ନଟ କରାଯାଇ ସେଠାରେ ନ୍ୟାୟାଳୟ ପ୍ରତିଷ୍ଠା ପାଇଁ ସ୍ଥିର ହୋଇଥିଲା । ସବୁ ପ୍ରକାର କାର୍ଯ୍ୟ ସରିଥିଲେ ମଧ୍ୟ ଏଠାରେ କୋର୍ଟ କାର୍ଯ୍ୟକ୍ଷମ ହୋଇପାରିନି । ଫଳରେ ବର୍ତ୍ତମାନ ପ୍ରତ୍ୟେକ ଛୋଟ ବଡ଼ ମାମଲା ପାଇଁ ଲୋକଙ୍କୁ ବହୁ ଦୂର ଭଦ୍ରକର ନଳାଙ୍ଗଠାରେ ପ୍ରତିଷ୍ଠା ହୋଇଥିବା ନୂତନ କୋର୍ଟକୁ ଯିବା ଆସିବା କରିବାକୁ ପଡୁଛି । ତେଣୁ ଯଥାଶୀଘ୍ର ଏହି କୋର୍ଟକୁ କାର୍ଯ୍ୟକ୍ଷମ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ଭଦ୍ରକ ଲାୟନ୍ସ କ୍ଲବ୍‌ର ଅଧିଷ୍ଠାନ ଦିବସ ପାଳିତ

# ସୁରେଶ ସଭାପତି ଓ ପୂର୍ଣ୍ଣଚନ୍ଦ୍ର ସମ୍ପାଦକ



ଭଦ୍ରକ,୫।୮ (ସମିସ): ଭଦ୍ରକ ଲାୟନ୍ସ କ୍ଲବର ୪୫ ତମ ଅଧିଷ୍ଠାନ ଉତ୍ସବ ଭଦ୍ରକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି । ଏହି ଅବସରରେ ନୂତନ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ଦିଆଯିବା ସହ ନୂତନ ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି କାର୍ଯ୍ୟକ୍ରମକୁ ସମ୍ପାଦକ ପ୍ରକାଶ କୁମାର ଜେନା ପରିଚନା କରିଥିବା ବେଳେ ସଭାପତି ଗୋବିନ୍ଦ ପ୍ରସାଦ ମୋର ସ୍ୱାଗତ ଭାଷଣ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜେଡ୍ .ସି ନିରଞ୍ଜନ ଲାଲ ଗୁପ୍ତା, ଆ.ର୍ସି ପ୍ରଭାତ ଧଳ, ସେକେଣ୍ଡ ଭି.ଡି.ଜି ଅଶୋକ କୁମାର ମହାନ୍ତି ଉପସ୍ଥିତ ଥିଲେ । ସମ୍ମାନିତ ଅତିଥି ଭାବେ, ପିଡିଜି ପ୍ରଫୁଲ୍ଲ କୁମାର ସାମଲ, ପିଡିଜି ଶରତ ଚନ୍ଦ୍ର ପ୍ରଧାନ, ମୁଖ୍ୟ ଅତିଥି ଭାବେ, ଆଇପିଡିଜି ପ୍ରଲୁବ୍ଧ ଜେନା ଯୋଗ ଦେଇଥିଲେ । ସଭା ପ୍ରାରମ୍ଭରେ ସଭ୍ୟଙ୍କ ଦ୍ୱାରା ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଗୋବିନ୍ଦ ଚନ୍ଦ୍ର ମୋରଙ୍କ ସ୍ଥାନରେ ନୂତନ ସଭାପତି ଭାବେ ସୁରେଶ ଚନ୍ଦ୍ର ମହାନ୍ତି ଦାୟିତ୍ୱ ଗ୍ରହଣ କରିଥିଲେ । ସେହିଭଳି ସମ୍ପାଦକ ଭାବେ ପୂର୍ଣ୍ଣଚନ୍ଦ୍ର ସେନ ଦାୟିତ୍ୱ ନେଇଛନ୍ତି । କୋଷାଧ୍ୟକ୍ଷ ଭାବେ ପ୍ରକାଶ କୁମାର ଜେନା ଦାୟିତ୍ୱ ଗ୍ରହଣ କରିଛନ୍ତି । ବିଶେଷ କରି, ଅଧିଷ୍ଠାନ ଉତ୍ସବ ପାଳନ ଓ ନୂତନ୍ ଦାୟିତ୍ୱ ଗ୍ରହଣ କରାଯିବା ସହ ଗରିବ ଓ ଅସହାୟ ମାନଙ୍କୁ ପୂର୍ବ ଭଳି କିପରି ସାହାଯ୍ୟ ସହଯୋଗ କରାଯିବ ସେନେଇ ଆଲୋଚନା ହୋଇଥିଲା । ଶେଷରେ ଭଦ୍ରକ ଜିଲ୍ଲାରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାଙ୍କୁ କ୍ଲବ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା ।

## ସ୍ୱାଧୀନତା ଦିବସ ଉପଲକ୍ଷେ ସାଧାରଣ ଜ୍ଞାନ ଓ ଦେଶାତ୍ମବୋଧକ ସଂଗୀତ ପ୍ରତିଯୋଗିତା

# କନିଷ୍ଠ ଓ ବରିଷ୍ଠ ବିଭାଗରୁ ୭୦ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ

ଭଦ୍ରକ,୫।୮ (ସମିସ): ୭୯ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଭଦ୍ରକ ସୂଚନା ଓ ଲୋକ ସଂପର୍କ ବିଭାଗ ଦ୍ୱାରା ୨ଟି ପର୍ଯ୍ୟାୟରେ ଭଦ୍ରକ ସାଲନ୍ଦୀ ନର୍ସିଂ ସ୍କୁଲ, ସାଲନ୍ଦୀ ହସ୍‌ପିଟାଲ ଓ ଭଦ୍ରକ ରୋଟାରୀ କ୍ଲବ ଆନୁକୂଲ୍ୟରେ ବିଦ୍ୟାଳୟସ୍ତରୀୟ ସାଧାରଣ ଜ୍ଞାନ, ଦେଶାତ୍ମବୋଧକ ସଂଗୀତ ଓ ବକ୍ତୃତା ପ୍ରତିଯୋଗିତା ସ୍ଥାନୀୟ ସଂସ୍କୃତି ଭବନ ଠାରେ ଜିଲ୍ଲା ପ୍ରଶାସନ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ପର୍ଯ୍ୟାୟରେ ସାଲନ୍ଦୀ ନର୍ସିଂ ସ୍କୁଲ ଆନୁକୁଲ୍ୟରେ ଅନୁଷ୍ଠିତ ଲିଖିତ ସାଧାରଣ ଜ୍ଞାନ ପ୍ରତିଯୋଗୀତାରେ କନିଷ୍ଠ ଓ ବରିଷ୍ଠ ବିଭାଗରେ ୭୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ସୀତାକାନ୍ତ ଦାସ ଓ ଡାକ୍ତର ପ୍ରଭାସ କୁମାର ମହାନ୍ତି ପ୍ରତିଯୋଗିତା ପରିଚାଳନା କରିଥିଲେ । ଏହି ପ୍ରତିଯୋଗିତାରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ତଥା ସହକାରୀ ଜିଲ୍ଲାପାଳ କାର୍ତ୍ତିକ ନାଥ ମଣ୍ଡଳ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ । ଉକ୍ତ ପ୍ରତିଯୋଗିତାରେ 'କ' ବିଭାଗରୁ ଜ୍ୟୋତି କନଭେଣ୍ଟ ସ୍କୁଲର ୮ମ ଶ୍ରେଣୀର ଛାତ୍ର ବିସ୍ମୟ ବିଭୋର ପଣ୍ଡା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଭଦ୍ରକ କାର୍ମେଲ ସ୍କୁଲ ର ଅଷ୍ଟମ ଶ୍ରେଣୀର ଛାତ୍ର କ୍ରିଷ୍ଣା କେଶବ ପାଣିଗ୍ରାହୀ ୨ୟ ସ୍ଥାନ ଏବଂ ଚରମ୍ପା ଆର.ସି. ବି.ଏଲ୍ ହାଇସ୍କୁଲ ର ୮ମ ଶ୍ରେଣୀର ଛାତ୍ର ଅଂଶୁମାନ ଶୁକ୍ଳ ୩ୟ ସ୍ଥାନ ଅଧିକାର କରିଥିଲେ । ସେହପରି 'ଖ' ବିଭାଗର ସେଣ୍ଟ ଜାଭିୟର ସ୍କୁଲର ୯ମ ଶ୍ରେଣୀ ଛାତ୍ର ଶ୍ରେୟାଂଶ ମିଶ୍ର ପ୍ରଥମ, ଓଲଙ୍ଗ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ର ୯ମ ଶ୍ରେଣୀ



ଛାତ୍ର ଅଭିଜ୍ଞାନ ସାହୁ ୨ୟ ଏବଂ ତିହିଡି ସନ୍ଥପୁରା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ର ୯ମ ଶ୍ରେଣୀ ଛାତ୍ର ଶାସ୍ୱତ ନାୟକ ତୃତୀୟ ସ୍ଥାନ ଅଧିକାର କରିଥିଲେ । ୨ୟ ପର୍ଯ୍ୟାୟରେ ସାଲନ୍ଦୀ ହସ୍‌ପିଟାଲ ଆନୁକୂଲ୍ୟରେ ଦେଶାତ୍ମବୋଧକ ସଂଗୀତ ପ୍ରତିଯୋଗିତା ୨ଟି ବିଭାଗରେ ୬୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏହି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ସଂଗୀତ ଗୁରୁ ରାମ ନାରାୟଣ ମହାନ୍ତି, ଜଗନ୍ନାଥ କର, ରମାକାନ୍ତ ଜେନା, ମନୋଜ କପଣ୍ଡା, ରମେଶ ଚନ୍ଦ୍ର ରାୟ, ବିଭୁତି ଶେଖର ପଣ୍ଡା ବିଚାରକ ଭାବେ ଯୋଗଦେଇଥିଲେ । ଏହି ପ୍ରତିଯୋଗୀତାରେ 'କ' ବିଭାଗରେ ଗିରୀଧାରୀ ପଣ୍ଡା ଉଚ୍ଚବିଦ୍ୟାପୀଠର ୮ମ ଶ୍ରେଣୀ ଛାତ୍ରୀ ପୁଷ୍ପାଞ୍ଜଳି ସାହୁ ଏବଂ ଜାଗୁଳାଇ ୟୁ.ପି. ସ୍କୁଲର ଷଷ୍ଠ ଶ୍ରେଣୀ ଛାତ୍ର ଦିବ୍ୟଜ୍ୟୋତି ବିନ୍ଧାଣୀ ଯୁଗ୍ମ ଭାବରେ ପ୍ରଥମ ହୋଇଥିବା ବେଳେ ନୂଆବଜାର ମଞ୍ଜୁଳ ମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୮ମ ଶ୍ରେଣୀ ଛାତ୍ରୀ ପ୍ରିୟଙ୍କା ବାରିକ ୨ୟ ସ୍ଥାନ ଓ ଜାଗୁଳାଇ ନୋଡ଼ାଲ ୟୁ ପି ସ୍କୁଲର ୮ମ ଶ୍ରେଣୀ ଛାତ୍ରୀ ଲକ୍ଷ୍ମୀପ୍ରିୟା ରାଉତ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି 'ଖ' ବିଭାଗରେ ନୂଅବଜାର ମଞ୍ଜୁଳ ମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ର ୧୦ମ ଶ୍ରେଣୀ ଛାତ୍ରୀ ହିମାଦ୍ରୀ ତନୟା ପଣ୍ଡା ପ୍ରଥମ, ପଂଚାୟତ ସରକାରୀ ହାଇସ୍କୁଲ, ବେତଡ଼ା ନବମ ଶ୍ରେଣୀ ଛାତ୍ର ସାଇ ବିସ୍ମୟ ପାଢ଼ୀ ଦ୍ୱିତୀୟ ଏବଂ ଭଣ୍ଡାରି ପୋଖରୀ ସରକାରୀ ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ରୀ ମନିସା ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଚଳିତ ବର୍ଷ ସ୍ୱାଧୀନତା ଦିବସ ଉପଲକ୍ଷେ ୪ ତାରିଖ ରୁ ଆରମ୍ଭ କରି ୬ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ପ୍ରତିଯୋଗୀତା ସୂଚନା ଓ ଲୋକ ସଂପର୍କ ବିଭାଗ ଦ୍ୱାରା ଅନୁଷ୍ଠିତ ହୋଇଆସୁଅଛି । ୪ତାରିଖ ଦିନ ରୋଟାରୀ କ୍ଲବ, ଭଦ୍ରକ ଆନୂକୁଲ୍ୟରେ ଦୁଇଟି ବିଭାଗରେ ବକ୍ତୃତା (ଓଡ଼ିଆ ଏବଂ ଇଂରାଜୀ) ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ । ଛାତ୍ରଛାତ୍ରୀଙ୍କୁ 'କ' (ଷଷ୍ଠ, ସପ୍ତମ ଓ ଅଷ୍ଟମ) ଏବଂ 'ଖ'(ନବମ ଓ ଦଶମ) ଶ୍ରେଣୀଭୁକ୍ତ କରାଯାଇ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ପ୍ରତିଯୋଗିତାରେ ବି.ରକ ଭାବେ ସର୍ବଶ୍ରୀ ଗୋଲକ ସାହୁ, ଶଶଧର ଦାସ, ରାମଚନ୍ଦ୍ର ପଣ୍ଡା, ରାଧାରାଣୀ ମହାପାତ୍ର, ଅଟଳବିହାରୀ ନାୟକ ଓ ପ୍ରଫୁଲ୍ଲ ସାହୁ ଦାୟିତ୍ୱ ନିର୍ବାହ କରିଥିଲେ । ଆସନ୍ତା ଅଗଷ୍ଟ ୧୫ ତାରିଖରେ ଅପରାହ୍ନ ୫ଟାରେ ସହୀଦ ସ୍ମୃତି ଭବନ ଠାରେ ସ୍ୱାଧୀନତା ଦିବସ ଅବସରରେ ଅନୁଷ୍ଠିତ ଉତ୍ସବରେ ପ୍ରତିଯୋଗିତାରେ କୃତୀ ଛାତଛାତ୍ରୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯିବ । ଜିଲ୍ଲା ସୂଚନା ଓ ଲୋକ ସଂପର୍କ ବିଭାଗର ଦାୟିତ୍ୱରେ ଥିବା ସହଯୋଗୀ ଜିଲ୍ଲପାଳ ଶ୍ରୀ ମଣ୍ଡଳଙ୍କ ତତ୍ତ୍ୱାବଧାନରେ ସାଲନ୍ଦୀ ହସ୍‌ପିଟାଲ, ଭଦ୍ରକର କର୍ମଚାରୀମାନେ ପ୍ରତିଯୋଗିତା ପରିଚାଳନାରେ ସମସ୍ତ ସହଯୋଗ ପ୍ରଦାନ କରିଥିଲେ ।

# ଅଢ଼େଇଶହରୁ ଅଧିକ ବେଆଇନ ସାଇଲେନ୍ସର ଭାଙ୍ଗିଲା ପୁଲିସ

ଭଦ୍ରକ, ୫।୮ (ସମିସ)

ଭଦ୍ରକ ସହରାଞ୍ଚଳରେ ଏବେ ଉତ୍କଟ ତଥା ବିକଟାଳ (ଗୁଳିଫୁଟା) ଶବ୍ଦ କରି ଧ୍ୱନି ଓ ବାୟୁ ପ୍ରଦୂଷଣ କରୁଥିବା ଅମାନିଆ ବାଇକ୍ ଚାଳକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଅଭିଯୋଗ ଆଧାରରେ ଟାଉନ ପୁଲିସ ପକ୍ଷରୁ ବିଭିନ୍ନ ଛକ ବଜାରରେ ପାଟ୍ରୋଲିଂ ବେଳେ ଜବତ କରାଯାଇଥିବା ୨୫୬ଟି ମୋଡିଫାଏଡ୍ ସାଇଲେନ୍ସରକୁ ରୋଲର ଲଗାଇ ଭାଙ୍ଗି ନଷ୍ଟ କରାଯାଇଛି। ଅନ୍ୟପକ୍ଷରେ ଅମାନିଆ ବାଇକ ଚାଳକଙ୍କଠାରୁ ଜରିମାନା ବି ଆଦାୟ କରାଯାଇଥିବା ଜଣାଯାଇଛି। ଏହି ସାଇଲେନ୍ସର ଭଙ୍ଗା ବେଳେ ଟାଉନ ଥାନା ଆଇଆଇସି ପ୍ରାଂଶୁଶେଖର ମିଶ୍ର ଉପସ୍ଥିତ ଥିଲେ। ଆଗକୁ ଏହି ଅଭିଯାନକୁ ଅଧିକ ଜୋରଦାର କରାଯିବ ବୋଲି ପୋଲିସ ସୂଚନା ଦେଇଛି। ସୂଚନାଯୋଗ୍ୟ, ବିଶେଷ କରି ବୁଲେଟ୍ ବାଇକ୍‌ରେ ଥିବା କମ୍ପାନୀର ଅରିଜିନାଲ ସାଇଲେନ୍ସରକୁ ବାହାର କରି ମୋଡିଫାଏଡ (ଯାହା ନିୟମ ବହିର୍ଭୂତ)



କୁ ଲଗାଇ ଏକାଧିକ ଅମାନିଆ ବୁଲେଟ୍ ଚାଳକ ସହରରେ ଉତ୍କଟ ଶବ୍ଦ ପ୍ରଦୂଷଣ କରିଆସୁଛନ୍ତି। ଏହାସହ ବାୟୁକୁ ମଧ୍ୟ ପ୍ରଦୂଷିତ କରିଆସୁଛନ୍ତି। ବରିଷ୍ଠ ନାଗରିକ, ମହିଳା, ଶିଶୁ ଓ ଛାତ୍ରଛାତ୍ରୀ ଏଥିଯୋଗୁଁ ପ୍ରଭାବିତ ହେଉଛନ୍ତି। ହୃଦରୋଗୀମାନେ ଏହି ଉତ୍କଟ ଶବ୍ଦ ଯୋଗୁଁ ଚାପଗ୍ରସ୍ତ ହେଉଛନ୍ତି। ଏଭଳି ଅଭିଯୋଗ ଦୀର୍ଘଦିନରୁ ହେଉଥିବା ବେଳେ ଏସ୍‌ପି ମନୋଜ କୁମାର ରାଉତଙ୍କ ନିର୍ଦ୍ଦେଶକ୍ରମେ ଟାଉନ ପୁଲିସ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛି।

## ଦୁର୍ଘଟଣା ପ୍ରବଣ ବାଙ୍କ ରାସ୍ତା

ବାରିକପୁର, ୫।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ ପାଳଦାଠାରୁ ମଣୀନାଥପୁର ଭାୟା ଯାଜପୁର ସହରକୁ ସଂଯୋଗ କରୁଥିବା ପୂର୍ତ୍ତ ରାସ୍ତାଟି ଦିନକୁ ଦିନ ଦୁର୍ଘଟଣା ପ୍ରବଣ ପାଲଟି ଗଲାଣି। ବିଶେଷ କରି ରାସ୍ତାର କେତେକ ବାଙ୍କ ସ୍ଥାନରେ ମାସର ଅନେକ ବାର ଦୁର୍ଘଟଣା ଘଟୁଛି। ରାସ୍ତାର ଶେଷ ସୀମା ଖପୁରିଆପଦା ଓ ରାଢୋ ପୋଖରୀ ଆଡିଠାରେ ଥିବା ବାଙ୍କ ଅତ୍ୟଧିକ ବିପଦପୂର୍ଣ୍ଣ ପାଲଟିଛି। ଏହି ଦୁଇଟି ବାଙ୍କ ରାସ୍ତାରେ ଅନେକ ଥର ଦୁର୍ଘଟଣା ଘଟି ଲୋକେ ଖଣ୍ଡିଆ ଖାବରା ହେଉଛନ୍ତି। ଆଜି ରାଢୋ ବାଙ୍କ ଉପରେ ଏକ ବାଇକ ସହିତ କାର ଧକ୍କା ହେବାରୁ ଜଣେ ଯୁବକ ଆହତ ହୋଇଛନ୍ତି। ମାଳଦା ଅଞ୍ଚଳର ଜଣେ ଯୁବକ ଏକ ବାଇକରେ ଯାଉଥିବା ବେଳେ କାର ସହିତ ଧକ୍କା ହୋଇଥିଲା। ଫଳରେ ଯୁବକ ଜଣଙ୍କ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ଯୁବକଙ୍କୁ ଉଦ୍ଧାର କରି ଯାଜପୁର ମେଡିକାଲ ପଠାଇଥିଲେ। କେବଳ ଆଜିର ଘଟଣା ନୁହେଁ ଅନେକ ଥର ଏଠାରେ ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ତେଣୁ ରାସ୍ତା ମରାମତି ସମୟରେ ଏହା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହୋଇଛି।

## ପଞ୍ଚାୟତକୁ ମିଳୁନି ହରିଶ୍ଚନ୍ଦ୍ର ସହାୟତା ରାଶି

ଭଣ୍ଡାରିପୋଖରୀ, ୫।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକରେ ବିଭିନ୍ନ ବିଭାଗର କୁପରିଚାଳନା ପାଇଁ ଯୋଜନା ରୂପାୟନରେ ଅନିଶ୍ଚିତତା ଦେଖାଦେଇଛି। ମୃତ ବ୍ୟକ୍ତିଙ୍କ ସଂସ୍କାର ପାଇଁ ତତ୍କାଳ ଆର୍ଥିକ ସହାୟତା ଭାବେ ହରିଶ୍ଚନ୍ଦ୍ର ଯୋଜନା କାର୍ଯ୍ୟକାରୀ ହୋଇଆସୁଛି। ଏହି ଯୋଜନା ପଞ୍ଚାୟତ ମାଧ୍ୟମରେ କାର୍ଯ୍ୟକାରୀ କରାଯାଉଛି। ପଞ୍ଚାୟତ ପରିସର ଯେ କୌଣସି ଗ୍ରାମର ବ୍ୟକ୍ତି ମୃତ୍ୟୁବରଣ କଲେ ସଂସ୍କାରଜନିତ (ହରିଶ୍ଚନ୍ଦ୍ର ଯୋଜନା) ଆର୍ଥିକ ସହାୟତା ପାଇଁ ସଂପୃକ୍ତ ପରିବାର ସ୍ଥାନୀୟ ସରପଞ୍ଚଙ୍କ ଦ୍ୱାରସ୍ଥ ହେଉଛନ୍ତି। ସରପଞ୍ଚ ଜନସାଧାରଣଙ୍କ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସୁଥିବାରୁ ଏହି ଯୋଜନାରେ ଅର୍ଥ ଥାଉ କି ନଥାଉ ୩ ହଜାର ଟଙ୍କା ସହାୟତା ଦେବାକୁ ବାଧ୍ୟ ହେଉଛନ୍ତି। ସରପଞ୍ଚଙ୍କ ବ୍ୟକ୍ତିଗତ ଅର୍ଥ ପ୍ରଦାନ ଦ୍ୱାରା ଲୋକେ ଉପକୃତ ହେଉଥିବାରୁ ଏଥିନେଇ ପ୍ରତିକ୍ରିୟା ପ୍ରକାଶ ପାଉନାହିଁ। ମାତ୍ର ବିଚରା ସରପଞ୍ଚ ଧାର ଉଧାର କରି ହାତରୁ ଟଙ୍କା ଗଣି ନୟାନ୍ତ ହେଉଥିବା ବେଳେ ଯୋଜନା ଅର୍ଥ ବ୍ଲକରେ ଥାଇ କି ବି ପଞ୍ଚାୟତକୁ ଆସିପାରୁ ନାହିଁ। ଏଭଳି ଅଭିଯୋଗ ଷୋଳମପୁର ସରପଞ୍ଚ ପରମାନନ୍ଦ ନାୟକ ଆଣିଛନ୍ତି। ଗତ ୫ ମାସ ଧରି ପଞ୍ଚାୟତର ୨୫ ମୃତକଙ୍କୁ ୭୫ ହଜାର ଟଙ୍କା ପୈଠ କରିସାରିଛନ୍ତି। ବ୍ଲକରେ ଯୋଜନା ଅର୍ଥ ପଡିରହିଛି। ସେହି ଅର୍ଥରୁ ବ୍ଲକ ଜମାଖାତାକୁ ସୁଧ ଆସୁଛି। ମାତ୍ର ପଞ୍ଚାୟତକୁ ଯୋଜନା ଅର୍ଥ ପ୍ରଦାନ କରାଯାଉ ନାହିଁ। ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ବ୍ଲକ କାର୍ଯ୍ୟାଳୟକୁ ବାରମ୍ବାର ଜଣାଯିବା ପରେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ବ୍ଲକ ଡାଟାଏଣ୍ଟ୍ରି ବିଭାଗର ତ୍ରୁଟି ଯୋଗୁଁ ଯୋଜନା ଅର୍ଥ ପଞ୍ଚାୟତକୁ ପଠାଯାଇ ପାରୁ ନାହିଁ ବୋଲି ବିଡିଓ ମତ ରଖିଛନ୍ତି। ଏହି ତ୍ରୁଟି ସୁଧରା ଯାଇ ଅର୍ଥ ତୁରନ୍ତ ପଠାଯିବ ବୋଲି ସେ ପ୍ରକାଶ କରିଛନ୍ତି।

## ୨ କୃତୀ ଛାତ୍ରୀ ସମ୍ବର୍ଦ୍ଧିତ

ବାରିକପୁର, ୫।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ ସରସଦା ଉଚ୍ଚ ବିଦ୍ୟାଳୟର ଦୁଇ କୃତୀ ଛାତ୍ରୀ ସମ୍ବର୍ଦ୍ଧିତ ହୋଇଛନ୍ତି। ଜାତୀୟ ଗ୍ରାମାଞ୍ଚଳ ମେଧାବୃତି ପରୀକ୍ଷାରେ ନବମ ଶ୍ରେଣୀ ଛାତ୍ରୀ ଦେବସ୍ମିତା ଷେଣ୍ଠ ପ୍ରଥମ ସ୍ଥାନ ଅଧିକାର କରି କୃତିତ୍ୱ ହାସଲ କରିଥିବା ବେଳେ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ସେହିଭଳି ଜିଲ୍ଲା ଯୋଜନା କମିଟି ତରଫରୁ ଆୟୋଜିତ ହୋଇଥିବା ଧାରଣୀୟ ବିକାଶ ପରୀକ୍ଷାରେ ସୁଶ୍ରୀ ରେଖା ନନ୍ଦ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀ ଛାତ୍ରୀ ଜଣଙ୍କୁ ଆୟୋଜିତ ସଭାରେ ସମ୍ବର୍ଦ୍ଧିତ କରିଛନ୍ତି। ଏହାଛଡା ବିଦ୍ୟାଳୟ ପକ୍ଷରୁ ମଧ୍ୟ ଆଜି ଦୁଇ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଭକ୍ତିନୈବେଦ୍ୟ ସାମଲଙ୍କ ସହିତ ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀମାନେ ଛାତ୍ରୀଦ୍ୱୟଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧନା ଜଣାଇଛନ୍ତି।

## ମହିଳା ସଂଗଠନର କ୍ରାନ୍ତି ଦିବସ ପ୍ରସ୍ତୁତି



ଅସୁରାଳି, ୫।୮ (ସମିସ): ଆସନ୍ତା ଅଗଷ୍ଟ ୯ ତାରିଖରେ ପାଳିତ ହେବାକୁ ଥିବା କ୍ରାନ୍ତି ଦିବସ ଅବସରରେ ଧୂଷୁରୀ ଅଞ୍ଚଳର ହୃଦାନନ୍ଦ ପାଠାଗାର ପରିସରରେ ଅନୁକମ୍ପା ମହିଳା ସଂଗଠନ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଏକ ବୃହତ୍ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଓ ରକ୍ଷାବନ୍ଧନ ଉତ୍ସବକୁ ସଫଳ ଭାବେ ଆୟୋଜନ କରିବା। ସଭାପତିତ୍ୱ କରିଥିଲେ ଅନୁକମ୍ପା ସଂଗଠନର ସଭାପତି କବିତା ସାହୁ। ମୁଖ୍ୟଅତିଥି ଭାବେ ଧୂଷୁରୀ ପ୍ରେସ ୟୁନିଅନର ସଭାପତି ସନ୍ତୋଷ ଦାସ, ସମ୍ପାଦକ ଦୀପ୍ତିରଞ୍ଜନ ନାୟକ, କୋଷାଧ୍ୟକ୍ଷ ରତିକାନ୍ତ ନାୟକ, ଉପସଭାପତି ସିଦ୍ଧାର୍ଥ ମିଶ୍ର, ଅଞ୍ଜନା ମହାକୁଡ, ସହସଂପାଦିକା ନମିତା ପଣ୍ଡା, ବିମଳା ନାଥ, ଗୀତାଞ୍ଜଳି ମଲ୍ଲିକ, ପ୍ରମିଳା ସେଠୀ ବିଭିନ୍ନ ପ୍ରସଂଗରେ ମତ ବିନିମୟ କରିଥିଲେ।

## ଚାଷୀ ମୁଣ୍ଡରେ ଚଡ଼କ: ଧାନ ତଳିରେ ମାଟିଆ ଗୁଣ୍ଡି



ବାରିକପୁର, ୫।୮ (ସମିସ): ସମ୍ପ୍ରତି ଖରିଫ ଧାନ ଚାଷ ପାଇଁ ଚାଷୀମାନେ ଏକପ୍ରକାର ଜମି ବେଉଷଣ କାର୍ଯ୍ୟ ସାରି ଦେଇଛନ୍ତି। ଜମିରେ ହଳ ଓ ପାଖ କାଟିବା କାର୍ଯ୍ୟ ଏକପ୍ରକାର ଶେଷ ହୋଇଛି। ଏବେ ତଳି ରୁଆ ପାଇଁ ସମସ୍ତ ବ୍ୟବସ୍ଥା ଆରମ୍ଭ ହୋଇଥିବା ବେଳେ ମାଟିଆ ଗୁଣ୍ଡି ପୋକ ପ୍ରାଦୁର୍ଭାବ ପାଇଁ ଚାଷୀ ମୁଣ୍ଡରେ ଚଡକ ପଡିଛି। ବିଭିନ୍ନ ସ୍ଥାନରେ ଧାନ ରୁଆ ପାଇଁ ତଳି ଉପଯୋଗୀ ହୋଇଥିଲେ ମଧ୍ୟ ସେଥିରେ ପର୍ଯ୍ୟାପ୍ତ ପରିମାଣରେ ମାଟିଆ ଗୁଣ୍ଡି ଲାଗିଥିବା ଜଣାପଡିଛି। ତଳିଗୁଡିକ ନାଲି ପଡିଯାଉଥିବା ବେଳେ ଏଇ ଜମିରେ ରୋଇବା ସମ୍ଭବ ହୋଇପାରୁନାହିଁ। କେଉଁଭଳି ବିଷ ପ୍ରୟୋଗ କଲେ ଧାନ ତଳିରେ ପୋକ ଦମନ ହେବ ସେନେଇ ବ୍ଲକ କୃଷି ବିଭାଗ ପକ୍ଷରୁ କୌଣସି ସଚେତନାତ୍ମକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇନାହିଁ। ଏହାଛଡା କ୍ଷୁଦ୍ର, ମଧ୍ୟମ ଏବଂ ଭାଗଚାଷୀ ମାନଙ୍କୁ ରିହାତି ମୂଲ୍ୟରେ କୌଣସି କୀଟ ନାଶକ ଯୋଗାଯାଇନାହିଁ। ତେଣୁ ଚାଷୀମାନେ ଏବେ ବଜାରରେ ମିଳୁଥିବା ଯେ କୌଣସି କମ୍ପାନୀର ବିଷକୁ ଆଣି ଧାନ ତଳିରେ ପ୍ରୟୋଗ କରୁଥିବା ଦେଖାଯାଇଛି। ବ୍ଲକର ସରସଦା, ତେସିଙ୍ଗା, ଜଳମଣ୍ଡୁଆ, ନିର୍ଗୁଣ୍ଡି, ରହଣିଆ, ନେରଡ଼ା, ଦକ୍ଷିଣବାଡ଼, ରାଜେନ୍ଦ୍ରପୁର, ରାମଚନ୍ଦ୍ରପୁର, ରଣଜିତ, ବାଲିପୋଖରୀ, ପାଟୁଳି ପ୍ରମୁଖ ପଞ୍ଚାୟତ ଅଂଚଳରେ ମାଟିଆ ଗୁଣ୍ଡି ପୋକ ପ୍ରାଦୁର୍ଭାବ ଲାଗିଥିବା ଜଣାଯାଇଛି। ଏହା ଉପରେ କୃଷି ବିଭାଗ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଜବରଦଖଲ ଉଚ୍ଛେଦ ପାଇଁ ପ୍ରଶାସନ ତତ୍ପର

ଧାମନଗର, ୫।୮ (ସମିସ): ଧାମନଗର ଅଞ୍ଚଳର ବହୁ ପୁରାତନ ଐତିହାସିକ ଜଗୁସାଗର ପୋଖରୀ ଆଡି ପୋତି ବାସଗୃହ ନିର୍ମାଣ ଏବଂ ରାସ୍ତାକୁ ଜବରଦଖଲ ସହ ସେଠାରେ ଦୋକାନ ଘର ତିଆରି କରି ଭଡ଼ା ଟଙ୍କା ହଡ଼ପ କରୁଥିବାରୁ ନେଇ ବାରମ୍ବାର "ସକାଳ'ଠାରୁ ଆରମ୍ଭ କରି




ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଏବେ ତତ୍ପର ହୋଇଛି ଜିଲ୍ଲା ଏବଂ ବ୍ଲକ ପ୍ରଶାସନ। ଉଚ୍ଛେଦ ପାଇଁ ତଦନ୍ତ ଆରମ୍ଭ ହୋଇଛି। ମଙ୍ଗଳବାର ଦିନ ୧୧ଟା ସମୟରେ ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ସରକାରୀ ଅମିନ ପଙ୍କଜ କୁମାର ନାୟକ, ରାଜସ୍ୱ ନିରୀକ୍ଷକ ପ୍ରମୁଖ କ୍ଷେତ୍ର ପରିଦର୍ଶନ କରି ପୋଖରୀର କେଉଁ କେଉଁମାନେ ସରକାରୀ ଜମି ଅଧିଗ୍ରହଣ କରିଛନ୍ତି ସେମାନଙ୍କର ଏକ ତାଲିକା ପ୍ରସ୍ତୁତ କରି ତହସିଲରେ ଜମା କରାଯିବ ବୋଲି ରାଜସ୍ୱ ନିରୀକ୍ଷକ ସୂଚନା ଦେଇଛନ୍ତି। ଏପଟରେ ଯଥାକ୍ରମେ ସରକାରୀ ଜମି ଚିହ୍ନଟ କରି ଉଚ୍ଛେଦ କରାଗଲେ ଟ୍ରାଫିକ ସମସ୍ୟା ଦୂର ହେବା ସହ ଗମନାଗମନ ସୁବିଧା ହୋଇପାରିବ ବୋଲି ସାଧାରଣରେ ଆଲୋଚନା ସହିତ ଦାବି ହେଉଛି। ଏ ସମ୍ପର୍କରେ ତହସିଲଦାର ସହ ଯୋଗାଯୋଗ କରିଥିଲେ ମଧ୍ୟ କାର୍ଯ୍ୟାଳୟ ସମୟରେ ପଚାରିଲେ କହିବି ବୋଧେ ସେ କଥା ଗୋପନୀୟ ରଖି ଆରଆଇ ସହିତ କଥା ହୋଇ ସୂଚନା ଦେବି ବୋଲି ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ କହିଛନ୍ତି।

## ଭୋଟର ସଂଶୋଧନ ଓ ମତଦାନ ପୁନର୍ଗଠନ ସମ୍ପର୍କିତ ବୈଠକ

ଭଦ୍ରକ, ୫।୮ (ସମିସ): ଭାରତ ସରକାରଙ୍କ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶରେ ଭଦ୍ରକ ଜିଲ୍ଲା ନିର୍ବାଚନ ବିଭାଗ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଭୋଟର ସଂଶୋଧନ ଏବଂ ମତଦାନ କେନ୍ଦ୍ର ପୁନର୍ଗଠନ ସମ୍ପର୍କିତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କୁ ନେଇ ପ୍ରଶାସନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିଲୀପ ରାଉତରାଏ, ଅନ୍ୟ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ (ରାଜସ୍ୱ), ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର କୁମାର ସାମଲ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଡେପୁଟି କଲେକ୍ଟର ନିର୍ବାଚନ ପ୍ରମିଳା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ସାଧାରଣ ନିର୍ବାଚନରେ ସ୍ୱଚ୍ଛ ନିରପେକ୍ଷ ତ୍ରୁଟିଶୂନ୍ୟ ମୁକ୍ତ ଅବାଧ ହେବ। ବୈଠକରେ ଭୋଟର ତାଲିକାରେ ମୃତ ବ୍ୟକ୍ତିଙ୍କୁ ବାଦ୍ ଦିଆଯିବ। ୧୮ ବର୍ଷରୁ ଅଧିକ ମତଦାତାଙ୍କୁ ଏଥିରେ ଯୋଡାଯିବ ଓ ଦୁଇ କିଲୋମିଟର ଭିତରେ ମତଦାନ କେନ୍ଦ୍ର କରାଯିବା ଆଦି ବିଷୟରେ ଆଲୋଚନା କରିଥିଲେ। ଜିଲ୍ଲାରେ ୫ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ୧୩ ଲକ୍ଷ ୧୨ ହଜାର ୫୦୦ ମତଦାତା ଥିବାବେଳେ ୧୩୨୬ ମତଦାନ କେନ୍ଦ୍ର ରହିଛି। ମାତ୍ର ଆଉ ୫୩୮ ନୂତନ ଭୋଟ କେନ୍ଦ୍ର ସ୍ଥାପନ ପାଇଁ ନିର୍ବାଚନ କମଶନରଙ୍କୁ ଦୃଷ୍ଟି ଆକର୍ଷଣ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ରାଉତରାଏ କହିଥିଲେ।



## ବଜ୍ରପାତ ଓ ସର୍ପାଘାତ ସଚେତନତା କାର୍ଯ୍ୟକ୍ରମ



ତିହିଡ଼ି, ୫।୮ (ସମିସ): ତିହିଡ଼ି ଦହପାଣିଆ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ତିହିଡ଼ି ବ୍ଲକ୍ ପ୍ରଶାସନ ତରଫରୁ ବଜ୍ରପାତ ଓ ସର୍ପାଘାତଜନିତ ମୃତ୍ୟୁହ୍ରାସ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଡ. କାଳୀପଦ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ତିହିଡ଼ି ବିଡିଓ ନିରଂଜନ ବାରିକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସନତ ବେହେରା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଂଜନ ରାଉତ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୌମ୍ୟସୁଚରିତା ମହାନ୍ତି, ବାରୋର ସିଏଚଓ ପ୍ରତିଭାରାଣୀ ନାୟକ, ଦହପାଣିଆ ଅଂଗନବାଡ଼ି କର୍ମୀ ଜ୍ୟୋତ୍ସ୍ନାରାଣୀ ମଲିକ, ସରୋଜିନୀ ବାରିକ, ବାରୋ ଏଏନଏମ ଭାରତୀ ଜେନା ପ୍ରମୁଖ ମତ ରଖିଥିଲେ। ଏହି ସଚେତନତା ଶିବିରରେ ଛାତ୍ରଛାତ୍ରୀ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ଅଭିଭାବିକା ପ୍ରମୁଖ ଉପସ୍ଥିତ ଥିଲେ।

## 'ଆବାସ' ଅପେକ୍ଷାରେ ଜୟନ୍ତୀ



ଅସୁରାଳି, ୫।୮ (ସମିସ): ଧାମନଗର ବ୍ଲକ ଅନ୍ତର୍ଗତ ହସନାବାଦ ପଞ୍ଚାୟତର ପଙ୍ଗଟା ଗ୍ରାମର ୬୨ ବର୍ଷୀୟା ଜୟନ୍ତୀ ସେଠୀ ସରକାରୀ ଆବାସ ଘର ଖଣ୍ଡେ ପାଇଁ ଏବେ ଜୀବନର ଶେଷ ସୋପାନରେ କାଳାତିପାତ କରୁଛନ୍ତି। ସ୍ୱାମୀ ଧୁଷାସନ ସେଠୀଙ୍କ ମାନସିକ ଭାରସାମ୍ୟ ଠିକ୍ ନ ଥିବାରୁ ସମସ୍ତ ଦାୟିତ୍ୱ ତାଙ୍କ ଏକମାତ୍ର ପୁଅ ଅରବିନ୍ଦ ସେଠୀଙ୍କ ଉପରେ ଅଛି। ଏହି ପରିବାର ପ୍ରତିଦିନ ମୂଲ ମଜୁରୀ ଉପରେ ନିର୍ଭର କରି ଜୀବନ ଯାପନ କରୁଛନ୍ତି। ମଜୁରୀ ମିଳିଲେ ଖାଦ୍ୟ ମିଳେ, ନହେଲେ ଚୁଲି ବନ୍ଦ। ତାଙ୍କ ଘରର ଅବସ୍ଥା ଏପରି ଯେଉଁଠି ଗାଈ ଗୋରୁ, ରୋଷେଇ ଓ ମଣିଷ ଏକେଠି ରହୁଛନ୍ତି। କାନ୍ଥ ଝଡି ଯାଇଛି, ପାଲ ଟାଣି ଘର ଚାଲିଛି। ଏହି ଦୃଶ୍ୟ ଯିଏ ଦେଖିବେ, ତାଙ୍କ ଆଖିରେ ଲୁହ ଆସିବ। ଏନେଇ ପଞ୍ଚାୟତର ପିଇଓ ଗୌରାଙ୍ଗ ଚନ୍ଦ୍ର ତରାଇ କହିଛନ୍ତି ଯେ ଅନଲାଇନ ସର୍ଭେ ହୋଇଛି ଓ ଖୁବ୍ ଶୀଘ୍ର ତାଙ୍କୁ ଆବାସ ଯୋଗାଇ ଦିଆଯିବ। ତେବେ ପ୍ରଶ୍ନ ଏହି ଯେ କେବେ ଫୁଟିବ ଜୟନ୍ତୀଙ୍କ ମୁଖରେ ହସ?

## ବ୍ୟାଙ୍କରେ ଗ୍ରାହକ ସେବା ବିପର୍ଯ୍ୟସ୍ତ

ବାରିକପୁର, ୫।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ ରାଷ୍ଟ୍ରାୟତ୍ତ ଓ ଅନ୍ୟାନ୍ୟ ବ୍ୟାଙ୍କଗୁଡିକରେ ଗ୍ରାହକ ସେବା ବିପର୍ଯ୍ୟସ୍ତ ହେଉଥିବା ବିଭିନ୍ନ ସମୟରେ ଅଭିଯୋଗ ହୋଇଛି। ବିଶେଷକରି ଷ୍ଟେଟ ବ୍ୟାଙ୍କ ଓ ୟୁକୋବ୍ୟାଙ୍କରେ ଗ୍ରାହକ ସଂଖ୍ୟା ଅଧିକ ଥିବା ବେଳେ ସେଠାରେ ଅନେକ ସମୟରେ ଉଚିତ ସେବା ମିଳୁନଥିବା ଜଣାଯାଇଛି। ୨ବ୍ୟାଙ୍କରେ କର୍ମଚାରୀ ସମସ୍ୟା ସଦାସର୍ବଦା ଲାଗି ରହିଛି। ଏଥିଯୋଗୁ ଟଙ୍କା ଉଠାଇବା ଓ ରଖିବା ପାଇଁ ଗ୍ରାହକଙ୍କୁ ଧାଡିରେ ଘଣ୍ଟା ଘଣ୍ଟା ରହିବାକୁ ପଡୁଛି। ବିଦ୍ୟୁତ ଯୋଗାଣରେ ସମସ୍ୟା ଦେଖାଦେଲେ ଦୀର୍ଘ ସମୟ ଯାଏଁ ବ୍ୟାଙ୍କଗୁଡିକରେ ସେବା ଯୋଗାଇବା ପାଇଁ କୌଣସି ବିକଳ୍ପ ବ୍ୟବସ୍ଥା ନାହିଁ। ଯେଉଁଥିପାଇଁ ଲାଇନ କଟିଗଲେ ଦୂରଦୁରାନ୍ତରୁ ଆସୁଥିବା ମହିଳା ଓ ପୁରୁଷ ଗ୍ରାହକମାନେ ବ୍ୟାଙ୍କରେ କୌଣସି କାର୍ଯ୍ୟ ନକରି ହନ୍ତସନ୍ତ ହେଉଛନ୍ତି। ଏହାଛଡା ନୂତନ ଏଟିଏମର କାର୍ଯ୍ୟକ୍ଷମ ଓ ଜମା ଖାତା ପ୍ରିଣ୍ଟ ପାଇଁ ସାଧାରଣ ଲୋକଟିଏ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛି। ସରକାର ବ୍ୟାଙ୍କ ଜରିଆରେ ବିଭିନ୍ନ ଜନହିତକର ଯୋଜନା ମାନ ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ପାଇଁ ବ୍ୟବସ୍ଥା କରୁଛନ୍ତି। ପରିତାପର ବିଷୟ ଲୋକେ ବ୍ୟକ୍ତିଗତ ଭାବେ ଅନେକ ସମୟରେ ସଠିକ ବ୍ୟାଙ୍କ ସେବାରୁ ବଞ୍ଚିତ ହେଉଥିବା ବେଳେ ସରକାରୀ ଯୋଜନାରୁ କେଉଁଭଳି ଉପକୃତ ହେବେ ଏଥିରୁ ସ୍ପଷ୍ଟ ଜଣାପଡୁଛି।



## ଶିକ୍ଷକଙ୍କ ଅନ୍ୟତ୍ର ବଦଳି ଦାବି



ଦୋବଲ, ୫।୮ (ସମିସ): ପଳିକିରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଅଶୋକ କୁମାର ନାୟକଙ୍କ ଅନ୍ୟତ୍ର ବଦଳି ପାଇଁ ସ୍କୁଲ ପରିଚାଳନା କମିଟି ପକ୍ଷରୁ ବିଇଓଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଛି। ଶ୍ରୀ ନାୟକ ଉକ୍ତ ବିଦ୍ୟାଳୟରେ ଦୀର୍ଘ ୧୦ ବର୍ଷ ହେବ ଶିକ୍ଷକତା କରି ଆସୁଛନ୍ତି। ସେହି ଗ୍ରାମରେ ଘର ହୋଇଥିବାରୁ ପିଲାଙ୍କୁ ଶିକ୍ଷାଦାନରେ ଅବହେଳା ସହ ମନମାନି କରୁଥିବା ଅଭିଯୋଗ କରାଯାଇଛି। ଅନ୍ୟପକ୍ଷେ ପ୍ରଧାନ ଶିକ୍ଷକଙ୍କ ସହିତ ତାଙ୍କର ମତଭେଦ ଦେଖିବାକୁ ମିଳିଥାଏ। ଏହାକୁ ନେଇ ବିଇଓଙ୍କ ନିକଟରେ ଅଭିଯୋଗ ହେବା ପରେ ଏବିଓ ସତ୍ୟସୁନ୍ଦର ପରିଡ଼ାଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏବିଓ ଶ୍ରୀ ନାୟକଙ୍କୁ ଘଟଣାର ସତ୍ୟତା ଲିଖିତ ଜଣାଇବା ପାଇଁ କହିଥିଲେ। ମଙ୍ଗଳବାର କିଛି ସ୍କୁଲ ପରିଚାଳନା କମିଟି ସଦସ୍ୟ ତାଙ୍କ ବଦଳି କରିବାକୁ ବିଇଓ ଅଫିସରେ ଅଭିଯୋଗ କରିଛନ୍ତି। ଏଥିରେ ସଭାପତି ସୁଧାକର ମାଝୀ, ଗୌରାଙ୍ଗ ଦାଶ, ଦିଲ୍ଲୀପ ପତି, ମଦନ ମୋହନ ସାହୁ, ରତ୍ନାକର ବେହେରା, ସଞ୍ଜୀବ ବେହେରା, ରାଜେଶ ଯେନା ବିଇଓଙ୍କୁ ଭେଟି ସ୍କୁଲକୁ ବଦନାମ କରୁଥିବା ଶିକ୍ଷକଙ୍କୁ ତୁରନ୍ତ ଏହି ବିଦ୍ୟାଳୟରୁ ଅନ୍ୟତ୍ର ବଦଳି କରିବାକୁ ଦାବି କରିଥିଲେ। ଏନେଇ ଶିକ୍ଷକ ଶ୍ରୀ ନାୟକ କହିଛନ୍ତି, ମୋ ନାମରେ ଯେଉଁ ଅଭିଯୋଗ ହେଉଛି ତାହା ସତ୍ୟ ନୁହେଁ।

## କାଦବରାଙ୍ଗ ହାଇସ୍କୁଲ

# କେବେ ହେବ ଶ୍ରେଣୀଗୃହ ସମସ୍ୟାର ସମାଧାନ?

ବନ୍ତ/ଆଗରପଡ଼ା, ୫।୮ (ସମିସ): ଆରମ୍ଭ ହେଲାଣି ଦ୍ୱିତୀୟ ବର୍ଷର ପାଠପଢା କିନ୍ତୁ ପିଲାଙ୍କ ଶୈକ୍ଷିକ ବାତାବରଣରେ କୌଣସି ପରିବର୍ତ୍ତନ ହୋଇ ପାରିଲା ନାହିଁ କି ଶ୍ରେଣୀଗୃହ ସମସ୍ୟାର କୌଣସି ସ୍ଥାୟୀ ସମସ୍ୟା ହୋଇ ପାରିଲା ନାହିଁ। ଯାହାକୁ ନେଇ ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକଙ୍କ ଚିନ୍ତା ବଢିବାରେ ଲାଗିଛି। ଏହିପରି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ କାଦବରାଙ୍ଗ ପଞ୍ଚାୟତ ଅନ୍ତର୍ଗତ କାଦବରାଙ୍ଗ ନୋଡ଼ାଲ ହାଇସ୍କୁଲଠାରେ। ଗୃହ ସମସ୍ୟା ଯୋଗୁଁ ଯୁକ୍ତ ଦୁଇରେ ପାଠପଢାକୁ ନେଇ ବିଭିନ୍ନ ପ୍ରଶ୍ନବାଚୀ ଦେଖାଦେଇଛି। ଗତ ବର୍ଷ ଜୁନ ୨୬ ତାରିଖରେ ବନ୍ତ ବ୍ଲକ କାଦବରାଙ୍ଗ ନୋଡ଼ାଲ ହାଇସ୍କୁଲ ଯୁକ୍ତ ଦୁଇ ମାନ୍ୟତା ପାଇଥିଲା। ସରକାରଙ୍କ ନିର୍ଦ୍ଦେଶାନୁସାରେ ୨୦୨୪-୨୫ ଶିକ୍ଷା ବର୍ଷରେ ଏହି ବିଦ୍ୟାଳୟରେ ୭୮ଜଣ ଛାତ୍ରଛାତ୍ରୀ ଯୁକ୍ତ ଦୁଇ କଳାରେ ଓଡ଼ିଆ,ଇଂରାଜୀ, ଇତିହାସ, ରାଜନୀତି ବିଜ୍ଞାନ,ଅର୍ଥଶାସ୍ତ୍ର ଏବଂ ତର୍କ ଶାସ୍ତ୍ର ଆଦି ବିଷୟରେ ଶିକ୍ଷାଲାଭ କରିବାର ସୁଯୋଗ ପାଇଆସୁଛନ୍ତି। ଉକ୍ତ ୭୮ଜଣ ଛାତ୍ରଛାତ୍ରୀ ବର୍ତ୍ତମାନ ଦ୍ୱିତୀୟ ବର୍ଷକୁ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ସୂଚନା ଅନୁଯାୟୀ ୨୦୨୫-୨୬ ଶିକ୍ଷା ବର୍ଷର ନାମ ଲେଖାର ୨ୟ ପର୍ଯ୍ୟାୟ ଶେଷ ସୁଦ୍ଧା ୫୮ଜଣ ଛାତ୍ରଛାତ୍ରୀ ନାମଲେଖାଇ ସାରିଥିବା ଜଣାପଡ଼ିଛି। ପାଖାପାଖି ଯୁକ୍ତ ଦୁଇରେ ୧୩୬ଜଣ ଛାତ୍ରଛାତ୍ରୀ ଶିକ୍ଷାଲାଭ କରୁଛନ୍ତି। ବିଦ୍ୟାଳୟରେ ଶିକ୍ଷାଲାଭ କ୍ଷେତ୍ରରେ ଶ୍ରେଣୀଗୃହ ମୁଖ୍ୟ ସମସ୍ୟା ଥିବା ବେଳେ ତାହାର ଆଜି ପର୍ଯ୍ୟନ୍ତ କୌଣସି ସ୍ଥାୟୀ ସମାଧାନ ହୋଇ ପାରିନଥିବା ବେଳେ ଆଉ ଏକ ଶିକ୍ଷା ବର୍ଷର ଛାତ୍ରଛାତ୍ରୀ କିପରି ଉତ୍ତମ ଶିକ୍ଷା ଲାଭ କରିବେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଶ୍ରେଣୀ ଗୃହ ସମସ୍ୟାକୁ ନେଇ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିବା ପରେ ଗତ ବର୍ଷ ଅଗଷ୍ଟ ମାସରେ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନେଇ ବ୍ଲକ ସମ୍ମିଳନୀ କକ୍ଷରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା ଏବଂ ଆଲୋଚନା ଓ ପର୍ଯ୍ୟାଲୋଚନା ପରେ ଗୃହ ସମସ୍ୟାର ଏକ ସ୍ଥାୟୀ ସମାଧାନ ପାଇଁ ସହମତି ପ୍ରକାଶ ପାଇଥିଲା। କିନ୍ତୁ ଇତିମଧ୍ୟରେ ୧ବର୍ଷ ବିତିବାକୁ ବସିଥିବା ବେଳେ ଏହା କେବଳ କାଗଜକଲମରେ ସୀମିତ ରହିଯାଇଥିବା ବେଳେ ବ୍ଲକରେ ଘୋଷିତ ହୋଇଥିବା ୨ଟି ବିଦ୍ୟାଳୟ ମଧ୍ୟରୁ ଉକ୍ତ ବିଦ୍ୟାଳୟ ପ୍ରଧାନମନ୍ତ୍ରୀଙ୍କ ତତ୍ତ୍ୱାବଧାନ(ପିଏମଶ୍ରୀ)ରେ ପରିଚାଳିତ ହେବାର ସୂଚନା ମଧ୍ୟ ମିଳିଛି। କାଦବରାଙ୍ଗ ହାଇସ୍କୁଲରେ ୧ମରୁ ୧୦ମ ଶ୍ରେଣୀର ପିଲାଙ୍କୁ ଶିକ୍ଷାଦାନ କରାଯାଉଛି। ବିଭିନ୍ନ ଦୃଷ୍ଟିକୋଣରୁ ୧୯୬୫ ମସିହାରେ ପ୍ରତିଷ୍ଠିତ ଉକ୍ତ ହାଇସ୍କୁଲଟି ବ୍ଲକରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ଶିକ୍ଷାର ମାନବୃଦ୍ଧି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିଛି। ମାଟ୍ରିକ୍ ପରୀକ୍ଷାରେ ବ୍ଲକରେ ପ୍ରଥମ ସ୍ଥାନ ମଧ୍ୟ ଉକ୍ତ ହାଇସ୍କୁଲର ଛାତ୍ରଛାତ୍ରୀ ଅକ୍ତିଆର କରିପାରିଛନ୍ତି। ଶ୍ରେଣୀଗୃହ ଅଭାବରୁ ୮ମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଶତାଧିକ ଛାତ୍ରଛାତ୍ରୀ ଗୋଟିଏ ଶ୍ରେଣୀଗୃହରେ ଶିକ୍ଷାଲାଭ କରୁଛନ୍ତି। ସେହିପରି ୯ମ ଓ ୧୦ମ ଶ୍ରେଣୀରେ ଅଧ୍ୟୟନ କରୁଥିବା ପିଲାଙ୍କ ସଂଖ୍ୟା ଅନୁଯାୟୀ ଶ୍ରେଣୀଗୃହର ଅଭାବ ମଧ୍ୟ ପରିଲକ୍ଷିତ ହୋଇଛି। ଶ୍ରେଣୀଗୃହ ଅଭାବରୁ ବିଭାଗ ବଣ୍ଟନ ମଧ୍ୟ ସୂଚାରୁରୂପେ କରାଯାଇପାରୁ ନଥିବା ଜଣାପଡ଼ିଛି। ହାଇସ୍କୁଲଟିରେ ଲାଗିରହିଥିବା ଶ୍ରେଣୀଗୃହ ସମସ୍ୟାର ସମାଧାନ ହୋଇପାରୁ ନଥିବା ବେଳେ ଯୁକ୍ତ ୨ ପିଲାଙ୍କ ଅବସ୍ଥା ମଧ୍ୟ ସମାନ। ତେଣୁ ପିଲାଙ୍କ ଭବିଷ୍ୟତକୁ ଆଖିଆଗରେ ରଖି ନୂତନ ଶିକ୍ଷାବର୍ଷର ପାଠପଢା ଆରମ୍ଭ ହେବା ଆଗରୁ ଏଠାରେ ଲାଗି ରହିଥିବା ସମସ୍ୟା ପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଅଭିଭାବକଙ୍କ ସମେତ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।




### ସେମାନେ ଯାହା କହନ୍ତି..



କାଦବରାଙ୍ଗ ହାଇସ୍କୁଲରେ ନୂତନ ଶ୍ରେଣୀଗୃହ ନିର୍ମାଣ ପାଇଁ ଆବଶ୍ୟକ ଅର୍ଥ ପ୍ରଦାନ ପାଇଁ ମଂଜୁରୀ ଦେବା ସହ ନୂତନ ଗୃହ ନିର୍ମାଣରେ ସରକାରୀ ସ୍ତରୀୟ ପ୍ରକ୍ରିୟାରେ ତ୍ୱରାନ୍ୱିତ ଆଣିବା ପାଇଁ ନିର୍ଦ୍ଦେଶ ଦେଇଛି। ଖୁବ୍ ଶୀଘ୍ର ଶ୍ରେଣୀଗୃହ ସମସ୍ୟାର ସମାଧାନ ହେବା ସହ ପିଲାଙ୍କ ଶୈକ୍ଷିକ ବାତାବରଣରେ ଉନ୍ନତି ହେବ।

- ସଂଜୀବ ମଲ୍ଲିକ, ବିଧାୟକ, ଭଣ୍ଡାରିପୋଖରୀ



ଶ୍ରେଣୀଗୃହ ସମସ୍ୟା ଯୋଗୁଁ ଛାତ୍ରଛାତ୍ରୀଙ୍କ ଶିକ୍ଷାଲାଭ କ୍ଷେତ୍ରରେ ଘୋର ବ୍ୟାଘାତ ସୃଷ୍ଟି ହେଉଛି। ଗୋଟିଏ ଗୋଟିଏ ଗୃହରେ ୫୦ଜଣ ପିଲା ବସି ଶିକ୍ଷାଲାଭ କରୁଛନ୍ତି। ତେଣୁ ପିଲାଙ୍କ ଭବିଷ୍ୟତକୁ ଆଖିଆଗରେ ରଖି ଯଥାଶୀଘ୍ର ଏହାର ସ୍ଥାୟୀ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀ ଚେଷ୍ଟିତ ହେବା ଜରୁରୀ।

- ବିମଳଚନ୍ଦ୍ର ଦାସ, ପ୍ରଧାନଶିକ୍ଷକ, କାଦବରାଙ୍ଗ ହାଇସ୍କୁଲ



ଶିକ୍ଷାର ମାନ ବୃଦ୍ଧି ନିମନ୍ତେ ସରକାର ବିଭିନ୍ନ ପ୍ରକାର ଯୋଜନା ପ୍ରସ୍ତୁତ କରିବା ସହ ଏହାକୁ ପାଳନ କରିବା ପାଇଁ ଆମକୁ କଡ଼ା ନିର୍ଦ୍ଦେଶ ଦେଇଥିବା ବେଳେ ଶ୍ରେଣୀଗୃହ ସମସ୍ୟା ଯୋଗୁଁ ମୋ କ୍ଲଷ୍ଟର ଅନ୍ତର୍ଗତ ଉକ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ଉନ୍ନତ ଶିକ୍ଷା ଲାଭରୁ ବଞ୍ଚିତ ହେଉଛନ୍ତି। ଏହି ସମସ୍ୟାର ସମାଧାନ ହେବା ନିତ୍ୟାନ୍ତ ଆବଶ୍ୟକ।

- ପ୍ରଦୀପ ପଲାଇ, ସିଆର୍‌ସିସି, କାଦବରାଙ୍ଗ କ୍ଲଷ୍ଟର

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୯୫ ● ପାଉଣ୍ଡ ୧୧୬.୦୧
- ୟୁରୋ ୧୦୧.୦୧ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୩,୭୦୦ (ନୂଆଦିଲ୍ଲୀ)
- ରୁପା : ୧,୦୨,୨୨୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୦,୭୧୦.୦୦
- ନିଫ୍ଟି ୨୪,୬୪୯.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



**ଜେରା କଲା ଇଡି**

### ୧୭ ହଜାର କୋଟି ଟଙ୍କାର ଋଣ ଠକେଇ ମାମଲା

# ୧୦ ଦିନ ସମୟ ମାଗିଲେ ଅନିଲ ଅମ୍ବାନୀ

ନୂଆଦିଲ୍ଲୀ,୫।୮ (ଏଜେନ୍ସି)

ମଙ୍ଗଳବାର ୧୭ ହଜାର କୋଟି ଟଙ୍କାର ଋଣ ଠକେଇ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ରେ ହାଜର ହୋଇଛନ୍ତି ରିଲାଏନ୍ସ ଅନିଲ ଧୀରୁଭାଇ ଅମ୍ବାନୀ ଗ୍ରୁପ ଚେୟାରମ୍ୟାନ୍ ଅନିଲ ଅମ୍ବାନୀ। ଆଜି ଇଡି ଅନିଲ୍‌ଙ୍କୁ ନୂଆଦିଲ୍ଲୀ ସ୍ଥିତ ଏହାର କାର୍ଯ୍ୟାଳୟରେ ଜେରା କରିଛି। ଏହା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟକୁ ୧୦ ଦିନ ସମୟ ମାଗିଛନ୍ତି ଅନିଲ୍।



ମଙ୍ଗଳବାର ମନି ଲଣ୍ଡରିଂ ମାମଲାରେ ଇଡିରେ ହାଜର ହୋଇଥିବା ଅନୀଲ ଠକେଇ ସହ ଜଡିତ ଦସ୍ତାବିଜ ଦାଖଲ କରିବା ପାଇଁ ଇଡିକୁ ୧୦ ଦିନ ସମୟ ମାଗିଥିବା ସୂଚନା ମିଳିଛି। ସମ୍ପୃକ୍ତ ଠକେଇ ମାମଲାରେ ପଚରାଉଚରା ପାଇଁ ୬୬ ବର୍ଷୀୟ ଅନୀଲ ଅମ୍ବାନୀକୁ ଇଡି ନୂଆଦିଲ୍ଲୀସ୍ଥିତ ମୁଖ୍ୟାଳୟକୁ ଡକାଇ ଥିଲା। ଏଠାରେ ଅଧିକାରୀମାନେ ତାଙ୍କୁ ଠକେଇ ସମ୍ପର୍କରେ ପଚରାଉଚରା କରିବା ସହିତ ମନି ଲଣ୍ଡରିଂ ନିବାରଣ ଆଇନ (ପିଏମ୍ଏଲ୍ଏ) ଅଧୀନରେ ତାଙ୍କ ବୟାନ ରେକର୍ଡ କରିଛନ୍ତି। ପଚରାଉଚରା ସମୟରେ, ଅନିଲ୍ ଇଡି ଅଧିକାରୀମାନଙ୍କୁ କହିଥିଲେ ଯେ ଠକେଇ ମାମଲା ସହିତ ଜଡିତ କାଗଜପତ୍ର ଏବଂ ତଥ୍ୟ ସଂଗ୍ରହ କରିବାକୁ ତାଙ୍କୁ ଅତି କମ୍‌ରେ ୭ରୁ ୧୦ ଦିନ ସମୟ ଲାଗିବ। ଏହାପରେ ଇଡି ତାଙ୍କୁ ସମୟ ଦେଇଛି। ୭-୧୦ ଦିନ ମଧ୍ୟରେ ଏଜେନ୍ସି ତାଙ୍କୁ ପୁଣିଥରେ ସମନ କରିପାରେ। ୧୭,୦୦୦ କୋଟି ଟଙ୍କାର ଏହି ମନି ଲଣ୍ଡରିଂ ଏବଂ ଋଣ ଠକେଇ ମାମଲାରେ କୌଣସି ସମ୍ପୃକ୍ତିକୁ ଅନିଲ୍ ଅସ୍ୱୀକାର କରିଥିଲେ। କହିଥିଲେ ଯେ ସମସ୍ତ ଆର୍ଥିକ ନିଷ୍ପତ୍ତି ତାଙ୍କ କମ୍ପାନୀଗୁଡ଼ିକର ଆଭ୍ୟନ୍ତରୀଣ ବୋର୍ଡ ଦ୍ୱାରା ନିଆଯାଇଥିଲା ଏବଂ ପରେ ସେ କେବଳ ସେଥିରେ ସ୍ୱାକ୍ଷର କରିଥିଲେ। ମାମଲାରେ ପୂର୍ବରୁ, ଇଡି ଅନିଲ ଅମ୍ବାନୀଙ୍କ ବିରୋଧରେ ଲୁକଆଉଟ୍ ନୋଟିସ୍ ଜାରି କରିଥିଲା। ରିପୋର୍ଟ ଅନୁଯାୟୀ, ତଦନ୍ତକାରୀ ଅଧିକାରୀଙ୍କ ଅନୁମୋଦନ ବିନା ଅନିଲ୍ ଭାରତ ଛାଡିପାରିବେନାହିଁ। ଯଦି ସେ ବିଦେଶ ଯିବାକୁ ଚେଷ୍ଟା କରନ୍ତି, ତେବେ ତାଙ୍କୁ ଅଟକ ରଖାଯାଇପାରେ।

ଜୁଲାଇ ୨୪ ତାରିଖରେ, ଇଡି ମୁମ୍ବାଇ ଏବଂ ଦିଲ୍ଲୀରେ ରିଲାଏନ୍ସ ଅନିଲ ଧୀରୁଭାଇ ଅମ୍ବାନୀ ଗ୍ରୁପ ସହିତ ଜଡିତ ୫୦ରୁ ଅଧିକ କମ୍ପାନୀ ଏବଂ ସ୍ଥାନରେ ଚଢାଉ କରିଥିଲା। ୨୫ ରୁ ଅଧିକ ଲୋକଙ୍କୁ ମଧ୍ୟ ପଚରାଉଚରା କରାଯାଇଥିଲା। ଏହି ଚଢାଉ ମନି ଲଣ୍ଡରିଂ ନିବାରଣ ଆଇନ (ପିଏମ୍ଏଲ୍ଏ) ର ଧାରା ୧୭ ଅନୁଯାୟୀ କରାଯାଇଥିଲା।

ଏହି ମାମଲାରେ ଇଡି ଶୁକ୍ରବାର ଓଡ଼ିଶା ଏବଂ କୋଲକାତାରେ ଚଢ଼ାଉ କରିଥିଲା। ୨୦୨୪ ନଭେମ୍ବର ୧୧ରେ ଇଡି ଦିଲ୍ଲୀ ପୋଲିସର ଅର୍ଥନୈତିକ ଅପରାଧ ଶାଖା ପକ୍ଷରୁ ଏହି ପ୍ରସଙ୍ଗରେ ଏକ ମାମଲା ରୁଜୁ କରିଥିଲା। ଇଡି ଅଭିଯୋଗ କରିଛି ଯେ ନକଲି ବ୍ୟାଙ୍କ ଗ୍ୟାରେଣ୍ଟି ଆଧାରରେ ଅନିଲଙ୍କ କମ୍ପାନୀକୁ ଚୁକ୍ତିନାମା ଦିଆଯାଇଥିଲା। ଭୁବନେଶ୍ୱରରେ ଇଡି ମେସର୍ସ ବିସୱାଲ ଟ୍ରେଡଲିଙ୍କ୍ ପ୍ରାଇଭେଟ ଲିମିଟେଡ ଉପରେ ଏହି ମାମଲାରେ ଚଢାଉ କରିଛି।

■ ଆଇଏଟିଏ ରିପୋର୍ଟ

## ଭାରତ ବିଶ୍ୱର ୫ମ ବୃହତ୍ ବିମାନ ଚଳାଚଳ ବଜାର

ନୂଆଦିଲ୍ଲୀ ୫।୮ (ଏଜେନ୍ସି): ଇଣ୍ଟରନ୍ୟାସନାଲ ଏୟାରପୋର୍ଟ ଟ୍ରାନ୍ସପୋର୍ଟ ଆସୋସିଏସନ (ଆଇଏଟିଏ) ସୋମବାର କହିଛି ଯେ ୨୪.୧ କୋଟି ଯାତ୍ରୀଙ୍କ ସଞ୍ଚାଳନ ସହିତ ୨୦୨୪ ମସିହାରେ ଭାରତ ବିଶ୍ୱର ପଞ୍ଚମ ସର୍ବ ବୃହତ୍ତ ଏଭିଏସନ ବଜାର ପାଲଟିଛି। ଏହି ଅବସରରେ ମୁମ୍ବାଇ ଓ ଦିଲ୍ଲୀ ବିମାନ ବନ୍ଦର ବିଶ୍ୱର ସବୁଠୁ ବ୍ୟସ୍ତତମ ବିମାନବନ୍ଦରଙ୍କ ମଧ୍ୟରେ ସାମିଲ ଥିଲେ। ଆଇଏଟିଏ ବିଶ୍ୱର ୩୫୦ ବିମାନ କମ୍ପାନୀଙ୍କ ପ୍ରତିନିଧିତ୍ୱ କରନ୍ତି। ସୋମବାର ବିଶ୍ୱ ଏୟାରପୋର୍ଟ ପରିସଂଖ୍ୟାନ ଜାରି କରିଛନ୍ତି।

ଏହି ପରିସଂଖ୍ୟାନ ଅନୁସାରେ ଗତବର୍ଷ ଭାରତରେ ବିମାନ ଯାତ୍ରୀଙ୍କ ସଂଖ୍ୟା ୨୧.୧ କୋଟି ଥିଲା, ଯାହା ପିଛିଲା ବର୍ଷ ୨୦୨୩ ତୁଳନାରେ ୧୧.୧ ପ୍ରତିଶତ ଅଧିକ ଥିଲା। ଏହି




ଅବଧିରେ ଜାପାନ ବିମାନବନ୍ଦରମାନେ ୨୦.୫ କୋଟି ଯାତ୍ରୀଙ୍କୁ ସଞ୍ଚାଳିତ କରିଥିଲେ, ଫଳରେ ବାର୍ଷିକ ବୃଦ୍ଧି ୧୮.୬% କୁ ପହଞ୍ଚିଥିଲା। ତେବେ ୮୭.୬ କୋଟି ଯାତ୍ରୀଙ୍କ ସହିତ ଆମେରିକା ବିଶ୍ୱର ସର୍ବ ବୃହତ୍ତ ଏଭିଏସନ ମାର୍କେଟ୍ ହୋଇ ରହିଛି। ତେବେ ଏଥିରେ ଆମେରିକାର ଘରୋଇ ବଜାରର ମୁଖ୍ୟ ଯୋଗଦାନ ଥିଲା। ସେହିପରି ୭୪.୧ କୋଟି ଯାତ୍ରୀଙ୍କ ସହିତ ଚୀନ୍ ଦ୍ୱିତୀୟ ସ୍ଥାନରେ ରହିଛି ଓ ଏଥିରେ ୨୦୨୩ ତୁଳନାରେ ୧୮.୭% ବୃଦ୍ଧି ହୋଇଛି। ୨୬.୧ କୋଟି ଯାତ୍ରୀଙ୍କ ସହିତ ବ୍ରିଟେନ ତୃତୀୟ ସ୍ଥାନରେ ଥିବା ବେଳେ ୨୪.୧ କୋଟି ଯାତ୍ରୀଙ୍କ ସହିତ ସ୍ପେନ ଚତୁର୍ଥ ସ୍ଥାନରେ ରହିଛି। ଏହି ତଥ୍ୟରେ ପ୍ରତ୍ୟେକ ଦେଶକୁ ଯାତାୟାତ କରିଥିବା ସମସ୍ତ ଅନ୍ତର୍ଜାତୀୟ ଓ ଘରୋଇ ଯାତ୍ରୀଙ୍କୁ ମଧ୍ୟ ସାମିଲ କରାଯାଇଛି। ଶୀର୍ଷ ୧୦ଟି ବିମାନ ବନ୍ଦର ମଧ୍ୟରେ ମୁମ୍ବାଇ ଓ ଦିଲ୍ଲୀ ୨୦୨୪ ମସିହାରେ ୫୯ ଲକ୍ଷ ଯାତ୍ରୀଙ୍କ ସହିତ ସବୁଠୁ ବ୍ୟସ୍ତତମ ଶ୍ରେଣୀର ସପ୍ତମ ସ୍ଥାନରେ ରହିଛି। ଏହି ତଥ୍ୟ ଏଭିଏସନ କ୍ଷେତ୍ରର ବୃଦ୍ଧି ଓ ବିକାଶ ଦିଗରେ ଏକ ସକରାତ୍ମକ ସଂକେତ ଦେଉଛି।

## ଟାଟା ପାୱାର ଓଡ଼ିଶା ଡିସ୍‌କମ୍ ପକ୍ଷରୁ ସ୍ଥାନୀୟ ଭେଣ୍ଡରଙ୍କୁ ୧୬,୦୦୦ କୋଟିର କାର୍ଯ୍ୟବରାଦ ପ୍ରଦାନ

ଭୁବନେଶ୍ୱର,୫।୮ (ସମିସ): ଓଡ଼ିଶାର ସ୍ଥାନୀୟ ଅର୍ଥନୀତି ଓ ଶିଳ୍ପ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଓଡ଼ିଶା ସରକାରଙ୍କ ସହ ଯୌଥ ଉଦ୍ୟୋଗରେ ସ୍ଥାପନ କରାଯାଇଥିବା ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶାର ଡିସ୍‌କମ୍ ଗୁଡ଼ିକ ଗତ ଚାରି - ପାଞ୍ଚ ବର୍ଷରେ ସ୍ଥାନୀୟ ଭେଣ୍ଡର ଓ ଠିକାଦାରମାନଙ୍କୁ ପ୍ରାୟ ୧୫,୯୪୪ କୋଟି ଟଙ୍କାର କାର୍ଯ୍ୟବରାଦ ପ୍ରଦାନ କରିଛନ୍ତି। ଏହି ବରାଦଗୁଡ଼ିକ ଟିପି ସେଣ୍ଟ୍ରାଲ, ଟିପି ସଦର୍ଣ୍ଣ, ଟିପି ନର୍ଦନ ଓ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍‌ର ପରିଚାଳନାର ମୂଳଦୁଆ ପାଲଟିଥିବାବେଳେ ୧୭,୬୭୨ରୁ ଅଧିକ ବରାଦ ଆଂଚଳିକ ନିଯୁକ୍ତି ଓ ଉଦ୍ୟମିତା ପ୍ରତି ଉଲ୍ଲେଖଯୋଗ୍ୟ ଯୋଗଦାନ ପ୍ରଦାନ କରିଛି।



ଦିଆଯାଇଥିବା ମୋଟ୍ ବରାଦର ୫୮ ପ୍ରତିଶତ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସଏମ୍‌ଇ)ଗୁଡ଼ିକୁ ପ୍ରଦାନ କରାଯାଇଛି ଯାହା ସ୍ଥାନୀୟ ସଂସ୍ଥାଗୁଡ଼ିକୁ ସମର୍ଥନ ପାଇଁ ଡିସ୍‌କମ୍‌ଗୁଡ଼ିକର ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହି ସମ୍ପୃକ୍ତିରେ ଉପକରଣ ପ୍ରକ୍ୟୁରମେଣ୍ଟ ଓ ସେବା ପ୍ରଦାନ ଭଳି ପରିଚାଳନା ଆବଶ୍ୟକତାର ବିଭିନ୍ନ କ୍ଷେତ୍ର ସାମିଲ ରହିଛି ଏବଂ ସାରା ରାଜ୍ୟର ଭେଣ୍ଡର ଏଥିରେ ଯୋଡ଼ି ହୋଇଛନ୍ତି। ବିଦ୍ୟୁତ୍ ଭିତ୍ତିଭୂମି ଆବଶ୍ୟକତା ପାଇଁ ପୁଞ୍ଜି ବ୍ୟୟ (କ୍ୟାପେକ୍ସ), ପରିଚାଳନା ବ୍ୟୟ (ଓପେକ୍ସ), ସରକାରୀ ପାଣ୍ଠି ପ୍ରକଳ୍ପ ଏବଂ ବାଣିଜ୍ୟିକ ଓ ଶିଳ୍ପ (ସିଆଣ୍ଡଆଇ) କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି କାମ ପାଇଁ ଏହି ବରାଦଗୁଡ଼ିକ ଦିଆଯାଇଛି। ବଂଟନ ଟ୍ରାନ୍ସଫର୍ମର, ତାର, ଖୁଂଟ, ଏଲଟି ଓ ଏଚ୍‌ଟି ହାର୍ଡୱେର, ଲାପଟପ, ଡେସ୍କଟପ ଓ ଅନ୍ୟାନ୍ୟ ପ୍ରମୁଖ ଉପକରଣ ଯୋଗାଣ କ୍ଷେତ୍ରରେ ପ୍ରାୟ ୨୫୦୦ କୋଟି ଟଙ୍କାର କାର୍ଯ୍ୟବରାଦ ପ୍ରଦାନ କରାଯାଇଛି।

### ଟ୍ରମ୍ପ ଟାରିଫ୍‌ର ମୁକାବିଲା ପାଇଁ ଭାରତର ଯୋଜନା

# ପ୍ରସ୍ତୁତ ହେବ ୨୦ ହଜାର କୋଟିର ମିଶନ

ନୂଆଦିଲ୍ଲୀ, ୫।୮ (ଏଜେନ୍ସି)




ଭାରତ ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଥିବା ଟାରିଫ୍ ବା ଶୁଳ୍କର ମୁକାବିଲା ପାଇଁ ଭାରତ ସମ୍ପ୍ରତି ଏକ ବଡ଼ ଯୋଜନା ଉପରେ ପ୍ରସ୍ତୁତି ଚଳାଇଛି। ଏଥିରେ ଭାରତ ଏକ ୨୦ ହଜାର କୋଟି ଟଙ୍କାର ମିଶନ ପ୍ରସ୍ତୁତ କରୁଛି। ବିଶ୍ୱ ବାଣିଜ୍ୟ ଶୁଳ୍କ ମାଡ଼ର ଅନିଶ୍ଚିତତାରୁ ରପ୍ତାନିକାରୀଙ୍କୁ ଦେବ ସୁରକ୍ଷା। ଏଥିରେ ରପ୍ତାନୀକାରୀଙ୍କୁ ଶସ୍ତା ଏବଂ ସହଜ ଋଣ ଯୋଗାଇ ଦିଆଯିବ। ବିଶ୍ୱର ପ୍ରମୁଖ ଦେଶରେ ଅଧିକ ବିକ୍ରି ହେବ ଇଣ୍ଡିଆନ୍ ବ୍ରାଣ୍ଡର ଉତ୍ପାଦ। କାରଣ ଆମେରିକାର ଶୁଳ୍କର ପ୍ରଭାବକୁ ହ୍ରାସ କରିବା ପାଇଁ ବଡ ପଦକ୍ଷେପ ନେଇଛି ଭାରତ।

ଏକ ରିପୋର୍ଟ ଅନୁଯାୟୀ, ଭାରତ ସରକାର ସେପ୍ଟେମ୍ବର ସୁଦ୍ଧା ଏକ ଦୀର୍ଘକାଳୀନ ଯୋଜନା ପ୍ରସ୍ତୁତ କରୁଛନ୍ତି, ଯାହା ଅଧୀନରେ ରପ୍ତାନିକାରୀଙ୍କୁ ୨୦,୦୦୦ କୋଟି ଟଙ୍କାର ରପ୍ତାନି ପ୍ରୋତ୍ସାହନ ମିଶନ ଦ୍ୱାରା ସମର୍ଥନ କରାଯିବ। ଏହାର ଉଦ୍ଦେଶ୍ୟ ହେଉଛି ବିଶ୍ୱ ବାଣିଜ୍ୟ ଏବଂ ଶୁଳ୍କ ଆଘାତର ଅନିଶ୍ଚିତତାରୁ ଭାରତର ରପ୍ତାନିକାରୀଙ୍କୁ ସୁରକ୍ଷା ଦେବା। ଅଗଷ୍ଟ ୭ରୁ ଆମେରିକା ଭାରତୀୟ ସାମଗ୍ରୀ ଉପରେ ୨୫% ଟାରିଫ ଲାଗୁ କରିବ। ଏବେ ଆମେରିକା ରାଷ୍ଟ୍ରପତି ଭାରତ ଉପରେ ଅଧିକ ଶୁଳ୍କ ବୃଦ୍ଧି କରିବାକୁ କହିଛନ୍ତି। ଭାରତ ରୁଷଠାରୁ ବିପୁଳ ପରିମାଣରେ ତେଲ କିଣୁଛି ଏବଂ ରୁଷ ଏହି ଟଙ୍କାକୁ ୟୁକ୍ରେନ ବିରୁଦ୍ଧରେ ବ୍ୟବହାର କରୁଛି ବୋଲି ଅଭିଯୋଗ କରିଛନ୍ତି ଟ୍ରମ୍ପ।

ଟ୍ରମ୍ପ କହିଛନ୍ତି ଯେ ଯଦି ପରିସ୍ଥିତି ସମାନ ରୁହେ, ତେବେ ଆମେରିକା ଭାରତ ଉପରେ ଅଧିକ ଶୁଳ୍କ ଲଗାଇବ। କିନ୍ତୁ ଏପଟେ ଭାରତ ଟ୍ରମ୍ପ ଶୁଳ୍କ ମୁକାବିଲା କରିବା ପାଇଁ ଅନେକ ଉପାୟ ଅବଲମ୍ବନ କରୁଛି। ଭାରତ ବିଶ୍ୱ ବାଣିଜ୍ୟର ଅନିଶ୍ଚିତତା ଏବଂ ଉତ୍ଥାନ-ପତନରୁ ଏହାର ରପ୍ତାନିକାରୀମାନଙ୍କୁ ସୁରକ୍ଷା ଦେବା ପାଇଁ ସେପ୍ଟେମ୍ବର ସୁଦ୍ଧା ଏକ ଦୀର୍ଘକାଳୀନ ଯୋଜନା ଉପସ୍ଥାପନ କରିବାକୁ ଯୋଜନା କରୁଛି। ରିପୋର୍ଟରେ କୁହାଯାଇଛି ଯେ ସରକାର ଏକ ନୂତନ ରପ୍ତାନି ପ୍ରୋତ୍ସାହନ ମିଶନ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ଅଧୀନରେ ରପ୍ତାନିକାରୀମାନଙ୍କୁ ଶସ୍ତା ଏବଂ ସହଜ ଋଣ ଉପଲବ୍ଧ କରାଯିବ। ଏହାଦ୍ୱାରା ସେମାନେ ସେମାନଙ୍କର ବ୍ୟବସାୟ ବୃଦ୍ଧି କରିପାରିବେ। ଏହା ବ୍ୟତୀତ, ବିଦେଶୀ ବଜାରରେ ଅଣ-ଶୁଳ୍କ ପ୍ରତିବନ୍ଧକଗୁଡ଼ିକର ମୁକାବିଲା ପାଇଁ ମଧ୍ୟ ପଦକ୍ଷେପ ନିଆଯିବ। ଏହି ଯୋଜନା ଜାପାନ, କୋରିଆ ଏବଂ ସ୍ୱିଜରଲ୍ୟାଣ୍ଡ ଭଳି ଦେଶଗୁଡ଼ିକର ନୀତି ପରି ବିଶ୍ୱ ସ୍ତରରେ ଭାରତର ବ୍ରାଣ୍ଡକୁ ମାନ୍ୟତା ଦେବା ପାଇଁ ଚେଷ୍ଟା କରିବ। ଏହା ଅଧୀନରେ, ଇ-କମର୍ସ ହବ୍ ସୃଷ୍ଟି କରାଯିବ ଏବଂ ବିଭିନ୍ନ କେନ୍ଦ୍ରକୁ ରପ୍ତାନି କେନ୍ଦ୍ରରେ ପରିଣତ କରାଯିବ।

ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ ରପ୍ତାନିକାରୀମାନଙ୍କୁ ଘରୋଇ ବ୍ରାଣ୍ଡ ସୃଷ୍ଟି ଏବଂ ପ୍ରୋତ୍ସାହନ ପାଇଁ ଅନୁରୋଧ କରୁଛି। ଏହା ବିଦେଶୀ ବଜାରରେ ଭାରତୀୟ ଉତ୍ପାଦଗୁଡ଼ିକର ସ୍ୱୀକୃତି ବୃଦ୍ଧି କରିବ ଏବଂ ଆମେରିକା ଭଳି ସ୍ଥାନରେ ଲାଗୁ ହୋଇଥିବା ଶୁଳ୍କର ପ୍ରଭାବକୁ ହ୍ରାସ କରିବ। ଏହି ମିଶନ ବାଣିଜ୍ୟ, ଏମ୍ଏସ୍ଏମ୍ଇ ଏବଂ ଅର୍ଥ ମନ୍ତ୍ରଣାଳୟ ସହିତ ମିଳିତ ଭାବରେ ପରିଚାଳିତ ହେବ। ଅଧିକାରୀମାନେ କହିଛନ୍ତି ଯେ ଯୋଜନାଟି ଅଗଷ୍ଟ ସୁଦ୍ଧା ସମ୍ପୂର୍ଣ୍ଣ ପ୍ରସ୍ତୁତ ହେବ ଯାହା ଦ୍ୱାରା ଏହାକୁ ସେପ୍ଟେମ୍ବରରୁ କାର୍ଯ୍ୟକାରୀ କରାଯାଇପାରିବ।

## ୯ ରୁ ଟାଇ ଭୁବନେଶ୍ୱର ଟାଇକନ୍ ୨୦୨୫

ଭୁବନେଶ୍ୱର, ୫।୮ (ସମିସ): ଓଡିଶାରେ ୧୩ ବର୍ଷର ପ୍ରଭାବଶାଳୀ ଉପସ୍ଥିତି ପରେ ଟାଇ (ଟିଆଇଇ) ଭୁବନେଶ୍ୱର ଆସନ୍ତା ଅଗଷ୍ଟ ୯ ଓ ୧୦ ତାରିଖ, ୨୦୨୫ରେ ଭୁବନେଶ୍ୱରରେ ଆନ୍ତର୍ଜାତୀୟ ସ୍ୱୀକୃତି ସହିତ ଏକ ଜାତୀୟସ୍ତରୀୟ ଉଦ୍ୟୋଗିକତା ସମ୍ମିଳନୀ ଟାଇକନ ୨୦୨୫ର ଆୟୋଜନ କରିବା ପାଇଁ ପ୍ରସ୍ତୁତ ହୋଇଛି। ଏହି ସମ୍ମିଳନୀ ଉଦ୍ୟୋଗିକତା ଓ ଉଦ୍ଭାବନ ପାଇଁ ଏକ ବିକଶିତ କେନ୍ଦ୍ରରେ ପରିଣତ ହେବା ଦିଗରେ ଓଡିଶାର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାକୁ ଚିହ୍ନିତ କରୁଛି। ଟାଇକନ ୨୦୨୫ ଘୋଷଣା ଅବସରରେ ଅୟସକାନ୍ତ ମହାନ୍ତି, ଅଧ୍ୟକ୍ଷ, ଟାଇ ଭୁବନେଶ୍ୱର, ସତ୍ୟବ୍ରତ ରଥ, ଉପାଧ୍ୟକ୍ଷ, ଟାଇ ଭୁବନେଶ୍ୱର, ଶ୍ରୀଯୁକ୍ତ ଅନ୍ନଦା ପ୍ରସାଦ ପାଢୀ, ସଚିବ, ଟାଇ ଭୁବନେଶ୍ୱର ଏବଂ ରାକେଶ କୁମାର ଗୁପ୍ତା, କୋଷାଧ୍ୟକ୍ଷ, ଟାଇ ଭୁବନେଶ୍ୱର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଦୁଇ ଦିବସୀୟ ସମ୍ମିଳନୀରେ ଭାରତ ଏବଂ ଶ୍ରୀଲଙ୍କା, ସିଙ୍ଗାପୁର, ୟୁଏଇ (ଦୁବାଇ) ଓ ୟୁଏସଏ ଭଳି ଦେଶଗୁଡିକରୁ ଉଦ୍ୟୋଗୀ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କ ଅଂଶଗ୍ରହଣ କରିବେ। ଓଡିଶାକୁ ବ୍ୟବସାୟ ଓ ଉଦ୍ଭାବନ ପାଇଁ ଏକ




ଆକର୍ଷଣୀୟ ଗନ୍ତବ୍ୟସ୍ଥଳୀ ଭାବେ ହାଇଲାଇଟ କରିବା ପାଇଁ ଡିଜାଇନ କରାଯାଇଥିବା ଟାଇକନ ୨୦୨୫କୁ ଓଡିଶା ସରକାରଙ୍କ ସହ ସହଭାଗିତାରେ ଆୟୋଜନ କରାଯିବ। ୧୦୦ରୁ ଅଧିକ ବିଦେଶୀ ଅଂଶଗ୍ରହଣକାରୀଙ୍କ ସମେତ ୫୦୦ରୁ ଅଧିକ ପ୍ରତିନିଧି ଏହି ବିଶାଳ ଉଦ୍ୟୋଗିକତା ସମ୍ମିଳନୀରେ ଯୋଗ ଦେବାର ସମ୍ଭାବନା ରହିଛି। ଏହି କାର୍ଯ୍ୟକ୍ରମ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଅଧିବେଶନ, ନେଟ୍‌ୱର୍କିଂ ସୁଯୋଗ ଏବଂ ୪ଟି ପ୍ରମୁଖ ପଦକ୍ଷେପର ଲଂଚ ସହ ସୁସଜ୍ଜିତ ରହିଛି ଯାହା ରାଜ୍ୟରେ ଉଦ୍ୟୋଗିକତାକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖିଛି।

## ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ସଶ୍ରମ ଜେଲ୍

କଟକ,୫।୮ (ସମିସ): ଜଣୈକା ୭ବର୍ଷୀୟା ନାବାଳିକାକୁ ଦୁଷ୍କର୍ମ କରିବା ଅଭିଯୋଗରେ ଅଭିଯୁକ୍ତକୁ କଟକସ୍ଥିତ ଆଡହକ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ କୋର୍ଟ-୧ ଦୋଷୀ ସାବ୍ୟସ୍ତ କରିଛନ୍ତି। ପକସୋ ସଂଶୋଧିତ ଆଇନ-୨୦୧୯ର ଧାରା ୬ ଓ ବିଏନଏସ ଧାରା ୬୫(୨)/୧୧୫(୨)/୩୫୧(୨)/୧୨୬(୨) ଅନୁସାରେ ଅଭିଯୁକ୍ତ ତଥା ପୁରୀ ଜିଲ୍ଲା ପିପିଲି ଥାନା ବାଗେଶ୍ୱରପୁର ଗ୍ରାମର ସ୍ଥାୟୀ ବାସିନ୍ଦା ତଥା କଟକ ଭଦ୍ରେଶ୍ୱର ଥାନା ଗୋପାଳପୁର ଅଞ୍ଚଳରେ ରହୁଥିବା ଅଭିଯୁକ୍ତ ଲିଟୁ ପାତ୍ର (୪୦)କୁ ୨୦ବର୍ଷ ସଶ୍ରମ ଜେଲ ଓ ୫୦ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ପ୍ରଦାନ କରିଛନ୍ତି ଅଦାଲତ। ଜରିମାନା ଅନାଦେୟ ଅତିରିକ୍ତ ଏକ ବର୍ଷ ଜେଲ ଦଣ୍ଡ ଭୋଗ କରିବାକୁ ପଡିବ ବୋଲି ଅଦାଲତ କହିଛନ୍ତି। ସେହିଭଳି ପୀଡ଼ିତାଙ୍କୁ ୬ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ।

ମାମଲାରୁ ପ୍ରକାଶ ଯେ ଗତ ୨୦୨୪ସେପ୍ଟେମ୍ବର ୧୬ରେ ଭଦ୍ରେଶ୍ୱର ଥାନା ଅଞ୍ଚଳର ପୀଡିତା ନାବାଳିକା ଜଣକ ସାଙ୍ଗ ମାନଙ୍କ ସହ ଖେଳୁଥିବା ବେଳେ ଅଭିଯୁକ୍ତ ଜଣକ ପୀଡିତାଙ୍କୁ ତାଙ୍କ ଘରକୁ ଡାକି ଚକୋଲେଟ ଦେଇଥିଲା। ପରେ ପୀଡିତାଙ୍କ ସହ ଅଭିଯୁକ୍ତ ଜଣକ ଦୁଷ୍କର୍ମ କରିଥିଲା। ପୀଡ଼ିତାଙ୍କ ମା’ ଭଦ୍ରେଶ୍ୱର ଥାନାରେ ଗତ ୨୦୨୪ସେପ୍ଟେମ୍ବର ୧୭ରେ ଏକ ଏତଲା ଦେଇଥିଲେ। ସେହି ଦିନ ଅଭିଯୁକ୍ତକୁ ପୁଲିସ ଗିରଫ କରିଥିଲା ବେଳେ ୨୦୨୪ନଭେମ୍ବର ୧୫ରେ ଚାର୍ଜସିଟ ଦାଖଲ କରିଥିଲା। ଅଦାଲତ ଗତ ୨୦୨୫ ଜୁଲାଇ୩୧ତାରିଖରେ ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ। ତେବେ ଆଜି ସାକ୍ଷୀଙ୍କ ବୟାନ ରେକର୍ଡ ଓ ପ୍ରମାଣ ଦସ୍ତାବିଜ ଆଧାରରେ ଅଦାଲତ ଆସାମୀକୁ ୨୦ବର୍ଷ ଜେଲ୍ ଦଣ୍ଡ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ମାମଲା ପରିଚାଳନା କରୁଥିଲେ ସ୍ପେଶାଲ ପବ୍ଲିକ୍ ପ୍ରସିକ୍ୟୁଟର ଏସ.ପି.ମହାନ୍ତି।

### ଏସ୍‌ଭିଏମ୍ କଲେଜ ଛାତ୍ରଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା

# ପୁଲିସର ନିରପେକ୍ଷତା ଉପରେ ପ୍ରଶ୍ନ ଉଠାଇଲା ବିଜେଡି

ଜଗତସିଂହପୁର,୫।୮ (ସମିସ): ଜଗତସିଂହପୁର ଜିଲ୍ଲାର ସ୍ୱନାମଧନ୍ୟ ଶିକ୍ଷାନୁଷ୍ଠାନ ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟରେ +୩ ବିଜ୍ଞାନ ଛାତ୍ର ଅମନ ମହାପାତ୍ରଙ୍କ ଉପରେ ସଂଘବଦ୍ଧ ଆକ୍ରମଣ ଘଟଣାକୁ ନିନ୍ଦା କରିଛି ବିଜେଡି। ଶାସକ ଦଳର ସମର୍ଥକ ବୋଲାଉଥିବା କିଛି ଛାତ୍ର ଓ ଅଣଛାତ୍ର



ଗତକାଲି ଅମନଙ୍କ ଉପରେ ଆକ୍ରମଣ କରି ଲହୁଲୁହାଣ କରିଥିଲେ। ଘଟଣା ସମ୍ପର୍କରେ ଅମନ ଜଗତସିଂହପୁର ସଦର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ତେବେ ଏହି ମାମଲାର ନିରପେକ୍ଷ ତଦନ୍ତ ବଦଳରେ ଏହାକୁ ରଫାଦଫା କରିବା ପାଇଁ ଅମନ ମହାପାତ୍ରଙ୍କ ପରିବାର ଉପରେ ପୁଲିସ ଚାପ ପକାଇଥିବା ସିପି ନିକଟସ୍ଥ ଜିଲ୍ଲା ବିଜେଡି କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି ଅଭିଯୋଗ କରିଛନ୍ତି। ସେ ନିଜେ ଏସ୍‌ଭିଏମ୍ କଲେଜର ଛାତ୍ର ଥିଲେ। ତେବେ କଲେଜ ପରିସରରେ ଏଭଳି ଘଟଣା ପୂର୍ବରୁ କେବେ ଘଟି ନ ଥିଲା ବୋଲି ଶ୍ରୀ ମୁଦୁଲି କହିଛନ୍ତି। ସେହିପରି ଅମନଙ୍କ ଏତଲା ଆଧାରରେ ଥାନାରେ ଅଟକ ଥିବା ଅନ୍ୟ ଜଣେ ଛାତ୍ରଙ୍କୁ ବିନା ତଦନ୍ତରେ ପୁଲିସ ଛାଡ଼ିଦେଇଥିବା ଶ୍ରୀ ମୁଦୁଲି ଅଭିଯୋଗ କରିବା ସହ ପୁଲିସ ପ୍ରଶାସନ ଶାସକ ଦଳର ଚାପରେ କାମ କରୁଛି ବୋଲି ମଧ୍ୟ ଅଭିଯୋଗ କରିଥିଲେ। ଏହି ସ୍ୱନାମଧନ୍ୟ କଲେଜରେ କିପରି ଶୈକ୍ଷିକ ବାତାବରଣରେ ସୁଧାର ଆସିବ, ସେଥିପାଇଁ କଲେଜ ଅଧ୍ୟକ୍ଷା ପଦକ୍ଷେପ ନେବା ସହିତ ଏହି ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଅବଗତ କରାଯାଇଥିବା ଶ୍ରୀ ମୁଦୁଲି ସୂଚନା ଦେଇଥିଲେ। ଏଥିରେ ବ୍ୟତିକ୍ରମ ହେଲେ ବିଜେଡି ଚୁପ୍ ହୋଇ ବସିବନି। ଆବଶ୍ୟକ ପଡ଼ିଲେ, ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି ଜିଲ୍ଲା ବିଜେଡି ଶ୍ରୀ ମୁଦୁଲି।

**ପରିସ୍ଥିତିରେ ସୁଧାର ନ ହେଲେ ଆନ୍ଦୋଳନ ଚେତାବନୀ**

ଜିଲ୍ଲା ଛାତ୍ର ବିଜେଡି ସଭାପତି ସମିତ୍ କୁମାର ଲେଙ୍କା ଏହି ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ କଲେଜର କିଛି ଛାତ୍ର ଆମେ ଶାସକ ଦଳର ପିଲା। ଆମର କିଏ କ’ଣ କରିବ ବୋଲି କହି ବିଭିନ୍ନ ସମୟରେ କଲେଜରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ଅଭିଯୋଗ କରିଥିଲେ। ଆଗାମୀ ଦିନରେ କଲେଜ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାରୁ କିଛି କଲେଜ ଅଧ୍ୟାପକ ଓ କର୍ମଚାରୀଙ୍କୁ ହାତ କରି ଛାତ୍ରଛାତ୍ରୀଙ୍କ ଉପରେ ଚାପ ପକାଯାଉଛି ବୋଲି ଶ୍ରୀ ଲେଙ୍କା ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗତସିଂହପୁର ଜିଲ୍ଲା ପରିଷଦ ସଭାପତି ମନୋଜ ଭୋଇ, ଉପସଭାପତି ସୁଜାତା ମହାନ୍ତି, ପଞ୍ଚାୟତ ସମିତି ଅଧ୍ୟକ୍ଷା କନକପ୍ରଭା ଲେଙ୍କା, ଉପାଧ୍ୟକ୍ଷ ରତିରଞ୍ଜନ ବେହେରା, ଜିଲ୍ଲା ପରିଷଦ ସଭ୍ୟ ବିବେକାନନ୍ଦ ବେହେରା, ନଗର ବିଜେଡି ସଭାପତି ପ୍ରିୟବ୍ରତ ମହାପାତ୍ର ଓ ଯୁବନେତା ପ୍ରଶାନ୍ତ ମଲ୍ଲିକ ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇଥିଲେ।

## ୮ରେ ଡିଜି ଅଫିସ୍ ଘେରିବ କଂଗ୍ରେସ

- ■ ସପ୍ତାହବ୍ୟାପୀ କଂଗ୍ରେସର ନାରୀ ନ୍ୟାୟଯାତ୍ରା
- ■ କାର୍ଯ୍ୟାନୁଷ୍ଠାନ ନ ହେଲେ ସବୁ ଥାନା ଘେରିବ ଦଳ

ଭୁବନେଶ୍ୱର,୫।୮ (ସମିସ): ବଲଙ୍ଗା ନାବାଳିକା ପୋଡ଼ି ଘଟଣାର ୩ ଦୁର୍ବୃତ୍ତଙ୍କ ଗିରଫ ଦାବିରେ ଆସନ୍ତା ୮ ତାରିଖରେ କଟକସ୍ଥିତ ପୁଲିସ ଡିଜି କାର୍ଯ୍ୟାଳୟ ଘେରଉ କରିବ ରାଜ୍ୟ କଂଗ୍ରେସ। ସକାଳ ୧୦ଟାରେ ଏହି ଘେରାଉ କାର୍ଯ୍ୟକ୍ରମ ଆରମ୍ଭ ହେବ। ସହସ୍ର ସଂଖ୍ୟାରେ କଂଗ୍ରେସ କର୍ମୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ମହିଳାଙ୍କ ସୁରକ୍ଷା ଦିଗରେ ସଚେତନ ମହିଳା ଓ ବ୍ୟକ୍ତି ବିଶେଷ, ଅନୁଷ୍ଠାନ ଓ ସଂଗଠନ ବହୁ ସଂଖ୍ୟାରେ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଯୋଗଦେବାକୁ ପିସିସି ସଭାପତି ଭକ୍ତ ଚରଣ ଦାସ ଆହ୍ୱାନ ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ୨ତାରିଖ ଶନିବାର ସନ୍ଧ୍ୟାରେ ବଲଙ୍ଗା ପୀଡ଼ିତାଙ୍କ ମୃତ୍ୟୁ ପରେ ପରେ କାର୍ଯ୍ୟାନୁଷ୍ଠାନ ପାଇଁ ପିସିସି ପକ୍ଷରୁ ଶ୍ରୀ ଦାସ ସରକାରଙ୍କୁ ସାତ ଦିନର ମହଲତ ଦେଇଥିଲେ। ସେହିପରି ଆସନ୍ତା ୧୦ ତାରିଖରେ ପୂର୍ବାହ୍ନ ୮.୩୦ରେ ଦିବଂଗତ ବଲଙ୍ଗା ନାବାଳିକାଙ୍କ ପାଇଁ ‘ନାରୀ ନ୍ୟାୟ ପଦଯାତ୍ରା’ ବାୟାବରରୁ ବାହାରି ନିମାପଡ଼ାରେ ପହଞ୍ଚିବ। ଏଥିରେ ଯୋଗଦେଇ ବଲଙ୍ଗା ପୀଡ଼ିତାଙ୍କ ପାଇଁ ନ୍ୟାୟ ନିମନ୍ତେ ଲଢେଇରେ ସାମିଲ ହେବାକୁ ଶ୍ରୀ ଦାସ ରାଜ୍ୟବାସୀଙ୍କୁ ଅନୁରୋଧ କରିଛନ୍ତି। ଅନ୍ୟ ପକ୍ଷରେ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବିରେ ଆସନ୍ତା ୧୪ ତାରିଖ ପୂର୍ବାହ୍ନ ୯ଟାରେ ଫକୀରମୋହନ କଲେଜ ପାଖରୁ ନାରୀ ନ୍ୟାୟ ପଦଯାତ୍ରାରେ ରାଜ୍ୟର ବରିଷ୍ଠ ନେତୃବୃନ୍ଦଙ୍କ ସହ ଅନ୍ୟ ସମସ୍ତଙ୍କୁ ନେଇ ଦଳ ପକ୍ଷରୁ ନଗର ପରିକ୍ରମା କରାଯିବ। ଉପରୋକ୍ତ ସମସ୍ତ ଦାବି ପୂରଣ ନ ହେଲେ ସପ୍ତାହବ୍ୟାପୀ ରାଜ୍ୟର ସମସ୍ତ ଥାନାର ଘେରାଉ କାର୍ଯ୍ୟକ୍ରମ କରିବାକୁ କଂଗ୍ରେସ ଘୋଷଣା କରିଛି।



## ଆଜିର ରାଶିଫଳ

**ମେଷ:** କଳା, ବିଜ୍ଞାନ ଓ ବାଣିଜ୍ୟରେ ଆଶାନୁରୂପ ଫଳ ମିଳିବ। ପାରିବାରିକ ସୁଖଶାନ୍ତି ବୃଦ୍ଧି ପାଇବ। ମହିଳାମାନଙ୍କର ବିଳାସ ବ୍ୟସନରେ ଦିନଟି କଟିବ। ଆୟ ତୁଳନାରେ ବ୍ୟୟ ଅଧିକ ରହିବ।

**ବୃଷ:** କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାର ବାଧାବିଘ୍ନର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟରେ ନୂତନ ନିବେଶ କରି ଦ୍ୱନ୍ଦ୍ୱରେ ପଡ଼ିବେ। ଗୁରୁଜନଙ୍କ ସ୍ୱାସ୍ଥ୍ୟବସ୍ଥାକୁ ନେଇ ଚିନ୍ତାରେ ରହିବେ। ଅତିଥି ସତ୍କାର କରିବେ।

**ମିଥୁନ:** ଛାତ୍ରଛାତ୍ରୀମାନେ ଉଚ୍ଚ ଶିକ୍ଷା ପାଇଁ ଯୋଜନା କରିବେ। ନୂତନ ବ୍ୟବସାୟ ଆରମ୍ଭ କରିବାକୁ ଉତ୍ତମ ସମୟ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। କୌଣସି କଥାକୁ ନେଇ ମନ ଉଣା ହୋଇପାରେ।

**କର୍କଟ:** ଦୀର୍ଘ ଦିନରୁ ଅଟକିଥିବା କାର୍ଯ୍ୟ ପୂରା ହେବ। ମହିଳାଙ୍କ ଦୃଷ୍ଟିକୋଣ ସକାରାତ୍ମକ ରହିବ। ପାରିବାରିକ ସହଯୋଗ ପାଇ ମନ ପ୍ରସନ୍ନ ରହିବ। ସମାଜରେ ମାନ ସମ୍ମାନ ବଢ଼ିବ। ଅଯଥା ଯୁକ୍ତି କରନ୍ତୁନି।

**ସିଂହ:** ବ୍ୟବସାୟରେ କ୍ଷତି ସହିପାରନ୍ତି । ପୂର୍ବ କଥାକୁ ନେଇ ମନସ୍ତାପରେ ରହିବେ। ବନ୍ଧୁବାନ୍ଧବଙ୍କ ଆଗମନ ହେବ। ଧାର୍ମିକ କାର୍ଯ୍ୟରେ ସମୟ କଟିବ। ଚକ୍ଷୁ ସମସ୍ୟା ଭୋଗି ପାରନ୍ତି। ମହିଳାଙ୍କୁ ମୁଖ୍ୟ ଦାୟିତ୍ୱ ମିଳିବ।

**କନ୍ୟା :** ପାରିବାରିକ ସମସ୍ୟା ଲାଗିରହିବ। ଆଶା କରିଥିବା ଦିଗରୁ ଅର୍ଥ ମିଳିବନି। ଛାତ୍ରଛାତ୍ରୀମାନେ ଚେଷ୍ଟା ଜାରି ରଖି ସଫଳତା ପାଇବେ। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିବ। ପଡୋଶୀଙ୍କ ସହ ମନୋମାଳିନ୍ୟ ହେବ।

**ତୁଳା:** ନିଜର କ୍ୟାରିୟରକୁ ନେଇ ଚିନ୍ତିତ ରହିବେ। ପ୍ରେମୀଯୁଗଳଙ୍କ ପାଇଁ ଦିନଟି ଉତ୍ତମ ରହିବ । ଛାତ୍ରଛାତ୍ରୀମାନେ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ପିଲାମାନେ ଖେଳକୁଦରେ ସମୟ ବିତାଇବେ।

**ବିଛା:** ଦୀର୍ଘ ଦିନର କାମ ସଂପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କ ସାହାଯ୍ୟ ପାଇବେ। ସହକର୍ମୀଙ୍କଠାରୁ ସହଯୋଗ ପାଇବେ। ଛାତ୍ରଛାତ୍ରୀମାନେ ଲେଖାପଢ଼ାରେ ମନୋଯୋଗ ଦିଅନ୍ତୁ। ଆୟ ଅନୁସାରେ ବ୍ୟୟ ଅଧିକ ହେବ।

**ଧନୁ:** ପାରିବାରିକ ସୁଖସମୃଦ୍ଧି ବୃଦ୍ଧି ହେବ। ପଡ଼ୋଶୀଙ୍କ ସହ ମନାନ୍ତର ହୋଇପାରେ । ଅଜଣା ବ୍ୟକ୍ତି ବନ୍ଧୁତାର ହାତ ବଢ଼ାଇବେ। ଲେଖାପଢ଼ାରେ ଛାତ୍ରଛାତ୍ରୀମାନଙ୍କ ଏକାଗ୍ରତା ବଢ଼ିବ।

**ମକର:** ବିଭିନ୍ନ କ୍ଷେତ୍ରରେ ସଫଳତା ପାଇବେ। କଳା ଓ ସଂସ୍କୃତିରେ ସମ୍ମାନ ବୃଦ୍ଧି ପାଇବ। ପରିବାରରେ ଲାଗି ରହିଥିବା ସମସ୍ୟାର ସମାଧାନ ହେବ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।


**କୁମ୍ଭ:** ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖିବାକୁ ଚେଷ୍ଟା କରନ୍ତୁ। ଧର୍ମକାର୍ଯ୍ୟ ପ୍ରତି ଆସ୍ଥା ବଢ଼ିବ। ଆପଣଙ୍କ ବ୍ୟବହାରରେ ପ୍ରତ୍ୟେକ ବ୍ୟକ୍ତି ପ୍ରଭାବିତ ହେବେ। ପଡୋଶୀଙ୍କ ସହିତ ମନୋମାଳିନ୍ୟ ହୋଇପାରେ।

**ମୀନ:** ଆର୍ଥିକ ଲାଭ ମିଳିପାରେ। ସୁସ୍ଥ ଅନୁଭବ କରିବେ। ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ନୂଆ ପଦକ୍ଷେପ ନେବେ। ସମାଜରେ ପ୍ରସିଦ୍ଧି ବଢ଼ିବ। କୌଣସି ପ୍ରତିଯୋଗିତାମୂଳକ ପରୀକ୍ଷାରେ ଶୁଭ ଖବର ପାଇବେ।

## ଆଜିର ଐତିହ୍ୟ

- ୧୮୬୨- ମାଡ୍ରାସ ଉଚ୍ଚ ନ୍ୟାୟାଳୟର ସ୍ଥାପନା।
- ୧୯୧୪- ଅଷ୍ଟ୍ରିଆ, ରୁଷ୍ ବିରୋଧରେ ଯୁଦ୍ଧ ଘୋଷଣା କଲା।
- ୧୯୬୨- ଜାମାଇକା ସ୍ୱାଧୀନ ହେଲା।
- ୧୯୮୬- ଭାରତର ପ୍ରଥମ ଟେଷ୍ଟ ଟ୍ୟୁବ୍ ବେବି ମୁମ୍ବାଇରେ ଜନ୍ମ ନେଲା।
- ୨୦୧୦- ଜମ୍ମୁ କାଶ୍ମୀରରେ ଭୀଷଣ ବନ୍ୟା ଯୋଗୁ ୨୫୫ ଲୋକଙ୍କ ପ୍ରାଣହାନି।
- ୨୦୧୨- ନାସାର କ୍ୟୁରୋସିଟି ରୋଭର୍ ମଙ୍ଗଳ ଗ୍ରହରେ ପହଞ୍ଚିଲା।

# ଯୁବତୀ ୧୦ ଦିନରେ ଥରେ ଗାଧାନ୍ତି



ଦୈନନ୍ଦିନ ଦିନଚର୍ଯ୍ୟାର ଏକ ପ୍ରଧାନ କାମ ହେଉଛି ସ୍ନାନ। ତେଣୁ ନିତିଦିନ ସମସ୍ତେ ଗାଧାନ୍ତି। ସେହିପରି ପିଲାବେଳୁ ହିଁ ପ୍ରତିଦିନ ଗାଧୋଇବା ପାଇଁ କୁହାଯାଏ। ଏହି କ୍ରମରେ ଜଣେ ଯୁବତୀ ୧୦ ଦିନରେ ଥରୁଟିଏ ଗାଧାନ୍ତି। ଏହିପରି ଭାବେ ମାସକୁ ତିନି ଦିନ ସେ ଗାଧୋଉ ଥିବା କଥା କହିଛନ୍ତି। ତାଙ୍କର ଏହି କଥା ଏବେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ୨୩ ବର୍ଷୀୟା ସୋସିଆଲ ମିଡିଆ ଇନଫ୍ଲୁଏନସର ହେଉଛନ୍ତି ଆୟଡେନ ଜେନ। ନିୟମିତ ଗାଧୋଇବାକୁ ପସନ୍ଦ କରୁ ନ ଥିବା ଯବୁତୀଙ୍କ ଉଦ୍ଦେଶ୍ୟରେ ସେ ଏକଥା ସେୟାର୍ କରିଥିବା କହିଛନ୍ତି। ସେ କହିଛନ୍ତି, ସେ ୧୦ ଦିନରେ ଥରେ ଗାଧାନ୍ତି। ଏହି ଦିନଚର୍ଯ୍ୟା କେବେ ବି ବଦଳୁ ନ ଥିବା ସେ କହିଛନ୍ତି। ସେହିପରି ସାତଦିନ ନ ଗାଧୋଇବା ଦ୍ୱାରା ସେ ସୁସ୍ଥ ଓ ସତେଜ ଅନୁଭବ କରୁଥିବା କୁହନ୍ତି। ଅବଶ୍ୟ ସେ ପିଲାଦିନେ ପ୍ରତିଦିନ ଗାଧୋଉ ଥିଲେ। ଏବେ ଗାଧୋଇବା ଅଭ୍ୟାସ ଛାଡ଼ିବା ପରେ ବି ତାଙ୍କ ଜୀବନରେ କୌଣସି ପରିବର୍ତ୍ତନ ଆସି ନ ଥିବା କହନ୍ତି। ଏହାଦ୍ୱାରା ତାଙ୍କ ଶରୀରରୁ ଦୁର୍ଗନ୍ଧ ଆସୁ ନାହିଁ କିମ୍ବା କେଶ ମଧ ପ୍ରଭାବିତ ହେଉ ନ ଥିବା ସ୍ପଷ୍ଟ କରିଛନ୍ତି। ପରିବେଶ ସୁରକ୍ଷା ଓ ଜଳ ସଞ୍ଚୟ ପାଇଁ ଜେନ୍ ଏଭଳି ନିଷ୍ପତ୍ତି ନେଇଥିବା କହିଛନ୍ତି। ସେହିପରି ସେ କୌଣସି ପରିଶ୍ରମ କରୁ ନ ଥିବାରୁ ତାଙ୍କ ଶରୀରରୁ ଝାଳ ବୋହୁ ନାହିଁ। ଫଳରେ ଶରୀରରୁ ଦୁର୍ଗନ୍ଧ ଆସୁ ନାହିଁ। ତେଣୁ ଗାଧୋଇବାର ଆବଶ୍ୟକତା ନ ଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ତାଙ୍କର ଏହି ନିଷ୍ପତ୍ତିକୁ ନେଇ ଲୋକେ ତାଙ୍କୁ କଡ଼ା ସମାଲୋଚନା କରିଛନ୍ତି। ନିଜ ପାଇଁ ନହେଲେ ଅନ୍ତତଃ ଅନ୍ୟମାନଙ୍କ ପାଇଁ ସେ ନିୟମିତ ଗାଧାନ୍ତୁ ବୋଲି ଲୋକେ କହିଛନ୍ତି।

# ହିରୋସୀମା ଦିବସ



ପ୍ରତିବର୍ଷ ଅଗଷ୍ଟ ୬ ତାରିଖକୁ ହିରୋସୀମା ଦିବସ ପାଳନ କରାଯାଏ। ଏହି ଦିନ ଆମକୁ ୧୯୪୫ ମସିହାର ଜାପାନର ହିରୋସୀମା ସହର ଉପରେ ପରମାଣୁ ବୋମାର ଭୟାବହ ରୂପକୁ ମନେ ପକାଇଦିଏ। ଶାନ୍ତିର ରାଜନୀତିକୁ ପ୍ରୋତ୍ସାହିତ କରିବା ପାଇଁ ସମଗ୍ର ବିଶ୍ୱ ଆଜିର ଦିନରେ ହିରୋସୀମା ଦିବସ ପାଳନ କରେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନ ଶକ୍ତିଶାଳୀ ଆମେରିକା ବିପକ୍ଷରେ ଥିଲା। ଏହି ସମୟରେ ଆମେରିକାର ନାଭାଲ୍ ଷ୍ଟେସନ ପର୍ଲ ହାର୍ବର୍ ଉପରେ ଜାପାନ ଏୟାର ଫୋର୍ସ ହଠାତ୍ ଆକ୍ରମଣ କରିଥିଲା। ଏହି ଆକ୍ରମଣରେ ବହୁସଂଖ୍ୟାରେ ଆମେରିକୀୟ ସୈନିକଙ୍କର ମୃତ୍ୟୁ ହୋଇଥିଲା। ଆମେରିକା ପର୍ଲ ହାର୍ବର୍ ଆକ୍ରମଣ ଘଟଣାର ପ୍ରତିଶୋଧ ନେବା ପାଇଁ ପଣ କରିଥିଲା। ଏଥିପାଇଁ ୧୯୪୫ ଅଗଷ୍ଟ ୬ ତାରିଖରେ ଜାପାନର ହିରୋସୀମା ଉପରେ ଆମେରିକା ତାହାର ପ୍ରଥମ ପରମାଣୁ ବୋମା ‘ଲିଟିଲ୍ ବୟ’ ପକାଇଥିଲା। ଏହାସତ୍ତ୍ୱେ ଜାପାନ ମିତ୍ରଶକ୍ତି ପାଖରେ ଆତ୍ମସମର୍ପଣ ନ କରିବାରୁ ୩ ଦିନ ପରେ ଜାପାନର ଅଗ୍ରଣୀ ଶିଳ୍ପ ସହର ନାଗାସାକି ଉପରେ ଆମେରିକା ଦ୍ୱିତୀୟ ପରମାଣୁ ବୋମା ‘ଫ୍ୟାଟ୍ ମ୍ୟାନ୍’ ପକାଇଥିଲା । ଏଥିରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଚାଲି ଯାଇଥିଲା। ଲକ୍ଷ ଲକ୍ଷ ଲୋକ ଦିବ୍ୟାଙ୍ଗ ହୋଇଯାଇଥିଲେ। ମୃତ୍ୟୁର ଉପତ୍ୟକାରେ ପରିଣତ ହୋଇଥିଲା ଜାପାନର ଏହି ଦୁଇ ସହର। ମୃତକଙ୍କ ମଧ୍ୟରେ ଥିଲେ ଅଧିକାଂଶ ସାଧାରଣ ନାଗରିକ। ସେହି ଦୁଃଖଦ ମୁହୂର୍ତ୍ତକୁ ମନେ ପକାଇବା ପାଇଁ ଏହି ଦିବସ ପାଳନ କରାଯାଏ। ଜାପାନ ଉପରେ କରିଥିବା ଏହି ବିସ୍ଫୋରଣ ପାଇଁ ଆମେରିକା ଅନେକଥର ପଶ୍ଚାତାପ କରିଛି ଏବଂ ସାରା ବିଶ୍ୱର ସମାଲୋଚନାର ପାତ୍ର ମଧ ହୋଇଛି। ଏହି ବୋମା ପରେ ହିଁ ଏସିଆରେ ଦ୍ୱିତୀୟ ଯୁଦ୍ଧର ସମାପ୍ତି ଔପଚାରିକତା ହୋଇ ରହିଯାଇଥିଲା । ଜାପାନ୍ ସେନା ପଛଘୁଞ୍ଚା ଦେଇଥିଲେ ।୧୯୪୫ ମସିହା ଅଗଷ୍ଟ ୬ ତାରିଖ ଦିନ ସକାଳ ୮ଟା ୧୫ ମିନିଟ୍‌ରେ ଆମେରିକା ସେନା ଲିଟିଲ୍ ବୟ ନାମକ ଏକ ପରମାଣୁ ବୋମା ପକାଇଥିଲା । ଏହି ସମୟରେ ଅନେକ ଲୋକ ନିଜ ନିଜ କର୍ମସ୍ଥଳକୁ ଯାଉଥିଲେ। କୁନି କୁନି ପିଲାମାନେ ସ୍କୁଲ ଯାଉଥିଲେ । ଏକ ରିପୋର୍ଟ ଅନୁଯାୟୀ, ଏହି ପରମାଣୁ ବମ୍ ସହରର ମଝି ସ୍ଥାନରେ ପଡ଼ିଥିଲା । ଏହା ଏତେ ଭୟଙ୍କର ଥିଲା ଯିଏ ମାତ୍ର କିଛି ସେକେଣ୍ଡ ଭିତରେ ପ୍ରାୟ ୮୦ ହଜାର ଲୋକ ପ୍ରାଣ ହରାଥିଲେ। ସେହିପରି ଲକ୍ଷାଧିକ ଲୋକ ଆହତ ହୋଇଥିଲେ। ପରବର୍ତ୍ତୀ ଅବସ୍ଥାରେ ଏହି ଆହତଙ୍କ ମଧ୍ୟରୁ ଅନେକଙ୍କର ମୃତ୍ୟୁ ହୋଇଥିଲା। ଏହା ତ କେବଳ ଜୀବନ କଥା, କେତେ ଯେ ସମ୍ପତ୍ତି ନଷ୍ଟ ହୋଇଛି, ତା’ର କଳ୍ପନା କରାଯାଇ ନ ପାରେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ, ପରମାଣୁ ଆକ୍ରମଣରେ ଯେଉଁମାନେ କ୍ଷତିଗ୍ରସ୍ତ ହୋଇଥିଲେ ସେମାନଙ୍କୁ ଚିକିତ୍ସା କରାଇବା ପାଇଁ ସହରରେ ଡାକ୍ତର ମଧ ନ ଥିଲେ । କାରଣ ପରମାଣୁ ଆକ୍ରମଣରେ ସେଠାରେ ୯୦ ପ୍ରତିଶତ ଡାକ୍ତର ପ୍ରାଣ ତ୍ୟାଗ କରିଥିଲେ । ତେବେ ଏହି ଆକ୍ରମଣକୁ ସେତେବେଳେ ଭାରତ ସମେତ ଅନେକ ଦେଶ ନିନ୍ଦା କରିବା ସହ ଜାପାନକୁ ସହାୟତାର ହାତ ବଢାଇଥିଲେ । ‘ହିରୋସୀମା ଦିବସ’ ପରମାଣୁ ଯୁଦ୍ଧର ବିନାଶକାରୀ ପ୍ରଭାବକୁ ସ୍ମରଣ କରାଇବା ସହ ବିଶ୍ୱ ଶାନ୍ତି ଏବଂ ନିରସ୍ତ୍ରୀକରଣ ପାଇଁ ବିଶ୍ୱର ସବୁ ରାଷ୍ଟ୍ରକୁ ଚେତାବନୀ ଦିଏ।

# କିଶୋର କୁମାରଙ୍କ ବାୟୋପିକ୍ ଛାଡ଼ିଲେ ରଣବୀର



ବଲିଉଡ୍‌ର ଚକଲେଟ୍ ବୟ ରଣବୀର କପୁର ଏବେ ନୀତେଶ ତିୱାରୀଙ୍କ ‘ରାମାୟଣ’ ପାଇଁ ଚର୍ଚ୍ଚାରେ । ୪୦୦୦ କୋଟି ବଜେଟ୍‌ର ଏହି ଫିଲ୍ମରେ ସେ ଭଗବାନ ଶ୍ରୀରାମଙ୍କ ଭୂମିକାରେ ନଜର ଆସିବେ। ଏହି ଫିଲ୍ମର ପ୍ରଥମ ପାର୍ଟ ୨୦୨୬ ଦୀପାବଳି ଓ ଦ୍ୱିତୀୟ ପାର୍ଟ ୨୦୨୭ ଦୀପାବଳି ଅବସରରେ ଆସିବ। ‘ରାମାୟଣ’ ପୂର୍ବରୁ ରଣବୀର, ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ କିଶୋର କୁମାରଙ୍କ ବାୟୋପିକ୍‌ରେ ନଜର ଆସିବେ ବୋଲି କୁହାଯାଉଥିଲା। ହେଲେ ରଣବୀର ଏଥିରେ ଏବେ କାମ କରିବେ ନାହିଁ ବୋଲି ଜଣାପଡ଼ିଛି। ଏବେ ଅମିର୍ ଖାନଙ୍କୁ ଏହି ଭୂମିକା ଅଫର୍ ହୋଇଥିବା କୁହାଯାଉଛି। ଏନେଇ ଅନୁରାଗ କହିଛନ୍ତି, ‘ରଣବୀରଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାର ଥିଲା। କାରଣ ତାଙ୍କୁ ‘ରାମାୟଣ’ ଓ କିଶୋର କୁମାରଙ୍କ ବାୟୋପିକ୍ ମଧ୍ୟରୁ ଗୋଟିଏ ବାଛିବାର ଥିଲା। ରଣବୀର ‘ରାମାୟଣ’କୁ ବାଛିଥିଲେ। ମୁଁ ଭାବୁଛି ସେ ଠିକ୍ ନିଷ୍ପତ୍ତି ନେଇଛନ୍ତି। ଆମେ ଦୁଇ ଜଣ ଏକାଠି କାମ କରିବାକୁ ଚାହୁଁଛୁ, କିନ୍ତୁ ତାହା ସମ୍ଭବ ହେଉ ନାହିଁ। ସେ ଏକାସାଙ୍ଗେ ବହୁତଗୁଡ଼ିଏ ଫିଲ୍ମ କରୁଛନ୍ତି।’ ଏବେ ଅନୁରାଗ କିଶୋର କୁମାରଙ୍କ ବାୟୋପିକ୍ ପାଇଁ ଅମିର୍ ଖାନ୍‌କୁ ଯୋଗାଯୋଗ କରିଥିବା ଜଣାପଡ଼ିଛି। ଅମିର୍‌ଙ୍କୁ ଏହାର କାହାଣୀ ବେଶ୍ ପସନ୍ଦ ଆସିଛି । କିନ୍ତୁ ଏନେଇ ଅନୁରାଗ କହିଛନ୍ତି, “ଯେପର୍ଯ୍ୟନ୍ତ କିଛି ଫାଇନାଲ ହୋଇ ନାହିଁ ମୁଁ କିଛି କହିପାରିବି ନାହିଁ।”

## ସମ୍ଭାବନା



# ହଷ୍ଟେଲରେ ନ ଥାଏ ଏକାକୀତ୍ୱ



**ଅନେକ ବିଦ୍ୟାର୍ଥୀ ଘରଠୁ ଦୂର ହଷ୍ଟେଲରେ ରହି ପାଠ ପଢ଼ନ୍ତି। ସେହିପରି ହଷ୍ଟେଲରେ ସାଙ୍ଗସାଥୀଙ୍କ ସହିତ ମିଶିକି ରହିବାକୁ ପଡ଼ିଥାଏ। ପ୍ରାରମ୍ଭିକ ପର୍ଯ୍ୟାୟରେ ହଷ୍ଟେଲ ରହଣି କଷ୍ଟକର ଲାଗିଲେ ବି ଏଥିରୁ ଜୀବନ ଜିଇଁବା ଲାଗି ଅନେକ କିଛି ଶିଖିବାକୁ ମିଳିଥାଏ।**

ହଷ୍ଟେଲରେ ଅନେକ ନୂଆ ସାଙ୍ଗ ମିଳିଥାନ୍ତି। ଏହା ଦ୍ୱାରା ସାମାଜିକ ସମ୍ପର୍କ ବୃଦ୍ଧି ପାଏ। ଘରଠୁ ଦୂରରେ ରହିବାକୁ ପଡ଼ିଥାଏ। ତେଣୁ ହଷ୍ଟେଲରେ ରହିବା ଦ୍ୱାରା ନିର୍ଣ୍ଣୟ ନେବା, ନିଜ ରୁମ୍‌କୁ କିଭଳି ସଫା ରଖିବା, ଖାଦ୍ୟ ମ୍ୟାନେଜ କରିବା, ଅର୍ଥ ସଞ୍ଚୟ କରିବା କଳା କୌଶଳ ଶିଖି ହୁଏ। ହଷ୍ଟେଲରେ ରହିବା ଦ୍ୱାରା ଜଣେ ଅନ୍ୟ ଉପରେ ନିର୍ଭରଶୀଳ ନ ହୋଇ, ବରଂ ଆତ୍ମନିର୍ଭର ହୋଇଥାଏ। ସେହିପରି ହଷ୍ଟେଲରେ ପାଠପଢ଼ା ଲାଗି ଏକ ଉତ୍ତମ ପରିବେଶ ମିଳିଥାଏ। ସାଙ୍ଗସାଥୀଙ୍କ ସହିତ ମିଶିକି ପଢ଼ିବାର ସୁଯୋଗ ଜୁଟେ। ବିଭିନ୍ନ ସୁବିଧା, ଅସୁବିଧାରେ ସାଙ୍ଗସାଥୀ ପାଖରେ ଛିଡ଼ା ହୁଅନ୍ତି। ସାହାଯ୍ୟର ହାତ ବଢ଼ାନ୍ତି। ଅନ୍ୟପଟେ ଅନେକ ସମୟରେ କଲେଜ କ୍ୟାମ୍ପସରୁ ହଷ୍ଟେଲ ପାଖ ହୋଇଥାଏ । ଏହା ଦ୍ୱାରା ଯିବା ଆସିବାର ସମୟ ଓ ଅର୍ଥ ସଞ୍ଚୟ ହୁଏ। ଗୋଟିଏ ସ୍ଥାନରେ ମିଳିମିଶି ସାଙ୍ଗସାଥୀଙ୍କ ସହ ରହିବାରୁ କେବେ ବି ହଷ୍ଟେଲରେ ଏକାକୀତ୍ୱ ନ ଥାଏ।

# ଜେନ୍ ଜେଡ୍‌ଙ୍କ ନୂଆ ଟ୍ରେଣ୍ଡ ରିଭର୍ସ କ୍ୟାଟ୍‌ଫିସିଂ

**ସୋସିଆଲ ମିଡିଆରେ ଜେନ୍ ଜେଡ୍ ଏକ ନୂଆ ଟ୍ରେଣ୍ଡ ଆରମ୍ଭ କରିଛନ୍ତି। ଏହାକୁ ରିଭର୍ସ କ୍ୟାଟ୍‌ଫିସିଂ କୁହାଯାଉଛି। କ୍ୟାଟ୍‌ଫିସିଂର ଅର୍ଥ ହେଉଛି ଅନଲାଇନ୍ ପ୍ଲାଟଫର୍ମରେ ନିଜର ପରିଚୟକୁ ମିଛ ଏବଂ ଆକର୍ଷଣୀୟ ତରିକାରେ ଲୋକଙ୍କୁ ଦେଖାଇବା। ହେଲେ ରିଭର୍ସ କ୍ୟାଟ୍‌ଫିସିଂ ହେଉଛି ଏହାର ସମ୍ପୂର୍ଣ୍ଣ ବିପରୀତ। ଏଥିରେ ଜାଣିଶୁଣି ଲୋକେ ଅନଲାଇନ୍‌ରେ ନିଜକୁ କମ୍ ଆକର୍ଷଣୀୟ ଦେଖାଉଛନ୍ତି। ଏନେଇ କୌଣସି ଫିଲଟର ଆଦି ବ୍ୟବହାର ନ କରି ନିଜେ ଯେମିତି, ସେମିତି ନିଜର ବ୍ୟକ୍ତିତ୍ୱକୁ ପ୍ରଦର୍ଶନ କରୁଛନ୍ତି। କାରଣ ଆଜିର ଜେନ୍ ଜେଡ୍ ଯୁବପିଢ଼ି କାହାକୁ ଆକର୍ଷିତ କରିବାକୁ ଚାହୁଁ ନାହାନ୍ତି।**

ରିଭର୍ସ କ୍ୟାଟ୍‌ଫିସିଂ କେବଳ ଏକ ମଜାଦାର ଟ୍ରେଣ୍ଡ ନୁହେଁ। ଏହା ମାଧ୍ୟମରେ ଜେନ୍ ଜେଡ୍ ଏକଥା ବୁଝାଇବାକୁ ଚେଷ୍ଟା କରୁଛନ୍ତି ଯେ, ସମ୍ପର୍କ ତିଆରି କରିବା ପାଇଁ ପରଫେକସନ ନୁହେଁ, ବରଂ ମାନବିକତା ଏବଂ ସଚ୍ଚୋଟତା ଜରୁରି। ରିଭର୍ସ କ୍ୟାଟ୍‌ଫିସିଂ ଦେଖେଇ ହେବା ଦୁନିଆରେ ବାସ୍ତବତାକୁ ଆପଣାଇବାର ଏକ ରାହା ସାଜିଛି। ଜେନ୍ ଜେଡ୍ ଏବେ ଫିଲଟର ଏବଂ ଓଭର ପ୍ରେଜେନଟେସନରୁ ବାହାରି ସଚ୍ଚୋଟତା ପ୍ରତି ଅଗ୍ରସର ହେଉଛନ୍ତି। ସେଥିପାଇଁ ସେମାନେ ନିଜର ଦୋଷ, ଦୁର୍ବଳତା, ପ୍ରକୃତ ବ୍ୟକ୍ତିତ୍ୱକୁ ସାମ୍ନାକୁ ଆଣୁଛନ୍ତି।

ଅନ୍ୟପଟେ ଏହି ଟ୍ରେଣ୍ଡ କେବଳ ଏକ ଷ୍ଟାଇଲ ନୁହେଁ, ବରଂ ଭରସା, ସରଳତା ଏବଂ ଭାବାବେଗ ସମ୍ବନ୍ଧର ଏକ ନୂଆ ପରିଭାଷା। ଆଜିର ସମୟରେ ଲୋକ ସବୁଠୁ ସୁନ୍ଦର ଦିଶିବା ଉପରେ ଗୁରୁତ୍ୱ ଦେଉଛନ୍ତି। ହେଲେ ଜେନ୍ ଜେଡ୍ ରିଭର୍ସ କ୍ୟାଟଫିସିଂ ସୂତ୍ରକୁ ଗ୍ରହଣ କରି ସମ୍ପର୍କକୁ ଅଧିକ ମଜଭୁତ କରିବାରେ ଲାଗିଛନ୍ତି। ତେବେ ଜେନ୍ ଜେଡ୍‌ଙ୍କ ଏ ପ୍ରକାର ସମ୍ପର୍କରେ କୌଣସି ମିଛ କିମ୍ବା ଫିଲଟର ନ ଥାଏ, ବରଂ ଥାଏ ଭାବପ୍ରବଣତା।




# ବାରମ୍ବାର ଚାକିରି ବଦଳାଉଥିଲେ

**କିଛି ଲୋକ ଏଭଳି ଅଛନ୍ତି, ଯେଉଁମାନେ ଗୋଟିଏ ସ୍ଥାନରେ ବେଶି ଦିନ ପର୍ଯ୍ୟନ୍ତ କାମ କରି ନ ଥାନ୍ତି। ସେମାନଙ୍କର ଏହି ବାରମ୍ବାର ଚାକିରି ବଦଳାଇବା ଅଭ୍ୟାସକୁ ‘ଜବ୍ ହପିଂ’ କୁହାଯାଏ। ତେବେ ଏହାର କିଛି ଖରାପ ଦିଗ ବି ଅଛି।**

- ବାରମ୍ବାର ଚାକିରି ବଦଳାଇବା ଦ୍ୱାରା ଅନ୍ୟ ନୂଆ କମ୍ପାନି ବି ସେଠାରେ ବେଶି ଦିନ ରହିବା କଥା ଭାବି ନ ଥାନ୍ତି।
- କୌଣସି କମ୍ପାନିରେ ପଦୋନ୍ନତି ଓ ଗୁରୁ ଦାୟିତ୍ୱ ମିଳିବାରେ ସମୟ ଲାଗେ।
- ବାରମ୍ବାର ଚାକିରି ବଦଳାଇଲେ ପର୍ଯ୍ୟାପ୍ତ ଅଭିଜ୍ଞତା ଓ ସୁଯୋଗ ମିଳେ ନାହିଁ।
- ମାସକ ମଧ୍ୟରେ ଚାକିରି ବଦଳାଇବା ଅଭ୍ୟାସ ଦ୍ୱାରା ନୂଆ ଜ୍ଞାନ କୌଶଳ ଅଧାରେ ରହେ।
- ନେଟୱର୍କ ଗଠନରେ ସମୟ ଲାଗେ।
- ଦୀର୍ଘ ଦିନ ଗୋଟିଏ ସ୍ଥାନରେ କାମ କରିବା ଦ୍ୱାରା ସହକର୍ମୀ, ବରିଷ୍ଠ କର୍ମଚାରୀ ଓ କମ୍ପାନି ମୁଖିଆଙ୍କ ସହିତ ଉତ୍ତମ ସମ୍ପର୍କ ସୃଷ୍ଟି ହୁଏ। ଯାହାକି ଲଗାତାର ଚାକିରି ପରିବର୍ତ୍ତନରେ ହୋଇ ନ ଥାଏ।



# ଇନଷ୍ଟାଗ୍ରାମ୍‌ର ‘ଅଟୋ ସ୍କ୍ରଲ୍’ ଫିଚର୍

ଆଜିକାଲି ଏମିତି କେହି ନାହାନ୍ତି, ଯେଉଁମାନେ ରିଲ୍ସକୁ ସ୍କ୍ରଲ୍ କରି ଦେଖୁ ନାହାନ୍ତି। ତେବେ ଇନଷ୍ଟାଗ୍ରାମ୍ ରିଲ୍ସର ମାନୁଆଲି ସ୍କ୍ରଲ ଫିଚର୍‌କୁ ଅଟୋ ସ୍କ୍ରଲ ଫିଚର୍‌ରେ ପରିବର୍ତ୍ତନ କରିଛି। ଏବେ ଏହି ପ୍ଲାଟ୍‌ଫର୍ମ ଏହି ଫିଚର୍‌କୁ ପରୀକ୍ଷା କରୁଛି। ଏହି ଫିଚର ଦ୍ୱାରା ବ୍ୟବହାରକାରୀଙ୍କୁ ରିଲ୍ସ ସ୍କ୍ରଲ କରି ଦେଖିବା ଲାଗି ଅଙ୍ଗୁଳିର ଉପଯୋଗ କରିବାକୁ ପଡ଼ିବ ନାହିଁ, ବରଂ ରିଲ୍ସ ଲଗାତାର ସେମିତି ଚାଲୁଥିବ। ଏହି ଫିଚର ସମସ୍ତଙ୍କ ଲାଗି ଉପଲବ୍ଧ ହୋଇ ନାହିଁ। କିଛି ସୀମିତ ସଂଖ୍ୟକ ବ୍ୟବହାରକାରୀଙ୍କ ଉପରେ ଏହାକୁ ଇନଷ୍ଟାଗ୍ରାମ୍ ପରୀକ୍ଷା କରୁଛି।

ଏହି ଫିଚର୍ ରିଲ୍ସ ଚଲାଇବା ଲାଗି ବ୍ୟବହାରକାରୀଙ୍କୁ ଅଟୋ ସ୍ୱାଇପ୍ କରିବାକୁ ରୋକିଥାଏ। ଏହାସହ ସ୍ୱତଃପ୍ରବୃତ୍ତ ଭାବେ ରିଲ୍ସକୁ ସ୍କ୍ରଲ କରିଥାଏ। ଯେଉଁ ବ୍ୟବହାରକାରୀ ରିଲ୍ସ ସ୍କ୍ରଲ କରିବାରେ ଅଧିକ ସମୟ ଅତିବାହିତ କରୁଥିଲେ, ସେମାନଙ୍କୁ ଏହା ଆଶ୍ୱସ୍ତି ପ୍ରଦାନ କରିବ। କେବଳ ସେତିକି ନୁହେଁ, ଏକଥା ବ୍ୟବହାରକାରୀ ଜାଣିପାରିବେ ନାହିଁ, କେତେ ସମୟ ସେମାନେ ରିଲ୍ସରେ ଅତିବାହିତ କରୁଛନ୍ତି। ଅବଶ୍ୟ ଏହା ମଧ ଏକପ୍ରକାର କ୍ଷତି। ଅନ୍ୟପଟେ ଏହା ସମସ୍ତଙ୍କ ପାଇଁ କେବେ ଉପଲବ୍ଧ ହେବ, ସେକଥା ସ୍ପଷ୍ଟ କରାଯାଇ ନାହିଁ।



ସକାଳ
THE SAKALA
www.sakalaepaper.com

## ଭାରତ-ଇଂଲଣ୍ଡ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ରେକର୍ଡ

# ୧୮୬୦ ଓଭର, ୬,୭୩୬ ରନ୍, ୧୭୨ ୱିକେଟ୍



ନୂଆଦିଲ୍ଲୀ, ୫।୮ (ଏଜେନ୍ସି)

ଭାରତ ଓ ଇଂଲଣ୍ଡ ମଧ୍ୟରେ ଶେଷ ହୋଇଛି ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍। ଏହି ସିରିଜ୍‌ରେ ଯେପରି ଉତ୍କଣ୍ଠା, ପ୍ରତିଦ୍ୱନ୍ଦ୍ୱିତା ଓ ରୋମାଞ୍ଚ ସୃଷ୍ଟି ହୋଇଥିଲା ତାହା ଖୁବ୍ କମ୍ ଟେଷ୍ଟ ସିରିଜ୍‌ରେ ଦେଖିବାକୁ ମିଳିଥାଏ। ଦୁଇ ପ୍ରତିଦ୍ୱନ୍ଦ୍ୱୀ ପରସ୍ପର ସହ ଜୋରଦାର ମୁକାବିଲା କରିଛନ୍ତି। ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ମତରେ ଏହି ସିରିଜ୍ ୨-୨ରେ ବରାବର ସ୍ଥିତିରେ ରହିବା ଯଥାର୍ଥ ହୋଇଛି। ଏହା ହେଉଛି ଏକବିଂଶ ଶତାବ୍ଦୀର ଚତୁର୍ଥ ଟେଷ୍ଟ ସିରିଜ୍ ଯେଉଁଥିରେ ସମସ୍ତ ଟେଷ୍ଟ ଗୁଡିକ ୫ମ ଦିନରେ ଶେଷ ହୋଇଛି। ଏହା ମଧ୍ୟରୁ ପ୍ରଥମଥର ଦୁଇଟି ଟେଷ୍ଟ ମ୍ୟାଚ୍‌ର ଫଳାଫଳ ୨୫ ରନ୍ ମଧ୍ୟରେ ନିର୍ଦ୍ଧାରିତ ହୋଇଛି। ଏହି ଟେଷ୍ଟ ସିରିଜ୍‌ର ପରିସଂଖ୍ୟାନକୁ ଦେଖିଲେ ଉଭୟ ଦଳ ପ୍ରାୟତଃ ସମାନସ୍ତରର ଖେଳ ପ୍ରଦର୍ଶନ କରିଛନ୍ତି ଓ ସମାନ ସଫଳତା ପାଇଛନ୍ତି। ବ୍ୟାଟିଂରେ ଭାରତ ୩୯.୭୭ ହାରରେ ରନ୍ ସଂଗ୍ରହ କରିଥିଲାବେଳେ ୩୮.୮୮ ହାରରେ ୮୪ଟି ୱିକେଟ ଅକ୍ତିଆର କରିଛି। ଅନ୍ୟପକ୍ଷରେ ଇଂଲଣ୍ଡ ୩୭.୫୭ ହାରରେ ରନ୍ ସଂଗ୍ରହ କରିଥିଲାବେଳେ ୪୧.୮୪ ହାରରେ ୮୮ଟି ୱିକେଟ ଅକ୍ତିଆର କରିଛି। ସେ ଯାହା ହେଉ ୨୫ ଦିନର ଘମାଘୋଟ ଟେଷ୍ଟ ଲଢ଼େଇରେ ମୋଟ ୧୮୬୦.୪ ଓଭର ବୋଲିଂ ହୋଇଥିଲାବେଳେ ୬୭୩୬ ରନ୍ ସଂଗୃହୀତ ହୋଇଛି। ଏଥିରେ ୧୭୨ଟି ୱିକେଟ ପତନ ଘଟିଥିଲାବେଳେ ୪୧ଟି କ୍ୟାଚ୍ ଡ୍ରପ୍ ହୋଇଛି। ତେବେ ତଥ୍ୟରୁ ଅନେକ କିଛି ରେକର୍ଡ ତଥା ଶ୍ରେଷ୍ଠ ପ୍ରଦର୍ଶନ ଦେଖିବାକୁ ମିଳିଛି।

### ■ ବ୍ୟାଟିଂକୁ ସୁହାଇଲା ଭଳି ପିଚ୍

ଇଂଲଣ୍ଡରେ ଖେଳାଯାଉଥିବା ପିଚ୍ ସାଧାରଣତଃ ପେସ୍ ବୋଲରଙ୍କୁ ସୁହାଇଥାଏ। ଏହି ପିଚ୍‌ରେ ସୁଇଂ ଓ ବାଉନ୍ସ ଦେଖିବାକୁ ମିଳିଥାଏ। କିନ୍ତୁ ଏହି ଟେଷ୍ଟ ସିରିଜ୍‌ରେ ଖେଳାଯାଇଥିବା ପିଚ୍ ଗୁଡିକ ପ୍ରାୟ ବ୍ୟାଟିଂକୁ ସୁହାଇଛି। ଯାହା ଫଳରେ ସିରିଜ୍‌ରେ ୬୭୩୬ ରନ୍ ସଂଗୃହୀତ ହୋଇଛି। ଉଭୟ ଦଳ ୧୭୨ଟି ୱିକେଟ ହରାଇଥିଲାବେଳେ ହାରହାରି ୩୯.୧୬ ହାରରେ ରନ୍ ସ୍କୋର ହୋଇଛି। ଏଥିରେ ଆଉ ଅଧିକ ୨୦ ରନ୍ ହୋଇଥିଲେ ୧୯୯୩ ଇଂଲଣ୍ଡ-ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ଆସେସ ସିରିଜ୍‌ର ସର୍ବାଧିକ ରନ୍ ସଂଗ୍ରହର ରେକର୍ଡକୁ ଭାଙ୍ଗିଦେଇଥାନ୍ତା।

### ■ ବୋଲରଙ୍କ ଲାଗି କଠିନ ସମୟ



ଏହି ସିରିଜ୍‌ରେ ପିଚ୍ ବ୍ୟାଟରଙ୍କୁ ସୁହାଉଥିବା ଅର୍ଥ ବୋଲରଙ୍କ ଲାଗି କଠିନ ସମୟ ଥିଲା। ସିରିଜ୍‌ରେ ଏମାନେ ୧୮୬୦.୪ ଓଭର ବୋଲିଂ କରିଥିଲେ। ଏକବିଂଶ ଶତାବ୍ଦୀରେ ଇଂଲଣ୍ଡରେ ଅନୁଷ୍ଠିତ ଟେଷ୍ଟ ସିରିଜ୍‌ରେ ଏହା ଥିଲା ସର୍ବାଧିକ। ଏହି ସିରିଜ୍‌ରେ ଖେଳାଯାଇଥିବା ୧୯ଟି ମଧ୍ୟରୁ ୧୪ଥର ଗୋଟିଏ ଇନିଂସରେ ୩୫୦ କିମ୍ବା ତା'ଠାରୁ ଅଧିକ ରନ୍ ସଂଗୃହୀତ ହୋଇଛି। ସେହିପରି ୧୪ଥର ଗୋଟିଏ ଇନିଂସ ୮୦ କିମ୍ବା ତା'ଠାରୁ ଅଧିକ ଓଭର ଯାଏ ଖେଳାଯାଇଛି। ଉଭୟ ବିଭାଗରେ ଗୋଟିଏ ଟେଷ୍ଟ ସିରିଜ୍‌ରେ ଏହା ରେକର୍ଡ ରନ୍ ସଂଗ୍ରହ।

ସିରିଜ୍‌ରେ ଇଂଲଣ୍ଡ ସର୍ବାଧିକ ୧୦୫୨ ଓଭର ବୋଲିଂ କରିଛି। ୨୦୦୦ ପରେ ଏହା ଦଳ ଲାଗି ସର୍ବାଧିକ। ୨୦୧୭-୧୮ ପରେ ପ୍ରଥମଥର ଘରୋଇ ଦଳ ୧୦୦୦ରୁ ଅଧିକ ଓଭର ବୋଲିଂ କରିଛି। ଆହତ ହେବା ଓ ଗୋଟିଏ ଟେଷ୍ଟ ନ ଖେଳିବା ସତ୍ତ୍ୱେ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ୧୪୦ ଓଭର ବୋଲିଂ କରିଛନ୍ତି। ଅନ୍ୟପକ୍ଷରେ ଭାରତ ୮୪ଟି ୱିକେଟ ନେବା ଲାଗି ମାତ୍ର ୮୦୮.୪ ଓଭର ବୋଲିଂ କରିଛି। ୱିକେଟ ପ୍ରତି ଷ୍ଟ୍ରାଇକ୍ ରେଟ ୫୭.୭ ରହିଛି। ଏହା ମଧ୍ୟରୁ ପେସ୍ ବୋଲରଙ୍କ ଷ୍ଟ୍ରାଇକ୍ ରେଟ୍ ୫୦.୭ ହୋଇଥିଲାବେଳେ ଏମାନେ ୭୦ଟି ୱିକେଟ ନେଇଛନ୍ତି। ପୂର୍ବରୁ କେବଳ ୨୦୨୪-୨୫ ଗାଭାସ୍କର-ବର୍ଡର ଟ୍ରଫିରେ ଭାରତୀୟ ପେସ୍ ବୋଲରଙ୍କ ଷ୍ଟ୍ରାଇକ୍ ରେଟ୍ ସବୁଠାରୁ କମ୍ ବା ୪୧.୮ ଥିଲା। ଭାରତୀୟଙ୍କ ମଧ୍ୟରେ ମହମ୍ମଦ୍ ସିରାଜ ସର୍ବାଧିକ ୧୧୧୩ଟି ବଲ ବୋଲିଂ କରି ସର୍ବାଧିକ ୨୩ଟି ୱିକେଟ ନେଇଛନ୍ତି। ଇଂଲଣ୍ଡର କ୍ରିସ୍ ଓକ୍ସ ମଧ୍ୟ ୧୦୦୦ ବଲ ପକାଇଛନ୍ତି। ଆହତ ହୋଇ ନ ଥିଲେ ଏହି ସଂଖ୍ୟା ବୃଦ୍ଧି ପାଇଥାନ୍ତି।

### ■ ଜାଡେଜାଙ୍କ ପ୍ରଦର୍ଶନ ଆଣିଛି ଫରକ



ନଂ-୬ ଓ ୭ରେ ଭାରତୀୟ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କ ପ୍ରଦର୍ଶନ ଉଭୟ ଦଳ ମଧ୍ୟରେ ଫରକ ଆଣିଛି। ସିରିଜ୍‌ରେ ସେ ଗୋଟିଏ ଶତକ ଓ ୬ଟି ଅର୍ଦ୍ଧଶତକ ସହ ୫୧୬ ରନ୍ କରିଛନ୍ତି। ଏହି ପୋଜିସନରେ ବ୍ୟାଟିଂ କରି ଜାଡେଜା ବିଶ୍ୱର ଷଷ୍ଠ ବ୍ୟାଟର ଭାବେ ଗୋଟିଏ ସିରିଜ୍‌ରେ ୭ଥର ୫୦ କିମ୍ବା ତା'ଠାରୁ ଅଧିକ ରନ୍ ସଂଗ୍ରହ କରିଛନ୍ତି। ସବୁଠାରୁ ଉଲ୍ଲେଖନୀୟ କଥା ହେଲା ସେ ଦ୍ୱିତୀୟ ଇନିଂସରେ ମାତ୍ର ଥରେ ଆଉଟ ହୋଇଥିଲେ।

### ■ ୨୧ ସେଞ୍ଚୁରୀ ଓ ୧୯ ସେଞ୍ଚୁରୀ ପାର୍ଟନରସିପ୍

ଏହି ସିରିଜ୍‌ରେ ବ୍ୟାଟରମାନେ ୨୧ଟି ଶତକ ହାସଲ କରିଛନ୍ତି। ୧୯୫୫ ଅଷ୍ଟ୍ରେଲିଆ-ୱେଷ୍ଟଇଣ୍ଡିଜ୍ ଟୁର୍‌ରେ ହୋଇଥିବା ୨୧ଟି ଶତକ ସହ ସମାନ। ଲିଡ୍ସରେ ହ୍ୟାରୀ ବ୍ରୁକ୍ ୯୯ ରନ୍‌ରେ ଆଉଟ ହୋଇ ନ ଥିଲେ ଏହି ରେକର୍ଡ ଭାଙ୍ଗିଥାନ୍ତା। ଏହା ମଧ୍ୟରୁ ଭାରତୀୟ ବ୍ୟାଟରମାନେ ୧୨ଟି ଓ ଇଂଲଣ୍ଡର ୯ଟି ଶତକ ହାସଲ କରିଛନ୍ତି। ୧୯୯୮ ପରେ ଏହି ସିରିଜ୍‌ରେ ମଧ୍ୟ ସର୍ବାଧିକ ୧୯ଟି ସେଞ୍ଚୁରୀ ପାର୍ଟନରସିପ୍ ହୋଇଛି।

### ■ ଓପନିଂରେ ଇଂଲଣ୍ଡ ଆଗୁଆ

ଇଂଲଣ୍ଡର ଓପନର ଏହି ସିରିଜ୍‌ରେ ଭଲ ଖେଳିଛନ୍ତି। ଇଂଲଣ୍ଡର ଜ୍ୟାକ୍ କ୍ରାଲୀ ଓ ବେନ୍ ଡକେଟ ୬୫.୪୪ ହାରରେ ଓ ଭାରତୀୟ ଓପନର ଯଶସ୍ୱୀ ଜୟସ୍ୱାଲ ଓ ଲୋକେଶ ରାହୁଲ ମାତ୍ର ୩୪.୧୦ ହାରରେ ରନ୍ ସଂଗ୍ରହ କରିଛନ୍ତି। ପ୍ରଥମ ୧୦ ଓଭରରେ ଭାରତୀୟ ଓପନିଂ ଯୋଡି ୧୦ଟି ଇନିଂସ ମଧ୍ୟରୁ ୮ଥର ପ୍ରଥମ ୱିକେଟ ହରାଇଛି। କିନ୍ତୁ ଇଂଲଣ୍ଡ ୯ଟି ଇନିଂସରେ ୫ଥର ୱିକେଟ ହରାଇଛି। ଓପନିଂ ପାର୍ଟନରସିପ୍‌ରେ ଇଂଲଣ୍ଡ ୪.୩୪ ହାରରେ ଓ ଭାରତ ୩.୩୬ ହାରରେ ରନ୍ ସଂଗ୍ରହ କରିଥିଲା। ରାହୁଲ ଓ ଜୟସ୍ୱାଲ ମିଳିତଭାବେ ୪ଟି ଶତକ ହାସଲ କରିଥିଲେ ମଧ୍ୟ ଇଂଲଣ୍ଡ ଓପନିଂ ଯୋଡି ଏମାନଙ୍କଠାରୁ ଅଧିକ ରନ୍ ସଂଗ୍ରହ କରିଛନ୍ତି।

### ■ ମିଡିଲ୍ ଅର୍ଡରରେ ଭାରତ ସଫଳତା

ମିଡିଲ ଅର୍ଡର ବ୍ୟାଟିଂରେ ଭାରତ ଅଧିକ ସଫଳତା ପାଇଛି। ନଂ-୪ରୁ ୬ ବ୍ୟାଟର ଭାରତ ଲାଗି ୬୫.୬୬ ଓ ଇଂଲଣ୍ଡ ଲାଗି ୫୧.୨୬ ହାରରେ ରନ୍ ସଂଗ୍ରହ କରିଛନ୍ତି। ଭାରତ ବିପକ୍ଷରେ ରୁଟ୍ ତୃତୀୟଥର ସକାଶେ ୫୦୦ରୁ ଅଧିକ ରନ୍ କରିଥିଲେ ମଧ୍ୟ ଭାରତୀୟ ଶୁବମନ ଗିଲ୍ ଅଧିନାୟକ ଭାବେ ସର୍ବାଧିକ ୭୫୪ ରନ୍ ସଂଗ୍ରହ କରି ତାଙ୍କୁ ପଛରେ ପକାଇଛନ୍ତି। ନଂ-୫ରେ ହ୍ୟାରୀ ବ୍ରୁକ୍ ୫୫.୬୬ ଓ ଭାରତର ଋଷଭ ପନ୍ତ୍ ୪ଟି ଟେଷ୍ଟରେ ୬୮.୪୨ ରନ୍ ସଂଗ୍ରହ କରି ଆଗରେ ରହିଛନ୍ତି।

### ■ ୪୧ଟି କ୍ୟାଚ୍ ଡ୍ରପ୍, ୬୩ ଡିଆର୍‌ଏସ୍

ଏହି ସିରିଜ୍‌ରେ ଉଭୟ ଦଳ ପାଇଥିବା ସୁଯୋଗକୁ ହାତଛଡ଼ା କରିଛନ୍ତି। ଫଳରେ ସିରିଜ୍‌ରେ ୪୧ଟି କ୍ୟାଚ୍ ଡ୍ରପ୍ ହୋଇଛି। ୨୦୧୮ ପରେ ଏହା ସର୍ବାଧିକ। କ୍ୟାଚ୍ ଡ୍ରପ୍‌ରେ ପ୍ରଥମ ୪ଟି ମଧ୍ୟରୁ ଭାରତ-ଇଂଲଣ୍ଡ ମଧ୍ୟରେ ୩ଟି ସିରିଜ୍ ରହିଛି। ଅନ୍ୟ ଦୁଇଟି ସିରିଜ୍ ମଧ୍ୟରୁ ୨୦୨୧-୨୨ରେ ୩୭ଟି ଓ ୨୦୧୮ରେ ୩୨ଟି କ୍ୟାଚ୍ ଡ୍ରପ୍ ହୋଇଥିଲା। ଏହି ୪୧ଟି ମଧ୍ୟରୁ ଭାରତ ସର୍ବାଧିକ ୨୩ଟି କ୍ୟାଚ୍ ଡ୍ରପ୍ କରିଛି।

**ଡିଆର୍‌ଏସ୍ :** ଏହି ସିରିଜ୍‌ରେ ଅମ୍ପାୟାରଙ୍କ ନିଷ୍ପତ୍ତିକୁ ୬୩ଥର ଚ୍ୟାଲେଞ୍ଜ କରାଯାଇଛି। ଏହା ମଧ୍ୟରୁ ୬୯.୮ ଶତକଡ଼ା ବା ୪୪ଟି ରିଭ୍ୟୁ କାଟ୍ ଖାଇଯାଇଥିଲା। ଏହା ଫଳରେ ଅମ୍ପାୟାରଙ୍କ ଲାଗି ଏହା ସଫଳ ସିରିଜ୍ ଭାବେ ବିବେଚିତ ହୋଇଛି। ୪୪ଟି ମଧ୍ୟରୁ ଭାରତ ନେଇଥିବା ୨୪ଟି ରିଭ୍ୟୁ ବ୍ୟର୍ଥ ହୋଇଥିଲା। ଉଭୟ ଦଳ ବୋଲିଂ କରୁଥିଲାବେଳେ ୨ଥର ଲେଖାଏଁ ଅମ୍ପାୟାର ଦେଇଥିବା ଏଲବିଡବ୍ଲ୍ୟୁ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ସଫଳ ହୋଇଥିଲେ।

## ମେସି ଓ ଆର୍ଜେଣ୍ଟିନା ଦଳର କେରଳ ଗସ୍ତ ବାତିଲ



ଥିରୁଅନ୍ତପୁରମ, ୫।୮ (ଏଜେନ୍ସି): ବିଶ୍ୱର ଅନ୍ୟତମ ମହାନ ଫୁଟ୍‌ବଲ ଖେଳାଳି ଲିଓନେଲ୍ ମେସି ଓ ତାଙ୍କ ଆର୍ଜେଣ୍ଟିନା ଦଳ ଚଳିତ ବର୍ଷ ଶେଷ ଭାଗରେ କେରଳ ଗସ୍ତରେ ଆସିବାର ଥିଲା। କିନ୍ତୁ ମେସିଙ୍କ ଏହି ଗସ୍ତ ଏବେ ବାତିଲ ହୋଇଯାଇଛି। କେରଳ କ୍ରୀଡ଼ାମନ୍ତ୍ରୀ ଭି. ଅବଦୁରହିମନ ଏହା ସ୍ପଷ୍ଟ କରିଛନ୍ତି। ଭାରତର ଅସଂଖ୍ୟ ଫୁଟ୍‌ବଲ୍ ପ୍ରେମୀଙ୍କ ଲାଗି ଏହା ଏକ ଦୁଃଖଦ ଖବର। ମେସି ଓ ତାଙ୍କ ଆର୍ଜେଣ୍ଟିନା ଦଳ ଚଳିତ ବର୍ଷ ଭାରତ ଗସ୍ତରେ ଆସିବେ ନାହିଁ। ଆର୍ଜେଣ୍ଟିନା ଦଳ କେରଳରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିଥାନ୍ତା। ଏଥିଲାଗି ପ୍ରାୟୋଜକ ପାଉଣା ପ୍ରଦାନ କରିସାରିଥିଲେ। କିନ୍ତୁ ଅକ୍ଟୋବରରେ କାର୍ଯ୍ୟବ୍ୟସ୍ତତାକୁ ନଜରରେ ରଖି ଆର୍ଜେଣ୍ଟିନା ଦଳ କେରଳ ଆସିବାକୁ ମନା କରିଦେଇଥିବା ଜଣାପଡ଼ିଛି।

## ବିଏଫ୍‌ଆଇ ନିର୍ବାଚନ ଲଢ଼ିବେ ଅନୁରାଗ

ନୂଆଦିଲ୍ଲୀ, ୫।୮ (ଏଜେନ୍ସି): ବକ୍ସି ଫେଡେରେସନ ଅଫ୍ ଇଣ୍ଡିଆର (ବିଏଫ୍‌ଆଇ)ର ନିର୍ବାଚନ ଆସନ୍ତା ୨୧ ତାରିଖରେ ଅନୁଷ୍ଠିତ ହେବ। ୱାର୍ଲ୍ଡ ବକ୍ସିଂ ଦ୍ୱାରା ଅନୁମୋଦିତ ଏହି ନିର୍ବାଚନ ଲାଗି ହିମାଚଳ ପ୍ରଦେଶ ବକ୍ସିଂ ସଂଘ ପକ୍ଷରୁ ପୂର୍ବତନ କ୍ରୀଡ଼ା ମନ୍ତ୍ରୀ ଅନୁରାଗ ସିଂ ଠାକୁର ଓ ସଭାପତି ରାଜେଶ ଭଣ୍ଡାରିଙ୍କୁ ଭୋଟ ଦେବାକୁ ସ୍ୱୀକୃତି ଦେଇଛନ୍ତି। ଏହା ସହ ପୂର୍ବତନ ସଭାପତି ଅଜୟ ସିଂଙ୍କ ନେତୃତ୍ୱରେ ଗଠିତ ବିଏଫ୍‌ଆଇର ମଧ୍ୟବର୍ତ୍ତିକାଳୀନ କମିଟି ସମ୍ବିଧାନରେ ଯେଉଁ ପରିବର୍ତ୍ତନ ଆଣିଛନ୍ତି ତାହା ବିରୋଧରେ ହିମାଚଳ ସଂଘ ନ୍ୟାୟାଳୟରେ ଆଶ୍ରୟ ନେଇଛନ୍ତି।

## ଖୋର୍ଦ୍ଧା ଜିଲ୍ଲା ବରିଷ୍ଠ ଚେସ୍ ଶନିବାର

ଭୁବନେଶ୍ୱର, ୫।୮ (ସମିସ): ଖୋର୍ଦ୍ଧା ଜିଲ୍ଲା ବରିଷ୍ଠ ଚେସ୍ ପ୍ରତିଯୋଗିତା ଘାଟିକିଆସ୍ଥିତ ଏପିଜେ ପବ୍ଲିକ୍ ସ୍କୁଲ୍ ପରିସରରେ ଶନିବାର ଓ ରବିବାର ଦୁଇଦିନ ଧରି ଖେଳାଯିବ। ଏଥିରେ କେବଳ ଖୋର୍ଦ୍ଧା ଜିଲ୍ଲାର ଖେଳାଳି ଭାଗନେଇପାରିବେ ଓ କୃତୀ ପ୍ରତିଯୋଗୀମାନଙ୍କୁ ୫୦,୦୦୦ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ। ଏଥିରେ ପ୍ରଥମ ୧୫ଟି ସ୍ଥାନରେ ଥିବା ଖେଳାଳି, ଏଜ୍ ଗ୍ରୁପ୍ ଓ ଅନ୍ୟ ବିଭାଗର ଖେଳାଳିଙ୍କୁ ମଧ୍ୟ ପୁରସ୍କାର ଦିଆଯିବ। ଏଥିରେ ଭାଗନେବାକୁ ଆଗ୍ରହୀ ଥିବା ଖେଳାଳିମାନେ ୬୦୦ ଟଙ୍କାର ଏଣ୍ଟ୍ରି ଫି ସହ ଖୋର୍ଦ୍ଧା ଜିଲ୍ଲା ଚେସ ସଂଘର ସଦସ୍ୟ ସ୍ୱାଂଶୁ ସତ୍ୟକାମ, ଡଃ ସୁଶାନ୍ତ ଷଡଙ୍ଗୀ କିମ୍ବା ଦୀପକ ପାତ୍ରଙ୍କୁ ୭ ତାରିଖ ସୁଦ୍ଧା ଯୋଗାଯୋଗ କରିବାକୁ ଜିଲ୍ଲା ଚେସ ସଂଘ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ ଅନୁରୋଧ କରିଛନ୍ତି।

## ଜାତୀୟ ସବ୍‌ଜୁନିଅର ବାଳକ ହକି | କ୍ୱାର୍ଟରରେ ଅଟକିଗଲା ଓଡ଼ିଶା



ଭୁବନେଶ୍ୱର, ୫।୮ (ସମିସ): ଚେନ୍ନଇରେ ଚାଲିଥିବା ଜାତୀୟ ସବ୍‌ଜୁନିଅର ବାଳକ ହକି ଚାମ୍ପିଅନସିପ୍ (ଡିଭିଜନ-ଏ)ରେ ଓଡ଼ିଶା କ୍ୱାର୍ଟର ଫାଇନାଲରେ ଅଟକିଯାଇଛି। ମଙ୍ଗଳବାର ଅନୁଷ୍ଠିତ ୨ୟ କ୍ୱାର୍ଟର ଫାଇନାଲରେ ଓଡ଼ିଶା ୩-୪ ଗୋଲ୍‌ରେ ପଞ୍ଜାବ ନିକଟରୁ ପରାସ୍ତ ହୋଇଛି। ଓଡ଼ିଶା ପକ୍ଷରୁ ମନଦୀପ୍ କେର୍‌କେଟ୍ଟା ହ୍ୟାଟ୍ରିକ ଗୋଲ୍ ଦେଇଥିଲେ ମଧ୍ୟ ଦଳକୁ ସେମିଫାଇନାଲରେ ପହଞ୍ଚାଇ ପାରି ନ ଥିଲେ। ମ୍ୟାଚ୍ ଶେଷ ହେବାକୁ ୨ ମିନିଟ୍ ଥିବାବେଳେ ପଞ୍ଜାବର ସୁଖଦେବ ସିଂହ ନିର୍ଣ୍ଣାୟକ ୪ର୍ଥ ଗୋଲ୍ ଦେଇ ଦଳକୁ ରୋମାଞ୍ଚକ ବିଜୟ ଭେଟି ଦେଇଥିଲେ। ଅନ୍ୟ ୩ଟି କ୍ୱାର୍ଟର ଫାଇନାଲରେ ଉତ୍ତରପ୍ରଦେଶ, ଝାଡ଼ଖଣ୍ଡ ଓ ମଧ୍ୟପ୍ରଦେଶ ବିଜୟୀ ହୋଇ ସେମିଫାଇନାଲକୁ ଉଠିଛନ୍ତି।

## ଜୁନିଅର ମହିଳା ହକିରେ ଓଡ଼ିଶାର ବିଜୟ ଅଭିଯାନ




ଭୁବନେଶ୍ୱର, ୫।୮ (ସମିସ): ଆନ୍ଧ୍ର ପ୍ରଦେଶର କାକିନାଡ଼ାଠାରେ ଚାଲିଥିବା ୧୫ତମ ଜାତୀୟ ଜୁନିଅର ମହିଳା ହକିର ଏ' ଡିଭିଜନ ମ୍ୟାଚ୍ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏଥିରେ ପୁଲ୍-ଡି'ରେ ସ୍ଥାନ ପାଇଥିବା ଓଡ଼ିଶା ମହିଳା ଦଳ ସହଜ ବିଜୟରୁ ଅଭିଯାନ ଆରମ୍ଭ କରିଛି। ପ୍ରଥମ ମ୍ୟାଚରେ ଓଡ଼ିଶା ୩-୧ ଗୋଲ୍‌ରେ ଘରୋଇ ଆନ୍ଧ୍ର ପ୍ରଦେଶକୁ ପରାସ୍ତ କରିଛି। ସୁରେଖା ବହଲ, କରୁଣା ମିଞ୍ଜ ଓ ଦ୍ରୁପତି ନାୟକ ଓଡ଼ିଶା ପାଇଁ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ପ୍ରଭାବୀ ପ୍ରଦର୍ଶନ ଲାଗି ଓଡ଼ିଶାର ସୁରେଖାଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଏହାର ଶେଷ ପୁଲ୍ ମ୍ୟାଚରେ ବୁଧବାର ମହାରାଷ୍ଟ୍ରକୁ ଭେଟିବ। ଏହି ମ୍ୟାଚରେ ଓଡ଼ିଶା ବିଜୟୀ ହେଲେ କ୍ୱାର୍ଟର ଫାଇନାଲକୁ ଯୋଗ୍ୟତା ଅର୍ଜନ କରିବ।

## ଛେତ୍ରୀଙ୍କ ସମେତ ସମସ୍ତ ବେଙ୍ଗାଲୁରୁ ଏଫ୍‌ସି ଖେଳାଳିଙ୍କ ଦରମା ବନ୍ଦ



ବେଙ୍ଗାଲୁରୁ, ୫।୮ (ଏଜେନ୍ସି): ଭାରତୀୟ ଘରୋଇ ଫୁଟ୍‌ବଲର ସର୍ବଶ୍ରେଷ୍ଠ ପ୍ରତିଯୋଗିତା ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍‌ଏଲ୍)ର ଆଗାମୀ ୨୦୨୫-୨୬ ସିଜନକୁ ନେଇ ଅନିଶ୍ଚିତତା ଜାରି ରହିଛି। ଏହାରି ମଧ୍ୟରେ ଆଇଏସ୍‌ଏଲ୍ ଫ୍ରାଞ୍ଚାଇଜ ବେଙ୍ଗାଲୁରୁ ଏଫ୍‌ସି ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛି। କିମ୍ବଦନ୍ତୀ ଖେଳାଳି ସୁନିଲ ଛେତ୍ରୀଙ୍କ ସମେତ ବେଙ୍ଗାଲୁରୁ ଏଫ୍‌ସିର ସମସ୍ତ ଖେଳାଳିଙ୍କ ଦରମାକୁ ସ୍ଥଗିତ ରଖାଯାଇଛି। ବେଙ୍ଗାଲୁରୁ ଏଫ୍‌ସି ପକ୍ଷରୁ ଜାରି ବିବୃତିରେ କୁହାଯାଇଛି, 'ଆଇଏସ୍‌ଏଲ୍‌ର ଭବିଷ୍ୟତକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ଯେଉଁଥି ପାଇଁ ଫ୍ରାଞ୍ଚାଇଜ ଏହାର ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ ଦରମାକୁ ସ୍ଥଗିତ ରଖିବା ଭଳି କଷ୍ଟସାଧ୍ୟ ନିଷ୍ପତ୍ତି ନେଇଛି। ଏହି ନିଷ୍ପତ୍ତି କେବଳ ବେଙ୍ଗାଲୁରୁର ପ୍ରଥମ ଦଳର ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ ପାଇଁ ଲାଗୁ ହୋଇଛି। ଭାରତରେ ଏକ ଫୁଟ୍‌ବଲ କ୍ଲବ ଚଳାଇବା ଓ ଏହାକୁ ବଜାୟ ରଖିବା ସର୍ବଦା କଷ୍ଟକର ହୋଇଥାଏ। ତଥାପି ଆମେ ସିଜନ ପରେ ସିଜନ ଆଗେଇ ଚାଲିଥିଲୁ। କିନ୍ତୁ ଆଇଏସ୍‌ଏଲ୍‌ର ଭବିଷ୍ୟତ ସମ୍ପର୍କରେ ସ୍ପଷ୍ଟତାର ଅଭାବ ଯୋଗୁ ଆମ ପାଖରେ ଏହି ପଦକ୍ଷେପ ନେବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନ ଥିଲା। ଆମେ ଆଶା କରୁଛୁ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ ଓ ଆଇଏସ୍‌ଏଲ୍ ଆୟୋଜକ ଏଫ୍‌ଏସ୍‌ଡିଏଲ୍ ମଧ୍ୟରେ ଖୁବଶୀଘ୍ର ସମାଧାନ ବାହାରିଯାଉ' ବୋଲି ବେଙ୍ଗାଲୁରୁ ଫ୍ରାଞ୍ଚାଇଜ ପକ୍ଷରୁ ଜାରି ହୋଇଥିବା ବିବୃତିରେ ଏହା କୁହାଯାଇଛି। ଉଲ୍ଲେଖଯୋଗ୍ୟ, ଦୁଇ ଦିନ ତଳେ ଭୁବନେଶ୍ୱରଭିତ୍ତିକ ଦଳ ଓଡ଼ିଶା ଏଫ୍‌ସି ମଧ୍ୟ ସମାନ କାରଣ ଲାଗି ଏହାର ସମସ୍ତ ଖେଳାଳିଙ୍କ ସହ ଚୁକ୍ତି ବାତିଲ କରିଥିଲା।

## ଜାତୀୟ ମାଷ୍ଟର ଶକ୍ତିଉତ୍ତୋଳନରେ ଓଡ଼ିଶାକୁ ୫ ପଦକ

ଭୁବନେଶ୍ୱର, ୫।୮ (ସମିସ)



କେରଳର କୋଜିକୋଡ଼ରେ ଅନୁଷ୍ଠିତ ଜାତୀୟ ମାଷ୍ଟର ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶା ୫ ପଦକ ଜିତିବାରେ ସଫଳ ହୋଇଛି। ଯେଉଁଥିରେ ଗୋଟିଏ ସ୍ୱର୍ଣ୍ଣ ଓ ୪ଟି ରୌପ୍ୟ ପଦକ ରହିଛି। ମାଷ୍ଟର-୨'ର ୯୩ କିଗ୍ରା ବିଭାଗରେ ବାବୁଲା ସାମଲ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ସେହିଭଳି ୬୬ କିଗ୍ରାରେ ଗୋପାଳ ଚନ୍ଦ୍ର ଦାସ, ମାଷ୍ଟର-୩'ର ୭୪ କିଗ୍ରାରେ ବଇବ କୁମାର ତାଣ୍ଡି, ମହିଳା ମାଷ୍ଟର-୨'ର ୭୪ କିଗ୍ରାରେ ଶର୍ମିଷ୍ଠା ସେନାପତି ଓ ମାଷ୍ଟର-୧'ର ୮୪ କିଗ୍ରାରୁ ଉର୍ଦ୍ଧ୍ୱ ବିଭାଗରେ ଭାରତୀ ମହାପାତ୍ର ରୌପ୍ୟ ପଦକ ଜିତିଥିଲେ। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୧୮ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ରାକେଶ ଶତପଥୀ ଦଳର ପ୍ରଶିକ୍ଷକ ଓ ମ୍ୟାନେଜର ଭାବେ କାର୍ଯ୍ୟ ତୁଲାଇଥିଲେ। ଏହି ସଫଳତା ଲାଗି ଓଡ଼ିଶା ଶକ୍ତିଉତ୍ତୋଳକ ସଂଘର ସମ୍ପାଦକ ହରିପ୍ରସାଦ ପଟ୍ଟନାୟକଙ୍କ ସମେତ ସମସ୍ତ କର୍ମକର୍ତ୍ତା କୃତୀ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS